79th YEAR OF PUBLICATION

# ପ୍ରଜାତନ୍ତ୍ର

The Prajatantra

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

ସାପ୍ତାହିକ ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୯ବର୍ଷ ❑ ସଂଖ୍ୟା-୧୭୮ ● କଟକ ● ସୋମବାର ● ୦୨ ଫେବୃଆରୀ-୨୦୨୬ ● କୁମ୍ଭ-୦୨ ● ସାଲ୍-୧୪୩୧

CUTTACK ● MONDAY ● 02 FEBRUARY-2026 ● RNI Regd. No. 4001/57

ମୂଲ୍ୟ : ₹ ୫ ଟଙ୍କା

# ଖୋଲିଲା ବଜେଟ୍ ପେଡ଼ି

## ଟିକସ ସ୍ଲାବ୍ ଅପରିବର୍ତ୍ତିତ ● ବିକଶିତ ଭାରତ ପାଇଁ ରୋଡ୍‌ମ୍ୟାପ୍

### ❑ଅପରେସନ୍ ସିନ୍ଦୂର ପରେ ପ୍ରତିରକ୍ଷା ବଜେଟ୍‌ରେ ୧୫% ବୃଦ୍ଧି
### ❑୧୭ କର୍କଟ ଔଷଧ ଶୁଳ୍କ ମୁକ୍ତ, ୭ ଦ୍ରୁତଗାମୀ ରେଳ କରିଡର

**୫୩ଲକ୍ଷ ୪୭ହଜାର ୩୧୫କୋଟି ଟଙ୍କାର ବଜେଟ୍**

**ଓଡ଼ିଶା ପାଇଁ ୩ ବଡ଼ଘୋଷଣା**

**ନୂଆଦିଲ୍ଲୀ,(ପିପିଏସ୍):** ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରବିବାର ରେକର୍ଡ ୯ମ ଥର ପାଇଁ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ କରିଛନ୍ତି। ବଜେଟ୍ ୫୩ ଲକ୍ଷ ଟପି ଥିବା ବେଳେ ଆୟକର ସ୍ଲାବରେ କୌଣସି ପରିବର୍ତ୍ତନ କରିନାହାନ୍ତି କେନ୍ଦ୍ର ସରକାର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ଗତବର୍ଷ ବଜେଟ୍ ସମୟରେ ନୂଆ ଆୟକର ବ୍ୟବସ୍ଥା ଘୋଷଣା କରିଥିଲେ। ନୂଆ ଆୟକର ବ୍ୟବସ୍ଥାରେ ବାର୍ଷିକ ୧୨ ଲକ୍ଷ ଟଙ୍କା ଆୟ ଉପରେ କୌଣସି ଟିକସ ଦେବାକୁ ପଡ଼ିବ ନାହିଁ ବୋଲି କହିଥିଲେ। ଏଥିରେ ପୁଣି ଟିଡିଏସ୍ ବ୍ୟବସ୍ଥା ରହିଛି। ୭୫ ହଜାର ଯାଏ ଟିଡିଏସ୍ ପାଇଁ ଅର୍ଥାତ ୧୨.୭୫ ଲକ୍ଷ ଆୟ ଉପରେ କୌଣସି ଟିକସ ଲାଗୁ ହେବ ନାହିଁ।



ରବିବାର ବଜେଟ୍ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ଟିକସ ସ୍ଲାବରେ ପରିବର୍ତ୍ତନ କରି ନଥିଲେ ହେଁ ଏପ୍ରିଲ ୧ରୁ ଦେଶରେ ନୂଆ ଆୟକର ଆଇନ, ୨୦୨୫ ଲାଗୁ ହେବ ଓ ନିୟମ ସମ୍ପର୍କରେ ଖୁବ୍‌ଶୀଘ୍ର ବିଜ୍ଞପ୍ତି ଜାରି ହେବ ବୋଲି କହିଛନ୍ତି। ଏପ୍ରିଲ ୧ରୁ ଲାଗୁ ହେବାକୁ ଯାଉଥିବା ଆୟକର ଆଇନ ୨୦୨୫ ଛଅ ଦଶନ୍ଧି ପୁରୁଣା ଟିକସ ଆଇନର ସ୍ଥାନ ନେବ। ଅର୍ଥମନ୍ତ୍ରୀ ସୀତାରମଣ କହିଛନ୍ତି, "ଏହା(ଡାଇରେକ୍ଟ ଟିକସ କୋଡ) ରେକର୍ଡ ଟାଇମରେ ଶେଷ ହୋଇଛି ଓ ଆୟକର ଟିକସ ଆଇନ ୨୦୨୫ ଆସନ୍ତା ଏପ୍ରିଲ ୧ ତାରିଖରୁ କାର୍ଯ୍ୟକାରୀ ହେବ। ଏହି ଆଇନରେ ଥିବା ସରଳୀକୃତ ଟିକସ ନିୟମ ଓ ଫର୍ମ ଖୁବଶୀଘ୍ର ଜାରି କରାଯିବ। ଏହାଦ୍ୱାରା କରଦାତାମାନେ ସେମାନଙ୍କ ଆବଶ୍ୟକତା ଅନୁସାରେ ଏହା ସହ ଯୋଡ଼ି ହୋଇପାରିବେ। ଫର୍ମକୁ ଏପରି ଭାବେ ପ୍ରସ୍ତୁତ କରାଯାଇଛି ଯେ ସାଧାରଣ ଲୋକମାନେ ଏହାକୁ ଭଲ ଭାବେ ବୁଝି ପାରିବେ।" ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ କହିଛନ୍ତି ଯେ ଆୟକର ଫାଙ୍କିଲେ ଜେଲ୍ ବଦଳରେ କରାଯିବ ଜୋରିମାନା। ଆୟକର ଫାଙ୍କିଲେ ଦେବାକୁ ପଡ଼ିବ ଅତିରିକ୍ତ ୩୦% ଟିକସ। ଅତିରିକ୍ତ ୩୦% ଟିକସ ଦେଇ ଜଣେ ମୁକୁଳିପାରିବେ। ଛୋଟ କରଦାତାଙ୍କ ପାଇଁ ପ୍ରକ୍ରିୟା ସହଜ ହେବ। ଜୁଲାଇ ୩୧ ତାରିଖ ଯାଏ ରିଟର୍ଣ୍ଣ ଦାଖଲ କରିପାରିବେ। ଆଇଟିଆର୍ ୧, ଆଇଟିଆର୍ ୨ ଲୋକେ ଭରିପାରିବେ ରିଟର୍ଣ୍ଣ। ଏବେ ଏନ୍‌ଆର୍‌ଆଇ ନିଜ ପ୍ୟାନ୍ ଜରିଆରେ ସମ୍ପତ୍ତି ବିକିପାରିବେ ବୋଲି ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି। କରଦାତାମାନେ ବିଳମ୍ବରେ ସେମାନଙ୍କର ରିଟର୍ଣ୍ଣ ଦାଖଲ କଲେ ମଧ୍ୟ ଟିଡିଏସ୍ ରିଫଣ୍ଡ ଦାବି କରିପାରିବେ। ବିଭିନ୍ନ ଜିନିଷ ଉପରୁ ସୀମା ଶୁଳ୍କ ହ୍ରାସ କରାଯାଇଥିବାରୁ ଆଗାମୀ ଦିନେ ଅନେକ ସାମଗ୍ରୀ ଶସ୍ତା ହେବ। ସେହିପରି ମଦ ଉପରେ ଟିକସ ବୃଦ୍ଧି କରାଯାଉଥିବାରୁ ଏହା ପୂର୍ବାପେକ୍ଷା ଆହୁରି ମହଙ୍ଗା ହେବ। ସେହିପରି ସିଗାରେଟ ଓ ତମାକୁ ଜାତୀୟ ଦ୍ରବ୍ୟର ଦାମ ବୃଦ୍ଧି ପାଇବ। ଖଣିଜ ପଦାର୍ଥ ମଧ୍ୟ ମହଙ୍ଗା ହେବ। ବଜେଟ୍ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ୧୭ଟି କ୍ୟାନ୍‌ସର ରୋଗର ଔଷଧ ଉପରୁ ସୀମା ଶୁଳ୍କ ହ୍ରାସର ପ୍ରସ୍ତାବ ଦେଇଛନ୍ତି। ସେହିପରି ୭ଟି ବିରଳ ରୋଗ ଉପରେ ଲାଗୁ ହେଉଥିବା ସୀମା ଶୁଳ୍କକୁ ମଧ୍ୟ ହ୍ରାସ କରାଯାଇଛି। ଏହାବାଦ ବିଦେଶ ଯାତ୍ରା ମଧ୍ୟ ଶସ୍ତା ହେବ। କାରଣ ବିଦେଶ ଯାତ୍ରା ଉପରେ ଲାଗୁଥିବା ଟିସିଏସ୍ ଦାମ ମଧ୍ୟ ସରକାର ହ୍ରାସ କରି ଦେଇଛନ୍ତି। ବର୍ତ୍ତମାନ ବିଦେଶ ଯାତ୍ରାର ପ୍ୟାକେଜ ଉପରେ ଟିସିଏସ୍ ରେଟ ୫% ଓ ୨୦% ରହିଛି। ଏବେ ଏହାକୁ ସରକାର ୨%କୁ ହ୍ରାସ କରି ଦେଇଛନ୍ତି। ପ୍ରତିରକ୍ଷା ବିଭାଗ ବଜେଟରେ ବଡ଼ଧରଣର ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର। ପ୍ରତିରକ୍ଷା ବିଭାଗ ପାଇଁ ବଜେଟ୍‌ରେ ମୋଟ ୭.୮୫ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ପୂର୍ବବର୍ଷ ବଜେଟ୍‌ରେ ପ୍ରତିରକ୍ଷା ବିଭାଗକୁ ୬.୮୧ ଲକ୍ଷ କୋଟି ଟଙ୍କା ମିଳିଥିଲା। ଅର୍ଥାତ ପ୍ରତିରକ୍ଷା ବଜେଟରେ ୧୫% ବୃଦ୍ଧି କରାଯାଇଛି। ପାକିସ୍ତାନ ଓ ଚାଇନା ପଟୁ ସମ୍ଭାବ୍ୟ ବିପଦ ରହୁଥିବା ବେଳେ କେନ୍ଦ୍ର ସରକାର ନିୟମିତ ଭାବେ ସାମରିକ ପ୍ରସ୍ତୁତି ଓ ଅତ୍ୟାଧୁନିକ ପ୍ରତି ଯତ୍ନବାନ ରହିଥିବା ଏହି ବଜେଟ ବ୍ୟୟବରାଦରୁ ସ୍ପଷ୍ଟ ହୋଇଛି। ସବୁଠାରୁ କୌତୁହଳର ବିଷୟ ହେଲା ଯେ ନିଜର ୧ ଘଣ୍ଟା ୨୫ ମିନିଟର ବଜେଟ୍ ଭାଷଣରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରତିରକ୍ଷା ବିଭାଗ ସହ ଜଡ଼ିତ କୌଣସି ନିର୍ଦ୍ଦିଷ୍ଟ ନୀତି ସମ୍ପର୍କରେ କହି ନଥିଲେ। କିନ୍ତୁ ବେଶ ସତର୍କତାର ସହ ପ୍ରତିରକ୍ଷାକୁ ଅଧିକ ମଜବୁତ କରିବା ପାଇଁ ବଜେଟରେ ସବୁ ପ୍ରକାରର ବ୍ୟବସ୍ଥା କରାଯାଇଛି। ଏହି ବଜେଟ୍‌ରେ ଟିକସ ସମ୍ପର୍କିତ ଆଶା ଅନୁଯାୟୀ ସେପରି କୌଣସି ଘୋଷଣା ହୋଇନାହିଁ। ଲୋକମାନେ ଆଶା କରିଥିଲେ ଯେ ମାନକ ଡିଡକ୍ସନ ସୀମା ୭୫,୦୦ ଟଙ୍କାରୁ ୧ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବ, କିନ୍ତୁ ଏପରି କିଛି ହୋଇନାହିଁ। ଏପରି ପରିସ୍ଥିତିରେ, ମଧ୍ୟବିତ୍ତ ବର୍ଗ ଖାଲି ହାତରେ ରହିଛନ୍ତି। ତଥାପି, କିଛି ଘୋଷଣା ସେମାନଙ୍କ ପାଇଁ ଲାଭଦାୟକ ମନେ ହେଉଛି। ଏଥିରେ ଅତ୍ୟାବଶ୍ୟକ ଔଷଧ ଉପରେ ଶୁଳ୍କ ଛାଡ଼ କରାଯାଇଛି। ଏମ୍‌ଏସ୍‌ଏମ୍‌ଇ ବା ଲଘୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ କ୍ଷେତ୍ର ଲାଗି ୧୦ ହଜାର କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଯେଉଁଥିରେ ଭବିଷ୍ୟତରେ ଚମ୍ପିଆନ ଉଦ୍ୟୋଗପତିଙ୍କୁ ପ୍ରୋତ୍ସାହିତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ବଜେଟ୍ ୨୦୨୬ରେ ସ୍ୱାସ୍ଥ୍ୟ ଓ ଚିକିତ୍ସା କ୍ଷେତ୍ର ଉପରେ ଧ୍ୟାନ ଦିଆଯାଇଛି। ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି ଯେ ୫ ମେଡିକାଲ ହବ୍‌ରେ ଘରୋଇ ସେକ୍ଟରର ଯୋଗଦାନ ରହିବ, ସେଠାରେ ଆୟୁଷ କେନ୍ଦ୍ର, ଡାଇଗ୍ନୋଷ୍ଟିକ୍ ସର୍ଭିସ୍, ଚିକିତ୍ସା ପରବର୍ତ୍ତୀ ଯତ୍ନ ଓ ରିହ୍ୟାବ୍ ସେଣ୍ଟର ବିକଶିତ କରାଯିବ। ଏଥିରୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ରୋଜଗାର ବଢ଼ିବ। ଏହାବ୍ୟତୀତ ଉଚ୍ଚ ଗୁଣବତ୍ତା ଆୟୁର୍ବେଦିକ ଉତ୍ପାଦର ରପ୍ତାନିକୁ ବୃଦ୍ଧି କରାଯାଇପାରିବ। ଏକ ବାୟୋଫାର୍ମା ଯୋଜନାର ମଧ୍ୟ ଘୋଷଣା କରାଯାଇଛି। ଅର୍ଥମନ୍ତ୍ରୀ ଅଭିଭାଷଣରେ ଚାଷୀ ଓ କୃଷି ବିଭାଗ ଲାଗି ବଡ଼ ଘୋଷଣା କରିଛନ୍ତି । ପଶୁପାଳନ କ୍ଷେତ୍ରରେ ରୋଜଗାରକୁ ବୃଦ୍ଧି କରିବା ଲାଗି କ୍ରେଡିଟ୍-ଲିଙ୍କଡ୍ ସବସିଡି ପ୍ରୋଗ୍ରାମ ଆରମ୍ଭ କରାଯିବ। ଦୁଗ୍ଧ, କୁକୁଡ଼ା ଓ ପଶୁପାଳନ ବ୍ୟବସାୟର ଆଧୁନିକୀକରଣ କରାଯିବ। ନଡ଼ିଆ ଓ ଚନ୍ଦନ ଭଳି ଉଚ୍ଚ ମୂଲ୍ୟର ଫସଲକୁ ସମର୍ଥନ ଲାଗି 'କୋକୋନଟ୍ ପ୍ରୋତ୍ସାହନ ଯୋଜନା' ସାହାଯ୍ୟରେ ୧ କୋଟି ଚାଷୀ ଓ ୩ କୋଟି ଲୋକଙ୍କୁ ସହାୟତା କରାଯାଇପାରିବ । ସେହିପରି 'ଇଓ ଏଗ୍ରୀ ଟୁଲ୍' ଚାଷୀଙ୍କ ଉତ୍ପାଦନକୁ ବୃଦ୍ଧି କରିବା ଓ ଉନ୍ନତ ଫସଲ ପ୍ରଦାନରେ ସାହାଯ୍ୟ କରିବ। ସରକାର କ୍ରୀଡ଼ା କ୍ଷେତ୍ରକୁ ବି ବେଶ ଧ୍ୟାନରେ ରଖିଛନ୍ତି । ଏଥିଲାଗି 'ଖେଲୋ ଇଣ୍ଡିଆ' ମିଶନକୁ ଆଗାମୀ ୧୦ ବର୍ଷ ଲାଗି ମଜଭୁତ କରିବା ପାଇଁ ଘୋଷଣା ହୋଇଛି। ଏହି ମିଶନ ଅନୁସାରେ ଟ୍ରେନିଂ ସେଣ୍ଟର ନିର୍ମାଣ ହେବ। ଏହାସହ କୋଚ୍ ଓ ଷ୍ଟାଫଙ୍କୁ ତାଲିମ ଦିଆଯିବ। ଏହାବ୍ୟତୀତ କ୍ରୀଡ଼ା ସାମଗ୍ରୀ ଉପରେ କଷ୍ଟମ ହ୍ରାସ ଯୋଗୁଁ ଏହା ଶସ୍ତା ହେବ। ଗ୍ରାମୀଣ ମହିଳାମାନଙ୍କ ପାଇଁ ସି-ମାର୍ଟ ଘୋଷଣା କରାଯାଇଛି। ମହିଳାମାନଙ୍କ ନେତୃତ୍ୱାଧୀନ ବ୍ୟବସାୟକୁ ପ୍ରୋତ୍ସାହିତ କରିବା ପାଇଁ ଏସ୍‌ଏଚ୍‌ଇ (ସ୍ୱୟଂ ସହାୟକ ଉଦ୍ୟୋଗୀ) ମାର୍ଟ ପ୍ରତିଷ୍ଠା କରାଯିବ। ଯାହା ମହିଳାମାନଙ୍କୁ ସହଜରେ ସେମାନଙ୍କର ଉତ୍ପାଦ ବିକ୍ରି କରିବାକୁ ଅନୁମତି ଦେବ। ଅର୍ଥମନ୍ତ୍ରୀ ଲକ୍ଷପତି ଦିଦି ଯୋଜନାର ସଫଳତା ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ଏହା ସହିତ, ପ୍ରାୟ ୮୦୦ ଜିଲ୍ଲାରେ ମହିଳା ଛାତ୍ରୀମାନଙ୍କ ପାଇଁ ଛାତ୍ରାବାସ ନିର୍ମାଣ କରାଯିବ, ପ୍ରତ୍ୟେକ ଜିଲ୍ଲାରେ ଅତି କମ୍‌ରେ ଗୋଟିଏ ଛାତ୍ରାବାସ ନିର୍ମାଣ କରିବାର ଲକ୍ଷ୍ୟ ରଖାଯାଇଛି। ଭାରତ ବାହାରେ ମେଡିକାଲ୍ ଓ ଉଚ୍ଚଶିକ୍ଷା ପାଇଁ ଯାଉଥିବା ଛାତ୍ରଛାତ୍ରୀଙ୍କ ଲାଗି ବଜେଟ୍‌ରେ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି। ସରକାର ଟିସିଏସ୍ ଦରକୁ ୫ ପ୍ରତିଶତରୁ ହ୍ରାସ କରି ୨ ପ୍ରତିଶତ କରିଛନ୍ତି। ଏବେ ବିଦେଶରେ ପାଠ ପଢ଼ିବା ଶସ୍ତା ହେବ। ଯେଉଁ ଛାତ୍ରଛାତ୍ରୀ ଉଚ୍ଚ ଶିକ୍ଷା ଲାଗି ବିଦେଶ ଯିବାକୁ ଚାହୁଁଛନ୍ତି, ସେମାନେ ବେଶ୍ ଉପକୃତ ହେବେ।

**ଟଙ୍କାଟିଏ ଆସିବ କେଉଁଠୁ**

- ଋଣ ଓ ଅନ୍ୟାନ୍ୟ ଦାତା-- ୨୪ ପ.
- କର୍ପୋରେସନ ଟିକସ- ୧୮ ପ.
- ଆୟକର- ୨୧ ପ.
- ସୀମା ଶୁଳ୍କ- ୪ ପ.
- କେନ୍ଦ୍ରୀୟ ଉତ୍ପାଦନ ଶୁଳ୍କ – ୬ ପ.
- ଜିଏସ୍‌ଟି ଓ ଅନ୍ୟାନ୍ୟ ଟିକସ – ୧୫ ପ.
- ଅଣ ଟିକସ – ୧୦ ପ.
- ଅଣ ପୁଞ୍ଜି ଋଣ- ୨ ପ.



**ଟଙ୍କାଟିଏ ଯିବ କୁଆଡ଼େ**

- ଟିକସ ଓ ଶୁଳ୍କରୁ ରାଜ୍ୟର ଭାଗ- ୨୨ ପ.
- ସୁଧ ଦେୟ- ୨୦ ପ.
- କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା – ୮ ପ.
- ଫାଇନାନ୍ସ କମିଶନ ଓ ଅନ୍ୟ ଟ୍ରାନ୍ସଫର- ୭ ପ.
- କେନ୍ଦ୍ରୀୟ ଯୋଜନା – ୧୭ ପ.
- ପ୍ରତିରକ୍ଷା- ୧୧ ପ.
- ପ୍ରମୁଖ ସବ୍‌ସିଡି- ୬ ପ.
- ସାଧାରଣ ପେନସନ- ୨ ପ.
- ଅନ୍ୟାନ୍ୟ ଖର୍ଚ୍ଚ – ୭ ପ.

## ଦେଶରେ ସଂସ୍କାର ଏକ୍ସପ୍ରେସ୍ ଆରମ୍ଭ ହୋଇଛି: ପ୍ରଧାନମନ୍ତ୍ରୀ



ବଜେଟ୍‌କୁ ଐତିହାସିକା କହିବା ସହ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଦେଶରେ ସଂସ୍କାର ଏକ୍ସପ୍ରେସ୍ ଆରମ୍ଭ ହୋଇଛି। ବଜେଟ୍‌ରେ କରାଯାଇଥିବା ପରିବର୍ତ୍ତନଗୁଡ଼ିକ ଭାରତର ସାହସୀ ଏବଂ ପ୍ରତିଭାବାନ ଯୁବପିଢ଼ିଙ୍କୁ ଏକ ମୁକ୍ତ ନିୟନ୍ତ୍ରଣ ପ୍ରଦାନ କରିବ, ଯେଉଁମାନେ ଅଭିବ୍ୟକ୍ତିରେ ପରିପୂର୍ଣ୍ଣ। ସେ କହିଛନ୍ତି ଯେ ବଜେଟ୍ ସଂସ୍କାରକୁ ନୂତନ ପ୍ରେରଣା ଦେବ। ଏହା ଦକ୍ଷତା, ପରିମାଣ ଏବଂ ସ୍ଥାୟୀତ୍ୱକୁ ସୁଦୃଢ଼ କରିବା ପାଇଁ ଏକ ପ୍ରୟାସ। ସବୁଠାରୁ ବଡ଼ ସମ୍ପତ୍ତି ହେଉଛି ନାଗରିକ, ଏବଂ ଆମେ ସେମାନଙ୍କ ଉପରେ ନିବେଶ କରିଛୁ। ଏହା ଏକ ଅନନ୍ୟ ବଜେଟ୍, ଯାହା ଆର୍ଥିକ ନିଅଣ୍ଟ ହ୍ରାସ କରିବା ଉପରେ ଫୋକସ୍ କରିଛି। ଏହା ଉଚ୍ଚ ପୁଞ୍ଜିବିନିଯୋଗ ଏବଂ ଉଚ୍ଚ ଅଭିବୃଦ୍ଧିକୁ ମଧ୍ୟ ସମନ୍ୱୟ କରେ। ଏହା ଦେଶର ବିଶ୍ୱ ଭୂମିକାକୁ ପୁନଃଜୀବିତ କରିଛି।

## ଐତିହାସିକ ବଜେଟ୍: ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଏହି ବଜେଟ୍‌କୁ 'ଐତିହାସିକ' ବୋଲି କହିଛନ୍ତି। ଏଥିରେ ଶିଳ୍ପ ଏବଂ କୃଷିକୁ ପ୍ରାଧାନ୍ୟ ଦିଆଯାଇଛି। ଆର୍ଥିକ ଅଭିବୃଦ୍ଧିକୁ ଆହୁରି ପ୍ରଖର କରିବ ଏହି ବଜେଟ୍। ବଜେଟ୍‌ରେ ଓଡ଼ିଶା ପାଇଁ ଅନେକ ପଦକ୍ଷେପ ଘୋଷଣା କରିଥିବାରୁ ଆମେ ଭାରତ ସରକାରଙ୍କ ନିକଟରେ କୃତଜ୍ଞ। ମୁଁ ନିଶ୍ଚିତ ଯେ ଚଳିତ ବଜେଟ୍‌ରେ ଥିବା ପ୍ରାବଧାନ ଗୁଡ଼ିକ ସମୃଦ୍ଧ ଓଡ଼ିଶା– ବିକଶିତ ଭାରତର ଲକ୍ଷ୍ୟକୁ ହାସଲ କରିବାରେ ସହାୟକ ହେବ। ସବୁ ଦୃଷ୍ଟିକୋଣରୁ ଏହା ଏକ ଐତିହାସିକ ବଜେଟ୍ ବୋଲି କହିଛନ୍ତି ଶ୍ରୀ ମାଝୀ।

## କ'ଣ ଶସ୍ତା ଓ କ'ଣ ମହଙ୍ଗା ?

**ଶସ୍ତା**

କ୍ୟାନ୍‌ସର ରୋଗର ୧୭ଟି ଔଷଧ, ମଧୁମେହ ଭଳି ୭ ଗମ୍ଭୀର ରୋଗର ଔଷଧ, ମୋବାଇଲ୍, ମାଇକ୍ରୋ ଓଭେନ୍, କପଡ଼ା, ଚମଡ଼ାରୁ ପ୍ରସ୍ତୁତ ଜୋତା ଓ ବ୍ୟାଗ୍, ସୌରଚାଳିତ ବସ୍ତୁ, ସି-ଫୁଡ୍, ଇଭି ବ୍ୟାଟେରୀ, ବାୟୋ ସିଏନ୍‌ଜି ଗ୍ୟାସ୍, ବିଦେଶରେ ପାଠ ପଢ଼ା ଓ ଖେଳ ଉପକରଣ

**ମହଙ୍ଗା**

ମଦ, ଖଣିଜ ଦ୍ରବ୍ୟ, ସିଗାରେଟ, ତମାଖୁ

## କେଉଁ କ୍ଷେତ୍ର ପାଇଁ କେତେ ବରାଦ

- ❑ପେନ୍‌ସନ- ୨,୯୬,୨୧୪ କୋଟି
- ❑ପ୍ରତିରକ୍ଷା- ୫,୯୪,୫୮୫ କୋଟି
- ❑ସାର- ୧,୭୦,୭୮୧ କୋଟି
- ❑ଖାଦ୍ୟ- ୨,୨୭,୬୨୯ କୋଟି
- ❑ପେଟ୍ରୋଲିୟମ- ୧,୨୦,୮୫ କୋଟି
- ❑ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର– ୧,୬୨,୬୭୧ କୋଟି
- ❑କର୍ମସ ଓ ଇଣ୍ଡଷ୍ଟ୍ରୀ – ୭୦,୨୯୬ କୋଟି
- ❑ଉତ୍ତରପୂର୍ବର ବିକାଶ – ୬,୮୧୨ କୋଟି
- ❑ଶିକ୍ଷା – ୧,୩୯,୨୮୯ କୋଟି
- ❑ଶକ୍ତି – ୧,୦୯,୦୨୯ କୋଟି
- ❑ବୈଦେଶିକ ବ୍ୟାପାର- ୨୨,୧୧୯ କୋଟି
- ❑ଅର୍ଥ – ୨୦,୬୪୯ କୋଟି
- ❑ସ୍ୱାସ୍ଥ୍ୟ – ୧,୦୪,୫୯୯ କୋଟି
- ❑ସ୍ୱରାଷ୍ଟ୍ର – ୨,୫୫,୨୩୪ କୋଟି
- ❑ସୁଧ- ୧,୪୦,୩୯୭୨ କୋଟି
- ❑ଆଇଟି ଓ ଟେଲିକମ - ୭୪,୫୬୦
- ❑ଗ୍ରାମୀଣ ବିକାଶ – ୨,୭୩,୧୦୮ କୋଟି
- ❑ବିଜ୍ଞାନଭିତ୍ତିକ ବିଭାଗ – ୫୫,୭୫୬ କୋଟି
- ❑ସମାଜିକ କଲ୍ୟାଣ – ୬୨,୩୬୨ କୋଟି
- ❑ଟିକସ ପ୍ରଶାସନ – ୪୫,୫୦୦ କୋଟି
- ❑ପରିବହନ – ୫,୯୮,୫୨୦ କୋଟି
- ❑ନଗର ଉନ୍ନୟନ – ୮୫,୫୨୨ କୋଟି
- ❑ଅନ୍ୟାନ୍ୟ ଖର୍ଚ୍ଚ – ୫,୫୬,୦୨୧ କୋଟି

**ସମ୍ପାଦକୀୟ**

**ସଙ୍କଟରେ ଇରାନ**

**ବାଟେଘାଟେ**



ଓଡ଼ିଶା ଶାସନ କଥା ଶୁଣି ଏବେ
ମୋଦୀଙ୍କର ମୁଣ୍ଡବ୍ୟଥା
କେତେ ଆଶା ନେଇ ସର୍କାର ଆଣିଲେ
ସବୁ ହୋଇଲାଣି ବୃଥା
ଜନବିରୋଧୀ ଏ ସରକାରୀ ନୀତି
ଶୁଣୁଛନ୍ତି କେତେ କଥା
କୋଟି କୋଟି ଟଙ୍କା କରଜ କରିଣ
ଖାଇବେ ଲୋକଙ୍କ ମଥା
ଏକଥା ମନେ ରଖିଥା
ଗ୍ରହଣୀ ବେମାରୀ ଧରିବ ତୁମକୁ
ବୁଲି ଖୋଜୁଥିବ ମୁଥା

– ରାହୀ

# ବିକଶିତ ଓଡ଼ିଶା ପାଇଁ ସଞ୍ଜିବନୀ

## ଶିଳ୍ପ କରିଡରରୁ ଜଳପଥ ଯାଏଁ ମିଳିଲା ଗୁରୁତ୍ୱ

**ଭୁବନେଶ୍ୱର,(ପିପିଏସ୍):** ଏହି ବଜେଟ୍ ଓଡ଼ିଶା ପାଇଁ ସଞ୍ଜିବନୀ ସଦୃଶ ହୋଇଛି ତଥା ବିକାଶର ମାର୍ଗକୁ ପ୍ରଶସ୍ତ କରିଛି। 'ବିକଶିତ ଭାରତ' ସଂକଳ୍ପରେ ଓଡ଼ିଶାକୁ ଏକ ପ୍ରମୁଖ ଅଂଶୀଦାର ଭାବେ ଗଢ଼ିତୋଳିବା ପାଇଁ ଶିଳ୍ପ, ଭିତ୍ତିଭୂମି, ଜଳପଥ ଓ ପର୍ଯ୍ୟଟନ କ୍ଷେତ୍ରରେ ବଡ଼ଧରଣର ନିବେଶ ନିମନ୍ତେ ବଜେଟରେ ପ୍ରାବଧାନ ହୋଇଛି। ବିଶେଷକରି ଖଣିଜ ସମୃଦ୍ଧ ଅଞ୍ଚଳଗୁଡ଼ିକୁ ଶିଳ୍ପ କେନ୍ଦ୍ର ଓ ବନ୍ଦର ସହିତ ଜଳପଥ ମାଧ୍ୟମରେ ସଂଯୋଗ କରିବା ତଥା ରାଜ୍ୟର ପ୍ରାକୃତିକ ସମ୍ପଦର ଉପଯୁକ୍ତ ବ୍ୟବହାର ପାଇଁ ସ୍ୱତନ୍ତ୍ର କରିଡର ସ୍ଥାପନ ଉପରେ ଏଥିରେ ଗୁରୁତ୍ୱାରୋପ କରାଯାଇଛି। ଏହି ବଜେଟ୍ କେବଳ ରାଜ୍ୟର ଅର୍ଥନୀତିକୁ ଗତିଶୀଳ କରିବ ନାହିଁ, ବରଂ ସ୍ଥାନୀୟ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତିର ଅନେକ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ଜଣାପଡ଼ିଛି। କେନ୍ଦ୍ର ବଜେଟରେ ଓଡ଼ିଶାକୁ ଏକ ପ୍ରମୁଖ ଖଣିଜସମୃଦ୍ଧ ରାଜ୍ୟ ଭାବେ ଗୁରୁତ୍ୱ ମିଳିଛି। ଓଡ଼ିଶାରେ ଏକ ସ୍ୱତନ୍ତ୍ର 'ରେୟାର ଆର୍ଥ କରିଡର' ସ୍ଥାପନ କରାଯିବ। ଏହାଦ୍ୱାରା ରାଜ୍ୟରେ ଥିବା ବିରଳ ମୃତ୍ତିକା ଖଣିଜ ପଦାର୍ଥର ଖନନ, ପ୍ରକ୍ରିୟାକରଣ ଓ ଅନୁସନ୍ଧାନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିପାରିବ । ଏହି କ୍ଷେତ୍ରରେ ବିଦେଶୀ ନିର୍ଭରଶୀଳତା କମିବା ସହ ସ୍ଥାନୀୟ ଯୁବକମାନଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏଥିସହ ଗୁରୁତ୍ୱପୂର୍ଣ୍ଣ ଖଣିଜ ପ୍ରକ୍ରିୟାକରଣ ପାଇଁ ବ୍ୟବହୃତ ଯନ୍ତ୍ରପାତି ଉପରେ ସୀମା ଶୁଳ୍କ ଛାଡ଼ କରାଯାଇଥିବାରୁ ଖଣି ଶିଳ୍ପରେ ବଡ଼ଧରଣର ନିବେଶ ଆସିବାର ସମ୍ଭାବନା ରହିଛି। ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ପ୍ରକ୍ରିୟାକରଣ ପାଇଁ ଆବଶ୍ୟକ ହେଉଥିବା ଯନ୍ତ୍ରପାତି ଆମଦାନୀ ଉପରେ ସୀମା ଶୁଳ୍କ ଛାଡ଼ କରାଯାଇଛି, ଯାହା ଓଡ଼ିଶାର ଶିଳ୍ପାଂଚଳରେ ନୂଆ ନିବେଶ ପାଇଁ ବାଟ ଫିଟାଇବ। ଖଣି କ୍ଷେତ୍ରରେ ଥିବା ସେଲରମାନଙ୍କ ପାଇଁ ଟିସିଏସ୍ ହାରକୁ ୨%କୁ ଯୁକ୍ତିସଂଗତ କରାଯାଇଛି। ଓଡ଼ିଶାର ପରିବହନ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ପାଇଁ ଜାତୀୟ ଜଳପଥ-୫ କୁ କାର୍ଯ୍ୟକ୍ଷମ କରିବାକୁ ବଜେଟରେ ବ୍ୟବସ୍ଥା ହୋଇଛି। ଏହି ଜଳପଥ ତାଳଚେର ଓ ଅନୁଗୋଳ ଭଳି ଖଣିସମୃଦ୍ଧ ଅଂଚଳକୁ କଳିଙ୍ଗନଗର ଶିଳ୍ପ କେନ୍ଦ୍ର ଏବଂ ପାରାଦୀପ ଓ ଧାମରା ବନ୍ଦର ସହିତ ସିଧାସଳଖ ଯୋଡ଼ିବ। ଏହି ଜଳପଥର ବିକାଶ ସହ 'ଆଞ୍ଚଳିକ ଉତ୍କର୍ଷ କେନ୍ଦ୍ର' ମାନ ସ୍ଥାପନ କରାଯାଇ ଯୁବପିଢ଼ିଙ୍କୁ ଦକ୍ଷତାଭିତ୍ତିକ ପ୍ରଶିକ୍ଷଣ ଦିଆଯିବ। ଏଥିସହ ପଶ୍ଚିମବଙ୍ଗର ଦାନକୁନିଠାରୁ ସୁରଟ ପର୍ଯ୍ୟନ୍ତ ନୂତନ ଡେଡିକେଟେଡ୍ ଫ୍ରେଟ୍ କରିଡର ନିର୍ମାଣ ହେବ, ଯାହାକି ଓଡ଼ିଶାର କୋଇଲା ଓ ଇସ୍ପାତ ପରିବହନ ବ୍ୟୟକୁ ହ୍ରାସ କରିବାରେ ସକ୍ଷମ ହେବ ବୋଲି ଜଣାପଡ଼ିଛି। ପାରମ୍ପରିକ ହସ୍ତତନ୍ତ ଓ ବୟନଶିଳ୍ପକୁ ବିଶ୍ୱସ୍ତରୀୟ କରିବା ପାଇଁ 'ମହାତ୍ମା ଗାନ୍ଧୀ ଗ୍ରାମ ସ୍ୱରାଜ'ଅଭିଯାନ ଆରମ୍ଭ କରାଯିବ। ଏହି ଯୋଜନା ମାଧ୍ୟମରେ ବୟନକଳାର ଗ୍ଲୋବାଲ ମାର୍କେଟ୍ ଲିଙ୍କେଜ୍ ସହଜ ହୋଇପାରିବ। ଏହା ସହିତ 'ସମର୍ଥ ୨.୦' ଯୋଜନାରେ ବୟନ ଶିଳ୍ପରେ ଶିକ୍ଷାନୁଷ୍ଠାନ ଓ ଶିଳ୍ପ ମଧ୍ୟରେ ସମନ୍ୱୟ ରକ୍ଷା କରି ବୁଣାକାର ଓ ଯୁବକମାନଙ୍କୁ ଆଧୁନିକ ଦକ୍ଷତାଭିତ୍ତିକ ପ୍ରଶିକ୍ଷଣ ଦିଆଯିବାର ପ୍ରାବଧାନ ରହିଛି। ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ରାଜ୍ୟର ଉପକୂଳବର୍ତ୍ତୀ କଇଁଛ ଅଣ୍ଡାଦାନ ସ୍ଥଳଗୁଡ଼ିକରେ 'ଟର୍ଟଲ ଟ୍ରେଲ୍' ବିକାଶ କରିବାକୁ ଘୋଷଣା କରାଯାଇଛି। ଏଥିସହ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦେଢ଼ଲକ୍ଷ ବହୁମୁଖୀ ସେବାକାରୀଙ୍କୁ ତାଲିମ ଦେବା ଓ ଆଂଚଳିକ ମେଡିକାଲ ହବ୍ ସ୍ଥାପନ କରିବା ଯୋଜନା ଓଡ଼ିଶାର ସ୍ୱାସ୍ଥ୍ୟ ସେବାକୁ ଅଧିକ ସୁଦୃଢ଼ କରିବ। ଶିକ୍ଷା କ୍ଷେତ୍ରରେ ପ୍ରତି ଜିଲ୍ଲାରେ ଛାତ୍ରୀ ନିବାସ ନିର୍ମାଣ ପାଇଁ ପାଣ୍ଠି ବ୍ୟବସ୍ଥା କରାଯାଇଛି, ଯାହା ଗ୍ରାମାଞ୍ଚଳର ଛାତ୍ରୀମାନଙ୍କ ପାଇଁ ବରଦାନ ସଦୃଶ ହେବ।




## ନୀତିଗତ ସ୍ଥିରତା ଏବଂ ସୁଶାସନର ପ୍ରତୀକ: ଭର୍ତ୍ତୃହରି



**ନୂଆଦିଲ୍ଲୀ,(ପିପିଏସ୍):** ଚଳିତ ବଜେଟ୍ ଭାରତ ସରକାରଙ୍କ ନୀତିଗତ ସ୍ଥିରତା ଏବଂ ସୁଶାସନର ପ୍ରତୀକ ବୋଲି କହିଛନ୍ତି କଟକ ସାଂସଦ ଡକ୍ଟର ଭର୍ତ୍ତୃହରି ମହତାବ। ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ'ର ମାର୍ଗଦର୍ଶକ ନୀତି ଏଥିରେ ପ୍ରତିଫଳିତ ହୋଇଛି। କୃଷି, ଶିକ୍ଷା, ପ୍ରତିରକ୍ଷା, ଭିତ୍ତିଭୂମି, ଯୋଗାଯୋଗ ଏବଂ ବାଣିଜ୍ୟ ଭଳି ଏକାଧିକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ପ୍ରାଧାନ୍ୟ ଦିଆଯାଇଥିବାରୁ ଚଳିତ ବଜେଟ୍ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ହାସଲ ଦିଗରେ ଉଲ୍ଲେଖନୀୟ ଯୋଗଦାନ ରଖିବ ବୋଲି ଆଶା କରାଯାଉଛି। ରିଫର୍ମ ଓ ରେଜଲ୍ଟ ଆଧାରିତ ଆର୍ଥିକ ବ୍ୟବସ୍ଥା ସହିତ ଚ୍ୟାଲେଞ୍ଜ ମୋଡ୍‌ରେ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ବଜେଟ୍‌ରେ ଗୁରୁତ୍ୱ ଦିଆଯିବା ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ଆହୁରି, ଶିଳ୍ପ ନେତୃତ୍ୱାଧୀନ ଗବେଷଣା ଏବଂ ତାଲିମ କେନ୍ଦ୍ର ଉପରେ ଧ୍ୟାନ କେନ୍ଦ୍ରୀତ କରାଯିବା ଦେଶପାଇଁ ବେଶ୍ ଉପଯୋଗୀ ହେବ। ଖଣିଜ ସମୃଦ୍ଧ ଓଡ଼ିଶା, କେରଳ, ଆନ୍ଧ୍ର ଏବଂ ତାମିଲନାଡୁ ଭଳି ରାଜ୍ୟଗୁଡ଼ିରେ ଖଣି, ପ୍ରକ୍ରିୟାକରଣ, ଗବେଷଣା ଏବଂ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ 'ବିରଳ ମୃତ୍ତିକା କରିଡର' ପ୍ରତିଷ୍ଠା ପ୍ରସ୍ତାବ ରହିଛି। ଏକ୍ଷେତ୍ରରେ ମେଥଡିକାଲି ଧ୍ୟାନ ଦିଆଯାଇଛି। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର, ଯାହାଉପରେ ମୁଁ ଆଗରୁ ବାରମ୍ବାର କହିଆସୁଥିଲି, ସେ କ୍ଷେତ୍ରରେ ଅଧିକ ଫୋକସ୍ କରାଯାଇଛି। ଆହୁରି ମଧ୍ୟ ବଜେଟ୍‌ରେ ୨୦୦ ପୁରୁଣା ଶିଳ୍ପ କ୍ଲଷ୍ଟର୍‌ର ପୁନରୁଦ୍ଧାର ପାଇଁ ଯେଉଁ ପ୍ରସ୍ତାବ ରହିଛି, ତାହାଦ୍ୱାରା ପୁରୁଣା ଶିଳ୍ପଗୁଡ଼ିକ ପୁନର୍ଜୀବିତ ହେବ। ଓଡ଼ିଶା ଏଥିରୁ ଲାଭବାନ୍ ହୋଇପାରିବ। ସହର ଅର୍ଥନୈତିକ କ୍ଷେତ୍ରପାଇଁ ୫ବର୍ଷ ମଧ୍ୟରେ ୫୦୦୦ କୋଟି ଟଙ୍କାର ଆବଣ୍ଟନ ଘୋଷଣା ନୂତନ ଆଶା ସଞ୍ଚାର କରିଛି। ଓଡ଼ିଶାର ଅନେକ ସହର ଏହି ଯୋଜନାରେ ନିଜସ୍ୱ ଦୀର୍ଘମିଆଦୀ ଯୋଜନା କାର୍ଯ୍ୟକାରୀ କରିପାରିବ। ପାରମ୍ପରିକ ହସ୍ତତନ୍ତ ଓ ବୟନଶିଳ୍ପକୁ ବିଶ୍ୱସ୍ତରୀୟ କରିବା ପାଇଁ 'ମହାତ୍ମା ଗାନ୍ଧୀ ଗ୍ରାମ ସ୍ୱରାଜ'ଅଭିଯାନ ଆରମ୍ଭ କରାଯିବା ସ୍ୱାଗତଯୋଗ୍ୟ। ଏହା ମାଧ୍ୟମରେ ସମ୍ବଲପୁରୀ ଭଳି ଓଡ଼ିଶାର ପାରମ୍ପରିକ ବୟନକଳାର ବ୍ରାଣ୍ଡିଂ ଏବଂ ଗ୍ଲୋବାଲ ମାର୍କେଟ୍ ଲିଙ୍କେଜ୍ ସହଜ ହୋଇପାରିବ। ଚଳିତ ବଜେଟ୍ ନାଗରିକଙ୍କୁ ସଶକ୍ତ ଓ ଅର୍ଥନୀତିକୁ ସମୃଦ୍ଧକରିବ ବୋଲି ଆଶା।

ପ୍ରଜାତନ୍ତ୍ର




# ମହିଳାଙ୍କୁ କାହିଁକି କେବେ ବୟସ ପଚରାଯାଏନି ?



ସାଧାରଣତଃ ଦେଖିଥିବେ ଝିଅ ବା ମହିଳାଙ୍କୁ କେବେ ବି ସେମାନଙ୍କ ବୟସ ପଚରା ଯାଏ ନାହିଁ । ଅନେକ ସମୟରେ ପୁରୁଷମାନେ ଭୁଲବଶତଃ ମହିଳାମାନଙ୍କ ବୟସ ପଚାରି ରାଗର ଶିକାର ହୋଇ ଥାଆନ୍ତି । ତେବେ ଜାଣନ୍ତି ଝିଅମାନଙ୍କ ବୟସ କାହିଁକି ପଚରା ଯାଏନି ? ଏହାର କାରଣ ଜାଣିଲେ ଆପଣ ବି ତାଜୁବ ହୋଇଯିବେ।

ମହିଳାମାନଙ୍କ ବୟସ ପଚାରିବାକୁ ଅଶିଷ୍ଟତା ବୋଲି ବିବେଚନା କରାଯାଇଥାଏ । କାରଣ ପ୍ରତିଟି କ୍ଷେତ୍ରରେ ସେ ଖେଳ ହେଉ କି ରାଜନୀତି, ବ୍ୟବସାୟ ହେଉ କି ପାଠପଢା,ସବୁଠି ସେମାନଙ୍କ ମୂଲ୍ୟାଙ୍କନ ପୁରୁଷଙ୍କ ନଜରରେ ଆକର୍ଷକ ଅଛି ନା ନୁହେଁ ତାହାକୁ ଦେଖି କରାଯାଏ ବୋଲି କ୍ରିଷ୍ଟଲ ମୈକଡଫି କହିଛନ୍ତି । ସମାଜରେ ଜଣେ ମହିଳାର ମହତ୍ତ୍ୱ ବା ଗୁରୁତ୍ୱ, ବିଶେଷକରି ତାଙ୍କର ବୟସ ଉପରେ ନିର୍ଭର କରେ । ସେଥିପାଇଁ ସେମାନଙ୍କ ବୟସ ଏକ ସମ୍ବେଦନଶୀଳ ବିଷୟ । ଫଳରେ କୌଣସି ମହିଳାର ବୟସ ପଚାରିବା ଅସଭ୍ୟ ବୋଲି ବିବେଚନା କରାଯାଏ । ସେହିଭଳି ସମାଜର ରୀତି ଅନୁସାରେ, ଜଣେ ମହିଳାଙ୍କ ଆକର୍ଷଣ ବୟସ ଅନୁସାରେ କମିଯାଏ; ମାତ୍ର ଜଣେ ପୁରୁଷ ବୟସ ଅନୁସାରେ ବଢିଚାଲେ । ଯଦି ବିନା କାରଣରେ ଆପଣ ଜଣେ ମହିଳାଙ୍କ ବୟସ ପଚାରୁଛନ୍ତି,ତେବେ ତାହା ଅସଭ୍ୟ ବୋଲି ଧରାଯିବ । ସେହିଭଳି ଅନେକ ମହିଳାଙ୍କ ପାଇଁ ବୟସ ଏକ ବ୍ୟକ୍ତିଗତ ତଥ୍ୟ । ସେମାନଙ୍କୁ ଲାଗେ ଯେ, ଆପଣ ବୟସ ପଚାରି ସେମାନଙ୍କ ବ୍ୟକ୍ତିଗତ ତଥ୍ୟ ହାସଲ କରିବା ପାଇଁ ଚେଷ୍ଟା କରୁଛନ୍ତି ।

# ପ୍ରତିଦିନ କଦଳୀ ଖାଉଛନ୍ତି କି

ଆଜିକାଲି ବଜାରରେ କୃତ୍ରିମ ଭାବରେ ପାଚିଥିବା କଦଳୀ ଦେଖିବା ସାଧାରଣ ହୋଇଗଲାଣି। ବିଶେଷକରି କ୍ୟାଲସିୟମ ଭଳି ରାସାୟନିକ ପଦାର୍ଥ ବ୍ୟବହାର କରି କଦଳି ପଚାଯାଉଛି। ଏହି ରାସାୟନିକ ପଦାର୍ଥଗୁଡ଼ିକ କେବଳ କଦଳୀର ସ୍ୱାଦ ଏବଂ ଗୁଣବତ୍ତା ଉପରେ ପ୍ରଭାବ ପକାଇ ନ ଥାଏ, ବରଂ ଆମ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଏକ ଗମ୍ଭୀର ବିପଦ ସୃଷ୍ଟି କରିପାରେ। କ୍ୟାଲସିୟମ କାର୍ବାଇଡ୍ ପେଟ ଖରାପ, ବାନ୍ତି, ଝାଡ଼ା ଏବଂ ସ୍ନାୟୁଗତ ସମସ୍ୟା ମଧ୍ୟ ସୃଷ୍ଟି କରେ। ଜଣେ ସଚେତନ ଗ୍ରାହକ ଭାବରେ, ରାସାୟନିକ ଭାବରେ ପାଚିଥିବା କଦଳୀ ଏବଂ ପ୍ରାକୃତିକ ଭାବରେ ପାଚିଥିବା କଦଳୀ ମଧ୍ୟରେ ପାର୍ଥକ୍ୟ କିପରି କରିବେ ତାହା ଜାଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପରବର୍ତ୍ତୀ ସମୟରେ ଆପଣ କଦଳୀ କିଣିବା ସମୟରେ ନିଜକୁ ଏବଂ ଆପଣଙ୍କ ପରିବାରକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରିବା ପାଇଁ ଏଠାରେ କିଛି ଟିପ୍ସ ଦିଆଯାଇଛି, ପଢନ୍ତୁ।

କଦଳୀଏ ଡେମ୍ଫର ରଙ୍ଗକୁ ଭଲଭାବରେ ଦେଖନ୍ତୁ। ଏହା ହେଉଛି ରାସାୟନିକ ଭାବରେ ପାଚିଥିବା କଦଳୀକୁ ଚିହ୍ନିବାର ପ୍ରଥମ ଏବଂ ସହଜ ଉପାୟ। ଯଦି କଦଳୀର ଅବଶିଷ୍ଟ ଅଂଶ ଉଜ୍ଜ୍ୱଳ ହଳଦିଆ ରଙ୍ଗର ହୋଇଥାଏ, କିନ୍ତୁ ଡେମ୍ଫ ସବୁଜ ଏବଂ ଟାଣ ଥାଏ, ତେବେ ଏହା କ୍ୟାଲସିୟମ କାର୍ବାଇଡ ସାହାଯ୍ୟରେ ପାଚିଥାଏ।

ପ୍ରାକୃତିକ ଭାବରେ ପାଚିଲା କଦଳୀର ସବୁଆଡ ସମାନ ରଙ୍ଗ ଥାଏ। ଏଗୁଡିକର ଡେମ୍ଫ ମଧ୍ୟ ହଳଦିଆ କିମ୍ବା ହାଲୁକା ମାଟିଆ ରଙ୍ଗର ହୋଇଯାଏ ଏବଂ ଏଗୁଡ଼ିକ ଟିକିଏ ନରମ ଲାଗେ। ଏଥିରେ କୌଣସି ଦାଗ କିମ୍ବା ଛିଟ ନଥାଏ, ଯାହା ଖୁବ୍ ସୁନ୍ଦର ଦେଖାଯାଏ। ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ମଧ୍ୟରୁ ଗୋଟିଏ ଯେ ରାସାୟନିକ ଭାବରେ ପାଚିଥିବା କଦଳୀରେ ପ୍ରାୟତଃ ସାମାନ୍ୟ ରାସାୟନିକ ଗନ୍ଧ ଆସେ। ଏଗୁଡ଼ିକର ସ୍ୱାଦ ମଧ୍ୟ ସେତେ। ଏହି କଦଳୀ ଖାଇବା ବେଳେ ଚିକିତା କିମ୍ବା ପାଉଡର ଭଳି ଲାଗେ।



# ଆଜିର ରାଶିଫଳ

**ମେଷ**

ମେଷ: କୃଷି କର୍ମରେ ସ୍ୱାବଲମ୍ବୀ ହୋଇ ଆର୍ଥିକ ସ୍ଥିତିକୁ ଦୃଢ଼ କରିବା ପାଇଁ ପରାମର୍ଶ ଦେଇପାରନ୍ତି। ଯାନବାହନ ସୁଖ ମିଳିବ। ବିଦ୍ୟାର୍ଥୀ ଓ ଯୁବକମାନେ ଉତ୍ସାହିତ ଓ ଦୃଢ଼ମନା ହୋଇପାରନ୍ତି।

**ବୃଷ**

ବୃଷ: ଈଶ୍ୱରଙ୍କ ନିକଟରେ ଭାଗ୍ୟ ଓ ଭବିଷ୍ୟତକୁ ସମର୍ପି ଦେଇ କର୍ମତତ୍ପର ରହିବେ। ଭାଷା ମାର୍ଜିତ ହେଉଥିବାବେଳେ ବ୍ୟବହାର ଉଦ୍ରୋଚିତ ହେବ। ବିଦ୍ୟାର୍ଥୀ କୃତିତ୍ୱ ଅର୍ଜନ କରିବେ । ଯୁବକମାନେ ଉଦ୍ୟମୀ ହେବେ।

**ମିଥୁନ**

ମିଥୁନ: ପରମ ଭାଗ୍ୟଶାଳୀ ହୋଇପାରନ୍ତି। ଶୋଭନ ବ୍ୟକ୍ତିତ୍ୱସମ୍ପନ୍ନ ହେବେ। ଦାମ୍ପତ୍ୟ ଜୀବନ ସୁଖପ୍ରଦ ହେବ। ବନ୍ଧୁ ସହାୟତା ମିଳିବ । ବିଦେଶଯାତ୍ରା ଫଳପ୍ରଦ ହେବ। ଛାତ୍ର ଓ ଯୁବ ସମ୍ପ୍ରଦାୟକଙ୍କ ଉତ୍ସାହ ବୃଦ୍ଧି ପାଇବ।

**କର୍କଟ**

କର୍କଟ: ଆୟ ସୀମିତ ହେବ । ଭୋଜିଭାତ ଓ ମଉଜ ମଜଲିସରେ ସମୟ ଅତିବାହିତ କରିବେ । ଆହାର ସୁସ୍ୱାଦୁ ହେବ, ମାତ୍ର ଅତ୍ୟଧିକ ହେଲେ ଅଗ୍ନିମାନ୍ଦ୍ୟର ଶିକାର ହୋଇପାରନ୍ତି । ବିଦ୍ୟାର୍ଥୀ ଭଲ ପାଠ ପଢ଼ିବେ।

**ସିଂହ**

ସିଂହ: ପ୍ରଭାତ ଫେରି ଦ୍ୱାରା ଦେଶପ୍ରେମର ବାର୍ତ୍ତା ପ୍ରଚାର ଓ ପ୍ରସାର ପାଇଁ ସଂଘବଦ୍ଧ ହୋଇ ନିଜେ ଓ ଅନ୍ତେବାସୀଙ୍କୁ ଉଦ୍ବୋଧିତ କରିପାରନ୍ତି। ସଭାସମିତିରେ ବକ୍ତବ୍ୟ ପ୍ରଦାନ କରିପାରନ୍ତି। ସୁସ୍ଥ ରହିବେ।

**କନ୍ୟା**

କନ୍ୟା: ଶିକ୍ଷାନୁଷ୍ଠାନରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ। ଜଣେ ସମାଜସେବୀ ଭାବେ ସେବା ଓ ପରୋପକାରକୁ ଜୀବନର ବ୍ରତ ଭାବେ ଗ୍ରହଣ କରିପାରନ୍ତି । ଦାମ୍ପତ୍ୟ ଜୀବନ ସୁଖପ୍ରଦ ହେବ।

**ତୁଳା**

ତୁଳା: ବଂଶ ମର୍ଯ୍ୟାଦା ରକ୍ଷା କରିବା ପାଇଁ ଉପଯୁକ୍ତ ଦାୟାଦର ଭୂମିକା ନିର୍ବାହ କରିପାରନ୍ତି। ନିଜର ଜ୍ଞାନାଲୋକରେ ସହକର୍ମୀଙ୍କ ଅଜ୍ଞାନତାକୁ ଦୂର କରିବେ । ବିଦ୍ୟାର୍ଥୀ ଓ ଯୁବଗୋଷ୍ଠୀଙ୍କ ମନ ପ୍ରଫୁଲ୍ଲ ରହିବ।

**ବିଛା**

ବିଛା: ପାରିବାରିକ ଜୀବନ ସୁଖମୟ ହେବ। ବହୁ ଦିନଧରି ଆଶା ରଖୁଥିବା ଯାତ୍ରାଟି ସଫଳ ହେବ। ଭ୍ରମଣ ସମୟରେ ନିଜର ମୂଲ୍ୟବାନ ଜିନିଷଗୁଡ଼ିକ ଯତ୍ନରେ ରଖିବାକୁ ପଡ଼ିବ । ସୁସ୍ଥ ଓ ନିରାମୟ ଜୀବନ ବିତାଇବେ।

**ଧନୁ**

ଧନୁ: ଆଜି ଆପଣ କୌଣସି ପ୍ରକାର ମନୋରଞ୍ଜନ କରିବାକୁ ଇଚ୍ଛା କରିବେ; କିନ୍ତୁ କାର୍ଯ୍ୟଭାର ଆପଣଙ୍କର ରାସ୍ତାରେ ବାଧା ହୋଇପାରେ। ଆପଣ ଏଦୁଇଟି ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ସଫଳ ହେବେ।

**ମକର**

ମକର: ଆଜି ବୋଧହୁଏ ଆପଣଙ୍କୁ କୌଣସି ମିତ୍ର କିମ୍ବା ସହଯୋଗୀଙ୍କର ସାହାଯ୍ୟ ମିଳିନପାରେ। ଏଥିପାଇଁ ଆପଣ ନିରାଶ ହେବାକୁ ପଡ଼ିପାରେ। ପୂର୍ବରୁ ସଞ୍ଚିତ ଧନ ଖର୍ଚ୍ଚ କରିବାକୁ ପଡ଼ିପାରେ।

**କୁମ୍ଭ**

କୁମ୍ଭ: ଆପଣଙ୍କୁ ନିଜର ଚେଷ୍ଟାର ଫଳ ମିଳିବ। ଯେଉଁଥିରେ କି ଆପଣଙ୍କର ଜୀବନ ହିଁ ବଦଳିଯିବ ଏବେ ଆପଣ ଏବଂ ଆପଣଙ୍କ ପରିବାର ଲୋକେ ପରସ୍ପରକୁ ସହଜରେ ବୁଝିପାରୁଛନ୍ତି । ନିଜର ଚେଷ୍ଟା ବଜାୟ ରଖନ୍ତୁ।

**ମୀନ**

ମୀନ: ବ୍ୟସ୍ତ ହୋଇ କୌଣସି ମହତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ ନାହିଁ । ଏହି ସମୟଟା ବୋଧହୁଏ ଆପଣ ଚିନ୍ତଗ୍ରସ୍ତ ହୋଇ କାଟୁଛନ୍ତି। ବ୍ୟସ୍ତ ହୁଅନ୍ତୁ ନାହିଁ, ପରିସ୍ଥିତି ଏଭଳି ହେବ ଆପଣ ଆପେ ଆପେ ଏହି ଚିନ୍ତାରୁ ମୁକ୍ତ ହେବେ।

# କେମିତି ସମୟର କରିବେ ସଦୁପଯୋଗ

କାମରୁ ଫୁର୍ସତ୍ ପାଇଲେ ଅଧିକାଂଶ ମହିଳା ଗପର ପେଡ଼ି ଖୋଲିବସନ୍ତି, ଯାହାଦ୍ୱାରା କେବଳ ସମୟର ଅପଚୟ ହୁଏ। କିନ୍ତୁ ସେମାନେ ଚାହିଁଲେ ଫାଙ୍କା ସମୟକୁ ବିଭିନ୍ନ ଢଙ୍ଗରେ ଉପଯୋଗ କରିପାରିବେ।



କାମରୁ ଟିକିଏ ଫୁର୍ସତ ମିଳିଲେ ନିଜ ମନ ପସନ୍ଦରେ କିଛି କରିବାକୁ ଇଚ୍ଛା ହୁଏ। କିଏ ମନୋରଞ୍ଜନ କରିବାକୁ ପସନ୍ଦ କରନ୍ତି ତ କିଏ ଭବିଷ୍ୟତ ପାଇଁ କିଛି ଯୋଜନା କରନ୍ତି। ହେଲେ ଅଧିକାଂଶ ସମୟରେ ମହିଳାମାନେ ସୁଯୋଗ ପାଇବା ମାତ୍ରେ ଗପସପ କରି ସମୟ ନଷ୍ଟ କରନ୍ତି। ଏହିଭଳି ଗପିବା ଫଳରେ ଅନେକ ସମୟରେ ବହୁ ପ୍ରକାର ସମସ୍ୟା ସୃଷ୍ଟି ହୋଇଥାଏ। କାହିଁକିନା ବେଳେବେଳେ କାହା ବିଷୟରେ ଚର୍ଚ୍ଚା କରିବା ସମୟରେ ଏଭଳି କିଛି କଥା ପାଟିରୁ ବାହାରିଯାଏ, ଯାହା ତାଙ୍କ ମନକୁ ଆଘାତ କରିଥାଏ। ଫଳରେ ସମ୍ପର୍କ ନଷ୍ଟହେବା ଆଶଙ୍କା ଥାଏ। ତେଣୁ ଏହି ସମୟରେ ଚାହିଁଲେ ସେମାନେ ଅନ୍ୟ ଉପାୟରେ ସମୟର ଉପଯୋଗ କରିପାରିବେ। ମହିଳାମାନେ କାମ ସରିବା ପରେ ଫାଙ୍କା ସମୟ ପାଇଲେ ବିଭିନ୍ନ ପ୍ରକାର ମାଗାଜିନ୍, ଖବରକାଗଜ କିମ୍ବା ଅନ୍ୟାନ୍ୟ ଗପ ଅବା ଶିକ୍ଷଣୀୟ ବହି ସବୁ ପଢ଼ିପାରିବେ। ଏହି ଅଭ୍ୟାସ ସେମାନଙ୍କ ମନକୁ ଶାନ୍ତିଦେବା ସହ ଅନେକ ବିଷୟରେ ଜାଣିବାର ସୁଯୋଗ ଦେଇପାରିବ। ଏହା ବାଦ୍ ଘର ସଜାଡ଼ିବା, ସଫା କରିବା ଓ ମନୋରଞ୍ଜନ ପାଇଁ କିଛି ସମୟ ଟିଭି ଦେଖିବା କିମ୍ବା ମ୍ୟୁଜିକ୍ ଶୁଣିବା ଭଳି କାମ ବି କରିପାରିବେ। କର୍ମଜୀବୀ ମହିଳା ମଧ୍ୟ ଅଫିସ୍ରେ ଟିକେ ସମୟ ପାଇଲେ ସହକର୍ମୀମାନଙ୍କ ସହ ବିଭିନ୍ନ ପ୍ରକାର ଗପ କରନ୍ତି। ପରସ୍ପର ସହ କଥାବାର୍ତ୍ତା ହେବା କିଛି ଖରାପ କଥା ନୁହେଁ। ହେଲେ ଅଯଥାରେ ଅଧିକ ସମୟ ଗପର ଆସର ଜମେଇରଖିବା ଭଲ ନୁହେଁ। ଏହି ଅଭ୍ୟାସ ବି ଅନେକ ସମୟରେ ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ। କେବେ କାହା ବିଷୟରେ ଗପିବା ଫଳରେ ହେଉ କିମ୍ବା ଗପିବା ସମୟରେ ଅନ୍ୟ କେହି ବସ୍ଙ୍କ ଆଗରେ ଅଭିଯୋଗ କରିବା ଫଳରେ ନିଜ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ। ତେଣୁ ଏଭଳି ପରିସ୍ଥିତିକୁ ଏଡ଼ାଇବା ପାଇଁ ହେଲେ ଅଫିସ୍ରେ ମଧ୍ୟ ନିଜ ସମୟକୁ ଠିକ୍ ଭାବରେ ଉପଯୋଗ କରିବା ପାଇଁ ବିଭିନ୍ନ ମାଧ୍ୟମ ଆପଣାଇପାରିବେ। ଅଫିସ୍ରେ ଚାହିଁଲେ ଆପଣ ନିଜ କାମ ପାଇଁ ଆଗୁଆ କିଛି ଯୋଜନା କରିପାରିବେ। ବିଭିନ୍ନ ପ୍ରକାର ବହି ପଢ଼ିପାରିବେ, ଯଦି ବହି କିଛି ପାଖରେ ନ ଥାଏ ତେବେ କମ୍ପ୍ୟୁଟର ହେଉ ଅବା ଫୋନ୍ରେ ମଧ୍ୟ ଇଣ୍ଟରନେଟ୍ରେ ବିଭିନ୍ନ ପ୍ରକାର ପାଠ ପଢ଼ିପାରିବେ। ଏହା ଆପଣଙ୍କ କ୍ୟାରିୟର ପାଇଁ ମଧ୍ୟ ଭଲ ହୋଇପାରିବ। ତେଣୁ ନିଜ ନିଜ ପରିବେଶ ଓ ପରିସ୍ଥିତି ଅନୁସାରେ ସମୟର ସଦୁପଯୋଗ କରିବା ନିମନ୍ତେ ଆପଣ ଉପାୟ ସବୁ ଚିନ୍ତା କରିପାରିବେ। ଅର୍ଥାତ୍ ସଚେତନ ରହିବାକୁ ହେବ ଯେପରି ଅଯଥା ଗପକରି ଅଧିକ ସମୟ ନଷ୍ଟ ନ ହେବ।

# ଘରେ ପଡ଼ିଛି କି କାହା ଖରାପ ନଜର



**ଘର ଉପରେ ଖରାପ ନଜର ପଡ଼ିଲେ ସମସ୍ତଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡ଼ିଥାଏ। ଘରେ କଳହ ଲାଗି ରହେ। ନାନାଦି ସମସ୍ୟା ଯୋଗୁ ଘରେ ଅଶାନ୍ତି ବାସ କରେ। ଏମିତିରେ କିପରି ଆପଣ ନିଜକୁ ଖରାପ ନଜରରୁ ରକ୍ଷା କରିବେ, କେଉଁ ଉପାୟଗୁଡ଼ିକ ଆପଣଙ୍କ ଘରକୁ ଖରାପ ନଜରରୁ ରକ୍ଷା କରିବା ପାଇଁ ପ୍ରଭାବଶାଳୀ ହେବ, ଜାଣି ନିଅନ୍ତୁ।**

- ଶୁକ୍ରବାର ଘରର ପ୍ରବେଶ ଦ୍ୱାରରେ ଅଶୋକ ପତ୍ରର ଏକ ମାଳ ଟାଙ୍ଗନ୍ତୁ। ଏହାକୁ ଘରେ ଟାଙ୍ଗିବା ଦ୍ୱାରା ସକାରାତ୍ମକ ଶକ୍ତି ଆସିଥାଏ। ଅଶୋକ ପତ୍ରକୁ ଶୁଭ ଏବଂ ସମୃଦ୍ଧିର ପ୍ରତୀକ ଭାବରେ ବିବେଚନା କରାଯାଏ।
- ଘରର ଦ୍ୱାରରେ ଏକ ମୟୂରର ଚିତ୍ର ଲଗାନ୍ତୁ। ଏହା ଘରକୁ ଆସୁଥିବା ଦୁଷ୍ଟ ଶକ୍ତିକୁ ଦୂର କରିବ। ଏହାକୁ ଲଗାଇବା ଦ୍ୱାରା ସକାରାତ୍ମକ ଶକ୍ତି ଆସିଥାଏ ଏବଂ ଘରର ପରିବେଶ ଭଲ ରହିଥାଏ। ମୟୂରକୁ ଶୁଭର ପ୍ରତୀକ ଭାବରେ ବିବେଚନା କରାଯାଏ।
- ଯଦି ଆପଣଙ୍କ ଘରେ ଖରାପ ଦୃଷ୍ଟି ପଡ଼ିଛି, ତେବେ ଗଙ୍ଗା ଜଳ ଛିଞ୍ଚନ୍ତୁ। ଏହା ବ୍ୟତୀତ ଖରାପ ନଜର ଦୂର କରିବାରେ ଧୂପର ଧୂଆଁ ବହୁତ ପ୍ରଭାବଶାଳୀ। ଏହା ଘରେ ସକାରାତ୍ମକ ଶକ୍ତି ଆଣେ।
- ଶୁକ୍ରବାର ଦିନ, କଳା ଘୋଡାର ନାଲକୁ ସୋରିଷ ତେଲରେ ବୁଡ଼ାନ୍ତୁ। ଶନିବାର ସକାଳେ, ଏହି ଘୋଡାର ନାଲକୁ ବାହାର କରି ସଫା କପଡାରେ ପୋଛି ଦିଅନ୍ତୁ, ଏହା ସମ୍ମୁଖରେ ଦୀପ ଜାଳି ଶନିଦେବଙ୍କୁ ଖରାପ ନଜର ଦୂର କରିବା ପାଇଁ ପ୍ରାର୍ଥନା କରନ୍ତୁ।
- ଘରେ ଖରାପ ନଜର ବହୁତ ବିପଦପୂର୍ଣ୍ଣ ହୋଇପାରେ। ଏହି କାରଣରୁ, ଆପଣଙ୍କ କାମ ସମ୍ପୂର୍ଣ୍ଣ ହେବା ପୂର୍ବରୁ ବନ୍ଦ ହୋଇପାରେ। ଏହା ଯୋଗୁ ଏହାର ପ୍ରଭାବ ଘରର ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଦେଖିବାକୁ ମିଳିଥାଏ।

# ଟୋଫୁ - ସୋୟା ପନିର୍



**ଆବଶ୍ୟକ ସାମଗ୍ରୀ :** ସୋୟାବିନ୍ – ୧ କପ୍, ପାଣି – ଆବଶ୍ୟକ ଅନୁସାରେ, ଲେମ୍ବୁ ରସ / ଭିନେଗାର – ୨ ରୁ ୩ ଚାମଚ।

**ପ୍ରସ୍ତୁତି ପ୍ରଣାଳୀ:** ସୋୟାବିନକୁ ଭଲ ଭାବେ ଧୋଇ ୮–୧୦ ଘଣ୍ଟା (କିମ୍ବା ରାତିସାରା) ପାଣିରେ ଭିଜାଇ ରଖନ୍ତୁ। ଭିଜା ସୋୟାବିନକୁ ମିକ୍ସରରେ ପାଣି ଦେଇ ପତଳା ପେଷ୍ଟ ତିଆରି କରନ୍ତୁ। ଏହାକୁ ଛାଣି ସୋୟା କ୍ଷୀର ବାହାର କରନ୍ତୁ । ଏହାକୁ ଏକ ପାତ୍ରରେ ନେଇ ୩–୪ କପ ପାଣି ଦେଇ ଭଲରେ ଫୁଟାନ୍ତୁ। ୫–୭ ମିନିଟ୍ ଭଲରେ ଫୁଟିଲା ପରେ ନିଆଁ କମ୍ କରନ୍ତୁ। ଗରମ ସୋୟା କ୍ଷୀରରେ ଲେମ୍ବୁ ରସ / ଭିନେଗାର ପକାନ୍ତୁ ଏବଂ ଏହାକୁ ଧିରେ ଧିରେ ଘାଣ୍ଟନ୍ତୁ। କିଛି ସମୟରେ ପରେ କ୍ଷୀର ଛିଣ୍ଡିଯିବ ଏବଂ ପାଣି ଅଲଗା ହୋଇଯିବ। ଜମା ଭାଗକୁ କପଡ଼ାରେ ରଖି ଚାପ ଦେଇ ପାଣି ବାହାର କରନ୍ତୁ। ଉପରେ ଭାରି ଜିନିଷ ରଖି ୨୦–୩୦ ମିନିଟ୍ ଛାଡ଼ିଦିଅନ୍ତୁ। ଏବେ ଆପଣଙ୍କର ଘରୋଇ ଟୋଫୁ ପ୍ରସ୍ତୁତ। ଏହାକୁ ଛୋଟ ଛୋଟ୍ ପିସ୍ କରି ଭଜା, ଝୋଳ, ତରକାରୀ କିମ୍ବା, ସାଲାଡ୍ ଆଦି କରି ଖାଇପାରିବେ।

# କିସ୍ମିସ୍‌ରେ ରହିଛି ଅନେକ ଉପକାରୀ ଗୁଣ

କିସ୍ମିସ୍‌ରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ଏହାକୁ ଖାଇଲେ ତାହା ହଜମ କ୍ରିୟାକୁ ଆହୁରି ସକ୍ରିୟ କରିଥାଏ। ଏହାବ୍ୟତୀତ କୋଷ୍ଠକାଠିନ୍ୟ ପରି ସମସ୍ୟାରୁ ଅନେକାଂଶରେ ଉପଶମ ମିଳିଥାଏ। କେବଳ ସେତିକି ନୁହେଁ, କିସ୍ମିସ୍ କମ୍ କ୍ୟାଲୋରିଯୁକ୍ତ। ଏହା ଓଜନ କମାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏଥିରେ ଏଭଳି ତତ୍ତ୍ୱ ଅଛି, ଯାହା ଶରୀରରେ ସୁଗାର ସ୍ତରକୁ କେତେକାଂଶରେ ସନ୍ତୁଳିତ ରଖେ। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ୍ ଗୁଣ ମଧ୍ୟ ରହିଛି। ଏହାକୁ ଖାଇଲେ ତାହା ଦୃଷ୍ଟିଶକ୍ତିକୁ ପ୍ରଖର କରିବାରେ ସାହାଯ୍ୟ କରିଥାଏ। ଏହା ମଧ୍ୟ ଶରୀରରେ ଶକ୍ତି ବୃଦ୍ଧି କରିଥାଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ, ଏହାକୁ ଖାଇଲେ ତାହା ହାର୍ଟ ପାଇଁ ମଧ୍ୟ ଉପକାରୀ। ପେଟରେ ଏସିଡିଟି ସମସ୍ୟା ଦେଖାଦେଲେ ଏହା ସେଥିରୁ କେତେକାଂଶରେ ଉପଶମ ଦେଇଥାଏ। କେବଳ ସେତିକି ନୁହେଁ, ଶରୀରରେ କୋଲେଷ୍ଟରଲ ସ୍ତରକୁ ମଧ୍ୟ ସନ୍ତୁଳିତ ରଖେ। ଚର୍ମକୁ ମଧ୍ୟ ନମନୀୟ ରଖିଥାଏ କିସମିସ୍।



# ବାପା ହେଲେ ସୁପରଷ୍ଟାର ରାମ ଚରଣ



ଟଲିଉଡର ପାୱାର କପଲ ରାମ ଚରଣ ଏବଂ ଉପାସନା କୋନିଡେଲାଙ୍କ ଘରକୁ ଆସିଛନ୍ତି ଦୁଇ ନୂଆ ଅତିଥି। ଉପାସନା ଏକ ପୁତ୍ର ଏବଂ ଏକ କନ୍ୟା ସନ୍ତାନ (ଯମଜ)ଙ୍କୁ ଜନ୍ମ ଦେଇଛନ୍ତି। ଏହି ଖୁସି ଖବର ମେଗାଷ୍ଟାର ଚିରଞ୍ଜୀବୀ ସୋସିଆଲ ମିଡିଆ ମାଧ୍ୟମରେ ପ୍ରଶଂସକଙ୍କୁ ଜଣାଇବା ସହ ଉଭୟ ମା' ଏବଂ ଶିଶୁ ସୁସ୍ଥ ଥିବା ସୂଚନା ଦେଇଛନ୍ତି। ଉପାସନା ୨୦୨୫ ଅକ୍ଟୋବରରେ ନିଜର ଦ୍ୱିତୀୟ ଗର୍ଭଧାରଣ ବିଷୟରେ ଜଣାଇଥିଲେ, ଯାହା ପରେ ପରିବାର ପକ୍ଷରୁ ଏକ ଭବ୍ୟ 'ବେବି ସାୱାର' ଉତ୍ସବର ଆୟୋଜନ କରାଯାଇଥିଲା। ଚିରଞ୍ଜୀବୀ ଟ୍ୱିଟ୍ କରି ଲେଖିଛନ୍ତି, "ଅତ୍ୟନ୍ତ ଆନନ୍ଦ ଏବଂ କୃତଜ୍ଞତାର ସହ ଜଣାଉଛୁ ଯେ ରାମ ଚରଣ ଓ ଉପାସନାଙ୍କୁ ଭଗବାନ ଯମଜ ସନ୍ତାନର ଆଶୀର୍ବାଦ ଦେଇଛନ୍ତି। ଆମ ପରିବାର ପାଇଁ ଏହା ଏକ ଦୈବୀ ଆଶୀର୍ବାଦ।" ବିବାହର ୧୦ ବର୍ଷ ପରେ ୨୦୨୩ ମସିହାରେ ଏହି ଦମ୍ପତିଙ୍କର ପ୍ରଥମ ସନ୍ତାନ ଭାବେ କନ୍ୟା 'କ୍ଲିନ୍ କାରା' ଜନ୍ମଗ୍ରହଣ କରିଥିଲେ। ଏବେ ଯମଜ ସନ୍ତାନଙ୍କ ଆଗମନ ପରେ ତାଙ୍କ ପରିବାର ସମ୍ପୂର୍ଣ୍ଣ ହୋଇଛି। ୨୦୧୨ ଜୁନ୍ ମାସରେ ବିବାହ କରିଥିବା ଏହି ଷ୍ଟାର୍ ଦମ୍ପତିଙ୍କୁ ସିନେ ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ପ୍ରଶଂସକମାନେ ଅଭିନନ୍ଦନ ଜଣାଇବାରେ ଲାଗିଛନ୍ତି।




# କୃଷି କ୍ଷେତ୍ର ପାଇଁ ୧.୬୩ ଲକ୍ଷ କୋଟିର ବ୍ୟୟବରାଦ

**ନୂଆଦିଲ୍ଲୀ,(ଏଜେନ୍ସି):** କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ରେ ଉଚ୍ଚ ମୂଲ୍ୟର କୃଷି, ଏହା ସହିତ ଜଡ଼ିତ କ୍ଷେତ୍ର ଓ ପ୍ରଯୁକ୍ତିବିଦ୍ୟାରେ ହେଉଛି ଚାଷ କାମ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଚାଷୀଙ୍କ ଆୟ ବୃଦ୍ଧି କରିବା, ଗ୍ରାମୀଣ ରୋଜଗାରକୁ ବଳ ଦେବା ଓ ଅତ୍ୟାଧୁନିକ ଚାଷ କାମ କରିବା ଉପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରସ୍ତାବ ରଖିଛନ୍ତି। ୨୦୨୬-୨୭ ଆର୍ଥିକ ବଜେଟ୍‌ରେ କୃଷି କ୍ଷେତ୍ର ପାଇଁ ମୋଟ ୧,୬୨,୭୧ କୋଟିର ବ୍ୟୟବରାଦ କରାଯାଇଛି। ଏହା ୨୦୨୫-୨୬ ତୁଳନାରୀ ୭% ଅଧିକ। ୨୦୨୫-୨୬ ଆର୍ଥିକ ବର୍ଷରେ କୃଷି କ୍ଷେତ୍ରର ବଜେଟ ୧,୫୧,୮୫୩ କୋଟି ଟଙ୍କା ରହିଥିଲା। କୃଷକ ଓ କୃଷି କଲ୍ୟାଣ, ଖାଦ୍ୟ ସୁରକ୍ଷା ଓ ଗ୍ରାମୀଣ ଜୀବିକା ଉପରେ ପୁଣିଥରେ ବଜେଟରେ ଫୋକସ୍ କରାଯାଇଛି।

୧ - ସରକାର ଚାଷ ଭିତ୍ତିକ ଭିତ୍ତିଭୂମି ପାଇଁ ୧ ଲକ୍ଷ କୋଟି କୃଷି ଭତ୍ତିକ ପାଣ୍ଠିର ବ୍ୟବସ୍ଥା କରିଛନ୍ତି। ଏହି ପାଣ୍ଠିକୁ ଶୀତଳ ଭଣ୍ଡାର ଓ ଉତ୍ପାଦନ ପରେ ଫସଲର ପରିଚାଳନା ପାଇଁ ଖର୍ଚ୍ଚ କରାଯିବ।

୨- କ୍ଷୁଦ୍ର ଖାଦ୍ୟ ଉଦ୍ୟୋଗୀ(ଏମଏଫଇ)ଗୁଡ଼ିକୁ ପ୍ରାଧିକୃତ କରିବା ପାଇଁ ୧୦ ହଜାର କୋଟି ଟଙ୍କା ସ୍କିମ ଲଞ୍ଚ। ଏହାଦ୍ୱାରା ଅଣ ପଞ୍ଜିକୃତ ଏମଇଏଫଗୁଡ଼ିକ ଏଫଏସଏସଏଆଇ ଖାଦ୍ୟ ସ୍ତରକୁ ଆସି ପାରିବେ।

୩- ଔଷଧୀୟ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ୧୦ ଲକ୍ଷ ହେକ୍ଟର ଜମିକୁ ଔଷଧୀୟ ଚାଷରେ ସହାୟତା କରିବା ପାଇଁ ୪୦୦୦ କୋଟି ଟଙ୍କାର ଜାତୀୟ ଔଷଧୀୟ ଉଦ୍ଭିଦ ପାଣ୍ଠି ଆରମ୍ଭ କରାଯିବ।

୪- ମହୁମାଛି ପାଳନକାରୀଙ୍କ ପାଇଁ ଭିତ୍ତିଭୂମି ବିକାଶ ଓ ଅମଳ ପରବର୍ତ୍ତୀ ସୁବିଧା ପାଇଁ ୫୦୦ କୋଟି ଟଙ୍କାର ଯୋଜନା ଘୋଷଣା କରାଯାଇଛି

୫- ସାମୁଦ୍ରିକ ଓ ଆଭ୍ୟନ୍ତରୀଣ ମତ୍ସ୍ୟପାଳନର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ମାଧ୍ୟମରେ ମତ୍ସ୍ୟଜୀବୀମାନଙ୍କ ପାଇଁ ୨୦ ହଜାର କୋଟି ଟଙ୍କା ଯୋଗାଇ ଦିଆଯାଇଛି।

୬- ୫୦ ପ୍ରତିଶତର ସବସିଡି ପ୍ରଦାନ କରି ଟମାଟୋ, ପିଆଜ ଓ ଆଳୁରୁ ଆରମ୍ଭ କରି ସମସ୍ତ ଫଳ ଓ ପନିପରିବା ପାଇଁ ଅପରେସନ୍ ଗ୍ରୀନ୍‌କୁ ବିସ୍ତାର କରାଯାଇଛି।

୭- ଦୁଗ୍ଧ ପ୍ରକ୍ରିୟାକରଣ, ମୂଲ୍ୟ ବୃଦ୍ଧି ଓ ଗୋ-ଖାଦ୍ୟ ଭିତ୍ତିଭୂମିରେ ନିବେଶକୁ ସମର୍ଥନ କରିବା ପାଇଁ ୧୫୦୦୦ କୋଟି ଟଙ୍କାର ପଶୁପାଳନ ଭିତ୍ତିଭୂମି ବିକାଶ ପାଣ୍ଠି ସ୍ଥାପନ କରାଯିବ।

୮- ଭାରତରେ ଗାଈ, ମଇଁଷି, ମେଣ୍ଢା, ଛେଳି ଓ ଘୁଷୁରୀମାନଙ୍କ ୧୦୦% ଟୀକାକରଣ ପାଇଁ ୧୩,୪୩ କୋଟି ଟଙ୍କାର ମୋଟ ବ୍ୟୟ ସହିତ ଜାତୀୟ ପଶୁ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି।

୯- ସରକାର ମହୁମାଛି ପାଳନ ସହିତ ଜଡିତ ଭିତ୍ତିଭୂମି ବିକାଶ ପାଇଁ ୫୦୦ କୋଟି ଟଙ୍କାର ଏକ ଯୋଜନା ମଧ୍ୟ କାର୍ଯ୍ୟକାରୀ କରିବେ। ଏହା ଦ୍ୱାରା ୨ ଲକ୍ଷ ମହୁମାଛି ପାଳନକାରୀଙ୍କ ଆୟ ବୃଦ୍ଧି ପାଇବ।

୧୦- ଶସ୍ୟ, ଖାଦ୍ୟ ତେଲ, ତୈଳବୀଜ, ଡାଲି, ପିଆଜ ଓ ଆଳୁ ସମେତ ଖାଦ୍ୟ ସାମଗ୍ରୀକୁ ନିୟନ୍ତ୍ରଣମୁକ୍ତ କରିବା ପାଇଁ ସାଢ଼େ ଛଅ ଦଶନ୍ଧି ଜାରି ରହିଥିବା ପୁରୁଣା ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନରେ ସଂଶୋଧନ ଘୋଷଣା କରିଛନ୍ତି।

ଚାଷୀଙ୍କ ଆୟ ବୃଦ୍ଧି ସହ ଗ୍ରାମୀଣ ରୋଜଗାରକୁ ପ୍ରୋତ୍ସାହିତ କରିବା ପାଇଁ ମତ୍ସ୍ୟଚାଷ, ପଶୁ ସମ୍ପଦ, ଉଚ୍ଚ ମୂଲ୍ୟର ଫସଲ ଆଦି ପାଇଁ ଏକାଧିକ କାର୍ଯ୍ୟକ୍ରମ ହାତ ନିଆଯାଇଛି।



**ମତ୍ସ୍ୟଚାଷ:** ସରକାର ୫୦୦ ଜଳାଶୟ ଓ ଅମୃତ ସରୋବରକୁ ଏକକୃତ ବିକାଶ ପାଇଁ କାର୍ଯ୍ୟକ୍ରମ ହାତକୁ ନେବେ। ଏହାସହ ଉପକୂଳରେ ମତ୍ସ୍ୟ ପାଳନ ଶୃଙ୍ଖଳାକୁ ମଜବୁତ କରାଯିବ। ଏହାଦ୍ୱାରା ମତ୍ସ୍ୟ ପାଳକ ଉତ୍ପାଦନ ସଂଗଠନ ସହଭାଗିତାରେ ଷ୍ଟାର୍ଟଅପ ଓ ମହିଳା ନେତୃତ୍ୱାଧୀନ ସମୂହକୁ ସାମିଲ କରି ମାର୍କେଟରେ ସମ୍ପର୍କ ସ୍ଥାପନ କରାଯାଇ ପାରିବ।

ପଶୁପାଳନ : ଗ୍ରାମୀଣ ଓ ସେମି ଅର୍ବାନ ଅଞ୍ଚଳରେ ଗୁଣବତ୍ତାପୂର୍ଣ୍ଣ ରୋଜଗାରକୁ ବୃଦ୍ଧି କରିବା ପାଇଁ ସରକାର ପଶୁପାଳନ କ୍ଷେତ୍ରରେ ଉଦ୍ୟୋଗଶୀଳତାକୁ ନିମ୍ନଲିଖିତ ମାଧ୍ୟମରେ ସମର୍ଥନ କରିବେ-

୧ - ଋଣ ଆଧାରିତ ସବସିଡି କାର୍ଯ୍ୟକ୍ରମ

୨- ପଶୁଧନ ଉଦ୍ୟୋଗୀକୋ ବିସ୍ତାର ଓ ଅତ୍ୟାଧୁନିକରଣ

୩- ପଶୁଧନ, ଦୁଗ୍ଧ ଉତ୍ପାଦ ଓ କୁକୁଡ଼ା ଚାଷରେ ଏକକୃତ ମୂଲ୍ୟ ଶୃଙ୍ଖଳା

୪- ପଶୁଧନ ଉତ୍ପାଦନ ଚାଷୀ ସଂଗଠନକୁ ପ୍ରୋତ୍ସାହିତ

ଉଚ୍ଚ ମୂଲ୍ୟର ଚାଷକୁ ପ୍ରୋତ୍ସାହିତ : ଫସଲରେ ଅଧିକ ବିବିଧତା ଆଣିବା, ଉତ୍ପାଦନ ବୃଦ୍ଧି କରିବା ଓ ଚାଷୀଙ୍କ ଆୟକୁ ବଳ ଦେବା ପାଇଁ ସରକାର ଉଚ୍ଚ ମୂଲ୍ୟର ଫସଲ ଯଥା ନଡ଼ିଆ, ଚନ୍ଦନକାଠ, କୋକୋଆ ଓ କାଜୁ ଚାଷକୁ ପ୍ରୋତ୍ସାହିତ କରିବେ। ଉତ୍ତର ପୂର୍ବ ରାଜ୍ୟରେ ଅଗର ଗଛକୁ ପ୍ରଚାର କରିବେ ଓ ପାହାଡ଼ିଆ ଅଞ୍ଚଳରେ ବାଦାମ ଭଳି ଚାଷ ପାଇଁ ସହାୟତା କରିବେ।

ନଡ଼ିଆ ପ୍ରମୋସନ ସ୍କିମ: ଭାରତ ହେଉଛି ବିଶ୍ୱର ସବୁଠାରୁ ବଡ଼ ଉତ୍ପାଦନକାରୀ ରାଷ୍ଟ୍ର। ଏହା ୩୦ ମିଲିୟନ ଲୋକଙ୍କ ସମେତ ୧୦ ମିଲିୟନ ଚାଷୀଙ୍କ ଜୀବନ ଜୀବିକା। ଏହି ଚାଷରେ ପ୍ରତିଯୋଗିତା ମୂଳକ ପରିବେଶ ସୃଷ୍ଟି କରିବା ପାଇଁ ବଜେଟରେ କୋକାନଟ ପ୍ରମୋସନ ସ୍କିମ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଉତ୍ପାଦନ ଓ ଗୁଣବତ୍ତା ବୃଦ୍ଧି କରିବା ସହ ପୁରୁଣା ଗଛକୁ ବଦଳାଇବାରେ ସହାୟତା କରିବ।

ଏଆଇ ଭିତ୍ତିକ ଭାରତ ବିସ୍ତାର : କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନିଜର ବଜେଟ ଅଭିଭାଷଣରେ ଗୋଟିଏ ନୂଆ ଏଆଇ ଭିତ୍ତିକ ଉପକରଣ ଭାରତ ବିସ୍ତାର ସମ୍ପର୍କରେ ଘୋଷଣା କରିଛନ୍ତି। ଚାଷୀଙ୍କ ପାଇଁ ଏହି ଏଆଇ ଭିତ୍ତିକ ଉପକରଣ ଘୋଷଣା କରାଯାଇଛି। ଏହାଦ୍ୱାରା ଚାଷ କାମ ଅଧିକ ସହଜ ଓ ଅଧିକ ସଂଗଠିତ ହୋଇପାରିବ ବୋଲି ସରକାର ଆଶା ରଖିଛନ୍ତି। ଏଆଇ ଭିତ୍ତିକ ଉପକରଣ ସମ୍ପର୍କରେ ବିସ୍ତୃତ ସୂଚନା ଦେଇ ଅର୍ଥମନ୍ତ୍ରୀ ସୀତାରମଣ କହିଛନ୍ତି, "ଭାରତ ବିସ୍ତାର ହେଉଛି ଗୋଟିଏ ଭର୍ଚୁଆଲ ଇଣ୍ଟିଗ୍ରେଡେଟ ବ୍ୟବସ୍ଥା। କୃଷିଜାତୀୟ ସମ୍ପଦ ସହ ଏହା ଜଡ଼ିତ। ମୁଁ ବହୁଭାଷୀୟ ଏଆଇ ଉପକରଣ ଭାରତ ବିସ୍ତାର ଲଞ୍ଚର ପ୍ରସ୍ତାବ ଦେଉଛି। ଏହା କୃଷି ଜାତୀୟ ପୋର୍ଟାଲ ସହ ଯୋଡ଼ି ହୋଇ ରହିବ। ଏହା ଚାଷୀଙ୍କୁ ପରାମର୍ଶ ଦେବା ସହ ବିଭିନ୍ନ ଚାଷ ସମ୍ପର୍କରେ ସୂଚନା ଦେବାରେ ସହାୟକ ହେବ। ସେହିପରି ଚାଷ ଜନିତ କ୍ଷତିକୁ ହ୍ରାସ କରିବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ।"

## ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ରାୟଗଡ଼ା ଜିଲ୍ଲାଗସ୍ତ

# ସୁଭଦ୍ରା ଶକ୍ତି ମେଳାର କରିବେ ଉଦ୍‌ଘାଟନ

ରାୟଗଡା, (ପିପିଏସ୍): ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ତା. ୨ ଫେବ୍ରୁଆରୀ ୨୦୨୬ ସକାଳ ୧୧.୦୦ ଘଟିକାରେ ରାୟଗଡ଼ ଗସ୍ତରେ ଆସିବେ। ସ୍ଥାନୀୟ ଜି.ଆଇ.ଏସ.ଆର. ପାଖରେ ଥିବା ଯେସ୍କ ପଡ଼ିଆ ଠାରେ ପହଞ୍ଚି ଜିଲ୍ଲା ନାରୀଶକ୍ତିର ସଶକ୍ତ ପ୍ରଦର୍ଶନ ସୁଭଦ୍ରା ଶକ୍ତି ମେଳାର ଉଦ୍ଘାଟନ କରିବେ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରିବେ। ଏହି ଗସ୍ତ ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ୩୪୦ କୋଟି ଉର୍ଦ୍ଧ୍ୱ ମୂଲ୍ୟର ୬୭ଟି ପ୍ରକଳ୍ପର ଶିଳାନ୍ୟାସ ଏବଂ ୨୨୧ କୋଟି ଉର୍ଦ୍ଧ୍ୱ ମୂଲ୍ୟର ୪୧ଟି ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ କରିବେ। ଏହା ଜିଲ୍ଲାର ବିକାଶ ଓ ନୂତନ ଦିଗଦର୍ଶନ ପ୍ରଦାନ କରିବ।

ଉକ୍ତ ସୁଭଦ୍ରା ଶକ୍ତି ମେଳା ୨ ଫେବ୍ରୁଆରୀରୁ ୮ ଫେବ୍ରୁଆରୀ ୨୦୨୬ ପର୍ଯ୍ୟନ୍ତ ଚାଲିବ ଏବଂ ସ୍ୱୟଂ ସହାୟକ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ସମ୍ମାନିତ କରାଯିବ। ଏହି ମେଳାରେ ୧୨୦ଟି ଷ୍ଟଲ୍ ସ୍ଥାପିତ ହୋଇଛି। ପ୍ରତ୍ୟେକ ସନ୍ଧ୍ୟାରେ ରଙ୍ଗକ୍ଷରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ନିହାର ରଞ୍ଜନ କହଁର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଭାରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ଅମୂଲ୍ୟ ଧର, ଉପଜିଲ୍ଲାପାଳ ରମେଶ କୁମାର ଜେନା, ସ୍ଥାନୀୟ ପୋଲିସ ଅଧିକାରୀ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦାନ କରି ଆୟୋଜନର ସମୀକ୍ଷା କରିଥିଲେ।

ଏହି ମେଳା ମାଧ୍ୟମରେ ଜିଲ୍ଲାର ନାରୀମାନଙ୍କ ଉଦ୍ୟମଶୀଳତା ଓ ସଶକ୍ତିକରଣର ଅବଦାନକୁ ସମ୍ମାନ ଦିଆଯିବ। ସମଗ୍ର ଜିଲ୍ଲାବାସୀଙ୍କୁ ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଯୋଗଦେବାକୁ ଅନୁରୋଧ କରାଯାଉଛି। ଏହା ନାରୀମାନଙ୍କ ଆତ୍ମନିର୍ଭରଶୀଳତା ଓ ସ୍ଥାନୀୟ ସଂସ୍କୃତିର ସଂଯୋଗରେ ଏକ ଅନନ୍ୟ ମଞ୍ଚ ହିସାବରେ କାର୍ଯ୍ୟ କରିବ।

# ପୋଖରିରେ ବୁଡି ଭାଇଭଉଣୀ ମୃତ

ଯାଜପୁର (ପିପିଏସ) ପୋଖରୀରେ ବୁଡ଼ି ଭାଇଭଉଣୀ ମୃତ। ଯାଜପୁର ବ୍ଲକ୍ ଭୁବନେଶ୍ୱରପୁର ପଞ୍ଚାୟତ ସମସରପୁର ଗାଁରେ ଘଟିଛି ଏଭଳି ଏକ ଅଭାବନୀୟ ଘଟଣା। ଖେଳିବାକୁ ଯାଇ ସାନଭାଇ ପୋଖରୀରେ ବୁଡିଯାଇଥିଲା। ଏବଂ ସାନଭାଇ ବୁଡି ଯାଉଥିବା ଦେଖି ବଡ଼ ଭଉଣୀ ତାକୁ ବଞ୍ଚାଇବାକୁ ଯାଇ ସେ ମଧ୍ୟ ସେହି ପୋଖରୀରେ ବୁଡିଯାଇଥିଲା। ଉଭୟ ଗାଁ ପୋଖରୀରେ ବୁଡ଼ି ପ୍ରାଣ ହରାଇଥିବା ଜଣାପଡିଛି। ସୂଚନା ମୁତାବକ ଯାଜପୁର ସଦର ବ୍ଲକ୍ ଭୁବନେଶ୍ୱରପୁର ପଞ୍ଚାୟତ ସମସରପୁର ଗାଁର ଚନ୍ଦ୍ରଶେଖର ଗୁରୁଙ୍କର ପୁଅ ଶଙ୍କର ଓ ଝିଅ ପାର୍ବତୀଙ୍କର ଏହି ଘଟଣାରେ ପ୍ରାଣହାନୀ ଘଟିଛି। ବାପା ଜଣେ ପକ୍ଷଘାତ ରୋଗୀ ହୋଇଥିବା ବେଳେ ମା ତାଙ୍କୁ ଚିକିତ୍ସା ପାଇଁ ମେଡିକାଲକୁ ନେଇଯାଇଥିଲେ। ମାତ୍ର ମେଡିକାଲରୁ ଫେରିବା ପରେ ପିଲା ଦୁଇଜଣଙ୍କୁ ଘରେ ପାଇ ନଥିଲେ। ତେବେ ପିଲା ଦୁଇଜଣ ହଜି ଯାଇଥିବା ସନ୍ଦେହରେ ପରିବାର ଓ ଗ୍ରାମବାସୀ ବହୁ ଖୋଜାଖୋଜି କରିଥିଲେ। ଏହାର ପ୍ରାୟ ଦୁଇ ଘଣ୍ଟାର ବ୍ୟବଧାନ ପରେ ଗ୍ରାମବାସୀ ପୋଖରୀରେ ଚପଲ ଭାସୁଥିବା ଦେଖିବାକୁ ପାଇଥିଲେ। ଏବଂ ସେହି ପୋଖରୀରେ ଖୋଜାଖୋଜି କରିବାରୁ ଉଭୟଙ୍କୁ ସେଠାରୁ ଉଦ୍ଧାର କରିଥିଲେ। ଏହାପରେ ସେମାନଙ୍କୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିବା ବେଳେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି। ଏଭଳି ଦୁଃଖଦ ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଓଡ଼ିଶା ଉପକୂଳରେ କରାଯିବ ସ୍ୱତନ୍ତ୍ର କଇଁଛ ପଥ

ନୂଆଦିଲ୍ଲୀ: କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ରେ ଇକୋ ଟୁରିଜିମ୍‌କୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶା ସମେତ କର୍ଣ୍ଣାଟକ ଓ କେରଳର ଉପକୂଳବର୍ତ୍ତି ଅଞ୍ଚଳରେ ପ୍ରମୁଖ କଇଁଛ ଅଣ୍ଡାଦାନ ସ୍ଥଳୀର ଉନ୍ନତି କରାଯିବ। ଅଣ୍ଡାଦାନ ସ୍ଥଳୀ ଗୁଡିକରେ ସ୍ୱତନ୍ତ୍ର କଇଁଛ ପଥ କରାଯିବ। ଏନେଇ ବଜେଟରେ ଘୋଷଣା କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ।



ଏହି ପଥଗୁଡିକ ସ୍ଥାୟୀ ପର୍ଯ୍ୟଟନ ପଦକ୍ଷେପର ଅଂଶ। ଯାହାଦ୍ୱାରା ଅଲିଭ ରିଡଲେ କଇଁଛ ବସା ସ୍ଥାପନ ସ୍ଥାନଗୁଡିକୁ ସୁରକ୍ଷା ଦେବା ସହ ପର୍ଯ୍ୟଟକମାନଙ୍କ ପାଇଁ ପରିବେଶ ସଚେତନ ଅଭିଜ୍ଞତା ଦେବା ପାଇଁ ଡିଜାଇନ କରାଯାଇଛି। ଅଲିଭ ରିଡଲେ କଇଁଛ ପାଇଁ ଓଡ଼ିଶା ଉପକୂଳର ପରିବେଶ ବେଶ ଅନୁକୂଳ। ଓଡ଼ିଶା ଉପକୂଳ ବିଶେଷ କରି କେନ୍ଦ୍ରାପଡା ଗହୀରମଥା ବେଳାଭୂମି ଓ ଗଞ୍ଜାମର ଋଷିକୁଲ୍ୟା ମୁହାଣରେ ଅଲିଭ ରିଡଲେ କଇଁଛଙ୍କ ପାଇଁ ବିଶ୍ୱର ସର୍ବବୃହତ ରୁକେରୀ ରହିଛି। ଯେଉଁଠାରେ ୨୦୨୫ ମସିହାରେ ୬.୮୨ ଲକ୍ଷ କଇଁଛ ଅଣ୍ଡାଦାନ ଦେଇଛନ୍ତି। ନଭେମ୍ବରରୁ ମେ ମାସ ପର୍ଯ୍ୟନ୍ତ ସାମୂହିକ ଅଣ୍ଡାଦାନ ହୋଇଥାଏ। ଗହୀରମଥା ବିଶ୍ୱର ସର୍ବବୃହତ ଅଣ୍ଡା ଦେବା ସ୍ଥାନ ଭାବେ ପରିଚିତ। ସାଧାରଣ ଭାବରେ ନଭେମ୍ବରରୁ ଜାନୁଆରୀ ମାସ ପର୍ଯ୍ୟନ୍ତ ପ୍ରାୟ ତିନି ମାସ ଧରି କଇଁଛଙ୍କ ମିଳନ ପର୍ବ ଜାରି ରହେ। ଏହା ପରେ ପାଖାପାଖି ମେ' ମାସ ପର୍ଯ୍ୟନ୍ତ ବେଳାଭୂମିରେ ଆରମ୍ଭ ହୋଇଥାଏ ଗଣ ଅଣ୍ଡାଦାନ ପ୍ରକ୍ରିୟା। ଭିତରକନିକା ଅଭୟାରଣ୍ୟ, ପୁରୀ ଜିଲ୍ଲା ଦେବୀ ନଦୀ ମୁହାଣ, ବାଲୁଖଣ୍ଡ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ମଧ୍ୟ ପ୍ରତି ବର୍ଷ ଲକ୍ଷାଧିକ ସଂଖ୍ୟାରେ ଅଲିଭ ରିଡଲେ କଇଁଛ ଅଣ୍ଡା ଦେବାକୁ ଆସିଥାନ୍ତି।

# ଚଳିତ ବର୍ଷ କଟକ ଜିଲ୍ଲା ପ୍ରଥମ ବିକାଶ ସମନ୍ୱୟ ଏବଂ ତଦାରଖ କମିଟି ( ଦିଶା ) ବୈଠକ

କଟକ (ପିପିଏସ୍): ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ବର୍ଷର ପ୍ରଥମ ବିକାଶ ସମନ୍ୱୟ ଏବଂ ତଦାରଖ କମିଟି (ଦିଶା) ବୈଠକ ଆଜି ପୂର୍ବାହ୍ନରେ କଟକ ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଡମଡମଣି ପୀଠ ପରିସରରେ ମାନ୍ୟବର ସାଂସଦ,କଟକ ଶ୍ରୀ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ମାନ୍ୟବର ବିଧାୟକ ଆଠଗଡ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମାନ୍ୟବର ବିଧାୟକ, ସାଲେପୁର ପ୍ରଶାନ୍ତ ବେହେରା, ବିଧାୟିକା, ବାରବାଟୀ-କଟକ, ଇଂ ସୋଫିଆ ଫିରଦୋସ, ବିଧାୟକ, କଟକ-ସଦର ଇଂ ପ୍ରକାଶ ଚନ୍ଦ୍ର ସେଠୀ, ମାନ୍ୟବର ବିଧାୟକ ବଡମ୍ବା ବିଜୟ କୁମାର ଦଳବେହେରା, ଜିଲ୍ଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ବୈଠକରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସଂଯୋଜନାରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜିର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପ୍ରାରମ୍ଭରେ ଚତୁର୍ଥ ଦିଶା ବୈଠକର ଆଲୋଚନା ହୋଇଥିବା ପ୍ରସ୍ତାବିତ କାର୍ଯ୍ୟସୂଚୀ ଅନୁଯାୟୀ ଗ୍ରହଣ କରାଯାଇଥିବା ସମସ୍ତ କାର୍ଯ୍ୟର ଅଗ୍ରଗତି, କାର୍ଯ୍ୟାନୁଷ୍ଠାନ ଆଦି ସମ୍ପର୍କରେ ଜନ ପ୍ରତିନିଧମାନଙ୍କୁ ବୈଠକରେ ଉପସ୍ଥିତ ହୋଇଥିବା ସଂପୃକ୍ତ ଅଧିକାରୀମାନଙ୍କ ଦ୍ୱାରା ଅବଗତ କରାଯାଇଥିଲା। ଜିଲ୍ଲାରେ ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ଯେଉଁ ଯେଉଁ ବ୍ଲକ ମାନଙ୍କରେ ଲକ୍ଷପତି ଦିଦି କମିଛି ତାହାକୁ ତର୍ଜମା ପୂର୍ବକ ପୂରଣ କରାଯିବା ନେଇ ଆଲୋଚନା କରାଯାଇଥିଲା।



ସମଗ୍ର ଜିଲ୍ଲାରେ ଜାତୀୟ ଗ୍ରାମୀଣ ଜୀବିକା ମିଶନରେ ସ୍ୱୟଂ ସହାୟକ ଗୋଷ୍ଠୀ ବ୍ୟାଙ୍କ ସଂଯୋଗୀକରଣ ସଂପର୍କରେ ଆଲୋଚନା କରାଯିବା ସହ ଦିନଦୟାଳ ଉପାଧ୍ୟାୟ କୌଶଳ ଯୋଜନା, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମର ଅଗ୍ରଗତି ଉପରେ ଆଲୋଚନା ପୂର୍ବକ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା (ମନରେଗା) ଅନ୍ତର୍ଗତ ଜିଲ୍ଲାର ସମସ୍ତ ବ୍ଲକରେ ଚାଲିଥିବା କାର୍ଯ୍ୟ, ପ୍ରକଳ୍ପର ସ୍ଥିତି, ନିଯୋଜିତ ଶ୍ରମିକ, ସମୁଦାୟ ଶ୍ରମିକ ଦିବସ ଆଦି ସମ୍ବନ୍ଧରେ ସମୀକ୍ଷା ପୂର୍ବକ ଆଲୋଚନା ହୋଇଥିଲା। ଜଳ ଜୀବନ ମିଶନ ଅନ୍ତର୍ଗତ ଜିଲ୍ଲାରେ ମେଗା ପାଇପ ଯୋଗେ ଜଳ ଯୋଗାଣର କାର୍ଯ୍ୟର ଅଗ୍ରଗତି ଏବଂ ଗ୍ରାମୀଣ ପାନୀୟ ଜଳଯୋଗାଣ ସ୍ଥିତି ସମ୍ବନ୍ଧରେ ଆଲୋଚନା କରି ଆଗାମୀ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆବଶ୍ୟକ ନଳକୂପ ଖନନ କରିବା ଉପରେ ଆଲୋଚନା ବୈଠକରେ ଅବଗତ କରାଯାଇଥିଲା। କାର୍ଯ୍ୟସୂଚୀ ଅନୁଯାୟୀ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅନ୍ତର୍ଗତ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରାଯିବା ସହ ମୃତ୍ତିକା ଚୟନ ଓ ସଂଗ୍ରହ ତଥା ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ସମ୍ପର୍କରେ ଆଲୋଚନା କରଯାଇଥିଲା। ଏଥିସହ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ତର୍ଗତ ଫସଲ ବୀମାରେ ଚାଷୀ ଉପକୃତ ହେବା ସହ କୃଷି ଉଦ୍ୟାନ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟ ପୁରଣ କରାଯିବା ସଂପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥି ସହ ତଦାରଖ ପୂର୍ବକ ଜିଲ୍ଲାରେ ଚାଲୁ ରହିଥିବା ସମସ୍ତ ଯୋଜନା ଗୁଡିକର ସଫଳ ରୂପାୟନ ନିମନ୍ତେ ସମୀକ୍ଷା ପୂର୍ବକ ବୈଠକରେ ସାଂସଦ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡଃ. ଦିବ୍ୟଲୋଚନ ମହନ୍ତ, ଆଠଗଡ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା,ବାଙ୍କି ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରାଙ୍କ ସମେତ ଆଠଗଡ ଓ ବାଙ୍କି ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ, ବିଭିନ୍ନ ବ୍ଲକର ଅଧ୍ୟକ୍ଷ/ଅଧ୍ୟକ୍ଷା,ବିଭିନ୍ନ ବିଭାଗର ଅଧିକ୍ଷଣ ଓ ନିର୍ବାହୀ ଯନ୍ତ୍ରୀ, ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ପ୍ରତିନିଧିମାନେ ଯୋଗ ଦେଇଥିଲେ।କର୍ମ ନିଯୁକ୍ତି କ୍ଷେତ୍ରରେ ମନରେଗା ବଦଳରେ (ବିଭି- ଜି ରାମ) ବିକଶିତ ଭାରତ ନିଶ୍ଚିନ୍ତ ରୋଜଗାର ଏବଂ ଅଜଭିକା ମିଶନ ଗ୍ରାମୀଣ ଯୋଜନା ମାଧ୍ୟମରେ ବାର୍ଷିକ ଆୟ ବୃଦ୍ଧି ଏବଂ ଗ୍ରାମାଞ୍ଚଳରେ କର୍ମ ନିଯୁକ୍ତିକୁ ସୁନିଶ୍ଚିତ କରାଯିବା ତଥା ଭିତ୍ତିଭୂମି ବିକାଶ ଓ କୌଶଳ ବୃଦ୍ଧି ଉପରେ ଆଜିର ଦିଶା ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା।

**ତୃତୀୟ ଶ୍ରାଦ୍ଧ ବାର୍ଷିକୀ**



**ଏ ପ୍ରଧାନ ଶିକ୍ଷୟିତ୍ରୀ କୁଞ୍ଜଲତା ଷଡ଼ଙ୍ଗୀ**
ଦକ୍ଷିଣ କାଞ୍ଜିଆପାଳ, ଖଡ଼ିପଦା, ଧାମନଗର
**ଆବିର୍ଭାବ- ୧୭.୦୨.୧୯୫୭**
**ତିରୋଧାନ- ୦୬.୦୨.୨୦୨୩**

ଏ ବିଶାଳ ପରିବାରକୁ ଶୋକ ସାଗରରେ ଭସାଇ ତୁମେ ଅଫେରା ରାଇଜକୁ ଚାଲିଗଲ। ତୁମେ ଗଲା ଦିନୁ କାହାରି ଆଖିରୁ ଲୁହ ଶୁଖୁନି। ତୁମ ବିନା ଏ ଶାଶୂ ବୁଢ଼ୀ ଖୁବ୍ ଅସହାୟ। ଅସଜଡ଼ା ସ୍ୱାମୀଟି ଭାଙ୍ଗି ପଡ଼ିଛି। ତୁମେ ଯିବା ପରେ ଆମ ସାଙ୍ଗରେ ରହିଯାଇଛି ତୁମ ସ୍ନେହ, ମମତା, ଭଲ ପାଇବା ଓ ଆଦର୍ଶକୁ ପୁଞ୍ଜି କରି ଆମକୁ ଚାଲିଛୁ। ତମ ଆତ୍ମାର ସଦଗତି ହେଉ, ମହାପ୍ରଭୁଙ୍କ ପାଖରେ ଏତିକି ପ୍ରାର୍ଥନା।

**ଶୋକ ସନ୍ତପ୍ତ-** ଶାଶୂ, ସ୍ୱାମୀ, ନଣନ୍ଦ, ନଣନ୍ଦେଇ, ଦିଅର, ଯାଆ, ଭାଇ, ଭଉଣୀ, ଭଉଣୀ ଜ୍ୱାଇଁ, ଝିଅ, ଜ୍ୱାଇଁ, ପୁଅ, ବୋହୂ, ଝିଆରୀ, ଭଣଜା, ଭଣଜା ବୋହୂ, ଭାଣିଜୀ, ଭାଣିଜୀ ଜ୍ୱାଇଁ, ନାତି ନାତୁଣୀ, ପୁତୁରା ପୁତୁରା ବୋହୂ, ପରିବାର ବନ୍ଧୁବର୍ଗ ଓ ଓଡ଼ିଶା ସେଫ ଆସୋସିଏସନ।

## ଯାଜପୁର ଦଶରଥପୁରରେ ପାଣି ପଲଟିଛି ଜହର

# ୧୬୦ ନଳକୂପ ମଧ୍ୟରୁ ୯୦ର ପାଣି ବିଷାକ୍ତ



ଯାଜପୁର (ପିପିଏସ ) ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତର ପାଣି ପଲଟିଛି ଜହର ଜୀବନ ସହ ଖେଳୁଛନ୍ତି ସରକାର। ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ଅଞ୍ଚଳବାସୀ। ଗତ ସରକାର ଏବଂ ବର୍ତ୍ତମାନ ସରକାର ଉଭୟ ପାନୀୟ ଜଳ ଭଳି ମୌଳିକ ସୁବିଧା ଯୋଗାଇ ଦେବାରେ ଫେଲ ମାରିଛନ୍ତି। ପଞ୍ଚାୟତରେ ଗତ ୬ ବର୍ଷ ହେବ ୩ଟି ପ୍ରକଳ୍ପ ସାଠିବାଟି, ନୀଳକଣ୍ଠପୁର ଏବଂ ପାଲଟପୁର କାର୍ଯ୍ୟକ୍ଷମ ହୋଇନଥିବା ବେଳେ ୨୦୨୨ରେ ସମସ୍ତ ଘରକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଣ କରାଯାଇଛି ବୋଲି ଦର୍ଶାଇ ଫଳକ ଲଗାଯିବା ଲୋକଙ୍କୁ ପରିହାସ ଭଳି କହିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତ ପାନୀୟ ଜଳ ପାଇଁ କ୍ୟାନ୍ସର ଏବଂ କୀଡ଼ନି ରୋଗରେ ପ୍ରାଣ ହରାଇଥିବା ଘଟଣାରେ ସ୍ଥିତି ଅନୁଧ୍ୟାନ କରିବାକୁ ଆସି ଏଭଳି କହିଛନ୍ତି। ଏହାଛଡା ସମ୍ପୂର୍ଣ ପଞ୍ଚାୟତବାସୀଙ୍କୁ ପ୍ରତି ଘରେ ପାନୀୟ ଜଳ ଟ୍ୟାପ ଯୋଗେ ଯୋଗାଇଦେବା ଏବଂ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାକୁ ଦାବୀ କରିଛନ୍ତି। ଯଦି ଏହା କାରନଯାଏ ତେବେ ଆଗାମୀ ଦିନରେ ଏ ପ୍ରସଙ୍ଗ ବିଧାନସଭାରେ ଉଠାଯିବା ସହ ଅମସ୍ୟା ସମାଧାନ ପାଇଁ କଂଗ୍ରେସ ଦଳ ଲଢେଇ କରିବ ବୋଲି ପଞ୍ଚାୟବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଶ୍ରୀଯୁକ୍ତ ଭକ୍ତ ଦାସ। ଶ୍ରୀଯୁକ୍ତ ଦାସ ପଞ୍ଚାୟରେ ପହଂଚିବା ପରେ ସରପଞ୍ଚ ଲିପିକା ମଲିକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ମୁରାରୀପୁର, ନୀଳକଣ୍ଠପୁର, ପାଲଟପୁର ଗ୍ରାମର କ୍ୟାନ୍ସର ଓ କୀଡନି ରୋଗରେ ମୃତକଙ୍କ ପରିବାରକୁ ଭେଟିବା ସହ ରୋଗରେ ପୀଡିତ ଲୋକଙ୍କୁ ମଧ୍ୟ ଭେଟିଥିଲେ। ଲୋକେ ବ୍ୟବହୃତ କରୁଥିବା ନଳକୂପ, ଆକ୍ୱାଗାର୍ଡ ଫିଲଟର, ନିତ୍ୟ ବ୍ୟବହୃତ ବାଲ୍ଟି, ମାଢ଼ିଆ ଆଦି ସ୍ଥିତି ଅନୁଧାନ କରି ଚିନ୍ତା ପ୍ରକଟ କରିଥିଲେ। ଅନୁଧାନ କମିଟି ମଧ୍ୟରେ ସେବା ଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ଜିଲ୍ଲା ସଭାପତି ମାଗୁଣି ଜେନା, ମୁଖ୍ୟ ପରାମର୍ଶ ଦାତା ସୁଧାଂଶୁ ଶେଖର ଦେଓ, ମୁଖପାତ୍ର ହିମାଂଶୁ ଲେଙ୍କା, ରାଜ୍ୟ ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି କୃଷ୍ଣ ଚନ୍ଦ୍ର ମହାନ୍ତି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଭରତ ଚନ୍ଦ୍ର ପରିଡ଼ା, ଜିଲ୍ଲା ପ୍ରଭାରୀ ସତ୍ୟଜିତ ପଟ୍ଟନାୟକ, ଦେବାଶିଷ ମହାପାତ୍ର ପ୍ରମୁଖ ଏଥିରେ ସାମିଲ ଥିଲେ। ଶେଷରେ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ସମସ୍ତ କଥା ଆଲୋଚନା କରି ସମସ୍ତ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ କଂଗ୍ରେସ ଦଳ ଲଢେଇ କରିବ ବୋଲି ସୂଚନା ଦେଇଛନ୍ତି। ସୂଚନାଥାଉକି ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତରେ ଗତ ୧୦ ବର୍ଷ ମଧ୍ୟରେ କ୍ୟାନ୍ସର ଏବଂ କୀଡ଼ନୀ ରୋଗରେ ୧୨୦ ରୁ ଅଧିକ ଲୋକଙ୍କ ପ୍ରାଣ ଯାଇସାରିଥିବାବେଳେ ବର୍ତମାନ ୨୦ ଜଣ ରୋଗୀ ଚିକିତ୍ସାଧିନ ଅଛନ୍ତି। ସରପଞ୍ଚ ଲିପିକା ମଲିକ ଏବଂ ଅଭିଯୋଗକରି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଭରତ ଚନ୍ଦ୍ର ପରିଡା,ଚନ୍ଦ୍ର ଶେଖର ସାହୁଙ୍କ ସହ ଆଲୋଚନା କରିଥିଲେ। ସୂଚନାଅନୁସାରେ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଗତ ସପ୍ତାହ ମଧ୍ୟରେ ପାନୀୟ ଜଳ ବିଭାଗ ପକ୍ଷରୁ ପଞ୍ଚାୟତ ୮୨୭ଟି ବେସରକାରୀ ଓ ସରକାରୀ ନଳକୂପରୁ ନମୁନା ନିଆଯାଇଥିଲା। ଇତି ମଧ୍ୟରେ ପ୍ରଥମେ ୧୬୦ ଟି ନଳକୂପ ନମୁନା ଭୁବନେଶ୍ୱରସ୍ଥ ମୁଖ୍ୟ ଲାବ୍ରୋଟାରିରୁ ପରୀକ୍ଷା ହୋଇ ରିପୋଟ ଆସିଛି। ୧୬୦ ଟି ନମୁନା ମଧ୍ୟରୁ ୯୦ ଟି ନଳକୂପରେ ଲୋକେ ପିଉଛନ୍ତି ବିଷାକ୍ତ ପାଣି। ମିଳିଥିବା ସୂଚନା ଅନୁସାରେ ୯୦ଟି ନଳକୂପ ପାଣିରେ ରହିଛି ରାସାୟନିକ ପଦାର୍ଥ। ଯେଉଁ ପାଣିରେ ଲିଡ୍, କ୍ୟାଡ୍ମିୟମ, ଆସେନିକ, ମାଙ୍ଗାନିଜ, ଆଇରନ ଭଳି ବିଷାକ୍ତ ନମୁନା ରହିଛି। ଯାହାକୁ ଲୋକେ ପିଇବା ଏବଂ ଖାଦ୍ୟରେ ଦୀର୍ଘ ଦିନ ବ୍ୟବହାର କଲେ କ୍ୟାନ୍ସର, କୀଡ଼ନୀ, ଜଣ୍ଡିସ ଭଳି ମାରାତ୍ମକ ରୋଗ ହେବ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କଂଗ୍ରେସ ସଭାପତି ଏକାଦଶୀ ତ୍ରିପାଠୀ, ଅନନ୍ତ କୁମାର ଜେନା, ସାଗର ପରିଡା, ରାଜୀବ ମଲିକ, ସୌମ୍ୟ ରଞ୍ଜନ ବେହେରା, ମଦନ ମଲିକ, ଦେବେନ୍ଦ୍ର ପଣ୍ଡା, କଂଗ୍ରେସ ନେତ୍ରୀ ମଧୁସ୍ମିତା ଆଚାର୍ଯ୍ୟ, ଶ୍ୟାମ ସୁନ୍ଦର କର, ସନ୍ତୋଷ ନନ୍ଦ, ଅଜୟ ନାୟକ, ଚନ୍ଦ୍ର ନାରାୟଣ ଦାସ, ବିମଲ ମଲିକ, ବିଶ୍ୱଜିତ ରାୟ, ବୃନ୍ଦାବନ ଜେନା, ଶେଖର ସର୍ମିତ ଧଳ, ଉମେଶ ଜେନା, ଜ୍ୟୋତି ରଞ୍ଜନ ଜେନା, ହୃଷିକେଶ ଜେନା, ବିଜୟ ବେହେରା, ଅନୁପମ ମଲିକ, ସତ୍ୟବାନ ଜେନା, ପାଣ୍ଡ୍ୱ ମଲିକ, ଶମ୍ଭୁନାଥ ଜେନାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ସରସ୍ୱତୀ ବିଦ୍ୟାମନ୍ଦିର, ନୀଳକଣ୍ଠନଗରର ମେଧାବୀ ଅଭିନନ୍ଦନ ଉତ୍ସବ

ବ୍ରହ୍ମପୁର, (ପିପିଏସ୍): ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଏକ ମେଧାବୀ ଅଭିନନ୍ଦନ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ୨୦୨୫ ମସିହାରେ ଏହି ଅନୁଷ୍ଠାନରେ କୋଚିଂ ନେଇଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୨୧୩ ଜଣ ଛାତ୍ରଛାତ୍ରୀ ବିଭିନ୍ନ ମେଡ଼ିକାଲ କଲେଜରେ ଡାକ୍ତର ପାଠ୍ୟକ୍ରମରେ ନାମ ଲେଖାଇଛନ୍ତି। ତନ୍ମଧ୍ୟରୁ ୯ ଜଣ ଛାତ୍ରଛାତ୍ରୀ ସର୍ବଭାରତୀୟ ସ୍ତରର ଏମ୍ସ ଭଳି ଅନୁଷ୍ଠାନରେ ନାମ ଲେଖାଇଛନ୍ତି। ସେହିପରି ସର୍ବଭାରତୀୟ ସ୍ତରର ଆଇ.ଆଇ.ଟି.ରେ ୫ ଜଣ ଏବଂ ଏନ୍.ଆଇ.ଟି ଭଳି ଅନୁଷ୍ଠାନରେ ୨୫ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ତା'ସହିତ ଆଇଜର, ନାଇଜର ଏବଂ ଆଇ.ସି.ଏ.ଆର୍ ଭଳି ସର୍ବଭାରତୀୟ ସ୍ତରର ଅନୁଷ୍ଠାନରେ ବହୁ ମେଧାବୀ ଛାତ୍ରଛାତ୍ରୀ ଚଳିତ ବର୍ଷ ଅଧ୍ୟୟନ କରୁଛନ୍ତି। ଏହି ଉତ୍ସବ ପରିପ୍ରେକ୍ଷୀରେ ସମସ୍ତ ଆମନ୍ତ୍ରିତ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ଜଣେ ସୁନାଗରିକ ହେବାପାଇଁ ପ୍ରୋତ୍ସାହିତ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ମାନ୍ୟବର ଚିକିଟି ବିଧାୟକ, ମନୋରଞ୍ଜନ ଦ୍ୟାନ ସାମନ୍ତରା, ସମ୍ମାନିତ ଅତିଥି ରୂପେ ଉଚ୍ଚ ଶିକ୍ଷା ବିଭାଗର ଆଂଚଳିକ ନିର୍ଦ୍ଦେଶକ ଡ. ନାରାୟଣ ବେହେରା, ସମ୍ମାନିତ ଅତିଥି ରୂପେ ବ୍ରହ୍ମପୁର ଏମ୍.କେ.ସି.ଜି ମେଡ଼ିକାଲ୍ କଲେଜର ପ୍ରାଧ୍ୟାପକ ଡ. ମନୋଜ କୁମାର ସେଠୀ ଯଥା ଆଇ.ଆର୍.ଇ.ଏଲ୍, ଓସ୍କୋମ୍ ଛତ୍ରପୁରର ମୁଖ୍ୟ ସି.ଭି. ରମନ ମୂର୍ତ୍ତୀ ମଞ୍ଚ ଅଳଙ୍କୃତ କରି ଉପସ୍ଥିତ ଏକ ହଜାର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରେରଣା ଏବଂ ଉତ୍ସାହ ଭରି ଦେଇଥିଲେ।

ସମସ୍ତ ଆମନ୍ତ୍ରିତ ଅତିଥି ପିଲାମାନଙ୍କୁ ସେବା ମନୋବୃତି, ପରୋପକାର, ଗରିବମାନଙ୍କ ସେବା ଏବଂ ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବାପାଇଁ ଉତ୍ସାହିତ କରିଥିଲେ। ଏହି ଅବସରରେ ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ଅନୁଷ୍ଠାନର ପ୍ରାଧାନାଚାର୍ଯ୍ୟ ଏସ୍.ମୋହନ ରାଓ, ଶୈକ୍ଷିକ ପରାମର୍ଶଦାତା ଉମାଧବ ମହାନ୍ତି ଏବଂ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ ମଂଚାସୀନ ଥିଲେ। ପରିଚାଳନା ସମିତିର ଉପଦେଷ୍ଟା କେ.ଭେଙ୍କେଟ୍ ରାଓ, ହରେକୃଷ୍ଣ ପାଢ଼ୀ, ଡ. ରାଜେନ୍ଦ୍ର ଡାକୁଆ ଉପସ୍ଥିତ ରହି ସମସ୍ତ ଆମନ୍ତ୍ରିତ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରିବା ସହ ପ୍ରୋତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆର୍ଥିକ ଦୁର୍ବଳ ମେଧାବୀ ଦୁଇ ଛାତ୍ର ରୁଦ୍ର ପ୍ରତାପ ସ୍ୱାଇଁଙ୍କୁ ୧ ଲକ୍ଷ ଟଙ୍କା ଏବଂ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କୁ ୩୦ ହଜାର ଟଙ୍କା, ବିଜୟ କୁମାର ପାଢ଼ୀଙ୍କ ଦ୍ୱାରା ତାଙ୍କ ପୁତ୍ର ଡ. ରାକେଶ କୁମାର ପାଢ଼ୀଙ୍କ ସ୍ମୃତି ଉଦ୍ଦେଶରେ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ସୁଶ୍ରୀ ଅର୍ପିତା ପଣ୍ଡା ଏବଂ ସୁଶ୍ରୀ ପ୍ରଗତି କିରଣ ବେହେରା ସୁଲଳିତ ସଙ୍ଗୀତ ଗାନ କରିଥିଲେ। ସୁଶ୍ରୀ ସ୍ନେହା ବେହେରା କାଠପାଦ ନୃତ୍ୟ ପରିବେଷଣ କରିଥିଲେ। ଯୁକ୍ତ ତିନି ବିଭାଗ ଏବଂ ନିଟ୍ କୋଚିଂ ନେଉଥିବା ବହୁ ଛାତ୍ରଛାତ୍ରୀ ନୃତ୍ୟ ପରିବେଷଣରେ ଭାଗ ନେଇଥିଲେ। ଯୁକ୍ତ ତିନି ବାଳିକା ବିଭାଗର ଏନ୍.ସି.ସି. ଛାତ୍ରଛାତ୍ରୀ ଏବଂ ବହୁ ସଂଖ୍ୟାରେ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। କୋଚିଂ ପରିବାର ସମସ୍ତ ଅଣଶିକ୍ଷକ କର୍ମକର୍ତ୍ତା, ଯୁକ୍ତ ତିନି, କୋଚିଂ ବିଭାଗର ବହୁ ପ୍ରାଧ୍ୟାପକ ଏବଂ ପ୍ରାଧ୍ୟାପିକା ଆନ୍ତରିକତାର ସହ ଯୋଗଦାନ କରି ଏହି କାଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରାଧାନାଚାର୍ଯ୍ୟ ଏସ୍.ମୋହନ ରାଓ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଲିସ ଓ ଓକିଲଙ୍କ ମଧ୍ୟରେ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍



ବ୍ରହ୍ମପୁର, (ପିପିଏସ୍): ରବିବାର କୋଦଳା ଡାକବଙ୍ଗଳା ପଡିଆ ଠାରେ କୋଦଳା ବାର ଆସୋସିଏସନ ଆନୁକୂଲ୍ୟରେ କୋଦଳା ପୋଲିସ ଓ ପ୍ରିଜନ ଏବଂ ବାର ଓ ବେଞ୍ଚ ମଧ୍ୟରେ ଏକ ବନ୍ଧୁତ୍ୱପୁର୍ଣ କ୍ରିକେଟ ଟୁର୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ବାର ଓ ବେଞ୍ଚ ପକ୍ଷରୁ କୋଦଳା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ବିଶ୍ୱରଞ୍ଜନ ବେହେରା ଅଧିନାୟକ ଦାୟିତ୍ୱ ନେଇଥିବା ବେଳେ ପୋଲିସ ଓ ପ୍ରିଜନ ପକ୍ଷରୁ ଥାନା ଅଧିକାରୀ ସୁବାଷ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ସବଜେଲର ମନୋଜ କୁମାର ସୁତାର ଅଧିନାୟକ ଦାଇତ୍ୱରେ ଥିଲେ। ୧୫ ଓଭର ବିଶିଷ୍ଟ ମ୍ୟାଚର ପୁଲିସ ବାହିନୀ ଟସ୍ ୱିନ ହୋଇ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ଆଠ ୱିକେଟ ହରାଇ ୨୧୦ ରନ କରିଥିବା ବେଳେ ବାର ଓ ବେଞ୍ଚ ଅଧିନାୟକ ୨୧୧ ରନର ପିଛାକରୀ ୭ ୱିକେଟ ବିନିମୟରେ ମାତ୍ର ୧୬୭ ରନ କରିବାରେ ସକ୍ଷମ ହୋଇଥିଲେ। ଫଳରେ ପୁଲିସ ଓ ପ୍ରିଜନ ଟିମ ବିଜେତା ଘୋଷଣା ହୋଇଥିଲେ। ଉକ୍ତ ମ୍ୟାଚରେ ଗୁରୁ ପଣ୍ଡିତ ମ୍ୟାନ ଅଫ ଦା ମ୍ୟାଚ ଘୋଷିତ ହୋଇଥିବା ବେଳେ ବ୍ରେଷ୍ଟ ବେଟସମେନ ଭାବେ ଏଡିଯେ ବିଚାରପତି ବିଶ୍ୱ ରଞ୍ଜନ ବେହେରା, ବ୍ରେଷ୍ଟ ସିକ୍ସର ସାଲୁ ସାଇ ଏବଂ ବ୍ରେଷ୍ଟ ବୋଲର ବାମଦେବ ପଣ୍ଡା ଘୋଷିତ ହୋଇ ପୁରସ୍କାର ପ୍ରାପ୍ତ କରିଥିଲେ।

ସେହିପରି ପୋଲିସ ଦଳକୁ ବିଜେତା କପ୍ ଓ ରନର ବାର ଦଳଙ୍କୁ ରନର କପ ପ୍ରଦାନ କରାଯାଇଥିଲା। ମେଚ ପରିଚାଳନା ସହିତ ମୁଖ୍ୟ ଅତିଥି ଭାବେ କୋଦଳା ଯେଏମଏଫସି ବିଚାରପତି ଶୋଭନ କୁମାର ପଣ୍ଡା, ପୋଲସରା ଯେଏମଏଫସି ଅଭିନାଶ ନାଇଡୁ, ଥାନା ଅଧିକାରୀ ସୁବାଷ ଚନ୍ଦ୍ର ବେହେରା, ମେଡ଼ିକାଲ ଅଫିସର ଆଦିତ୍ୟ ପ୍ରସାଦ ସାହୁ, ବାର ସଭାପତି ପୂର୍ଣ ଚନ୍ଦ୍ର ମିଶ୍ର, ଉପ ସଭାପତି ଅବନୀ ଶଙ୍କର ମିଶ୍ର, ବରିଷ୍ଠ ଆଇନଯିବି ପ୍ରଫୁଲ କୁମାର ମିଶ୍ର, ନୀଳାଞ୍ଚଳ ପୋଲାଇ, ମାନସ ମିଶ୍ର, ଶୁଭ୍ରମଣୀ ଦାଶ, ଗୋପାଳ କୃଷ୍ଣ ସାହୁ ପ୍ରମୁଖ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ରିଫନ ସ୍ୱାଇଁ ଓ ଭଗବାନ ସ୍ୱାଇଁ ରେଫେରୀ କାର୍ଯ୍ୟ ସମ୍ପାଦନ କରିଥିଲେ। ପୁଲିସ, ବାର, ଜେଲ ଓ ବେଞ୍ଚ କର୍ମକର୍ତ୍ତା ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଥର ଏହି ମ୍ୟାଚ ଆୟୋଜନ କରି ସଫଳତାର ସହିତ ଖେଳ ପରିବେଷଣ ହୋଇଥିବାରୁ ଏମିତି ପ୍ରତ୍ୟକ ବର୍ଷ ଖେଳ ଆୟୋଜନ କରାଯିବ ବୋଲି ବିଚାରପତି, ଥାନା ଅଧିକାରୀ, ସବ ଜେଲର ଓ ବରିଷ୍ଠ ଆଇନଯିବି ମତ ପ୍ରକାଶ କରିଥିଲେ। ଏହି ବନ୍ଧୁତ୍ୱପୁର୍ଣ କ୍ରିକେଟ ଖେଳକୁ ମନଭରି ଉପଭୋଗ କରିଥିଲେ ଅଞ୍ଚଳ ଜନସାଧାରଣ।

## ପ୍ରଫେସର ଶିବବ୍ରତ ଦାସ ବିଶ୍ୱଭାରତୀ ସଂସଦର ସଦସ୍ୟ ମନୋନୀତ



କଟକ : ରେଭେନ୍‌ସା ବିଶ୍ୱବିଦ୍ୟାଳୟ ଭୂଗୋଳ ବିଭାଗର ପ୍ରଫେସର ତଥା ମୁଖ୍ୟ ଡକ୍ଟର ଶିବବ୍ରତ ଦାସ ବିଶ୍ୱଭାରତୀ ସଂସଦ (କୋର୍ଟ)ର ସଦସ୍ୟ ରୂପେ ମନୋନୀତ ହୋଇଛନ୍ତି। ବିଶ୍ୱଭାରତୀର ପରିଦର୍ଶକ (ଭିଜିଟର) ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତିନିବର୍ଷ ପାଇଁ ପ୍ରଫେସର ଦାସଙ୍କୁ ମନୋନୀତ କରିଛନ୍ତି। ପ୍ରଫେସର ଦାସଙ୍କ ରଚିତ ୪୦ଟି ଗବେଷଣାତ୍ମକ ନିବନ୍ଧ ବିଭିନ୍ନ ଜାତୀୟ ତଥା ଆନ୍ତର୍ଜାତିକ ଜର୍ଣ୍ଣାଲରେ ପ୍ରକାଶ ପାଇଛି। ତାଙ୍କ ଅଧୀନରେ ଗବେଷଣା କରି ଚାରିଜଣ ସ୍କଲାର 'ଡକ୍ଟରେଟ' ଲାଭ କରିଛନ୍ତି। ପ୍ରଫେସର ଦାସ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ଉଚ୍ଚଶିକ୍ଷା ଶାଖାର ରାଜ୍ୟ ସଭାପତି ଅଛନ୍ତି।

## ଅସାବଧାନତା ପାଇଁ ଚାଲିଗଲା ଡ୍ରାଇଭରଙ୍କ ଜୀବନ

ଚାରିଛକ,(ପିପିଏସ): ଶନିବାର ବିଳମ୍ବିତ ରାତିରେ ଏକ ହାଇୱା ଯାହା ନମ୍ବର ଓଡି-୦୫- ସିଏ- ୫୫୨୫ ମୋରମ ବୋଝେଇ କରି ନେଇ ନିକଟସ୍ଥ ବାହାରେଣା ପଞ୍ଚାୟତର ଓଡଗାଁ କେନାଲ ବନ୍ଧ ରେ ଖାଲି କରିବା ବେଳେ ହାଇୱାର ଡାଲା କେନାଲ ବନ୍ଧ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ ତାର ସ୍ପର୍ଶରେ ଆସିଥିଲା। ଯାହାଫଳରେ କି ଗାଡିର ଡ୍ରାଇଭର ବିଦ୍ୟୁତ ଆଘାତ ପାଇ ଗୁରୁତର ଆହତ ହୋଇ ପଡିଥିଲେ। ଡ୍ରାଇଭରକୁ ସ୍ଥାନୀୟ ଲୋକମାନେ ଚାରିଛକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଡ୍ରାଇଭର ଜଣକ ବାଙ୍କୀ ତୁଳସୀପୁର ଅଞ୍ଚଳର ଜୟନ୍ତ ନାୟକ (୪୭) ବୋଲି ଜଣାପଡିଛି। ଖବର ପାଇ ଚାରିଛକ ଥାନା ପୋଲିସ ଗାଡିଟିକୁ ଜବତ କରି ଥାନାରେ ଅଟକ ରଖିବା ସହିତ ଡ୍ରାଇଭରଙ୍କ ଶବକୁ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ବର୍ଗକୁ ହସ୍ତାନ୍ତର କରିଥିବା ଜଣାପଡିଛି।

## ଗୋପାଳପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବ

ରଘୁନାଥପୁର (ପିପିଏସ): ରଘୁନାଥପୁର ବ୍ଲକ ଗୋପାଳପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ସୁକାନ୍ତ କୁମାର ଦ୍ୱିବେଦୀଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୋମଳମତି ଛାତ୍ରୀଛାତ୍ରଙ୍କୁ ଶିକ୍ଷଣୀୟ ଉପଦେଶ ପ୍ରଦାନ କରିବା ସହ ଶିକ୍ଷକମାନେ ପିଲାଙ୍କ ପଥପ୍ରଦର୍ଶକ ସାଜନ୍ତୁ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ରେଭେନସା ବିଶ୍ୱ ବିଦ୍ୟାଳୟର ପୂର୍ବତନ ଡିନ ପ୍ରଫେସର ଗୌରାଙ୍ଗ ଚରଣ ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଶିକ୍ଷାର୍ଥୀଙ୍କ ମାନସିକତାକୁ ପଢି ସେମାନଙ୍କୁ ସଠିକ ଢଙ୍ଗରେ ଗଢିବା ଉଭୟ ଶିକ୍ଷକ ଓ ମାତାପିତାଙ୍କ ଗୁରୁଦାଇତ୍ୱ ବୋଲି ପ୍ରଫେସର ନନ୍ଦ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ନଳିନୀପ୍ରଭା ମୁଦୁଲି, ବରିଷ୍ଠ ସିନେ କଳାକାର ବୀରେନ ମିଶ୍ର,ଏବିଇଓ ଆଶୁତୋଷ ବାନାର୍ଜୀ, ପିନାକୀ ବିଶ୍ୱାସ,ରତନ ସିହ୍ନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଦାରନାଥ ସାହୁ ଓ ପଞ୍ଚସଖା ଶିକ୍ଷା ସେତୁ ସଭାପତି ଭାସ୍କର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଶିକ୍ଷାଭିତ୍ତିକ ଦିଗଦର୍ଶନ ଦେଇଥିଲେ। ଏହି ଅବସରରେ କ୍ରୀଡା ଓ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ୯୦ଜଣ ପ୍ରତିଯୋଗୀଙ୍କୁ ଅତିଥିଙ୍କ ପକ୍ଷରୁ ମେଡାଲ ଓ ମାନପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଜୟପ୍ରକାଶ ପଣ୍ଡା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଓ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାନ୍ତି ବାର୍ଷିକ ବିବରଣୀ ପଠନ କରିଥିଲେ। ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ପରେ ଶିକ୍ଷୟତ୍ରୀ ଦୀପ୍ତି ମଲ୍ଲିକ, ସୁଶ୍ରିସଂଗିତା ଦାସ, କବିତା ରାଉତରାୟ ଓ ପ୍ରଭାତିପ୍ରୀୟା ବିଶ୍ୱାଳଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ର, ଅଭିଭାବକ ଓ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଟ୍ରକ୍ ଧକ୍କାରେ ୫ ଜଣଙ୍କ ମୃତ୍ୟୁ ଘଟଣା

# ମୃତକଙ୍କ ପରିବାରଙ୍କୁ ଭେଟିଲେ ମନ୍ତ୍ରୀ



ବ୍ରହ୍ମପୁର, (ପିପିଏସ୍): ଗତ ଶନିବାର ବ୍ରହ୍ମପୁର ହଳଦିଆ ପଦର ଓଭର୍ ବ୍ରିଜ ରେ ଘଟିଥିଲା ମର୍ମନ୍ତୁଦ, ହୃଦୟ ବିଦାରକ ଓ ଭୟାନକ ଦୁର୍ଘଟଣା। ଦୁର୍ଘଟଣାରେ କିଏ ନିଜର ସିନ୍ଦୁରକୁ ହରାଇଛି ତ ଆଉ କିଏ ଘରର ଏକମାତ୍ର ରୋଜଗାରିଆ ପୁଅକୁ ହରାଇଛି। ଲୌହ ଦାନବ ରୂପୀ ଟ୍ରକ ଏକାସାଙ୍ଗରେ ୫ ଜଣଙ୍କୁ ଜୀବନ ନେଇଯାଇଛି। ଏଭଳି ଏକ ମର୍ମନ୍ତୁଦ ଦୁର୍ଘଟଣା ଶନିବାର ଦେଖିବାକୁ ମିଳିଥିଲା ବ୍ରହ୍ମପୁର ହଳଦିଆପଦର ଓଭରବ୍ରିଜରେ। ବ୍ରହ୍ମପୁରରୁ ଜାତୀୟ ରାଜପଥ ଦେଇ ଯାଉଥିବା ଟ୍ରକ ଅଟୋକୁ ଓଭରଟେକ୍ କରିବାକୁ ଯାଇ ତିନୋଟି ବାଇକକୁ ଚାପି ଦେଇ ଚାଲି ଯାଇଥିଲେ। ଯେଉଁଥିରେ ୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ମୃତକଙ୍କ ପରିବାର ଲୋକଙ୍କୁ ଆଜି ସାକ୍ଷାତ କରିଛନ୍ତି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ଜିଲ୍ଲାପାଳ ଭି.କୀର୍ତ୍ତୀ ଭାସନଙ୍କ ଜିଲ୍ଲାର ବହୁ ବରିଷ୍ଠ ଅଧିକାରୀ। ମୃତକଙ୍କ ପରିବାରକୁ ସାକ୍ଷାତ କରି ସମବେଦନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାର ପ୍ରତି ୪ ଲକ୍ଷ ଟଙ୍କା ଓ ରେଡ୍‌କ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ଆର୍ଥିକ ସହାୟତା ଘୋଷଣା କରିଛନ୍ତି। କିନ୍ତୁ ବର୍ତ୍ତମାନ ସ୍ଥିତିରେ ଟଙ୍କାର ଗୁରୁତ୍ୱ ନୁହେଁ ବରଂ ସବୁଦିନ କିଭଳି ଭାବେ ଏହି ୫ ପରିବାର ନିଜର ପ୍ରିୟଜନକୁ ହରାଇ କିଭଳି କିଛି ଅସୁବିଧାର ସମ୍ମୁଖୀନ ନ ହେବେ ତାହା ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହି ସମସ୍ତ ୫ ପରିବାରର ଯାହା ଆବଶ୍ୟକ ତାହାକୁ ପୂରଣ କରାଯିବ। ଦୁର୍ଘଟଣା ଭିଆଇଥିବା ସମ୍ପୃକ୍ତ ଡ୍ରାଇଭରକୁ ପୋଲିସ ଗିରଫ କରିଥିବା ବେଳେ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହ ଡ୍ରାଇଭର ଗତ କିଛି ମାସ ମଧ୍ୟରେ ଦୁର୍ଘଟଣାରେ ଦୁଇ ଜଣକୁ ମାରିଛି।

ଏଭଳି ଅମାନିଆ ଡ୍ରାଇଭରମାନଙ୍କୁ ଯେଉଁ ମାଲିକମାନେ ନିଯୁକ୍ତି ଦେଇଛନ୍ତି ସେମାନେ ସାବଧାନ ହେବାର ଆବଶ୍ୟକ ବୋଲି କହିଛନ୍ତି ପରିବହନ ମନ୍ତ୍ରୀ। ସେପଟେ ଡ଼ିଜାଇନକୁ ନେଇ ଦର୍ଘ ବର୍ଷ ହେଲା ଯେଉଁ ଦାବି ରହିଥିଲା ତାହାକୁ ଗୁରୁତ୍ୱ ଦିଆଯାଇଛି। ଆସନ୍ତା ୪୫ ଦିନ ମଧ୍ୟରେ ସର୍ଭେ ହୋଇ ଏକ ରିପୋର୍ଟ ସହ ଡ଼ିପିଆର ସରକାରଙ୍କୁ ଦିଆଯିବ। ସରକାରୀ ଅନୁମୋଦନ ମିଳିବା ପରେ ଓଭରବ୍ରିଜର ସମ୍ପ୍ରସାରଣ ସହ ଡ୍ରାଞ୍ଚାଗତ ତ୍ରୁଟିକୁ ସମାଧାନ କରାଯିବ ବୋଲି ସୂଚନା ଦେଇଛନ୍ତି ଗଞ୍ଜାମ ଜିଲ୍ଲାପାଳ। ମନ୍ତ୍ରୀ ପ୍ରଥମେ ଫୁଲଟା ଯାଇ ଗ୍ରାମର ଯୁବକ ଜଗନ୍ ନାହାକ ଓ ରାକେଶ ନାହାକଙ୍କ ପରିବାର ବର୍ଗଙ୍କୁ ଭେଟ ସମବେଦନା ଜଣାଇବା ପରେ, ଅଯୋଧ୍ୟା ନଗର ବାସିନ୍ଦା ତଥା କୋରିୟର ବୟ ଭାବେ କାର୍ଯ୍ୟରତ ସୂର୍ଯ୍ୟ ନାରାୟଣ ପଣ୍ଡାଙ୍କ ପରିବାରଙ୍କୁ ଭେଟି ଥିଲେ ସେଠାରୁ ଦକ୍ଷିଣପୁର ଗ୍ରାମର ବାସିନ୍ଦା ତଥା ପାତ୍ରପୁର ବ୍ଲକରେ ପ୍ରାଣୀଧନ ନିରୀକ୍ଷକ ଭାବେ କାର୍ଯ୍ୟ କରୁଥିବା ଶିବରାମ ଜେନା ଓ ଜରଡ଼ା ଥାନା ଅନ୍ତର୍ଗତ ଭ୍ରମରପୁର ଗ୍ରାମର ସତ୍ୟନାରାୟଣ ବେଜଙ୍କ ଘରକୁ ଯାଇ ତାଙ୍କ ପରିବାରଙ୍କୁ ଭେଟି ଦୁଃଖ ପ୍ରକାଶ କରିଛନ୍ତି। ସେପଟେ ରାଜ୍ୟ ପରିବହନ ବିଭାଗର ଏକ ଟିମ୍ ବ୍ରହ୍ମପୁର ଗସ୍ତରେ ଆସି ଜିଲା ପରିବହନ ଅଧିକାରୀଙ୍କ ସହ ଭେଟି ଆଲୋଚନା କରିବା ପରେ ଦୁର୍ଘଟଣା ସ୍ଥଳ ପରିଦର୍ଶନ କରି ଥିଲେ।

## ତିନିଟି ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ କୋରେଇ ବିଧାୟକ



ଯାଜପୁର (ପିପିଏସ): ଯାଜପୁରର କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନା ଗ୍ରାମପଞ୍ଚାୟତରେ ପୂର୍ତ୍ତ ବିଭାଗ ପକ୍ଷରୁ ତିନୋଟି ନୂତନ ପ୍ରକଳ୍ପ ନିର୍ମାଣ ପାଇଁ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି କାର୍ଯ୍ୟକ୍ରମରେ କୋରେଇ ବିଧାୟକ ଆକାଶ ଦାସ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଧାୟକ ପ୍ରଥମେ ଜହ୍ନା ଛକଠାରୁ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରା ଆସି ଜହ୍ନା ଗାଁ ମୁଣ୍ଡରେ ପ୍ରସ୍ତାବିତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ନିର୍ମାଣ ପାଇଁ ଶୁଭ ଭିତ୍ତିପ୍ରସ୍ଥର ସ୍ଥାପନ କରିଥିଲେ। ତା'ପରେ ଜହ୍ନା ଠାରୁ ଖମଣ ପର୍ଯ୍ୟନ୍ତ ପୋତି ହୋଇ ଯାଇଥିବା ଜୋହରା ନାଳର ପୁନରୁଦ୍ଧାର ଓ କୃଷକ ପାଦଚଲା ସେତୁ ନିର୍ମାଣର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାପରେ ବିଧାୟକ ଶ୍ରୀ ଦାସନାୟକ ଜହ୍ନା ମା' କଲ୍ୟାଣୀ ଦେବୀଙ୍କ ମନ୍ଦିର ଉନ୍ନତିକରଣ ପାଇଁ ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ନାଳର ପୁନରୁଦ୍ଧାର ହେଲେ ଜହ୍ନା, ଖମଣ, ବଡବିରୁହାଁ ଆଦି ଗ୍ରାମପଞ୍ଚାୟତର କୃଷିକ୍ଷେତକୁ ଜଳସେଚନ ସୁବିଧା ଉପଲବ୍ଧ ହେବା ସହିତ କୃଷକ ମାନଙ୍କର ଉନ୍ନତି ହେବ ବୋଲି ବିଧାୟକ କହିଛନ୍ତି। ଏହି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନା, ଜହ୍ନା ଗ୍ରାମପଞ୍ଚାୟତ ସରପଞ୍ଚ ସଂଯୁକ୍ତା ସାହୁ, ସମିତି ସଭ୍ୟା ହେମଲତା ପାଢୀଙ୍କ ସମେତ ଅନେକ ଦଳୀୟ କର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ମିଳିତ ଆନୁଷ୍ଠାନିକ ବନ୍ଧୁମିଳନ ସମାରୋହ



ବ୍ରହ୍ମପୁର, (ପିପିଏସ୍): ସ୍ଥାନୀୟ ଆମ୍ବପୁଆ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ମିଳିତ ଆନୁଷ୍ଠାନିକ ବନ୍ଧୁମିଳନ ସମାରୋହ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ଲେଖିକା ସାମ୍ମୁଖ୍ୟ ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ଗଞ୍ଜାମ ଜିଲ୍ଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ସଭାପତି ରାଧା ଚରଣ ନାୟକ ସଭାପତିତ୍ୱ କରିଥିଲା ବେଳେ ଗଞ୍ଜାମ ଜିଲ୍ଲା ଲେଖକ ସାମ୍ମୁଖ୍ୟ ଏବଂ ଶିଶୁ ସାହିତ୍ୟ ବିକାଶ ପରିଷଦ ସଭାପତି ହାଡ଼ିବନ୍ଧୁ ମାଳି ଏବଂ ଗଞ୍ଜାମ ଆଇନ ମହାବିଦ୍ୟାଳୟ,ପରିଚାଳନା ନିର୍ଦ୍ଦେଶକ ତଥା ଭାରପ୍ରାପ୍ତ ଅଧ୍ୟକ୍ଷ ଡ଼ ବିନାୟକ ପଟ୍ଟନାୟକ ଅତିଥି ଭାବରେ ଯୋଗଦେଇ ଉଦ୍‌ବୋଧନ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଦୀପ ପ୍ରଦାନ ପୂର୍ବକ ବିଶ୍ୱଜନଙ୍କ ମଙ୍ଗଳ କାମନା କରି ସମସ୍ତଙ୍କ ସୁସ୍ଥ ଓ ନିରାମୟ ଜୀବନ ଯାପନ ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ କଣ୍ଠଶିଳ୍ପୀ କବୟିତ୍ରୀ ଜ୍ୟୋତ୍ସ୍ନାମୟୀ ପ୍ରଧାନ ଏବଂ ମନୋରମା ଦାଶ ଜଗନ୍ନାଥ ଜଣାଣ ପରିବେଷଣ କରିଥିଲେ। ଉପସ୍ଥିତ ସଦସ୍ୟ ସଦସ୍ୟା ପରସ୍ପରକୁ ଅଭିନନ୍ଦନ ସହ ଶୁଭେଚ୍ଛା ଜଣାଇଥିଲେ। ଲାୟନ୍ସ କ୍ଲବ୍ ବ୍ରହ୍ମପୁର ଗୋଲ୍ଡ ପୂର୍ବତନ ସଭାପତି ଇ. ଡିଲେଶ୍ୱ ରେଡ୍ଡୀ , ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ଉପସଭାପତି ଡାକ୍ତର ପ୍ରାଣ ଚାନ୍ଦ ପଣ୍ଡା, ଶିକ୍ଷାବିତ ଡ. ପୁଷ୍ପାଞ୍ଜଳି ପଢାଳ, ବିରୁପାକ୍ଷ ଦାଶ, ଡ. ସନ୍ତୋଷ କୁମାର ବକ୍ସି, ଇଂ. ସୁରେଶ ଚନ୍ଦ୍ର ପ୍ରଧାନ, କେ. କିରଣ ଦୋରା, ପ୍ରମିଳା ମହଲା, କୁମୁଦିନୀ ଶ୍ରୀପଲ୍ଲବ ପ୍ରମୁଖ ଅନୁଷ୍ଠାନଗୁଡ଼ିକର କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଶ୍ରୀଜଗନ୍ନାଥଙ୍କ ପ୍ରସାଦ ସେବନ କରାଯାଇଥିଲା ଏବଂ ଇ. ଡିଲେଶ୍ୱ ରେଡ୍ଡୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବାବା ବାସୁଦେବ ମନ୍ଦିର ସମ୍ମୁଖରେ ଅଷ୍ଟମପ୍ରହର ନାମଯଜ୍ଞ

ଚାରିଛକ, (ପିପିଏସ୍) ନିକଟସ୍ଥ ତୁଳସୀପୁର ଗ୍ରାମର ମହାଜନ ସାହିରେ ପୂଜା ପାଇ ଆସୁଥିବା ବାବା ବାସୁଦେବଙ୍କ ମନ୍ଦିର ସମ୍ମୁଖରେ ପ୍ରତିବର୍ଷ ପରି ଚଳିତ ବର୍ଷ ଅଷ୍ଟମ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି। ଏହି ଅଷ୍ଟ ପ୍ରହର ପାଇଁ ଅଧିବାସ ଦିନ ନିତି ନିୟମ ଅନୁସାରେ ସଙ୍କୀର୍ତ୍ତନ କରି ଏକ ଶୋଭାଯାତ୍ରାରେ ପୁଣ୍ୟତୋୟା ପ୍ରାଚୀ ନଦୀରୁ ଶ୍ରଦ୍ଧାଳୁମାନେ କଳସରେ ପାଣି ଆଣି କୁଞ୍ଜରେ ସ୍ଥାପନ କରିବା ପରେ ଅଧିବାସ କାର୍ଯ୍ୟ ହୋଇଥିଲା। ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଅଷ୍ଟମପ୍ରହର ନାମଯଜ୍ଞରେ ପ୍ରାୟ ୧୪ଟି ସୁନାମ ଧନ୍ୟ ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ପ୍ରଦୀପ୍ତ କୁମାର ସାହୁ କାର୍ଯ୍ୟ କରିଥିବାବେଳେ ବାବା ସଚ୍ଚିଦାନନ୍ଦ ଦାସ ଓ ବଳିଆ ବାବା ପୂଜକ ଭାବେ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଗ୍ରାମର ମହିଳା ଓ ପୁରୁଷ ଶ୍ରଦ୍ଧାଳୁମାନେ ଦିନ ରାତି ଉପସ୍ଥିତ ରହି ଅଷ୍ଟମ ପ୍ରହର ନାମ ଯଜ୍ଞକୁ ଉପଭୋଗ କରିଥିଲେ। କାହିଁ କେତେ ବର୍ଷ ହେଲା ଗାଁରେ ଏହି ପରମ୍ପରା ଲାଗି ରହିଛି ବୋଲି ଗ୍ରାମ କମିଟି ସଭାପତି ଦ୍ୱିଜବର ସାହୁ ଓ ବୀରବର ସାହୁ ପ୍ରକାଶ କରିଛନ୍ତି। ଅଷ୍ଟପ୍ରହର ନାମ ଯଜ୍ଞ ପାଇଁ ଗ୍ରାମରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ତିନି ଦିନ ଧରି ମନ୍ଦିର ନିକଟରେ ଆନନ୍ଦ ବଜାର ଖୋଲା ଯାଇଥିଲା।ଶ୍ରଦ୍ଧାଳୁ ଭକ୍ତ, ଗ୍ରାମବାସୀମାନେ ଅନ୍ନ ପ୍ରସାଦ ସେବନ କରିଥିଲେ। ତୁଳସୀପୁର ଗାଁ ରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

### ଏନଏଚଏମ୍‌କୁ ସ୍ଥାୟୀ ସହ ବ୍ୟାପକ ଅନୁଦାନ ଦେବା ଓ ୪ ଶ୍ରମକୋଡ ବାତିଲ ଦାବି

## ଆଶାକର୍ମୀ ସଂଘ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ଦାବିପତ୍ର

ରଘୁନାଥପୁର (ପିପିଏସ): ସ୍ୱାସ୍ଥ୍ୟ ବିଭାଗ ନିୟନ୍ତ୍ରଣରେ କାର୍ଯ୍ୟ କରୁଥିବା ଏନଏଚଏମ(ଜାତୀୟ ସ୍ୱାସ୍ଥ୍ୟ ମିଶନ)କୁ ସ୍ଥାୟୀ କରାଯାଇ ବ୍ୟାପକ ଅନୁଦାନ ପ୍ରଦାନ କରିବା, ଶ୍ରମିକ ବିରୋଧୀ ୪ ଶ୍ରମକୋଡକୁ ବାତିଲ ଏବଂ ଅନ୍ୟାନ୍ୟ ୫ ଗୋଟି ଅଭିଯୋଗ ସମ୍ବଳିତ ଦାବିପତ୍ର ଓଡିଶା ଆଶାକର୍ମୀ ସଂଘ ଜଗତସିଂହପୁର ଜିଲ୍ଲା କମିଟି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ପ୍ରଦାନ କରାଯାଇଛି। ବ୍ଲକ ଆଶାକର୍ମୀ କମିଟିର ସଭାପତି ବିଳାସିନୀ ମହାରଣା ଓ ସମ୍ପାଦିକା ଅନୁପ୍ରିୟା ଶତପଥୀଙ୍କ ନେତୃତ୍ୱରେ ସଙ୍ଘର ସଦସ୍ୟାମାନେ ରଘୁନାଥପୁର ଗୋଷ୍ଠିସ୍ୱାସ୍ଥ୍ୟକେନ୍ଦ୍ରର ପହଞ୍ଚି ସୁପରିଟେନଡେଣ୍ଟ ଡ଼ା ସୁକାନ୍ତ କୁମାର ଦଳାଇଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।ଏଥିରେ ରାଜ୍ୟ ସିଆଇଟିୟୁ ଆଶାକର୍ମୀ ସଂଘ ସଭାପତି ଲୋଭାକାନ୍ତ ସ୍ୱାଇଁ ଓ ଜିଲ୍ଲା କମିଟି ସଭାପତି ସୁଲୋଚନା ପରିଡା ପ୍ରମୁଖ ସାମିଲ ଥିଲେ।ରାଜ୍ୟ ସଭାପତି ସ୍ୱାଇଁଙ୍କ କହିବା ଅନୁଯାୟୀ ଆସନ୍ତା ଏପ୍ରିଲ ମାସରୁ ୪ ଶ୍ରମକୋଡ ପ୍ରଚଳିତ ହେଲେ ଆଶାକର୍ମୀମାନଙ୍କ ଜୀବିକା ଉପରେ ପ୍ରଭାବ ପଡିବା ସୁନିଶ୍ଚିତ।ବିଗତ ୧୯ ବର୍ଷ ଧରି ସର୍ବନିମ୍ନ ମଜୁରୀ ନପାଇ ଦମକଳ ବାହୀନି ଭଳି ଆଶାକର୍ମୀମାନେ ସୀମିତ ପ୍ରୋତ୍ସାହନ ରାଶିରେ ଖଟୁଛନ୍ତି।ଏଣୁ ଆଶାକର୍ମୀଙ୍କୁ ମାସିକ ୨୬ ହଜାର ଟଙ୍କା ପ୍ରଦାନ,ମୃତ୍ୟୁ ଓ ଅବସରକାଳୀନ ସହାୟତା ୧୦ ଲକ୍ଷ ଟଙ୍କା ପ୍ରଦାନ, ସେମାନଙ୍କ ଇପିଏଫ ଓ ଇଏସଆଇ ଲାଗୁ ଏବଂ ପ୍ରତିବର୍ଷ ସେମାନଙ୍କୁ କଣ୍ଟିଜେନ୍ସି ବାବଦରେ ୧୦ ହଜାର ଟଙ୍କା ଦେବାପାଇଁ ସଭାପତି ସ୍ୱାଇଁ ଅନୁରୋଧ କରିଥିଲେ।ଏଥିରେ ବ୍ଲକ ସଂଘ ସହ ସଂପାଦିକା ସାଗରିକା ମହାରଣା, ଝିଲୀ ସାହୁ, ବିନତୀ ଭୋଇ, ବିଷ୍ଣୁପ୍ରିୟା ରାଉତ, ଦମୟନ୍ତୀ ପଟ୍ଟନାୟକ, ବୀଣାପାଣି ଦଲାଇଙ୍କ ସହ ୩୦ରୁ ଉର୍ଦ୍ଧ୍ୱ ଆଶାକର୍ମୀ ସାମିଲ ହୋଇଥିଲେ।

### ଶୀତ ମହୋତ୍ସବରେ ସଙ୍ଗୀତ ଏକାଡେମୀ ସମ୍ମାନ ପ୍ରାପ୍ତଙ୍କୁ ଅଣଦେଖା

# ସଂସ୍କୃତି ପ୍ରତିଭାଙ୍କୁ ଭୁଲିଲେ ମନ୍ତ୍ରୀ, ଜିଲ୍ଲାପାଳ ଓ ବିଡିଓ



ଧାମନଗର (ପିପିଏସ): ସହିଦ ସ୍ମୃତି ଷ୍ଟାଡିୟମ ଅସୁରାଳି ପଡ଼ିଆରେ ଗତ ଜାନୁଆରୀ ୨୮ ତାରିଖ ବୁଧବାର ଠାରୁ ଆରମ୍ଭ ହୋଇଥିବା ଧାମନଗର ଶୀତ ମହୋତ୍ସବ ଫେବୃଆରୀ ୧ ତାରିଖ ରବିବାର ସନ୍ଧ୍ୟାରେ ଉଦଯାପନ ହୋଇଛି।ଧାମନଗରର ଗୌରବମୟ ଐତିହ୍ୟ, ପରମ୍ପରା, କଳା, ଶିକ୍ଷା, ସଂସ୍କୃତି ଓ ଜୀବନଧାରାକୁ ଉଜ୍ଜୀବିତ କରିବା ଲକ୍ଷ୍ୟ ନେଇ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ପ୍ରାୟୋଜିତ ଏହି ସରକାରୀ କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗରେ ପାରଦର୍ଶିତା ଲାଭ କରିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରଯାଇଛି। ଏଥି ସହିତ ପ୍ରତି ସନ୍ଧ୍ୟାକୁ ଧାମନଗର ଅଞ୍ଚଳର ବିଭିନ୍ନ ବରପୁତ୍ର ମାନଙ୍କ ନାମରେ ନାମିତ କରାଯାଇ ଏକ ମହାନ ପରମ୍ପରା ସୃଷ୍ଟି କରାଯାଇ ଥିଲା। ମହୋତ୍ସବ ସହ ପଲ୍ଲୀଶ୍ରୀ ମେଳାରେ ଓଡ଼ିଶାର କାରିଗରି ଶିଳ୍ପ ସହିତ ବିଭିନ୍ନ ସାଂସ୍କୃତିକ ନୃତ୍ୟ ଓ ଭକ୍ତି ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମକୁ ମନୋମୁଗ୍ଧକର କରିଥିଲା। ପ୍ରତିଦିନ ଏହି ଉତ୍ସବ ଓ ମେଳାକୁ ସ୍ଥାନୀୟ ଅଞ୍ଚଳର ଲୋକମାନେ ବୁଲିବାକୁ ଆସିଥିଲେ। ମାତ୍ର ଏହି ଉତ୍ସବ ଓ ମେଳାରେ ବହୁ ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୋଇଥିଲା। ବ୍ଲକ ଅଞ୍ଚଳର ଚଣ୍ଡୀଗଡ଼ ସଙ୍ଗୀତ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ପ୍ରାପ୍ତ ତଥା ୨୦୧୪ ମସିହାରେ ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ ପ୍ରାପ୍ତ ଗରୁଶ୍ରୀ ସୁବାସ ମଲ୍ଲିକଙ୍କୁ ଏହି କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରାଯାଇ ନଥିଲା। ଶ୍ରୀ ମଲ୍ଲିକ ୨୦୧୧ ମସିହାରୁ ୨୦୧୯ ମସିହା ପର୍ଯ୍ୟନ୍ତ ଭଦ୍ରକର ପ୍ରାକ୍ତନ ଜିଲ୍ଲାପାଳ ଲକ୍ଷ୍ମୀ ନାରାୟଣ ମିଶ୍ର, ଅକ୍ଷୟ ପାଣି, ତ୍ରିଲୋଚନ ମାଝୀ ଓ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସମୟରେ ଜିଲ୍ଲା ଲୋକକଳା ସଂସ୍କୃତି ସଂଘର ଉପସଭାପତି ଦାୟିତ୍ୱ ତୁଲାଇଥିଲେ। ଏଥିସହ ୨୦୨୪ ରୁ ଆଜିପର୍ଯ୍ୟନ୍ତ ଧାମନଗର ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ଅଛନ୍ତି। ସେ ୨୦୨୩ ମସିହାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦୀକ୍ଷାନ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଅବଲୁପ୍ତ ପ୍ରାୟ ଲୋକକଳା ଯୋଡ଼ି ନାଗରା ଓ ମହୁରୀ ବାଦ୍ୟର ନୂତନ ଶିଷ୍ୟ ସୃଷ୍ଟି କରି ନିଜ ଦାୟିତ୍ୱ ସୁଚାରୁ ରୂପେ ତୁଲାଇ ଆସୁଛନ୍ତି। ଏଥି ସହିତ ଓଡ଼ିଶା ସଂସ୍କୃତି ବିଭାଗ ନିର୍ଦ୍ଦେଶରେ ଏହା ଅଧିନରେ ପରିଚାଳିତ ବିଭିନ୍ନ ସଙ୍ଗୀତ ମହାବିଦ୍ୟାଳୟର ପରୀକ୍ଷକ ଭାବେ ମଧ୍ୟ କାର୍ଯ୍ୟରତ। ଅବଲୁପ୍ତ ପ୍ରାୟ ଲୋକକଳା ମୋଗଲ ତାମସାକୁ ଉଜ୍ଜୀବିତ ରଖିବା ସହ ଏହାର ନିର୍ଦ୍ଦେଶକ ଭାବେ ବିଭିନ୍ନ ସ୍ଥାନରେ ପରିବେଷଣ ପାଇଁ ସମ୍ମାନୀତ ଓ ସମ୍ବର୍ଦ୍ଧିତ। ତାଙ୍କ ପ୍ରଚେଷ୍ଟାରେ ୨୦୧୯ ମସିହାରେ ଧାମନଗର ବ୍ଲକ ଅନ୍ତର୍ଗତ ରାଧାବଲ୍ଲଭପୁର ପଞ୍ଚାୟତର ବନ୍ଧଟିଆ ଗ୍ରାମକୁ ତତ୍କାଳୀନ ରାଜ୍ୟ ସରକାରଙ୍କ ପକ୍ଷରୁ ଲୋକକଳା ଗ୍ରାମ ଭାବେ ଘୋଷଣା କରାଯାଇ ଥିଲା। ଏଭଳି ଜଣେ ଉଦୀୟମାନ କଳାକାର ଓ ଲୋକକଳା ସଂସ୍କୃତି ଗବେଷକଙ୍କୁ ଭଦ୍ରକ ଜିଲ୍ଲା ଓ ଧାମନଗର ବ୍ଲକ ପ୍ରଶାସନର ଅଣଦେଖାକୁ ବିଭିନ୍ନ ମହଲରୁ ନିନ୍ଦା କରଯାଇଛି।

# ଝାଡ଼ାବାନ୍ତିରେ ଜଣେ ଛାତ୍ରୀ ମୃତ, ୪୦ ଆକ୍ରାନ୍ତ



ରାୟଗଡା/ବିଷମକଟକ(ପିପିଏସ୍) : ରାୟଗଡ ଜିଲ୍ଲା ବିଷମକଟକ ବ୍ଲକ ଚାଟିକଣା ପଞ୍ଚାୟତ ବାରିଗୁଡା ଗ୍ରାମରେ ଥିବା ନଳିନୀ ବିଦ୍ୟାମନ୍ଦିରରେ ପାଠ ପଢୁଥିବା ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀ ଝାଡାବାନ୍ତିରେ ମୃତ୍ୟୁବରଣ କରିଥିବା ବେଳେ ୪୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆକ୍ରାନ୍ତ ହୋଇଛନ୍ତି । ଆକ୍ରାନ୍ତ ଛାତ୍ରଛାତ୍ରୀଙ୍କୁ ଚିକିତ୍ସା ପାଇଁ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ମୃତ ଛାତ୍ରୀ ଜଣକ ହେଲେ ଲଗ୍ନା ଉର୍ଲାକା (୧୦) । ଶନିବାର ବିଦ୍ୟାଳୟରେ ଝାଡାବାନ୍ତି ବ୍ୟାପିଥିବା ବେଳେ ରବିବର ସକାଳେ ଛାତ୍ରୀ ଜଣଙ୍କ ମୃତ୍ୟୁବରଣ କରିଛନ୍ତି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆକ୍ରାନ୍ତ ଛାତ୍ରଛାତ୍ରୀ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି । ତେବେ କେଉଁ କାରଣରୁ ଛାତ୍ରଛାତ୍ରୀମାନେ ଝାଡାବାନ୍ତିରେ ଆକ୍ରାନ୍ତ ହେଲେ ତାହା ସ୍ପଷ୍ଟ ହୋଇନି । ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ କୌଣସି ସ୍ପଷ୍ଟ ସୂଚନା ହସ୍ତଗତ ହୋଇପାରିନାହିଁ । ତେବେ ମିଳିଥିବା ସୂଚନା ଅନୁସାରେ ଶନିବାର ରାତ୍ରି ଭୋଜନ ପରେ ହଠାତ୍ ଜଣକ ପରେ ଜଣେ ବାନ୍ତି କରିଥିଲେ । ପରେ କିଛି ଜଣଙ୍କୁ ଝାଡ଼ା ହୋଇଥିଲା । ବିଳମ୍ବିତ ରାତିରେ ଏତେ ସଂଖ୍ୟାରେ ଛାତ୍ରଛାତ୍ରୀଙ୍କୁ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି । ମୃତ ଲଗ୍ନା ଅଧିକ ଅସୁସ୍ଥ ହେବା ପରେ ପରିବାରବର୍ଗ ତାଙ୍କୁ ନିଜ ଗ୍ରାମକୁ ନେଇଥିବା ବେଳେ ସେଠାରେ ମୃତ୍ୟୁ ହୋଇଥିଲା । ଦୁଇ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି । ଅପରପକ୍ଷରେ ତହସିଲଦାର କେ. ଭେଙ୍କଟେଶ୍ୱର ରେଡୀ ବିଦ୍ୟାଳୟ ଯାଇ ଘଟଣାର ଅନୁଧ୍ୟାନ କରିଛନ୍ତି । ଏଣେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ମଧ ଯାଞ୍ଚ କରିବା ସହିତ ରାତ୍ରି ଖାଦ୍ୟ ନମୁନା ସଂଗ୍ରହ କରିଛନ୍ତି ।

# ଦେଶୀମଦ ଜବତ, ଜଣେ ଗିରଫ

ଜୟପୁର: ଦେଶୀମଦ ଚଲାଣ ବେଳେ ଜୟପୁର ଅବକାରୀ ଥାନା ଚଢାଉ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଧାଙ୍ଗିଡି ସାହି ରରବି ନାୟକ । ସୂଚନା ଅନୁଯାଇ ଦେଶୀମଦ ଚାଲାଣ ସୁଚନା ପାଇ ଜୟପୁର ଅବକାରି ଥାନା ଧାଙ୍ଗିଡିସାହି ରେ ଚଢାଉ କରି ୧୧ ଲିଟର ଦେଶି ମଦ ଜବତ କରଛି । ଗିରଫ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୁଚନା ଦେଇଛନ୍ତି ।

## ମଣ୍ଡିରେ କଟ୍‌ନୀ ଛଟ୍‌ନୀ ନେଇ ଅସନ୍ତୋଷ

ନୂଆପଡ଼ା: ନୂଆପଡ଼ା ଜିଲ୍ଲାର ପ୍ରାୟ ସମସ୍ତ ମଣ୍ଡିରେ ଅବ୍ୟବସ୍ଥା ଦେଖାଯାଇଛି । ମଣ୍ଡିରେ ମିଲର୍ସ ରାଜ ଚାଲିଥିବା ବେଳେ ସାଧାରଣ ଚାଷୀ ତଳିତଳାନ୍ତ ହେଉଛନ୍ତି । ମିଲର୍ସ ଏବଂ ସରକାରୀ କଳର ମଧୁଚନ୍ଦ୍ରିକା କାରଣରୁ ସେମାନେ ମାଲେମାଲ ହେଉଥିବା ବେଳେ ଚାଷୀ ଉପଯୁକ୍ତ ମୂଲ୍ୟ ପାଇବାରୁ ବଂଚିତ ହେଉଛନ୍ତି । ତଥାପି ପ୍ରଶାସନିକ କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଜିଲ୍ଲାର ବିଭିନ୍ନ ମଣ୍ଡି ସହ ଖଡିଆଳ, ତୁକଲା, ଡୁଆଝର, ବରଗାଁ, ସାନମହେଶ୍ୱର, ଭୂଲିଆସିକୁଆଁ ସହ ଅନ୍ୟାନ୍ୟ ମଣ୍ଡି ମାନଙ୍କରେ ବ୍ୟାପକ ମାତ୍ରାରେ କଟନିଛଟନୀ ହେଉଅଛି । ଚାଷୀଙ୍କ ପ୍ରତି କ୍ୱିଣ୍ଟାଲ ପିଛା ୩ ରୁ ୬ କେ.ଜି. ପର୍ଯ୍ୟନ୍ତ କଟନିଛଟନୀ ହେଉଅଛି । ଏଥିରେ ଚାଷୀ ପ୍ରତିବାଦ କଲେ ତା'ର ଧାନକୁ ଉଠାଯାଉନାହିଁ । ଯାହାଫଳରେ ଚାଷୀ ଅନ୍ୟଉପାୟ ନପାଇ ବାଧ ହୋଇ ନିରବଦ୍ରଷ୍ଟା ସାଜି ଧାନ ବିକ୍ରୟ କରୁଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀ ମହଲରେ ଦାବି ହେଉଛି ।

# ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବ ତୃତୀୟ ଦିବସ
# ଚାଷୀଙ୍କ ଅର୍ଥନୈତିକ ବିକାଶ ନିମନ୍ତେ ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରିବାକୁ ଆହ୍ୱାନ






ଦେବଗଡ(ପିପିଏସ୍) : ଜିଲ୍ଲା କୃଷି ବିଭାଗ ପକ୍ଷରୁ ସ୍ଥାନୀୟ ପ୍ରଧାନପାଟ ବଡ଼ବଗିଚା ଠାରେ ପାଞ୍ଚଦିନିଆ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବ ତୃତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରାଜେନ୍ଦ୍ର କୁମାର ମିଞ୍ଜ , ବରେଣ୍ୟ ଅତିଥି ଭାବେ ପ୍ରକଳ୍ପ ନିର୍ଦ୍ଦେଶକ ଜଳଛାୟା ଦେବାଶିଷ ଯୋଗଦେବ,ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ କୁମାର ପାତ୍ର,ଓଡ଼ିଶା କୃଷି ଶିଳ୍ପନିଗମ ଅଧିକାରୀ ଦିବ୍ୟଲୋଚନ୍ ସାହୁ ଓ ଏଜିଏମ୍ ନାବାଡ ଧୀରେନ୍ଦ୍ର ଦାସ ଯୋଗଦେଇ ଚାଷୀ ମାନଙ୍କ ଆୟ ଦୁଇ ଗୁଣିତ କରିବା ନିମନ୍ତେ କୃଷି ଯନ୍ତ୍ରପାତି ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ । ଚାଷୀଙ୍କ ଅର୍ଥନୈତିକ ବିକାଶ ନିମନ୍ତେ କୃଷି ଯନ୍ତ୍ରପାତି ବହୁଳ ବ୍ୟବହାର ଏବଂ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ବିଭାଜିକା କ୍ଷେତ୍ରରେ ବାରକୋଟ ବ୍ଲକ ର ନାଳବନ୍ଧ ଗ୍ରାମର ଲକ୍ଷ୍ମୀ ବେହେରା ,ରିଆମାଳ ବ୍ଲକର ଲକ୍ଷ୍ମୀପୁର ଗ୍ରାମର ଶ୍ରୀକାନ୍ତ ପ୍ରଧାନ ,ତିଲେଇବଣି ବ୍ଲକ୍ ର ସୁବର୍ଣପାଲି ଗ୍ରାମର ବଳଭଦ୍ର ସାହୁ , ମହେନ୍ଦ୍ରା ଟ୍ରାକ୍ଟର କିଣାରେ ରିଆମାଳ ବ୍ଲକ ତାବଡା ପଞ୍ଚାୟତ ର ତରଣିସେନ ବେହେରା,ସରାଜ ଟ୍ରାକ୍ଟର କିଣାରେ ରିଆମାଳ ବ୍ଲକ କଣ୍ଡାବାହାଲ ଗ୍ରାମପଞ୍ଚାୟତ ର ସୁଶାନ୍ତ ବେହେରା ଙ୍କୁ ମୁଖ୍ୟ ଅତିଥି ଓ ବରେଣ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା । ପ୍ରଦର୍ଶନୀ ମେଳା ରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, ଉଦ୍ୟାନ ବିଭାଗ, କୃଷି ଯନ୍ତ୍ରପାତି ବିଭାଗ ଓ ଜିଲ୍ଲା ଶିଳ୍ପ କେନ୍ଦ୍ରର ମୋଟ ୫୦ ଟି ଷ୍ଟଲ ଖୋଲାଯାଇଛି । ଜିଲ୍ଲା କୃଷି ଅଧିକାରୀ ଶ୍ରୀ ପାତ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ସଭାକୁ ସଂଯୋଜନା କରିଥିଲେ ସୁମନ ମହାକୁଳ,ପ୍ରିତମ ବେହେରା ଓ ସୋନାଲି ପଣ୍ଡା ।

# ମେଟାଗୁଡ଼ା ଗ୍ରାମରେ ପୁଲିସ ଜନସମ୍ପର୍କ ଶିବିର

ମାଲକାନଗିରି: ମାଲକାନଗିରି ଜିଲ୍ଲା ପୋଲିସ ପକ୍ଷରୁ ଏମ୍‌ଭି-୭୯ ଥାନା ଅନ୍ତର୍ଗତ ମେଟାଗୁଡା ଗ୍ରାମରେ ପୋଲିସ ଜନ ସମ୍ପର୍କ ଶିବିର ସଫଳତାର ସହିତ ଆଜି ଆୟୋଜିତ ହୋଇଛି । ଏହି ଅବସରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏମ୍‌ଭି-୭୯ ଥାନାର ସମସ୍ତ ଷ୍ଟାଫ ଏବଂ ସବ୍-ଇନ୍ସପେକ୍ଟର ଚନ୍ଦନ ବେହେରା, ଗିରିଶ କୁମାର ସାରକା, ତାଣ୍ଡାବାଇ ସରପଂଚ ସତ୍ୟ ମାଡକାମି, ବିଶ୍ୱନାଥ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ । ଶିବିର ଅବସରରେ ଆୟୋଜିତ ବିଭିନ୍ନ କ୍ରୀଡା ପ୍ରତିଯୋଗିତା, ଆଦିବାସୀ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମର ବିଜେତାମାନଙ୍କୁ ପୁରସ୍କାର ସହିତ ସଙ୍ଗୀତ ଉପକରଣ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଆଦିବାସୀ ସଂସ୍କୃତି ଓ ପରମ୍ପରାର ଅନୁପମ ଝଲକ ଦେଖିବାକୁ ମିଳିଥିଲା । ଏହା ସହ ଏକ ମାଗଣା ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା । ସାଧାରଣ ଲୋକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ମାଗଣାରେ ପ୍ରଦାନ କରାଯାଇଥିଲା । ଏହି ପୋଲିସ-ଜନ ସମ୍ପର୍କ ଶିବିରର ମୂଳ ଉଦ୍ଦେଶ୍ୟ ଥିଲା ଯୁବପିଢ଼ିଙ୍କୁ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତି ଆକୃଷ୍ଟ କରିବା ସହ ପୋଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସମନ୍ୱୟ, ବିଶ୍ୱାସ ଓ ସହଯୋଗକୁ ଆହୁରି ସୁଦୃଢ଼ କରିବା ।

# ହିନ୍ଦୁ ସମାଜର ବନ୍ଧୁମିଳନ

ଜୟପୁର: ହିନ୍ଦୁ ସମାଜ ଜୟପୁରର ସନାତନୀ ବନ୍ଧୁ ମିଳନ ସ୍ଥାନୀୟ ହତିଶାଳ କପିଳେଶ୍ୱର ମନ୍ଦିର ପରିସରରେ ଆୟଜିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ରୂପେ ଜୟପୁର ତହସିଲଦାର ସାବ୍ୟସାଚି ଜେନା, ସତିଶ ନନ୍ଦ, ବାବୁ ଭାଇ ବଜରଙ୍ଗି, ନିରଞ୍ଜନ ପାଣିଗ୍ରାହୀ ଗାୟତ୍ରୀ ପରିବାର ପ୍ରମୁଖ ମଂଚାସିନ ଥିଲେ ସୁନିତା ଜେନା ମଂଚ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଇତିହାସକୁ ପଢିବା, କିଛି ଶିଖିବା ଏବଂ ପୂର୍ବ ପୁରଷ ମାନଙ୍କର ତ୍ୟାଗ ଯୋଗୁଁ ଆମେ ସନାତନି ହୋଇ ରହିଅଛେ ନିଜ ବକ୍ତବ୍ୟରେ କହିଥିଲେ ଏହି କାର ?ୟ୍ୟକ୍ରମରେ ଅତିଥି ରୂପେ ବାବୁ ଭାଇ ବଜରଙ୍ଗି କହିଲେ ବଟେଙ୍ଗେ ତ କଟେଙ୍ଗେ ଜାତି ଭେଦ ଛାଡ ନିତ୍ୟ ସମସ୍ତେ ମିଶିବାକୁ ପ୍ରୟାସ କରିବା ଉକ୍ତି ଇତ୍ୟାଦି ସହ ଶ୍ରୀରାମଙ୍କ ନାରା ଦେଇଥିଲେ ଓ ନିରଞ୍ଜନ ପାଣିଗ୍ରାହୀ ନିଜ ବକ୍ତବ୍ୟରେ ସନାତନ ଧର୍ମର ଚାରଟି ସ୍ତମ୍ଭ ଗୋ, ଗଙ୍ଗା, ଗୀତ, ଗାୟତ୍ରୀ ବିଭିନ୍ନ ସନାତନି ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଜୟପୁରର ସିଓ୍ୱା ଗ୍ରୁପ, ବାରିଗିଡା ଚନ୍ଦ୍ର ଶେଖର ରାଓ, ମହକାଳ ଗୋ ସେବକ ସେନା, ବାଲାଜୀ ସେନା, ଅଂଶୁମାନ ପାଢି ମାରବାଡ଼ି ଯୁବ ମଂଚ, ରୋହନ କୁମାର ନାୟକ ସଟର ସ୍ନେକଙ୍କୁ ରଜନୀ ନାୟକ ସମ୍ମାନ, କୃଷ୍ଣ କେଶବ ଷଡ଼ଙ୍ଗୀ ଓ୍ୱାଇଲ୍ଡ ଲାଇଫ ରେସ୍କୁ, ଗାୟତ୍ରୀ ପରିବାର, ପୌର ସଫେଇ କର୍ମଚାରି ସାଇ କୁମାର, ଲୋକି ମହାପାତ୍ର, ସୋନ୍ତଶ ଫୋଟ ଗ୍ରାଫୋ, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ମେମ୍ବର ଏବଂ ଅନ୍ୟାନ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସମସ୍ତ ଜୟପୁରର ହିନ୍ଦୁ ସମାଜ ରାଷ୍ଟ୍ରୀୟ ଏକତା ଏବଂ ସମତା ପ୍ରତି ନିଷ୍ଠାବାନ ରହିବୁ, ନବସୃଜନର ଗତିବିଧିରେ ବିଶେଷ ରୁଚି ରଖିବୁ ,ସାସ୍ଥ୍ୟ, ଶିକ୍ଷା, ସାବଲମ୍ବନ, ପର୍ଯ୍ୟାବରଣ, ବୃକ୍ଷରୋପଣ, ନାରୀ ଜାଗରଣ ସନାତନ ଧର୍ମକୁ ରକ୍ଷା କରିବାକୁ ଶପଥ ନେଇଥିଲେ ।

# ଅବସର ଦିନ ପେନ୍‌ସନ୍ ଦେଲେ ଜିଲ୍ଲା ଶିକ୍ଷାଧିକାରୀ

ମାଲକାନଗିରି, (ହି.ସ.)- ଚାକିରି ଜୀବନ ଶେଷ ହେବା ପରେ ପେନସନ ପାଇଁ କର୍ମଚାରୀ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ଖବର ଶୁଣିଛୁ । ହେଲେ ଦୀର୍ଘ ୨୭ ବର୍ଷ ଶିକ୍ଷକତା କରି ଅବସର ଗ୍ରହଣ ଦିନ ସେବା ନିବୃତି ପେନ୍‌ସନ ବ୍ୟବସ୍ଥା ଯୋଗାଇ ଦେଇ ପୁଣି ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଜିଲ୍ଲାରେ ପ୍ରଶଂସିତ ହୋଇଛନ୍ତି । ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଅନ୍ତର୍ଗତ ସାରଦାପୁଟ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ ଶିକ୍ଷକ କାମଦେବ ସାହୁ । ତାଙ୍କୁ ଅବସର ଦିନ ଶେଷ ପେନ୍‌ସନ୍ ବ୍ୟବସ୍ଥା ଯୋଗାଇ ଦିଆଯିବା ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ ସମସ୍ତ କର୍ମଚାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟାଳୟର ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି ଦେଇଥିଲେ । ଆଜି ଗୋଷ୍ଠି ଶିକ୍ଷା ଅଧିକାରୀ ଶ୍ରୀ ବିଶ୍ୱାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ବୈଠକରେ ଜିଲ୍ଲା ଶିକ୍ଷାଧିକାରୀ ଚିତ ରଞ୍ଜନ ପାଣିଗ୍ରାହୀ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ସାହୁଙ୍କୁ ଉପଢୌକନ, ଶେଷ ପେନସନ କାଗଜ, ମାନପତ୍ର ଆଦି ପ୍ରଦାନ କରିଥିଲେ । ନିଷ୍ଠାପର ଭାବେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ଉଦ୍ୟମ ଓ ବିଇଓ ଶ୍ରୀ ବିଶ୍ୱାସଙ୍କୁ ପ୍ରଶଂସା କରିଥିଲେ । ଶିକ୍ଷକ ସଂଘ ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସମେତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ମଧ ସାଧୁବାଦ୍ ଜଣା ଯାଇଥିଲା । ଅନ୍ୟ ମାନଙ୍କ ମଧରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ବରିଷ୍ଠ ଶିକ୍ଷକ ଆର ରମଣ ରାଓ, ଭାରପ୍ରାପ୍ତ ବିଆରପି ରତ୍ନାକର ପାଳ, ସୁନିଲ କୁମାର ଦାସ, କାର୍ଯ୍ୟାଳୟ କନିଷ୍ଠ ସହକାରୀ ବିଷ୍ଣୁ ସାହୁକାରୀ, ମହେଶ୍ୱର କଂସାରୀ, ବିଭୂତି ସାନା, ମନୋହର ମିସ୍ତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ବେଆଇନ ଗୋରୁ ଚାଲାଣକୁ ନେଇ ଅସନ୍ତୋଷ

ନୂଆପଡ଼ା: ବେଆଇନ ଗୋରୁ ଚାଲଣକୁ ନେଇ ଲୋକଙ୍କ ମନରେ ଅସନ୍ତୋଷ ଦେଖାଦେଇଛି । ସପ୍ତାହର ପ୍ରତି ବୁଧବାର ଦିନ ଖଡିଆଳ ଭବାନୀପାଟଣା ରାସ୍ତାରେ ହଜାର ହଜାର ଗାଇ ଗୋରୁଙ୍କୁ ବେଆଇନ ଭାବରେ ଚାଲାଣ କରାଯାଉଥିବା ଅନୁମାନ କରାଯାଉଛି । ଖବର ମତେ ବଲାଙ୍ଗିର ଜିଲ୍ଲା କଂଟାବାଞ୍ଜି ହାଟରୁ ଏହି ଗାଇଗୋରୁଙ୍କୁ କ୍ରୟ କରି କଳାହାଣ୍ଡି ଜିଲ୍ଲାର ଧର୍ମଗଡ ନିଆଯାଏ ଓ ସେଠାରୁ ବାହାର ରାଜ୍ୟକୁ ପଠାଯାଏ । ମାଂସ ରପ୍ତାନୀ ପାଇଁ ଏସବୁ ନିଆଯାଉଥିବା ଲୋକେ ସନ୍ଦେହ କରୁଛନ୍ତି । କଂଟାବାଂଜି ଠାରୁ ଧର୍ମଗଡ ଦୂରତା ୧୦୦ କିଲୋମିଟରୁ ଅଧିକ ଥିବାବେଳେ ଗର୍ଭବତୀ ଗାଇ ସହ ଛୋଟଛୋଟ ବାଛୁରୀକୁ ମଧ ନିଆଯାଏ । କଷ୍ଟ ସହ୍ୟ କରିନପାରି ଅନେକ ଗାଈ ଓ ବାଛୁରୀ ବାଟରେ ମୃତ୍ୟୁବରଣ କରୁଥିବା ବେଳେ ଚାଲାଣକାରୀ ମାନେ ମୃତଗାଈଙ୍କୁ ଛାଡି ଚାଲିଯାଇଥାନ୍ତି । ମୃତ ଶରୀରରୁ ଦୁର୍ଗନ୍ଧ ଆଖପାଖ ଗ୍ରାମରେ ଖେଳିଯାଇଥାଏ । ଫଳରେ ଲୋକେ ଅସହ୍ୟ ବୋଧ କରିଥାନ୍ତି । ୧୦ ରୁ ଅଧିକ ଠିକାଦାର ଏହି କାର୍ଯ୍ୟରେ ସଂଶ୍ଲିଷ୍ଟ ଥିବାବେଳେ ସ୍ଥାନୀୟ ଲୋକଙ୍କୁ କମ ମଜୁରୀରେ ଏହି କାମ ପାଇଁ ନିଯୋଜିତ କରିଥାନ୍ତି । ହିନ୍ଦୁ ଧର୍ମରେ ଗାଇକୁ ମା ବୋଲି ମାନ୍ୟତା ଦିଆଯିବା ସହିତ ପୂଜାର୍ଚ୍ଚନା କରାଯାଇଥାଏ । କିନ୍ତୁ ଏପରି ବେଆଇନ ଭାବରେ ଚାଲାଣ କରାଯାଉଥିବାରୁ ଭବିଷ୍ୟତରେ ଅଶାନ୍ତି ସୃଷ୍ଟି ହୋଇପାରେ । ପ୍ରଶାସନ ଏ ଦିଗରେ ଯତ୍ନବାନ ହେବାକୁ ଚେଷ୍ଟା କରିବା ଉଚିତ ।

# ଖାଉଟି ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର, (ହି.ସ.)- କେନ୍ଦୁଝର ଜିଲ୍ଲାର ବୈଧ ମାପ ଓଜନ ବିଜ୍ଞାନ ବିଭାଗର ପ୍ରୋତ୍ସାହନରେ ଓ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଦାଶା ଆୟୋଜନରେ ସଦର ବ୍ଲକ ଅନ୍ତରଗତ ନରଣପୁର ଉଚ୍ଚ ବିଦ୍ୟାଳୟ ଠାରେ ଏକ ଖାଉଟି ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ମାନେ ଯୋଗ ଦେଇଥିବାବେଳେ ଖାଉଟିମାନଙ୍କୁ ସଚେତନ କରାଇବାକୁ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଦୃଢ଼ ଶପଥ କରିଥିଲେ । ପ୍ରାରମ୍ଭରେ ମା ତାରିଣୀଙ୍କ ଫଟଚିତ୍ରରେ ଦୀପ ପ୍ରଜ୍ୱଳନ କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ପ୍ରଧାନଶିକ୍ଷକ ମନୋରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମ୍ବାଦିକ ସତ୍ୟଜିତ ମିଶ୍ର ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଅଭିଭାଷଣ ଦେବା ସହ କାର୍ଯ୍ୟକ୍ରମର ଅଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ବିଭାଗର ପରିଦର୍ଶିକା ହେମଲତା କିଷାନ, ବରିଷ୍ଠ କୋଷାଧକ୍ଷ ସୋମନାଥ ମଲିକ, ତଦାଶା ସମ୍ପାଦକ ଅକ୍ଷୟ କୁମାର ଚକ୍ର, ଶିକ୍ଷକ ଅସିତ କୁମାର ପ୍ରହରାଜ, ଅଞ୍ଜିତା ମହାନ୍ତ, ସୁମିତ୍ରା ମହାନ୍ତ ଯୋଗଦେଇ ଖାଉଟି ସଚେତନତା ଉପରେ ବକ୍ତବ୍ୟ ରଖିଥିବା ବେଳେ ମାଷ୍ଟର ଟ୍ରେନର ପର୍ଶୁରାମ ଜେନା ବିଭିନ୍ନ ସାମଗ୍ରୀ ଯଥା ଗ୍ୟାସ ସିଲିଣ୍ଡର ଖାଦ୍ୟଜାତୀୟ ସାମଗ୍ରୀର ବ୍ୟବହାର ତାରିଖ ଉପରେ ପେଟ୍ରୋଲ ଡିଜେଲ କ୍ରୟ ଓ ଏଥିରେ ଠକାମୀର ଶିକାର ନହେବାର ଉପାୟ ଦର୍ଶାଇ ବ୍ୟାଙ୍କର ସାଇବର ଅପରାଧ ଉପରେ ପ୍ରଦର୍ଶନୀ ମାଧମରେ ମନ୍ତବ୍ୟ ଦେଇଥିଲେ । ପରେ ପରେ ଛାତ୍ରଛାତ୍ରୀ ମାନେ ବିଭିନ୍ନ ପ୍ରଶ୍ନ ପଚାରି ତାହାର ସନ୍ତୋଷଜନକ ଉତର ପାଇପାରିଥିଲେ । ଅତିଥିମାନଙ୍କ ଦ୍ୱାରା ଖାଉଟିମାନଙ୍କୁ ସଚେତନ କରାଇବାକୁ ଶପଥ ପାଠ କରାଇଥିଲେ କ୍ଷ ପରିଶେଷରେ ବରିଷ୍ଠ ଶିକ୍ଷକ ବିଶ୍ୱନାଥ ସାୟାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁଲୋଚନା ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ନୂଆପଡ଼ା: ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ତୁକଲା ଗ୍ରାମ ସ୍ଥିତ ସୁଲୋଚନା ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପ୍ରତିଷ୍ଠାତା ଫକିର ମୋହନ ଜଗତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଛାତ୍ରଛାତ୍ରୀ ମାନେ ପାଠ ପଢିବା ସହ ଜଣେ ଜଣେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାଏକ ଓ ସମାଜସେବୀ ବଲ୍ଲଭ ଚରଣ ଦାଶ କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି, ଏଣୁ ବିଦ୍ୟାର୍ଥୀ ମାନେ ସବୁବେଳେ ପରିଶ୍ରମୀ ହେବାକୁ ଆହ୍ୱାନ ଦେଇଥିଲେ । ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ନିରୀକ୍ଷକ ମାଧବ ମହାନନ୍ଦ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଭାରତୀୟ ଶିକ୍ଷା ପଦ୍ଧତି ଉପରେ ଆଲୋଚନା କରିଥିଲେ । ପ୍ରଧାନ ଶିକ୍ଷକ ଚିତ ରଞ୍ଜନ ଦୁବେ ବିଦ୍ୟାଳୟର ସଫଳତା ଉପରେ ଆଲୋଚନା କରିବା ସହ ବିଭିନ୍ନ ସମସ୍ୟା ନେଇ ମୁଖ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ଅଷ୍ଟପ୍ରହରି ନାମଯଜ୍ଞ

ଜୟପୁର: ଜୟପୁର ବ୍ଲକ କଙ୍ଗା ପଂଚାୟତର ବଡମୁଣ୍ଡାଗୁଡା ଓ ସଲପିଆଗୁଡା ଗ୍ରାମରେ ଅଷ୍ଟ ପ୍ରହରି ନାମ ଯଜ୍ଞ ଅନୁଷ୍ଠିତ ହୋଇଛି । ଏଥିରେ ବୋରିଗୁମ୍ମା ବ୍ଲକର ମାଲଦା, ବାଜନୀକନାଡି, ଗୌଡଗୁଡା, କୋଟପାଡ ବ୍ଲକର କୁସୁମୀ, ସତୀଗୁଡା କୁରୁମାକୋଟ, ଜୟପୁର ବ୍ଲକର ବଡପଡା, ଖଡପା, ଜାମୁଣ୍ଡା, ପୁଜାରୀଗୁଡା, ଖଇରିମୁଣ୍ଡି, ଦଳେଇପୁଟ ଶୀରାଗୁଡା, କଟାରୀପୁଟ, ବଡ ମୁଣ୍ଡାଗୁଡା, ସଲପିଆଗୁଡା, ପୁଜାରିପୁଟ ଏହିପରି ଅନେକ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ । ସନାତନ ତଥା ହିନ୍ଦୁ ଧର୍ମର ପ୍ରଚାର ପ୍ରସାର କରି ଓଡିଶାର ପୁବ ସଂସ୍କୃତିକୁ ବଜାୟ ରଖିବା ପାଇଁ ମାଲଦା ଗ୍ରାମର ଗୁରୁ କୃଷ୍ଣ ମାଳୀ, ପୂର୍ଣ ମାଳୀ ଏବଂ ପୁରୋହିତ ବାଳ କୃଷ୍ଣ ରଥ ଙ୍କ ତତ୍ତ୍ୱାବଧାନରେ ମୁଣ୍ଡାଗୁଡା ଗ୍ରାମର ଗ୍ରାମବାସୀ ଓ ସଲପିଆଗୁଡା ଗ୍ରାମବାସୀଙ୍କ ସହଯୋଗରେ ହୋଇଥିବା ନେଇ ରାଜେନ୍ଦ୍ର ସାହୁ ସୂଚନା ଦେଇଛନ୍ତି ।

# ମଙ୍ଗଳ ସଂପ୍ରସାରଣ ଅଧିକାରୀଙ୍କ ବଦଳି ଆଦେଶକୁ ରଦ୍ଦକଲେ ଉଚ୍ଚ ନ୍ୟାୟାଳୟ

ରାୟଗଡା(ପିପିଏସ୍) : ରାୟଗଡ଼ା ଜିଲ୍ଲାର ବିଭିନ୍ନ ମଙ୍ଗଳ ସଂପ୍ରସାରଣ ଅଧିକାରୀମାନଙ୍କ ବଦଳି ପ୍ରକ୍ରିୟାରେ ଏକ ବଡ଼ ଆଇନଗତ ନିଷ୍ପତ୍ତି ଶୁଣାଇଛନ୍ତି ଓଡ଼ିଶା ଉଚ୍ଚ ନ୍ୟାୟାଳୟ । ଜିଲ୍ଲାପାଳଙ୍କ ଦ୍ୱାରା ଜାରି ହୋଇଥିବା ବଦଳି ନିର୍ଦ୍ଦେଶକୁ ବେଆଇନ ଦର୍ଶାଇ ହାଇକୋର୍ଟ ଜିଲ୍ଲାପାଳଙ୍କ ଆଦେଶକୁ ରଦ୍ଦ କରିଛନ୍ତି । ରାୟଗଡ଼ା ଜିଲ୍ଲାପାଳଙ୍କ ଦ୍ୱାରା ଗତ ୧୦.୧୨.୨୦୨୫ ତାରିଖରେ ୭ ଜଣ ମଙ୍ଗଳ ସଂପ୍ରସାରଣ ଅଧିକାରୀଙ୍କୁ ଜିଲ୍ଲା ଭିତରେ ବିଭିନ୍ନ ସ୍ଥାନକୁ ବଦଳି ନେଇ ଆଦେଶ ଜାରି ହୋଇଥିଲି । ଏହି ଆଦେଶକୁ ଚ୍ୟାଲେଞ୍ଜ କରି ରାୟଗଡା ମଙ୍ଗଳ ସଂପ୍ରସାରଣ ଅଧିକାରୀ ପ୍ରକାଶ କୁମାର ନାୟକ ଓ ଅନ୍ୟମାନେ ହାଇକୋର୍ଟରେ ପୃଥକ ପୃଥକ ରିଟ୍ ପିଟିସନ ଡବ୍ଲ୍ୟୁପିସି ୩୬୦୧୭,୩୬୦୨୩,୩୬୦୨୬, ଏବଂ ୩୬୦୨୭ ଅଫ ୨୦୨୫ ଦାୟର କରିଥିଲେ । ମାନ୍ୟବର ବିଚାରପତି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏହି ସମସ୍ତ ମାମଲାକୁ ଏକତ୍ର ଶୁଣାଣି କରି ଗତ ୨୮ ତାରିଖରେ ନିଷ୍ପତ୍ତି ଶୁଣାଇଛନ୍ତି ।ସରକାରଙ୍କ ପକ୍ଷରୁ ଏଏସସି ଏସ.ପି. ଦାସ ପକ୍ଷ ରଖିଥିଲେ । ଆବେଦନକାରୀଙ୍କ ପକ୍ଷରୁ ଓକିଲ ଜି.ଆର. ସେଠୀ ଯୁକ୍ତି ଦର୍ଶାଇଥିଲେ ଯେ, 'ଓଡ଼ିଶା ସବ ଅର୍ଡିନେଟ୍ ୱେଲଫେୟାର ସର୍ଭିସେସ୍ ରୁଲ୍ସ, ୧୯୯୨' ଅନୁଯାୟୀ ଜିଲ୍ଲାପାଳଙ୍କ ବଦଳି କରିବା ପାଇଁ କୌଣସି ଆଇନଗତ କ୍ଷମତା ନାହିଁ । ଉକ୍ତ ନିୟମାବଳୀ ଅନୁଯାୟୀ, କେବଳ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ନିର୍ଦ୍ଦେଶକ ହିଁ ଏହି ଅଧିକାରୀଙ୍କୁ ବଦଳି କରିବା ପାଇଁ ଏକମାତ୍ର ସକ୍ଷମ କର୍ତ୍ତୃପକ୍ଷ । ଏଥିସହ ଏହି ମାମଲା ଉଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ ପରେ ବିଭାଗ ଦ୍ୱାରା ପ୍ରଦତ୍ତ କାର୍ଯ୍ୟୋତ୍ତର ଅନୁମୋଦନକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ରଦ୍ଦ କରିଛନ୍ତି ।ଯେହେତୁ ଜିଲ୍ଲାପାଳଙ୍କ ପାଖରେ ଏହି କ୍ଷମତା ନାହିଁ, ତେଣୁ ତାଙ୍କ ଦ୍ୱାରା ଜାରି ୧୦.୧୨.୨୦୨୫ ର ଆଦେଶ ସମ୍ପୂର୍ଣ୍ଣ ଭାବେ ଅବୈଧ ସହ ଏହାକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ରଦ୍ଦ କରିଥିବା ସୂଚନା ଦେଇଛନ୍ତି ଆବେଦନକାରୀଙ୍କ ଓକିଲ ଶ୍ରୀ ସେଠୀ ।

# ଜାତୀୟ ଶିଶୁକନ୍ୟା ଦିବସ ପାଳିତ



ଦେବଗଡ଼(ପିପିଏସ୍) : ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତି ପ୍ରଧାନଙ୍କ ତତ୍ତ୍ୱାବଧାନରେ ଜାତୀୟ ଶିଶୁ କନ୍ୟା ଦିବସ ଅନୁଷ୍ଠିତ ହେଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇଥିବାବେଳେ ବରେଣ୍ୟ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର,ଅତିରିକ୍ତ ଜିଲ୍ଲାପାଳ ରେୱିକା ବିଲୁଙ୍ଗ,ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରାଜେନ୍ଦ୍ର କୁମାର ମିଞ୍ଜ , ଏଡିପିଏଚ୍‌ଓ ସୁଧାଂଶୁ ଶେଖର ସାହୁ ଯୋଗଦେଇଥିଲେ । ଜାତୀୟ ଶିଶୁ କନ୍ୟା ଦିବସ ଅବସରରେ ବାଳିକାମାନଙ୍କ ସୁରକ୍ଷା ଓ ସେମାନଙ୍କର ବ୍ୟକ୍ତିତ୍ୱ ବିକାଶ ସହ ବାଳିକା ଶିଶୁଭ୍ରୂଣ ହତ୍ୟା ନକରିବା ଓ ମଣିଷ ଜାତିକୁ ଆଗକୁ ବଢ଼ାଇବାକୁ ହେଲେ ପୁଅ ଭଳି ଝିଅର ସମ୍ମାନ ରହିଛି ବୋଲି ଅତିଥିମନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ଶ୍ରେଷ୍ଠ ସଫଳତା ପାଇଁ ସ୍ନେହାପ୍ରଜ୍ଞା ବେହେରା ଓ ଲିପ୍‌ସାରାଣୀ ସାହୁ , କ୍ରୀଡ଼ା କ୍ଷେତ୍ରରେ ଶ୍ରେଷ୍ଠ ସଫଳତା ପାଇଁ ଚିନୁ ଅମାନ୍ତ, ଓ ସ୍ମୃତି ପ୍ରଧାନ,କଳା କ୍ଷେତ୍ରରେ ଶ୍ରେଷ୍ଠ ସଫଳତା ପାଇଁ ଆଦ୍ୟାଶା ପାତ୍ର ଓ କବିତା ଦାସଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଅର୍ଥରାଶି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ବୈଠକରେ ଜିଲ୍ଲା ଶିକ୍ଷାଧିକାରୀ ଗେନ୍ଦ୍ରା କୁଜୁର, ଡିପିଏମ୍ ଓଏଲେମ ଶିଶିର କୁମାର ଷଡଙ୍ଗୀ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ସି ଡ଼ି ପି ଓ, ସୁପରଭାଇଜର,ଅଙ୍ଗନୱାଡ଼ି କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ।

# ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା ମାସର ଉଦ୍‌ଯାପନୀ ଉତ୍ସବ
# ପୁରସ୍କୃତ ହେଲେ ଗୁଡ଼ ସମରିଟାନ କୃତୀ ପ୍ରତିଯୋଗୀ




ରାୟଗଡା(ପିପିଏସ୍) : ଜିଲ୍ଲାରେ ସଡ଼କ ଦୁର୍ଘଟଣା ହ୍ରାସ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ପାଳିତ ସଡ଼କ ସୁରକ୍ଷା ମାସର ସମାପନ ଉତ୍ସବ ରାୟଗଡ ସଦର ମହକୁମା ସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଛି । ଉକ୍ତ କାର୍ଯ୍ୟକ୍ରମ ଆଞ୍ଚଳିକ ପରିବହନ ବିଭାଗ, ରକ୍ଷୟଗଡ଼ ପକ୍ଷରୁ ଆୟୋଜିତ କରାଯାଇଥିଲା । ଏହି ସମାପନ ଉତ୍ସବରେ ଅତିରିକ୍ତ ଆରୋକ୍ଷୀ ଅଧିକ୍ଷକ ରାୟଗଡ ଗୋସେନ ବାର୍ଲା, ସମ୍ମାନିତ ଅତିଥି ଗୌର ହରି ସାହୁ,ଉପଖଣ୍ଡ ପୋଲିସ ଅଧିକାରୀ, ରକ୍ଷୟଗଡ଼, ବସନ୍ତ କୁମାର ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ , ଯୋଗଦେଇଥିଲେ କ୍ଷ ଆଞ୍ଚଳିକ ପରିବହନ ଅଧିକାରୀ ବିନୟ କୁମାର ପାଲ, ଅଧକ୍ଷତା କରିଥିଲେ ଏବଂ ମୋଟର ଯାନ ନିରୀକ୍ଷକ ଦୁର୍ଗା ପ୍ରସାଦ ରାଓ(ଗଠଓ) ଉପସ୍ଥିତ ରହିଥିଲ ବେଳେ ଯଶକେତନ ଭରାସଗରିଆ ମଞ୍ଚ ପରିଚାଳନା କରିଥିଲେ । ଅତିଥିମାନେ ସଡ଼କ ସୁରକ୍ଷା ନିୟମ ପାଳନ, ହେଲମେଟ୍ ଓ ସିଟ୍‌ବେଲ୍ଟ ବ୍ୟବହାର, ମଦ୍ୟପାନ କରି ଯାନଚାଳନା ନ କରିବା ଏବଂ ଟ୍ରାଫିକ୍ ନିୟମକୁ କଡାକଡି ପାଳନ କରିବା ଉପରେ ସାଧାରଣ ଜନତାଙ୍କୁ ସଚେତନ କରାଇଥିଲେ । "ଶିକ୍ଷାରୁ ସୁରକ୍ଷା, ପ୍ରଯୁକ୍ତିରୁ ପରିବର୍ତ୍ତନ" ବାର୍ତ୍ତାକୁ ଆଧାର କରି ସଡ଼କ ସୁରକ୍ଷାକୁ ସମସ୍ତଙ୍କ ସାମୂହିକ ଦାୟିତ୍ୱ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ସଡକ ସୁରକ୍ଷା ସପ୍ତାହ ଅବସରରେ ଜିଲ୍ଲାର ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଏଥିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା କ୍ଷ ସେହିପରି ବିପଦ ସମ୍ମୁଖରୁ ଗୋଲଡେନ୍ ସମୟରେ ସାହାଯ୍ୟ ପ୍ରଦାନ କରିଥିବା ଗୁଡ୍ ସାମରିଟାନ୍ ଆକୁଳ ରାଜା (ଚାନ୍ଦିଲି ଥାନା ),କ୍ରିଷ୍ଣା ଅଦ୍ନିତି(ଶେସଖାଲ୍ ଥାନା),ନିରଞ୍ଜନ ପୂଜାରୀ( ଆମ୍ବଦୋଳା ଥାନା),ନିରଞ୍ଜନ ସାହୁ (ଟିକିରି ଥାନା),ଜି. ମହେଶ୍ୱର ରାଓ (କୁମ୍ଭାରଧାମୁଣି ଥାନା),ଟୁନିବାଡ଼ ତିରୁମଲ୍ଲା(କେସିଙ୍ଗପୁର ଥାନା),ଜଗଜୀବନ ନାଏକ(କାଶୀପୁର ଥାନା),ଅମିୟ କୁମାର ଦାଶ (କାଶୀପୁର ଥାନା),ସରୋଜ କୁମାର ମଣ୍ଡଳ(ବନ୍ଧ ସାହି, କାଶୀପୁର),କାସି ନାୟକ, (ଦୋରାଗୁଡ଼ା ଥାନା),ମନରଞ୍ଜନ ମହାପାତ୍ରଙ୍କୁ ନାଗଦ ରାଶି ଓ ମାନପତ୍ର ଦେଇ ସମ୍ମାନିତ କରିବା ସହିତ ମୃତ୍ୟୁଞ୍ଜୟ ସ୍ୱାଇଁ (ସିନିୟର ଏସଇଏସ ପ୍ରଧାନ ଶିକ୍ଷକ, ଚାଲକାମ୍ବା ହାଇସ୍କୁଲ) ପ୍ରସନ୍ନ କୁମାର ଦାସ (ହିନ୍ଦୀ ଶିକ୍ଷକ, ଦ୍ରୌପଦୀ ବିଦ୍ୟା ପିଠ ଗୁମୁଡା), ତାପସ କୁମାର ଦଳାଇ (ସହାୟକ ଶିକ୍ଷକ, ସରକାରୀ ହାଇସ୍କୁଲ, ସିକରପାଇ),ଏଲ ଟି ଉଦୟ ନାଏକ,ଆସୋସିଏଟ ଏନସିସି ଅଫିସର, ସ୍ୱୟଂଶାସିତ ମହାବିଦ୍ୟାଳୟ, ରାୟଗଡା), ରଞ୍ଜିତ କୁମାର ଗିରି (ସିନିୟର ଏସଇଏସ ପ୍ରଧାନ ଶିକ୍ଷକ,ସରକାରୀ ହାଇସ୍କୁଲ ସିକରପାଇ),ଡ୍ରାଇଭର୍ ମହାସଂଘ ଓଡିଶା, ଗୁମ୍ମା ପଞ୍ଚାୟତ ଓ ଡ୍ରାଇଭର୍ ମହାସଂଘ ଓଡିଶା,ରାୟଗଡାଙ୍କୁ ପ୍ରସଂଶା ପ୍ରମାଣପତ୍ର ଦେଇ ସମ୍ମାନିତ କରିଥିଲେ । ସଡକ ସୁରକ୍ଷା ସପ୍ତାହର ସମାପନ କାର୍ଯ୍ୟକ୍ରମରେ ଏସଡିଆଇପିଆରଓ ଦେବରାଜ ଟାକ୍ରି, ସଡ଼କ ସୁରକ୍ଷା କମିଟିର ସଦସ୍ୟ ଶ୍ରୀ ଶିବ ନାରାୟଣ ଗୌଡ଼,ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ,ଛାତ୍ର ଛାତ୍ରୀ ଓ ଗଣ ମାଧମର ପ୍ରତିନିଧି ଉପସ୍ଥିତ ଥିଲେ ।

ଯେଉଁ ପ୍ରସ୍ତାବ କାର୍ଯ୍ୟକାରୀ ବୋଲି ସାବ୍ୟସ୍ତ ହେଉଛି, ଅଥଚ ସରକାର କରୁ ନାହାଁନ୍ତି, ତେବେ ସେ ସରକାର ଅପ୍ରିୟ ହୋଇ ଚାଲିଗଲେ ଆଉ ସେ ସରକାର ଆସିବ ସେ ଉକ୍ତ ପ୍ରସ୍ତାବ ଅନୁସାରେ କାମ କରିବ । ଏହାକୁ ହିଁ କୁହାଯାଏ ଗଠନମୂଳକ ମନୋବୃତ୍ତି ବା ସମାଲୋଚନା ।

(ଗାଁ ମଜଲିସ, ୧ମ ଖଣ୍ଡ, ପୃଷ୍ଠା-୧୧୬)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୦୨।୦୨।୨୦୨୬ ■ ସୋମବାର

# ସଂକଟରେ ଇରାନ

ଇରାନରେ ମାନବାଧିକାରର ହନନ ହେବା ଅଭିଯୋଗ କିଛି ନୂଆ ନୁହେଁ, କିନ୍ତୁ ଇରାନ ଇଣ୍ଟରନ୍ୟାଶନାଲ ନାମକ ନିଉଜ ଏଜେନ୍ସୀ ଗତମାସ ୮ ଓ ୯ ଜାନୁଆରୀରେ ବିରୋଧ ପ୍ରଦର୍ଶନ କାଳରେ ଯେପରି ବିପୁଳ ସଂଖ୍ୟାରେ ଲୋକଙ୍କର ହତ୍ୟା କରାଯାଇଥିବା କୁହାଯାଇଛି ତାହା ଅତ୍ୟନ୍ତ ବେଦନାଦାୟକ । ଏହି ଏଜେନ୍ସୀ ପକ୍ଷରୁ କୁହାଯାଇଛି ଯେ ଏହି ଦୁଇଦିନ ଭିତରେ ହିଁ ସେଠାରେ ୩୬,୫୦୦ରୁ ଅଧିକ ଲୋକ ସରକାରୀ ଦମନ ଯୋଗୁଁ ମୃତ୍ୟୁମୁଖରେ ପଡ଼ିଛନ୍ତି । ଅବଶ୍ୟ ଇରାନ ବିରୋଧରେ ପାଶ୍ଚାତ୍ୟ ମିଡ଼ିଆ ଦ୍ୱାରା ଅପପ୍ରଚାର ବହୁଦିନୁ ଚାଲିଆସିଛି, କିନ୍ତୁ ଖୋଦ୍ ଇରାନ ପକ୍ଷରୁ ସେ ବିକ୍ଷୋଭ ପ୍ରଦର୍ଶନ ବେଳେ ଆରୋପ ଲଗାଯାଇଥିଲା ଯେ ବହୁସଂଖ୍ୟାରେ ବାହାରର ଲୋକ ତାଙ୍କ ଦେଶ ମଧ୍ୟକୁ ପଶିଆସିଛନ୍ତି ଓ ସରଳ ଲୋକଙ୍କୁ ହତ୍ୟା କରିଛନ୍ତି । ଏଥିରୁ ଯାହା ଜଣାପଡୁଛି ୩୬,୦୦୦ ସଂଖ୍ୟା ହୁଏତ ଅତିରଂଜିତ ହୋଇଯାଇପାରେ, କିନ୍ତୁ ସେଠାରେ ବର୍ବରତାର ସହ ବିକ୍ଷୋଭକୁ ଦବାଇ ଦିଆଯାଇଛି । ଆମେରିକାସ୍ଥିତ 'ହ୍ୟୁମନ ରାଇଟସ ଏକ୍ଟିଭିଷ୍ଟ ନିଉଜ ଏଜେନ୍ସୀ ବିକ୍ଷୋଭ ପ୍ରସଙ୍ଗରେ ଅତିକମ୍‌ରେ ୫,୧୩୭ ଜଣଙ୍କର ମୃତ୍ୟୁ ଘଟିଛି ବୋଲି କହିଛି ଓ ୧୨,୯୦୪ ଜଣଙ୍କୁ ଯାଞ୍ଚ ପାଇଁ ଅଟକ ରଖାଯାଇଥିବା କୁହାଯାଇଛି । ମୋଟାମୋଟି ଭାବେ ଇରାନର ସ୍ଥିତି ଅତ୍ୟନ୍ତ ଗମ୍ଭୀର ।

ଖୋଦ୍ ଇରାନ ରାଷ୍ଟ୍ରପତି ମସୁଦ ପେଜେସକିଆନ ଯେପରି ଭାବେ ଇରାନବାସୀଙ୍କ କ୍ରୋଧକୁ ବୁଝିବା କଥା କହିଛନ୍ତି, ତହିଁରୁ ଜଣାପଡୁଛି ଏସବୁ ଘଟଣା କେବଳ ପାଶ୍ଚାତ୍ୟ ମିଡ଼ିଆର ପ୍ରଚାର ନୁହେଁ । ଦୀର୍ଘକାଳ ହେଲା କଠୋର ଆର୍ଥିକ ପ୍ରତିବନ୍ଧକ ଓ ଇସ୍ରାଏଲ ସହ ଲଗାତାର ସଂଘର୍ଷ ଯୋଗୁଁ ଇରାନର ଆର୍ଥିକ ସ୍ଥିତି ଜର୍ଜର ହୋଇଗଲାଣି । ସେଠି ଏକ ଡଲାରର ମୂଲ୍ୟ ପ୍ରାୟ ଦଶଲକ୍ଷ ୭୫ ହଜାର ରିଆଲ୍ (ଇରାନୀୟ ମୁଦ୍ରା) ହୋଇଗଲାଣି । ଇରାନବାସୀଙ୍କ କ୍ରୟଶକ୍ତି ଏବେ ସଂପୂର୍ଣ୍ଣ ଭାବେ ଅଚଳ ହେବାକୁ ବସିଲାଣି । ମଧ୍ୟବିତ୍ତ ଶ୍ରେଣୀଙ୍କ ଖାଦ୍ୟପେୟ ତଥା ଚିକିତ୍ସା ଖର୍ଚ୍ଚ ତୁଲାଇବାର କ୍ଷମତା ଏକପ୍ରକାରେ ଖତମ ହୋଇଯାଇଛି । ସାମ୍ପ୍ରତିକ ଜନଉତ୍ତେଜନା ପଛରେ ଲୋକଙ୍କ ଆକ୍ରୋଶକୁ ଦବାଇ ଦିଆଗଲା । ମହିଳାଙ୍କ ବିରୋଧରେ ମଜହବୀ ପୋଲିସର ନିର୍ମମ କାର୍ଯ୍ୟାନୁଷ୍ଠାନ ଯୋଗୁଁ ତେହରାନ ପ୍ରତି ସମସ୍ତ ଦେଶମାନଙ୍କର ପ୍ରତିନିଧିମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଏପରି ଅବସ୍ଥାରେ ଏତେ ବଡ଼ ସଂଖ୍ୟାରେ ନିଜ ଦେଶବାସୀଙ୍କର ତଥାକଥିତ ହତ୍ୟାରୁ ତାଙ୍କ ପ୍ରତି ସହାନୁଭୂତି ମଧ୍ୟ ତିରୋହିତ ହୋଇଯିବ ।

ଇରାନର ସବୁଠାରୁ ବଡ଼ ସଂକଟ ହେଉଛି ତାହାର ଶାସନଗାଦିରେ ଥିବା ଲୋକେ ଦୀର୍ଘକାଳ ହେଲା ନିଜ ସାମାଜିକ ସମସ୍ୟାର ସମାଧାନ ପ୍ରାର୍ଥନାରେ ଖୋଜି ବୁଲୁଛନ୍ତି । ସାମାଜିକ ସୁଧାର ଓ ଆର୍ଥିକ ପୁନରୁଦ୍ଧାର କାର୍ଯ୍ୟକୁ ନ ଚଲାଇ ତେହରାନ ସରକାର ଅଧିକ ନିବେଶ ପ୍ରତିରକ୍ଷା ସେକ୍ଟରରେ କରିଚାଲିଛନ୍ତି । ପାଶ୍ଚାତ୍ୟ ଜଗତ ସହ ଶତ୍ରୁତା ବୃଦ୍ଧି କରାଇ ଇରାନୀୟ ଶାସକ ଭାବୁଛନ୍ତି ଯେ ଦେଶରେ ରାଷ୍ଟ୍ରବାଦୀ ଲହର କାଳରେ ତାଙ୍କର ସବୁ ଦୁର୍ବଳତା ଦବିଯିବ, କିନ୍ତୁ ଯେପରି ଭାବେ ରହିରହି ସେଠାରେ ଜନଆକ୍ରୋଶ ପ୍ରକଟିତ ହେଉଛି, ତା'ଫଳରେ ବାହ୍ୟ ସୁରକ୍ଷା ମଧ୍ୟ ପ୍ରଭାବିତ ହେଉଛି । ଆମେରିକା, ଇସ୍ରାଏଲ୍ ଓ ପାଶ୍ଚାତ୍ୟ ଦେଶମାନଙ୍କ ଆଖିରେ ତାହାର ପରମାଣୁ କାର୍ଯ୍ୟକ୍ରମ ମଧ୍ୟ ଯାଉନାହିଁ । ଏବେ ଆମେରିକା ଯେପରି ଭାବେ ଉତ୍ତେଜନା ସୃଷ୍ଟି କରିଚାଲିଛି ଓ ଆମେରିକା ବିରୋଧୀ ଶକ୍ତିମାନଙ୍କୁ ଉସକାଇବା କାମ କରୁଛି, ତାହା ଏକ ବିପଜ୍ଜନକ ରୂପ କେତେବେଳେ ବି ନେଇପାରେ । ଇରାନ ବୁଝିବା ଦରକାର ଯେ ଏକ କ୍ଷୁଦ୍ର ଯୁଦ୍ଧ ମଧ୍ୟ ତାହାର ଦୁର୍ବଳତାକୁ ପଦାରେ ପକାଇ ଦେଇପାରିବ । ତେଣୁ ଧମକ ଦେବା ଅପେକ୍ଷା ଶାନ୍ତିର ମାର୍ଗ ଗ୍ରହଣ କରିବା ଆବଶ୍ୟକ ।□□

# ମାଘ ପୂର୍ଣ୍ଣିମା

ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରା ରେ ବାର ମାସରେ ତେର ପର୍ବ ପାଳିତ ହୋଇ ଆସୁଛି। ତା ମଧ୍ୟରୁ ମାଘ ମାସ ର ପୂର୍ଣ୍ଣିମା ଅନ୍ୟତମ। ଏହି ପୂର୍ଣ୍ଣିମା କୁ ଅଗିରା ପୂର୍ଣ୍ଣିମା ମଧ୍ୟ କୁହାଯାଇଥାଏ। ଏହି ଦିନ ପ୍ରତ୍ୟେକ ଗାଁ ର ପ୍ରଥମ ଅଥବା ଶେଷ ମୁଣ୍ଡ ଠାରେ ଅଗ୍ନି ଦେବତା ଙ୍କୁ ସନ୍ତୁଷ୍ଟି ପାଇଁ ଅଗ୍ନି ଉତ୍ସବ ପାଳନ କରାଯାଇଥାଏ। ଏଥି ପାଇଁ ଏହି ପୂର୍ଣ୍ଣିମା କୁ ଅଗିଜଳା ବା ଅଗିରା ପୂର୍ଣ୍ଣିମା କୁହାଯାଇଥାଏ। ଅତୀତ ରେ ପ୍ରାୟ ପ୍ରତ୍ୟେକ ଗାଁ ରେ ଚାଳ ଛପର ଘର ରହିଥିଲା। ଗ୍ରୀଷ୍ମ ଋତୁରେ ଅନେକ ସ୍ଥାନ ରେ ଅଗ୍ନିକାଣ୍ଡ ଘଟି ବ୍ୟାପକ ଧନ ଜୀବନ ହାନି ହେଉଥିଲା। ଅଗ୍ନି ଦେବତା ଙ୍କୁ ସନ୍ତୁଷ୍ଟି କଲେ ଅଗ୍ନିକାଣ୍ଡ ବିପତ୍ତି ରୁ ରକ୍ଷା ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏଣୁ ମାଘ ପୂର୍ଣ୍ଣିମା ଦିନ ପ୍ରାୟ ସବୁ ଗାଁ ରେ ଅଗ୍ନି ଉତ୍ସବ ପାଳନ କରାଯାଇଥାଏ। ପୁରୀ ଶ୍ରୀମନ୍ଦିର ସମ୍ମୁଖ ରେ ମଧ୍ୟ ଅଗ୍ନି ଉତ୍ସବ ପାଳିତ ହୋଇଥାଏ। ଗାଁ ର ପିଲା ମାନେ ଘର ଘର ବୁଲି ନଡ଼ା (କୁଟା) ସଂଗ୍ରହ କରିଥାନ୍ତି। ଗାଁ ର ଶେଷ ଅଥବା ପ୍ରଥମ ମୁଣ୍ଡ ରେ ଏକ ଖୋଲା ସ୍ଥାନ କୁ ଲିପା ପୋଛା କରାଯାଇ ଏକ ବାଉଁଶ ର ଅଗ (ଅଗିରା) କୁ ପୋତି ତାର ଚତୁର୍ପାର୍ଶ୍ୱ ରେ ଘରୁ ଘରୁ ସଂଗ୍ରହ ହୋଇଥିବା କୁଟା, ନଡ଼ା କୁ ଦେଉଳ ପରି ସଜାଇ ଦିଆଯାଏ। ଏହାକୁ ଅଗିଭାଡ଼ି ବୋଲି କୁହା ଯାଇଥାଏ।ବ୍ରାହ୍ମଣ ଆସି ସେଠାରେ ଅଗ୍ନି ଦେବତା ଙ୍କୁ ଫଳ ମୂଳ ଭୋଗ ଲାଗି କରିଥାଆନ୍ତି। ତା ପରେ ଶ୍ରଦ୍ଧାଳୁ ମାନେ ବାଜା ବଜାଇ, ସଙ୍କୀର୍ତ୍ତନ କରି ଏକ ଶୋଭାଯାତ୍ରା ରେ ଯାଇ ଗାଁ ର ବା ନିକଟସ୍ଥ କମାରଶାଳ ରୁ ଅଗ୍ନି ଅଣା ଯାଇ ଦେଉଳ ପରି ସଜ୍ଜିତ ହୋଇଥିବା କୁଟା, ନଡ଼ାରେ ସଂଯୋଗ କରାଯାଏ। ହୁତ୍ ହୁତ୍ ହୋଇ ଜଳି ଉଠେ ନଡ଼ା କୁଟା ର ମନ୍ଦିର ଅଗି ଭାଡ଼ି। ସମସ୍ତେ ହରିବୋଲ ହୁଳହୁଳି ପକାଇବା ସହିତ ଅଗ୍ନି ଦେବତା ଙ୍କୁ ମୁଣ୍ଡିଆ ମାରି ତାଙ୍କ ଘର କୁ ଅଗ୍ନି ବିପତ୍ତିରୁ ରକ୍ଷା କରିବାକୁ ଗୁହାରି କରିଥାନ୍ତି। ଏଥି ସହିତ ନିଜ ନିଜ ଘରୁ ଆଣିଥିବା ପରିବା ପ୍ରଭୃତି କୁ ସେହି ଜ୍ୱଳନ୍ତ ଅଗ୍ନି ଭିତରକୁ ଫିଙ୍ଗିଥାନ୍ତି। ଅଗ୍ନି ଜଳି ଲିଭି ଯିବା ପରେ ଏ ସବୁ ପୋଡ଼ା ପରିବାକୁ ଅଗ୍ନି ଦେବତା ଙ୍କ ପ୍ରସାଦ ଭାବେ ଗ୍ରହଣ କରିଥାନ୍ତି ।ଅଗି ଭାଡ଼ିର ପୋଡ଼ା ଅଗିରା ବାଉଁଶ ଯେଉଁ ଦିଗ କୁ ଢଳି ପଡେ ସେହି ଦିଗରେ ଚଳିତ ବର୍ଷ ଭଲ ଚାଷ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ଦିନ ଠାରୁ ଶୀତ ଋତୁ ଶେଷ ହୋଇ ଗ୍ରୀଷ୍ମ ଋତୁ ଆରମ୍ଭ ହୋଇ ଥାଏ ବୋଲି କୁହା ଯାଇଥାଏ ।ଅଗିରା ପୂର୍ଣ୍ଣିମାକୁ କୁବେର ସମ୍ପ୍ରଦାୟ ଭକ୍ତି ଓ ନିଷ୍ଠାର ସହିତ ପାଳନ କରିଥାନ୍ତି। ଏହି ଦିନ ତାଙ୍କ ସମ୍ପ୍ରଦାୟ ର ପ୍ରତ୍ୟେକ ଘରେ ବିଭିନ୍ନ ପ୍ରକାରର ପିଠା ତିଆରି କରାଯାଇଥାଏ। ଏହି ଦିନ ସଂଧ୍ୟା ରେ ବିଭିନ୍ନ ସ୍ଥାନ ରେ ଥିବା ମହିମା ଗାଦି ମାନଙ୍କ ରେ ବାବା ଙ୍କ ଦ୍ୱାରା ଝାଡ ଉଠି ଥାଏ।

ସନ୍ତୋଷ କୁମାର ଦାଶ
ତୁଳସୀପୁର, ପୁରୀ
ମୋ:୯୪୩୯୩୬୧୮୮୮

# ଆର୍ଥିକ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବ ନୂତନ ଶ୍ରମନୀତି

**ସୌମେନ୍ଦ୍ର ଜେନା**

ଦେଶର ୧୪୫ କୋଟି ଜନତାଙ୍କ ଭିତରୁ ପ୍ରାୟ ୫୦କୋଟି ଶ୍ରମିକ ସଂଗଠିତ ଏବଂ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କ ସ୍ୱାର୍ଥରକ୍ଷା, ଶିଳ୍ପର ସ୍ୱାର୍ଥରକ୍ଷା ଏବଂ ଆର୍ଥନୀତିକ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବାଲାଗି ଏହି ନୂତନ ନୀତିକୁ ଲାଗୁ କରାଯାଇଛି। ୧୯୯୧ରେ ଦେଶରେ ଆର୍ଥିକ ବ୍ୟବସ୍ଥାର ସଂସ୍କାର ହୋଇଥିଲେ ହେଁ ଶ୍ରମନୀତି ବିଷୟରେ ଅଧିକ ଚିନ୍ତା କରାଯାଇନଥିଲା । ସେମିତି ଅସଂଗଠିତ କ୍ଷେତ୍ରରେ ମୋଟ ଶ୍ରମଶକ୍ତିର ୯୦ପ୍ରତିଶତ କାର୍ଯ୍ୟରତ ଥିବା ସମୟରେ ସେମାନଙ୍କୁ ସାମାଜିକ ସୁରକ୍ଷା ମିଳୁନଥିଲା। କିନ୍ତୁ ଏବେ ଏହି ନୂତନ ଆଇନ ଲାଗୁ ହେବା ପରେ ଉଭୟ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କ ସ୍ୱାର୍ଥରକ୍ଷା ହେବା ସହ ସେମାନଙ୍କ ପରିବାରବର୍ଗ ମଧ୍ୟ ସୁବିଧା ପାଇବେ । ପୂର୍ବରୁ ଦେଶରେ ୨୩ପ୍ରକାର ଶ୍ରମ ଆଇନ ପ୍ରଚଳିତ ଥିବା ଯୋଗୁ ଅନେକ ସମୟରେ ଶ୍ରମିକମାନଙ୍କ ସମସ୍ୟା ଆଇନଗୁଡିକ ମଧ୍ୟରେ ଛନ୍ଦି ହେବା ଦ୍ୱାରା ସମାଧାନର ମାର୍ଗ ଫିଟୁନଥିଲା। ତେଣୁ ସରକାର ସେଗୁଡିକର ସଂଖ୍ୟା ହ୍ରାସ କରି ମାତ୍ର ଚାରିଗୋଟି ନୀତି ମଧ୍ୟରେ ସୀମିତକରି ରଖିଛନ୍ତି। ହେଲେ ଏହି ସଂସ୍କାର ଯେ ଆକସ୍ମିକ ହୋଇଛି ତା ନୁହେଁ। ସମୟେ ସମୟେ ଏ ବିଷୟରେ ମଧ୍ୟ ଆଲୋଚନା ହୋଇଆସିଥିଲା। ଯେମିତି ୨୦୦୨ରେ ଦ୍ୱିତୀୟ ରାଷ୍ଟ୍ରୀୟ ଶ୍ରମ କମିଶନ ତାଙ୍କ ରିପୋର୍ଟରେ ଅନେକଗୁଡିଏ ଶ୍ରମ ଆଇନକୁ ହ୍ରାସ କରି ୪ କିମ୍ବା ୫ଗୋଟି ମଧ୍ୟରେ ସୀମିତ କରିବାକୁ ପ୍ରସ୍ତାବ ଦେଇଥିଲେ । କିନ୍ତୁ ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ଅନେକଥର ଏ ବିଷୟରେ ଆଲୋଚନା ହୋଇଥିଲେ ମଧ୍ୟ ସେମିତି କିଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇ ନଥିଲା। ତେବେ ଜିଏସ୍‌ଟି, ଏକ ଦେଶ-ଏକ ଟିକସ ନୀତି ଲାଗୁ ହେବାପରେ ଶ୍ରମିକ ଆଇନ ସଂଶୋଧନ ପାଇଁ ବିଚାର ହୋଇଥିଲା ।

ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ୧୬ ଅକ୍ଟୋବର ୨୦୧୪ରେ ଶ୍ରମିକମାନଙ୍କୁ ଗୁରୁତ୍ୱ ଦେବାକୁ ଯାଇ କହିଥିଲେ ଯେ "ସତ୍ୟମେବ ଜୟତେ" ସହ "ଶ୍ରମେବ ଜୟତେ" ତୁଳନୀୟ । କାରଣ ଦେଶର ନିର୍ମାଣ ଶ୍ରମିକମାନେ ହିଁ କରି ଆସିଛନ୍ତି । ସେଥିପାଇଁ ସେମାନଙ୍କ ପ୍ରୋଭିଡେଣ୍ଟ ଫଣ୍ଡ ଟଙ୍କାକୁ ଯେ କୌଣସି ସ୍ଥାନରେ ବାହାର କରିବାର ସୁବିଧା ଦେବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୟୁନିଭର୍ସାଲ ଆକାଉଣ୍ଟନମ୍ବର (ୟୁଏଏନ୍)କୁ ଲାଗୁ କରାଯାଇଥିଲା। ଯଦ୍ୱାରା ଶ୍ରମିକମାନଙ୍କୁ ଆଇନର ନାଲି ଆଖି ଦେଖାଇବା ବଦଳରେ ବ୍ୟବସ୍ଥାର ସୁବିଧା ପ୍ରଦାନ ପାଇଁ ସହଯୋଗ କରିବାକୁ କୁହାଯାଇଥିଲା । ଏଥିପାଇଁ ସରକାର ଶ୍ରମ ସୁବିଧା ପୋର୍ଟାଲ ମଧ୍ୟ ଖୋଲିଥିଲେ। ଶିଳ୍ପମାନଙ୍କୁ ସେମାନଙ୍କ ଦେୟ ସୁବିଧାରେ ଦେବାଲାଗି ବ୍ୟବସ୍ଥା ହୋଇଥିଲା । 'ଶ୍ରମଯୋଗୀ ହିଁ ରାଷ୍ଟ୍ର ଯୋଗୀ' ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ । ସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କର ସୁବିଧା ସହ ଅସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କ ପାଇଁ ସାମାଜିକ ସୁରକ୍ଷା ପ୍ରଦାନ କରିବାର ବ୍ୟବସ୍ଥା ସ୍ୱରୂପ ପ୍ରଧାନମନ୍ତ୍ରୀ 'ଶ୍ରମଯୋଗୀ ମନ ଧନ ଯୋଜନା' ଲାଗୁ ହୋଇଥିଲା। ଏଥିରେ ୬୦ବର୍ଷ ପରେ ମାସିକ ୩୦୦୦ଟଙ୍କା ପେନସନ୍ ସୁବିଧା ପାଇବାର ବ୍ୟବସ୍ଥା କରାଯାଇଥିଲା।

ଦେଶରେ ପ୍ରଚଳିତ ଅନେକ ଆଇନ ଇଂରେଜ ସମୟରୁ ଚଳି ଆସୁଥିଲା, ଯାହାର ବର୍ତ୍ତମାନ ସମୟରେ ସେମିତି ଗୁରୁତ୍ୱ ନଥିଲା । ପୁରୁଣା ଆଇନଗୁଡିକ ପରିବର୍ତ୍ତିତ ସମୟରେ ଅଦରକାରୀ ହୋଇପଡିଥିଲା । ତେଣୁ ସେଗୁଡିକୁ ହଟାଇବା ଆବଶ୍ୟକ ରହିଥିଲା। କେନ୍ଦ୍ର ସରକାର ନ୍ୟୁନତମ ଶ୍ରମମୂଲ ପାଇଁ ବ୍ୟବସ୍ଥାକରି ୪ଟି ଆଇନକୁ ମୂଳନୀତି (ୱେଜ୍ କୋଡ)ରେ ୯ଟି ଆଇନକୁ ସାମାଜିକ ସୁରକ୍ଷା କୋଡରେ, ୧୩ଟି ଆଇନକୁ ଓଏସ୍ଏଚ୍ କୋଡରେ, ୩ଟି ଆଇନକୁ ଶିଳ୍ପ ସଂପର୍କ କୋଡରେ ଅନ୍ତର୍ଭୁକ୍ତ କଲେ। ଏହି ଚାରିଗୋଟି ଶ୍ରମ ଆଇନର ସୁବିଧା ସଂଗଠିତ ଏବଂ ଅସଂଗଠିତ କ୍ଷେତ୍ରର ଶ୍ରମିକମାନେ ଲାଭ କରିବେ । ଏମ୍ପ୍ଲୟିଜ୍ ପ୍ରୋଭିଡେଣ୍ଟ ଫଣ୍ଡ (ଇପିଏଫ୍), ଏମ୍ପ୍ଲୟିଜ୍ ପେନ୍‌ସନ୍ ସ୍କିମ୍ (ଇପିଏସ୍), କର୍ମଚାରୀମାନଙ୍କ ବୀମା ସୁବିଧା ସବୁ ଶ୍ରମିକ ଏବେ ପାଇବାକୁ ସକ୍ଷମ ହେବେ । ଶ୍ରମ ଆଇନରେ ନ୍ୟୁତନମ ମୂଲ ପାଇବାର ଅଧିକାରକୁ ସୁରକ୍ଷିତ କରାଯାଇଛି । ପ୍ରତି ପାଞ୍ଚ ବର୍ଷରେ ଥରେ ନ୍ୟୁନତମ ମୂଲକୁ ସମୀକ୍ଷା କରିବା ପାଇଁ ବ୍ୟବସ୍ଥା ରହିଛି । ସମୟାନୁଯାୟୀ ବେତନ ଦେୟ ପ୍ରଦାନର ଗ୍ୟାରେଣ୍ଟି ଏଥିରେ ରଖାଯାଇଛି । ବେତନରେ ପୁରୁଷ ଓ ମହିଳାଙ୍କୁ ସମାନ ଅର୍ଥ ମିଳିବାର ବ୍ୟବସ୍ଥା ରହିଛି । ପ୍ରଥମଥର ପାଇଁ ଦେଶର ୪୦କୋଟି ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ଏହି ଅଧିକାର ଲାଭ କରିବାକୁ ସକ୍ଷମ ହୋଇଛନ୍ତି । ଆଞ୍ଚଳିକ କ୍ଷେତ୍ରରେ ବେତନରେ ଅସମାନତାକୁ ହ୍ରାସ କରିବାକୁ ଏଥିରେ ସ୍ପଷ୍ଟ କରାଯାଇଛି। ଭୌଗୋଳିକ ପରିସ୍ଥିତି ଏବଂ ଦକ୍ଷତାର ସ୍ତରକୁ ବିଚାର କରି ନ୍ୟୁନତମ ମୂଲ୍ୟ ସ୍ଥିର କରାଯାଇଛି ।

ନୂତନ ଶ୍ରମନୀତିରେ ସାମାଜିକ ସୁରକ୍ଷା ସ୍ଥାନ ପାଇଛି। ଏଥିରେ ବୀମା, ପେନସନ, ଗ୍ରାଚ୍ୟୁଏଟୀ, ମାତୃତ୍ୱ ଅଧିକାର ରହିଛି । ଏଥିପାଇଁ ଆଇନଗତ ବ୍ୟବସ୍ଥା ମଧ୍ୟ ରଖାଯାଇଛି । ସରକାର ମଧ୍ୟ ଶ୍ରମିକମାନଙ୍କ ଦ୍ୱାରା ପ୍ରଦତ୍ତ ପାଣ୍ଠିକୁ ଅର୍ଥ ଯୋଗାଇ ଦେବାର ବ୍ୟବସ୍ଥା ରଖାଯାଇଛି । ଶ୍ରମିକମାନେ ଅଳ୍ପ ଅର୍ଥ ଦେଇ ଇଏସ୍ଆଇସି ଡାକ୍ତରଖାନାରେ ମାଗଣା ଚିକିତ୍ସାଗତ ସୁବିଧା ଲାଭ କରିପାରିବେ । ଏବେ ଉଭୟ ସଂଗଠିତ ଏବଂ ଅସଂଗଠିତ କ୍ଷେତ୍ରର ଶ୍ରମିକବର୍ଗ ଡାକ୍ତରଖାନା ସୁବିଧା ପାଇପାରିବେ । ଜିଲ୍ଲାସ୍ତର ପର୍ଯ୍ୟନ୍ତ ଇଏସ୍ଆଇସି ଡାକ୍ତରଖାନା ଖୋଲାଯିବା ପାଇଁ ବ୍ୟବସ୍ଥା ରଖାଯାଇଛି । ଏହି ସୁବିଧା ରହିଥିବା ଜିଲ୍ଲା ସଂଖ୍ୟା ଦେଶରେ ୫୬୬ରୁ ବଢାଇ ୭୪୦ଟି ଜିଲ୍ଲାକୁ ସଂପ୍ରସାରିତ କରାଯାଇଛି । ବିପଦଥିବା କାର୍ଯ୍ୟରେ ନିଯୁକ୍ତ ଜଣେ ଶ୍ରମିକ ମଧ୍ୟ ଇଏସ୍ଆଇସିର ସୁବିଧା ଲାଭ କରିପାରିବ । ବିପଦ ଥିବା ଶିଳ୍ପଗୁଡିକ ସେମାନଙ୍କ ଶ୍ରମିକମାନଙ୍କୁ ଇଏସଆଇସି ସହ ପଞ୍ଜିକୃତ କରିବାକୁ ବାଧ୍ୟତାମୂଳକ କରାଯାଇଛି। ସାମାଜିକ ସୁରକ୍ଷାର ବିସ୍ତାର କରାଯିବା ଯୋଗୁ ପୂର୍ବରୁ ରହିଥିବା ନ୍ୟୁତନମ ଚାକିରୀ ସମୟର ନିୟମକୁ ବଦଳାଯାଇଥିବାରୁ ଗ୍ରାଚ୍ୟୁଇଟୀ ପାଇବାକୁ ଥିବା କର୍ମଚାରୀମାନେ ନିର୍ଦ୍ଦିଷ୍ଟ କାର୍ଯ୍ୟକାଳ ମଧ୍ୟରେ ବି ସୁବିଧା ପାଇବେ। ସ୍ଥାୟୀ ଏବଂ ଅସ୍ଥାୟୀ କର୍ମଚାରୀମାନେ ଏବେ ସମାନ ସୁବିଧା ଲାଭ କରିବେ । ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କ ପାଇଁ ପୋର୍ଟାଲ ପଞ୍ଜିକରଣ ମାଧ୍ୟମରେ ଏକ ତଥ୍ୟ ଆଧାରିତ ଡାଟାବେସ ତିଆରି କରାଯିବ ।୨୦ଜଣରୁ ଅଧିକ କର୍ମଚାରୀଥିବା ସଂସ୍ଥାଙ୍କୁ ଏବେ ଅନ୍‌ଲାଇନରେ ଖାଲିସ୍ଥାନରେ ନିଯୁକ୍ତି ପାଇଁ ରିପୋର୍ଟ କରିବାକୁ ହେବ । ଅସଂଗଠିତ ଶ୍ରମିକଙ୍କ ପାଇଁ ଇପିଏଫଓ ଏବେ ଇଏସ୍ଆଇସି ସୁବିଧା ପାଇବାକୁ ୟୁଏଏନ୍ ଆକାଉଣ୍ଟ ଖୋଲାଯାଇଛି । ଶ୍ରମିକଙ୍କ ସ୍ଥାନାନ୍ତରଣ କ୍ଷେତ୍ରରେ ସୁବିଧାପାଇଁ ଆଧାରକୁ ୟୁଏଏନ୍ ସହ ସଂଯୋଗ କରାଯାଇଛି ।

ଶ୍ରମିକମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା କାର୍ଯ୍ୟକ୍ଷେତ୍ରରେ ଅଧିକାର ରକ୍ଷା ପାଇଁ ବ୍ୟବସ୍ଥା ହୋଇଛି । କଳକାରଖାନା, ଖଣି, ବୃକ୍ଷରୋପଣ, ଯାନବାହନ, ପରିବହନ, ବିଡି ଓ ସିଗାରେଟ ପ୍ରସ୍ତୁତି ଶିଳ୍ପରେ ନିୟୋଜିତ ଶ୍ରମିକ, ଠିକା ଏବଂ ପ୍ରବାସୀ ଶ୍ରମିକମାନେ ସାମାଜିକ ସୁରକ୍ଷା ସୁବିଧା ଲାଭ ସବୁଠାରେ କରିପାରିବେ । ଗୋଟିଏ ରାଜ୍ୟର ଶ୍ରମିକ ଅନ୍ୟ ରାଜ୍ୟରେ ମଧ୍ୟ ଏହି ଆଇନ ବଳରେ ସୁବିଧା ପାଇବାକୁ ହକ୍‌ଦାର ହେବ । ପୂର୍ବରୁ ଠିକାଦାରମାନେ ଶ୍ରମିକମାନଙ୍କ ରାଜ୍ୟ ଚିହ୍ନଟ କରୁଥିଲେ । କିନ୍ତୁ ଏବେ ଆନ୍ତଃରାଜ୍ୟ ଶ୍ରମିକଙ୍କ ପାଇଁ ପୋର୍ଟାଲର ସୁବିଧା ହେବାପରେ ସେମାନଙ୍କୁ ଚିହ୍ନଟ ପାଇଁ କାହାକୁ କହିବାକୁ ହେବନାହିଁ । ନିଯୁକ୍ତି ଦେଉଥିବା ମାଲିକ ଅନ୍ତଃ-ରାଜ୍ୟ ଶ୍ରମିକମାନଙ୍କ ପାଇଁ ନିଜ ସ୍ଥାନକୁ ଯିବା ଆସିବା ଲାଗି ବାର୍ଷିକ ଥରେ ଅର୍ଥ ପ୍ରଦାନ କରିବାର ବ୍ୟବସ୍ଥା ଏଥିରେ ରହିଛି । ଶ୍ରମିକଙ୍କ ନିଯୁକ୍ତି କ୍ଷେତ୍ରରେ ନିଯୁକ୍ତିପତ୍ର ପ୍ରଦାନକୁ ବାଧ୍ୟତାମୂଳକ କରାଯାଇଛି । ନିଯୁକ୍ତିଦାତା ବାର୍ଷିକ ଥରେ ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ବାଧ୍ୟତାମୂଳକ କରାଯାଇଛି । ନିର୍ମାଣ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନେ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ କାର୍ଯ୍ୟପାଇଁ ଗଲେବି ନିର୍ମାଣ ଶ୍ରମିକ ସେସ୍ ପାଣ୍ଠିରୁ ସୁବିଧା ପାଇପାରିବେ । ଗୋଟିଏ ରାଷ୍ଟ୍ର-ଗୋଟିଏ ରାସନକାର୍ଡ ବ୍ୟବସ୍ଥାରେ ଜଣେ ଶ୍ରମିକ ଅନ୍ୟ ରାଜ୍ୟକୁ ଗଲେ ମଧ୍ୟ ସେଠାରେ ରାସନ ପାଇପାରିବେ । ଆନ୍ତଃ-ରାଜ୍ୟ ପ୍ରବାସୀ ଶ୍ରମିକଙ୍କ ପାଇଁ ପ୍ରତ୍ୟେକ ରାଜ୍ୟ ପାଇଁ ହେଲ୍‌ପଲାଇନ ବାଧ୍ୟତାମୂଳକ କରାଯାଇଛି ସେମାନଙ୍କୁ ଅସୁବିଧା ଦୂର କରିବାକୁ । ପୂର୍ବରୁ ୨୪୦ଦିନ କାର୍ଯ୍ୟକରିବା ବଦଳରେ ଏବେ ଯଦି ଜଣେ ଶ୍ରମିକ ୧୮୦ଦିନ କାର୍ଯ୍ୟ କରେ ତେବେ ସେ ପ୍ରତି ୨୦ଦିନରେ ଦିନଟିଏ ଛୁଟି ନେଇପାରିବ । ମହିଳା ଶ୍ରମିକମାନେ ଚାହିଁଲେ ରାତିରେ ମଧ୍ୟ କାର୍ଯ୍ୟ କରିପାରିବେ । ସେଥିରେ ସେମାନଙ୍କ ସମ୍ମତି ସହ ନିଯୁକ୍ତିଦାତାଙ୍କ ପକ୍ଷରୁ ରାତ୍ରିକାଳୀନ ସୁରକ୍ଷା ଓ ସୁବିଧା ପ୍ରଦାନ କରାଯିବା ଆବଶ୍ୟକ । ମାତୃତ୍ୱ ସୁବିଧା ଆଇନ ୨୧୭ରେ ସଂଶୋଧିତ ହୋଇ ମହିଳା ଶ୍ରମିକଙ୍କ କ୍ଷେତ୍ରରେ ଗର୍ଭଧାରଣ ପାଇଁ ୧୨ରୁ ୧୬ ସପ୍ତାହ ଛୁଟି ସୁବିଧା ପ୍ରଦାନ କରାଯାଇଛି । ୫୦ରୁ ଅଧିକ ମହିଳା ଶ୍ରମିକଥିବା ସ୍ଥାନରେ ଶିଶୁମାନଙ୍କର ଯତ୍ନ ପାଇଁ କ୍ରେଚ ସୁବିଧା ରଖିବାକୁ ବାଧ୍ୟତାମୂଳକ କରାଯାଇଛି । ଶିଳ୍ପ ଶ୍ରମିକଙ୍କ କ୍ଷେତ୍ରରେ ବିବାଦର ସମାଧାନ ପାଇଁ ଏହି ଆଇନରେ ସୁବିଧା ରଖାଯାଇଛି । ଶିଳ୍ପ ସଂପର୍କ କୋଡ-୨୦୨୦ ଅନୁଯାୟୀ ନିଯୁକ୍ତି ପାଇନଥିବା ଶ୍ରମିକ 'ଅଟଳ ବିମିତ ବ୍ୟକ୍ତି କଲ୍ୟାଣ ଯୋଜନା'ରୁ ସୁବିଧା ପାଇ ପାରିବେ । ଇଏସ୍ଆଇ ଯୋଜନାରେ ଶ୍ରମିକ ସରକାରଙ୍କ ଅନୁଦାନ ପାଇପାରିବେ । ଚାକିରୀ ହରାଇଥିବା ଶ୍ରମିକ ଦକ୍ଷତାବୃଦ୍ଧି ପାଇଁ ୧୫ ଦିନର ବେତନ ସହ ପ୍ରଶିକ୍ଷଣ ସୁବିଧା ଚାକିରୀ ହରାଇଥିବା ବେଳେ ପାଇବେ । ସେହି ଅର୍ଥ ସିଧା ତାଙ୍କର ବ୍ୟାଙ୍କ ଜମାଖାତାକୁ ଚାଲିଯିବ । ଶ୍ରମ ଟ୍ରିବ୍ୟୁନାଲରେ ଶିଘ୍ର ନ୍ୟାୟ ପାଇଁ ୧ବର୍ଷ ମଧ୍ୟରେ ବିବାଦ ସମାଧାନର ସମୟ ରଖାଯାଇଛି । ଶିଳ୍ପ ଟ୍ରିବ୍ୟୁନାଲରେ ୨ଜଣ ସଦସ୍ୟ ଏଥିପାଇଁ ରହିବେ । ଶିଳ୍ପ କ୍ଷେତ୍ରରେ ମୋଟ ଶ୍ରମିକଙ୍କ ୫୧ ପ୍ରତିଶତ ମତଲାଭ କରିଥିବା ଶ୍ରମିକ ସଂଗଠନକୁ ବିଚାର ଆଲୋଚନା ପାଇଁ, ନିଯୁକ୍ତିଦାତାଙ୍କ ସହ ବୁଝାମଣା ପାଇଁ ସ୍ୱୀକୃତି ଲାଭ କରିବେ । ଯଦି ଶିଳ୍ପ କ୍ଷେତ୍ରରେ କୌଣସି ଗୋଟିଏ ଶ୍ରମିକ ସଂଗଠନ ୫୧ପ୍ରତିଶତ ମତଲାଭ କରିବାକୁ ସକ୍ଷମ ନ ହୁଅନ୍ତି ତେବେ ବିଚାର ଆଲୋଚନା ପାଇଁ ଏକ ଶ୍ରମିକ ସଂଗଠନଙ୍କ କାଉନସିଲ ଗଠନ କରାଯିବ,ଯେଉଁମାନେ କି ନିଯୁକ୍ତିଦାତାଙ୍କ ସହ ଶ୍ରମିକମାନଙ୍କ ପକ୍ଷରୁ ଆଲୋଚନା କରିବେ ।

ଅସଂଗଠିତ କ୍ଷେତ୍ରର ଶ୍ରମିକଙ୍କ ପାଇଁ ୪୦କୋଟି ଟଙ୍କାର ଏକ ସାମାଜିକ ସୁରକ୍ଷା ପାଣ୍ଠି ଗଠନ କରାଯିବ । ଶ୍ରମିକଙ୍କୁ ଶକ୍ତିଶାଳୀ କରିବା, ସେମାନଙ୍କ ସୁରକ୍ଷାର ବିଶ୍ୱାସକୁ ବୃଦ୍ଧି କରିବାକୁ ସରକାର ଏହି ଆଇନ ଆଣିଛନ୍ତି । ଏକଥା ସତ ଯେ ନାରାୟଣମୂର୍ତ୍ତିଙ୍କ ପରି ଶିଳ୍ପପତି ଦେଶରେ କାର୍ଯ୍ୟ ସମୟକୁ ବୃଦ୍ଧି କରିବାକୁ ମତ ଦେଇଥିଲା ବେଳେ ଶ୍ରମିକ ସଂଗଠନଗୁଡିକ ଏହାକୁ ବିରୋଧ କରିଛନ୍ତି । ମହିଳାଙ୍କ ପାଇଁ ରାତ୍ରିକାଳୀନ କାର୍ଯ୍ୟକୁ ସେମାନେ ବିରୋଧ କରିଛନ୍ତି । ଦେଶରେ ଉତ୍ପାଦନ ବୃଦ୍ଧିପାଇଁ ପଡୋଶୀ ରାଷ୍ଟ୍ର ଚୀନ ସହ ପ୍ରତିଯୋଗିତା ପାଇଁ, ଶ୍ରମିକଙ୍କ କାର୍ଯ୍ୟ ସମୟ ବୃଦ୍ଧିକୁ ସରକାର ସମର୍ଥନ କରୁଛନ୍ତି । ଅର୍ଥନୀତିକୁ ବିକାଶଶୀଳ, ସଶକ୍ତ କରିବା ପାଇଁ ଏହି ବିଚାର ସମୟୋପଯୋଗୀ । ମାସ୍ ପ୍ରଡକ୍ସନ ପାଇଁ ମାସ (ଶ୍ରମିକ)ଙ୍କ ସହଯୋଗ ଆବଶ୍ୟକ । ଅନ୍ୟ ଦେଶରେ ଶ୍ରମିକମାନେ ରାଷ୍ଟ୍ରର ଆବଶ୍ୟକ ଦୃଷ୍ଟିରୁ ଅଧିକ ସମୟ କାର୍ଯ୍ୟ କରୁଛନ୍ତି । କେତେକ ରାଷ୍ଟ୍ର "୮ଘଣ୍ଟା ପେସାପାଇଁ, ୪ଘଣ୍ଟା ଦେଶ ପାଇଁ' ବୋଲି ମଧ୍ୟ କହୁଛନ୍ତି । ଭାରତର ଅନେକ ଶ୍ରମିକ ସଂଗଠନ ସରକାରଙ୍କ ସହ ଆଲୋଚନା ବେଳେ ଅନୁପସ୍ଥିତ ରହି ଏବେ ତୁମ୍ବିତୋଫାନ କରିବାର କିଛି ମାନେ ନାହିଁ । ଯେତେବେଳେ ସରକାର ଆଇନ ପ୍ରସ୍ତୁତି ପାଇଁ ସେମାନଙ୍କୁ ଡାକିଥିଲେ ସେତେବେଳେ ଆଲୋଚନାକୁ ବର୍ଜନ କରିଥିବା ସଂଗଠନମାନେ ଏବେ ସଡକରେ ଗର୍ଜନ କଲେ ଶୁଣିବ କିଏ ? ତେଣୁ ଶ୍ରମ ଶକ୍ତିର ଗଠନମୂଳକ ଉପଯୋଗରେ ଦେଶର କିପରି ବିକାଶ କରାଯାଇପାରିବ ଏବେ ତା ଉପରେ ଜୋରଦେବା ଦରକାର ।

ଭୁବନେଶ୍ୱର-୭୫୧୦୦୩

# ଦିବ୍ୟଜ୍ଞାନର ଆବଶ୍ୟକତା

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଭାରତ ଏକ ଧର୍ମ ପ୍ରଧାନ ଦେଶ। ଏଠାରେ ପ୍ରତ୍ୟକ ବ୍ୟକ୍ତି ପ୍ରତ୍ୟକ୍ଷ ଭାବରେ ହେଉ କିମ୍ବା ପରୋକ୍ଷ ଭାବରେ ହେଉ। କେଉଁ ନା କେଉଁ ସମ୍ପ୍ରଦାୟକୁ ଆପଣେଇଥାନ୍ତି। କାରଣ ମନୁଷ୍ୟ ଏକ ସାମାଜିକ ପ୍ରାଣୀ। ସେ ସର୍ବଦା ଅନ୍ୟ ଉପରେ ନିର୍ଭରଶୀଳତାକୁ ଗୁରୁତ୍ୱ ଦେଇଥାଏ। ଯେପରିକି ଆଶ୍ରା, ଆଶ୍ରିତ ଓ ଆଶ୍ରୟକୁ ନେଇ ଜୀବନର ଗତିକୁ ଆଗେଇ ନେଇଥାଏ। ଏହାର ଅର୍ଥ ଆମେ ସର୍ବଦା ଭଗବାନଙ୍କ ଉପରେ ଆଶ୍ରା କରିବା ଦରକାର। ଯାହା ଉପରେ ଆଶ୍ରା କରିବା ତାର ହିଁ ଆଶ୍ରିତ ହେବା ଶ୍ରେୟସ୍କର। କାରଣ ଆମର ତା ସହିତ ଆସ୍ଥା ଯୋଡି ହେଲା। ଆସ୍ଥା ଯୋଡି ହେଲେ ମନୁଷ୍ୟ ନିଜକୁ ସୁରକ୍ଷାମଣି ତାରି ପାଖରେ ଆଶ୍ରୟ ନେବାକୁ ସୁଖ ମଣେ। ଶାସ୍ତ୍ର କହୁଛି ମଣିଷ ମାତ୍ରକେ ଗୁରୁ ଓ ଗୋବିନ୍ଦଙ୍କ ଚରଣକୁ ଯିବା ଦରକାର ନଚେତ ଶାନ୍ତି ଓ ମୁକ୍ତି ମିଳିବ ନାହିଁ। ଗୁରୁ ଚରଣ ମାନେ ଯାହାର ଆଦର୍ଶ ଆମକୁ ଅନୁପ୍ରାଣିତ କରେ। ଯେଉଁ ବ୍ୟକ୍ତି ଗଭୀର ଶ୍ରଦ୍ଧାବାନ ଅଟନ୍ତି ଏବଂ ମନ ଓ ଇନ୍ଦ୍ରିୟକୁ ଦମନ କରିବାର ଅଭ୍ୟାସ କରିଥାଆନ୍ତି, ସେ ଦିବ୍ୟଜ୍ଞାନ ପ୍ରାପ୍ତ କରନ୍ତି। ଏଠାରେ ଆମେ ଦେଖିବା ଦୁଇଟି ଶବ୍ଦକୁ, ଗୋଟିଏ ଶ୍ରଦ୍ଧା ଓ ଅନ୍ୟଟି ଜ୍ଞାନ। ଏଇ ଦୁଇଟି ଶବ୍ଦର ଅର୍ଥ, ଗୁରୁ ଶାସ୍ତ୍ରେଷୁ ବିଶ୍ୱାସକୁ ଶ୍ରଦ୍ଧା କହନ୍ତି ଓ ଯେଉଁଟି ଯାହା ତାକୁ ସେହି ରୂପେ ଜାଣିବା ହେଉଛି ଜ୍ଞାନ। ଯେଉଁଟି ଯାହା ତାକୁ ଅନ୍ୟ ରୂପରେ ଦେଖିବା ହେଉଛି ଅଜ୍ଞାନ। ଏଠାରେ ଜ୍ଞାନ ଅର୍ଥ ଦିବ୍ୟଜ୍ଞାନକୁ ବୁଝାଉଛି। ଯାହା ଏପରି ଏକ ବିଷୟ ଯାହାର ପ୍ରାପ୍ତିରେ ମନୁଷ୍ୟ ପବିତ୍ରୀକରଣ ହୋଇଯାଏ। ସୁଖ ଶାନ୍ତି ପ୍ରାପ୍ତି କରେ। ଅଜ୍ଞାନ ହେଉଛି ଆମର ବନ୍ଧନର କାରଣ ଏବଂ ଜ୍ଞାନ ହେଉଛି ଆମର ମୁକ୍ତିର କାରଣ। ଯେତେବେଳେ ବ୍ୟକ୍ତି ଦିବ୍ୟଜ୍ଞାନ ସ୍ତରରେ ଅବସ୍ଥାନ କରେ। ସେତେବେଳେ ସେ ଆଉ ଅନ୍ୟତ୍ର ଶାନ୍ତିର ଅନ୍ୱେଷଣ କରିବା ଦରକାର ନାହିଁ। କାରଣ ସେ ନିଜ ମଧ୍ୟରେ ହିଁ ଶାନ୍ତି ପାଏ। ଦିବ୍ୟଜ୍ଞାନର ବୃଦ୍ଧି ଘଟିଲେ ତାର ସମସ୍ତ ସନ୍ଦେହ ଦୂରୀଭୂତ ହୋଇଯାଏ।

ଶ୍ରଦ୍ଧା ଦ୍ୱାରା ଜ୍ଞାନ ପ୍ରାପ୍ତ ହୁଏ ଏବଂ ଯେଉଁ ଶ୍ରଦ୍ଧା, ଗୁରୁ ଓ ଶାସ୍ତ୍ର ଉପରେ ବିଶ୍ୱାସ କଲେ ଯାଇ ମିଳିବ। ବିଶ୍ୱାସ ମଧ୍ୟ ସହଜେ ହେବ ନାହିଁ କାରଣ ବିଶ୍ୱାସ ଅନୁଭବର କଥା। ଯେବେ ବିଦ୍ୟାର୍ଥୀ ଗୁରୁ ଓ ଶାସ୍ତ୍ର ଅନୁମୋଦିତ ନିୟମ ଅନୁଯାଇ ଚାଲିବ। ଭଗବାନଙ୍କ ଏହି ସୁନ୍ଦର ସଂସାରରେ ଦିବ୍ୟଜ୍ଞାନ ହେଉଛି ଅମୃତ ପରି ଆଉ ତାହାକୁ ପ୍ରାପ୍ତ କରିପାରିଲେ ଏ ସଂସାରରେ ସବୁ କିଛି ମିଳିଯିବା ସହ ଭଗବାନଙ୍କୁ ଅନୁଭବ କରିଲା ପରି ଲାଗେ । ତେବେ ଏହି ଦିବ୍ୟଜ୍ଞାନରେ ଶୁଦ୍ଧ କରିବା, ଉନ୍ନତ କରିବା, ମୁକ୍ତ କରିବା ଏବଂ ଭଗବାନଙ୍କ ସହିତ ମିଳିତ କରାଇବାର ଶକ୍ତି ରହିଛି, ତେଣୁ ଏହା ଅତ୍ୟନ୍ତ ଗରିମାମୟ ଏବଂ ଶୁଦ୍ଧ ଅଟେ । ଏହି ଜ୍ଞାନ ଦୁଇ ପ୍ରକାରର। ଏକରେ ଶାବ୍ଦିକ ଜ୍ଞାନ ଏବଂ ଦ୍ୱିତୀୟରେ ଅନୁଭବାତ୍ମକ ଜ୍ଞାନ । ଗୋଟିଏ ପ୍ରକାର ଜ୍ଞାନ ଅଛି ଯାହା ଶାସ୍ତ୍ର ପଠନ ଏବଂ ଗୁରୁଙ୍କ ଠାରୁ ଶ୍ରବଣ ଦ୍ୱାରା ହୋଇଥାଏ । କିନ୍ତୁ କେବଳ ଶାବ୍ଦିକ ଜ୍ଞାନ ଅପର୍ଯ୍ୟାପ୍ତ ଅଟେ ସବୁକିଛି ପ୍ରାପ୍ତି ପାଇଁ ଅର୍ଥାତ୍ ଭଗବାନଙ୍କୁ ଉପଲବ୍ଧି କରିବା ପାଇଁ । ଉଦାହରଣ, ଯେପରି ଜଣେ ବ୍ୟକ୍ତି ପାକଶାସ୍ତ୍ର ପଠନ କରିଥାଏ କିନ୍ତୁ କେବେ ସେ ରୋଷେଇଶାଳକୁ ଯାଇ ନ ଥାଏ । ଅର୍ଥାତ୍ ସେ ରୋଷେଇ ବିଷୟରେ ଅଧ୍ୟୟନ କରିଛି କିନ୍ତୁ ରୋଷେଇ କରି ଶିଖି ନାହିଁ। ରୋଷେଇର ଏହି ଶାବ୍ଦିକ ଜ୍ଞାନ କାହାର କ୍ଷୁଧା ମେଣ୍ଟାଇ ପାରିବ ନାହିଁ । ସେହିପରି ଜଣେ ବ୍ୟକ୍ତି ଗୁରୁଙ୍କଠାରୁ ଆତ୍ମା, ଭଗବାନ୍, ମାୟା, କର୍ମ, ଜ୍ଞାନ ଏବଂ ଭକ୍ତି ବିଷୟରେ ଶାବ୍ଦିକ ଜ୍ଞାନ ପ୍ରାପ୍ତ କରିପାରେ, କିନ୍ତୁ ତାହା ଭଗବତ୍‌ପ୍ରାପ୍ତି କରାଇ ନ ଥାଏ । ବ୍ୟକ୍ତି ଯେତେବେଳେ ଏହି ଶାବ୍ଦିକ ଜ୍ଞାନ ଅନୁସାରେ ସାଧନା କରି ତା'ର ଅନ୍ତଃକରଣ ଶୁଦ୍ଧ କରିଥାଏ, ସେତେବେଳେ ତାଙ୍କ ଅନ୍ତରରେ ଆତ୍ମା ବିଷୟରେ ଏବଂ ଭଗବାନଙ୍କ ସହିତ ତାଙ୍କର ସମ୍ବନ୍ଧ ବିଷୟରେ ଜ୍ଞାନ ଉଦ୍‌ଭାସିତ ହୁଏ । ଏହାକୁ ପ୍ରାପ୍ତି ପାଇଁ ଯୋଗ ସାଧନା ଆବଶ୍ୟକ। ଯୋଗ ସାଧନା ମାଧ୍ୟମରେ ଅନ୍ତରର ଅନୁଭୂତି ଦ୍ୱାରା ଯେଉଁ ଜ୍ଞାନ ପ୍ରାପ୍ତ ହୋଇଥାଏ, ତାହା ଶାବ୍ଦିକ ଜ୍ଞାନ ଅପେକ୍ଷା ଶ୍ରେଷ୍ଠତର ଅଟେ ।

ଆସନ୍ତୁ ଏ ଦିବ୍ୟଜ୍ଞାନକୁ ନେଇ ଛୋଟ କଥାଟିଏ ଜାଣିବା ଯେ ଦିବ୍ୟଜ୍ଞାନ କିପରି ଉଦୟ ହୁଏ ଆଉ ଏହି ଦିବ୍ୟଜ୍ଞାନ ଦ୍ୱାରା ମନୁଷ୍ୟ କିପରି ମନ ପରିବର୍ତ୍ତନ ହୋଇଥାଏ। ଜଣେ ରାଜକୁମାର ତତ୍‌କ୍ଷଣାତ୍ ଦିବ୍ୟଜ୍ଞାନ ଲାଭ କାମନାରେ, ଜଣେ ଗୁରୁଙ୍କୁ ଭେଟିଲେ। ତାଙ୍କ କାମନା ବାବଦରେ ଜାଣି, ଗୁରୁ ଏହା ସମ୍ଭବ ବୋଲି କହିଲେ। ରାଜକୁମାର କେଉଁ ବିଦ୍ୟାରେ ସବୁଠାରୁ ନିପୁଣ, ଜାଣିବାକୁ ଚାହିଁଲେ। ତାଙ୍କୁ ଅନେକ ସାମରିକ କଳା ଜଣାଥିଲା। ସେ ଅଶ୍ୱାରୋହଣରେ ସବୁଠାରୁ ପାରଙ୍ଗମ ବୋଲି କହିଲେ। ମଠରେ ରହୁଥିବା ଗୁରୁଙ୍କର ଜଣେ ଚେଲା ବି ଏହି ବିଦ୍ୟାରେ ନିପୁଣ ଥିଲେ।

ଦୁହିଁଙ୍କ ଭିତରେ ପ୍ରତିଯୋଗିତା ପାଇଁ ଗୁରୁ କହିଲେ। ସର୍ତ୍ତ ରହିଲା ଯିଏ ହାରିବ, ସେ ନିଜ ପେଟକୁ ନିଜେ ଛୁରି ଭୁଷିବା) ଦ୍ୱାରା ଆତ୍ମହତ୍ୟା କରିବ। ରାଜକୁମାରଙ୍କୁ ଲାଗିଲା, ମଠରେ ରହୁଥିବା ପ୍ରତିଦ୍ୱନ୍ଦ୍ୱୀ କେବେ ହେଲେ ଜିତି ପାରିବନାହିଁ। ତା'ର ଜୀବନ ଯିବ। ହଠାତ୍ ସେ ଚିନ୍ତିତ ଦିଶିଲେ- ଆରେ ମୁଁ ଏ କ'ଣ କରୁଛି ? ମୁଁ ବଡ଼ ନିଷ୍ଠୁର। ମୁଁ ଦିବ୍ୟଜ୍ଞାନ ତଲାସରେ ଆସିଥିଲି। ଆଉ ମୋ ପାଇଁ ଏବେ ଜଣଙ୍କର ପ୍ରାଣ ଯିବ। ଜଣଙ୍କର ମୃତ୍ୟୁରୁ ପ୍ରାପ୍ତ ଦିବ୍ୟଜ୍ଞାନ ମୋ'ର କେଉଁ କାମରେ ଲାଗିବ ? ସେ ବିଚଳିତ ହୋଇପଡ଼ିଲେ। ଯଦି, ଜାଣିଶୁଣି ହାରିବେ, ନିଜ ପ୍ରାଣ ଯିବ, ଜିତିଲେ ନିରୀହ ପ୍ରତିଦ୍ୱନ୍ଦ୍ୱୀର। ଏହା ଭାବିଭାବି ସେ ଡରିଗଲେ। ତାଙ୍କ ଅବସ୍ଥା ଦେଖି ଉପସ୍ଥିତ ଥିବା ଗୁରୁ କହିଲେ- ତୁମ ହୃଦୟ ନିର୍ମଳ। ତୁମେ ବିବେକବାନ। ତେଣୁ, ତୁମେ ପ୍ରତିଦ୍ୱନ୍ଦ୍ୱୀର ମୃତ୍ୟୁର କାରଣ ହେବା ପାଇଁ ଇଚ୍ଛା କରୁନାହଁ। ଏହା ହିଁ ତ ଦିବ୍ୟଜ୍ଞାନ।

ବରୀ, ଯାଜପୁର
ମୋ: ୯୯୩୮୯୦୬୦୭୦

# ବ୍ୟାଙ୍କ କାରବାର

**ଡକ୍ଟର ତପନ କୁମାର ପାଳ**

ଆଜିର ସମୟରେ ଆମ ଦେଣନେଣ ଓ ଆର୍ଥିକ କାରବାରରେ ବ୍ୟାଙ୍କିଙ୍ଗ ସେବା ଦିନକୁ ଦିନ ସୁବିଧାଜନକ ଓ ଲୋକମାନଙ୍କ ଅତ୍ୟାଧୁନିକ ମୋବାଇଲ ଫୋନରେ ବେଶ ବିନା ଅସୁବିଧାରେ କାରବାର ହୋଇପାରୁଛି। ବ୍ୟାଙ୍କରେ ଖାତାଟିଏ ଖୋଲିବା ପରେ ସେଥିରୁ ଟଙ୍କା ଦେଣନେଣ କରିବା ପାଇଁ ଆମକୁ ନିଜ ଖାତା ନମ୍ବର, ବ୍ୟାଙ୍କ ଓ ଶାଖାର ନାମ ସହିତ ଭିନ୍ନ ଭିନ୍ନ ସମୟରେ ବ୍ରାଞ୍ଚ କୋଡ଼ ଓ ଆଇଏଫଏସ କୋଡ଼ ଆଦି ଲେଖିବା ଦରକାର ହୋଇଥାଏ। ଆସନ୍ତୁ ଜାଣିବା ଏହି କୋଡ଼ଗୁଡ଼ିକ କ'ଣ ଏବଂ ଏହା କେଉଁଥିପାଇଁ ବ୍ୟବହାର କରାଯାଏ ?

ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ସମସ୍ତେ ଜାଣିବା ଉଚିତ ଯେ ବ୍ୟାଙ୍କ ଗୁଡ଼ିକର ବିଭିନ୍ନ ସ୍ଥାନରେ ଏକାଧିକ ଶାଖା ରହିଥିବାରୁ ପ୍ରତ୍ୟେକ ଶାଖାକୁ କୋଡ଼ ଦ୍ୱାରା ଚିହ୍ନିତ କରାଯାଏ। ଏହା ତିନିରୁ ଛଅ ଅଙ୍କ ବିଶିଷ୍ଟ ଏକ ସଂଖ୍ୟା। ଉଦାହରଣ ସ୍ୱରୂପ ଭାରତୀୟ ଷ୍ଟେଟ ବ୍ୟାଙ୍କର ଭୁବନେଶ୍ୱର ମୁଖ୍ୟ ଶାଖା ବ୍ରାଞ୍ଚ କୋଡ଼ ହେଲା ୦୦୦୪୧। ପ୍ରତ୍ୟେକ ଶାଖାର କୋଡ଼ ସ୍ୱତନ୍ତ୍ର। କୌଣସି ଦୁଇଟି ଶାଖାର ବ୍ରାଞ୍ଚ କୋଡ଼ ସମାନ ହୋଇପାରିବ ନାହିଁ।

ସେହିପରି ଆଇଏଫଏସ କୋଡ଼ ଇଣ୍ଡିଆନ ଫାଇନାନସିଆଲ ସିଷ୍ଟମ କୋଡ଼ ବା ଆଇଏଫଏସସି ନାମରେ ପରିଚିତ ଏହି ଏଗାର ସଂଖ୍ୟା ବିଶିଷ୍ଟ କୋଡ଼ରେ ଅକ୍ଷର ଓ ଅଙ୍କ ଉଭୟ ଥାଏ। ଏହାର ପ୍ରଥମ ଚାରଟି ସ୍ଥାନରେ ଥିବା ଚାରଟି ଅକ୍ଷର ବ୍ୟାଙ୍କର ନାମକୁ ବୁଝାଏ। ଉଦାହରଣ ସ୍ୱରୂପ ଏଚଡ଼ିଏଫସି ବ୍ୟାଙ୍କ ଶାଖାର ଆଇଏଫଏସ କୋଡ଼ର ପ୍ରଥମ ଚାରଟି ଅକ୍ଷର ଏଚ୍‌ଡ଼ିଏଫସି ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା କ୍ଷେତ୍ରରେ ଏହା ଏସବିଆଇଏନ୍ ହୋଇଥାଏ। ଏହି କୋଡ଼ର ଶେଷ ଛଅଟି ଅଙ୍କରେ ବ୍ରାଞ୍ଚ କୋଡ଼ ହିଁ ଲେଖାଥାଏ। ପଞ୍ଚମ ସ୍ଥାନରେ '୦' (ଶୂନ)ଥାଏ। ଅନଲାଇନ ଟଙ୍କା ଦେଣନେଣ ଅର୍ଥାତ୍ ଆଇଏମପିଏସ, ଏଇନଏଫଟ ବା ଆରଟିଜିଏସ କରିବା ସମୟରେ ଏହି ଏଗାର ସଂଖ୍ୟା ବିଶିଷ୍ଟ ଆଇଏଫଏସସି ମାଧ୍ୟମରେ ବ୍ୟାଙ୍କ ଓ ତାହାର ନିର୍ଦ୍ଦିଷ୍ଟ ଶାଖାକୁ ଚିହ୍ନଟ କରାଯାଏ। ଏଣୁ ଏହି କୋଡ଼ ଠିକ ଭାବରେ ଲେଖିବା ଜରୁରୀ। ଗ୍ରାହକଙ୍କ ସୁବିଧା ଲାଗି ପାସବୁକ ଓ ଚେକ ବହିର ପ୍ରଥମ ପୃଷ୍ଠାରେ ତଥା ପ୍ରତ୍ୟେକ ଚେକ ଉପରେ ଶାଖାର ନାମ, ଠିକଣା ଓ ଆଇଏଫଏସ କୋଡ଼ ଆଦି ଲେଖାଥାଏ। ସଂପୃକ୍ତ ବ୍ୟାଙ୍କର ୱେବସାଇଟରେ ମଧ୍ୟ ଏହି ତଥ୍ୟ ଉପଲବ୍ଧ।

ଆଜିକାଲି ଅନେକ ଠକ ଲୋକମାନଙ୍କୁ ସେମାନଙ୍କ ସରଳତାର ସୁଯୋଗ ନେଇ ଏବଂ ବ୍ୟାଙ୍କିଙ୍ଗ ସୁବିଧା ସମ୍ପର୍କରେ ନ ଜାଣିଥିବାରୁ ଅର୍ଥ ହାତ ସଫେଇ କରୁଥିବାର ଖବର ଗଣମାଧ୍ୟମରେ ପ୍ରକାଶ ପାଉଛି। ତେଣୁ କୌଣସି ପରିସ୍ଥିତିରେ ଆପଣ ଅଜଣା ବ୍ୟକ୍ତିଙ୍କୁ ଆପଣଙ୍କର ଗୁରୁତ୍ୱପୂର୍ଣ୍ଣ ବ୍ୟାଙ୍କିଙ୍ଗ ସୂଚନା ଓ ବ୍ୟାଙ୍କିଙ୍ଗ କୋର୍ଡ଼ ପ୍ରଦାନ କରନ୍ତୁନାହିଁ। ଆଜିକାଲି ବ୍ୟାଙ୍କ ଉଚ୍ଚମାନର ସୁବିଧା ପ୍ରଦାନ କରୁଛନ୍ତି। ଆପଣଙ୍କର ଯେ କୌଣସି ସମସ୍ୟା ଥିଲେ ସର୍ବପ୍ରଥମେ ଆପଣଙ୍କ ପାସବୁକ୍ ରହିଥିବା ଶାଖା ସହିତ ଯୋଗାଯୋଗ କରନ୍ତୁ। କୌଣସି ଅସୁବିଧା ହେଲେ ବ୍ୟାଙ୍କର ନିର୍ଦ୍ଦିଷ୍ଟ ଟୋଲ ଫ୍ରି ଓ ହେଲପ୍ ଲାଇନ ନମ୍ବର ରହିଛି ଯାହା ଦିନରାତି, ୩୬୫ ଦିନ କାର୍ଯ୍ୟ କରିଥାଏ। ଅନେକ ଠକ ଅନେକ ପ୍ରକାର ପ୍ରଲୋଭନ ଦେଖାଇ ଆଜିକାଲି ଅର୍ଥ ଲୁଟ କରୁଛନ୍ତି। ତେଣୁ ବ୍ୟାଙ୍କିଙ୍ଗ କାରବାର ସମୟରେ ଆପଣଙ୍କର ଆଇଏଫଏସସି କୋଡ଼ ଜାଣିବା ସହିତ କୌଣସି ପରିସ୍ଥିତିରେ ଅଜଣା ଲୋକଙ୍କୁ ସେମାନେ ପ୍ରେରିତ କରିଥିବା ଓଟିପି ନମ୍ବର ଦିଅନ୍ତୁ ନାହିଁ। ସବୁକ୍ଷେତ୍ରରେ ବ୍ୟାଙ୍କକୁ ସହଯୋଗ କରନ୍ତୁ ଏବଂ ନିଜ ଆର୍ଥିକ କାରବାର ସୁରକ୍ଷିତ ରହିବା ସହ ବ୍ୟାଙ୍କ ସେବାର ମୂଲ୍ୟବାନ ସମୟ ଯେପରି ନଷ୍ଟ ନହୁଏ ସେ ଦିଗକୁ ଦେଖିବା ଆମ ସମସ୍ତଙ୍କର ଦାୟିତ୍ୱ।

ତୁଳସୀପୁର, କଟକ,
ମୋ: ୯୯୩୭୬୫୮୩୬୨

## ସଂପାଦକଙ୍କୁ ପତ୍ର

### ବ୍ୟାପକ ଜନସଚେତନତା ଲୋଡ଼ା

ମହାଶୟ,

ପ୍ରତିବର୍ଷ ସପ୍ତାହବ୍ୟାପୀ ସଡ଼କ ସୁରକ୍ଷା ସପ୍ତାହ ପାଳନ କରିବାକୁ ଯାଇ ସଚେତନତା ସଭାର ଆୟୋଜନ କରାଯାଉଛି। କିନ୍ତୁ ଯାହା ଦେଖାଯାଉଛି ଏସବୁ ପ୍ରତିଦିନ ବଢୁଥିବା ଦୁର୍ଘଟଣାକୁ ରୋକିବାରେ ସଫଳ ହେଉନାହିଁ। ସେଥିପାଇଁ ତ ଜାତୀୟସ୍ତରର ଦୁର୍ଘଟଣା ହାରରେ ଓଡ଼ିଶାର ସ୍ଥାନ ରେକର୍ଡ ସ୍ଥିତିରେ ରହିଆସିଛି। ଆଉ ଏହା ମଧ୍ୟରେ ଯାଜପୁର ଜିଲ୍ଲା ରାଜ୍ୟସ୍ତରରେ ଶୀର୍ଷରେ ରହିଛି। ଯାଜପୁର ଜିଲ୍ଲାର ବଡ଼ଚଣା ଥାନା ଅଞ୍ଚଳରେ ଦୁର୍ଘଟଣାର ହାର ସର୍ବାଧିକ ରହିଛି। ଯେତେବେଳେ ଏହି ଅଞ୍ଚଳରେ ଗୋଟିଏ ଥାନା, ଦୁଇଟି ଫାଣ୍ଡି, ଗୋଟିଏ ଟ୍ରାଫିକ ଥାନା ଓ ଆରଟିଓ କାର୍ଯ୍ୟାଳୟ ରହିଥିବାବେଳେ ଅନ୍ୟପଟେ ଅନେକ ସମୟରେ ବିଭିନ୍ନ ଅନୁଷ୍ଠାନ, ମହାବିଦ୍ୟାଳୟ ଓ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ତେବେ ପ୍ରଶ୍ନ ଉଠୁଛି ଉପରୋକ୍ତ ସରକାରୀ ଅନୁଷ୍ଠାନଗୁଡ଼ିକର କର୍ମଚାରୀ ସବୁ ନିଜ କର୍ତ୍ତବ୍ୟ ସୁଚାରୁରୂପେ ତୁଲାଉଛନ୍ତି କି ନାହିଁ? ସରକାର କେବଳ ସଚେତନତା ବାର୍ତ୍ତା ଦେଇଦେଲେ ହେବ ନାହିଁ । ଏହାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ପଡ଼ିବ । ଜନସାଧାରଣ ଏହାର ସୁଫଳ ପାଇବା ଦରକାର ।

କୃପାସିନ୍ଧୁ ସାହୁ, ଆଠଗଡ଼, କଟକ

# ଚାଷୀଙ୍କୁ କନ୍ଦାଉଛି ଟୋକନ୍

ରାୟଗଡ଼ା (ପିପିଏସ୍): ରାୟଗଡ ଜିଲ୍ଲାରେ କାନ୍ଦୁଛନ୍ତି ଚାଷୀ। ଚାଷୀଙ୍କୁ ଟୋକନ ନମିଳିବା ଯୋଗୁଁ ଏହିଭଳି ସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି।

ଗତ ଡିସେମ୍ବର ୧୭ ତାରିଖ ଠାରୁ ରାୟଗଡ଼ା ଜିଲ୍ଲାରେ ଖରିଫ୍ ଧାନମଣ୍ଡି ଆରମ୍ଭ ହୋଇଛି । ଗତ ଦେଢ ମାସ ମଧ୍ୟରେ ଯେଉଁଭଳି ଧାନ ସଂଗ୍ରହ ହେବା କଥା ତାହା ହେଉନାହିଁ। ହେଲେ ଛୁଟିଦିନ ବାଦ୍ ଦେଲେ ଗତ ୪୦ ଦିନ ମଧ୍ୟରେ ଆଖିଦୃଶିଆ ଧାନ ଚାଷୀଙ୍କ ଠାରୁ ଗ୍ରହଣ ହୋଇନାହିଁ। ପ୍ରଥମେ ମିଲରଙ୍କ ଆନ୍ଦୋଳନ ଯୋଗୁଁ ସମସ୍ୟା ସୃଷ୍ଟି ହୋଇଥିଲା। ତାପରେ ଚାଷୀଙ୍କୁ ଟୋକନ ନମିଳିବା ଯୋଗୁଁ ଏହିଭଳି ସ୍ଥିତି ସୃଷ୍ଟି ହୋଇଛି। ଫଳରେ ଚାଷୀଙ୍କ ମଧ୍ୟରେ ଚିନ୍ତା ବଢ଼ିବାରେ ଲାଗିଛି। ଯାହାକି ଏକ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଫଳରେ ଧାନ ସଂଗ୍ରହ ଖୁବ୍ ପ୍ରଭାବିତ ହୋଇଛି। ଏବେ ପ୍ରଭାବିତ ହେଉଥିବା ବେଳେ ଶିବରାତ୍ରି ପରେ ଚାଷୀ କ୍ଷତିଗ୍ରସ୍ତ ହେବେ ବୋଲି ଅନୁମାନ କରାଯାଉଛି। ଏଭଳିକି ପୂର୍ବାନୁମାନ କରି ବର୍ତ୍ତମାନ ସୁଦ୍ଧା ଶତ ପ୍ରତିଶତ ମିଲର ଚୁକ୍ତି ମଧ୍ୟ କରିନାହାନ୍ତି। ଶିବରାତ୍ରି ପରେ କମ୍ ଦରରେ କିଣି ମୁନାଫା ନେବାକୁ ଚିନ୍ତା କରୁଥିବା ଅଭିଯୋଗ ହୋଇଛି। ଫଳରେ ଚାଷୀଙ୍କ ୪୯ ହଜାର ୩୧୨.୭୦ କ୍ୱିଣ୍ଟାଲ ଧାନ ମଣ୍ଡିରେ ପଡ଼ିରହିଛି। ଏତଦବ୍ୟତୀତ ଚାଷୀଙ୍କ ଖଳାରେ ପ୍ରାୟ ୨୫ ହଜାର କ୍ୱିଣ୍ଟାଲ ଧାନ ପଡ଼ିଛି। ପଡିରହିଥିବା ଧାନକୁ ଚାଷୀ ଥଣ୍ଡା ଓ କାକରରେ ଜଗି ରହିଛନ୍ତି। ଯୋଗାଣ ବିଭାଗର ଆବଶ୍ୟକ ସଂରକ୍ଷଣ ବ୍ୟବସ୍ଥା ନଥିବା ଯୋଗୁଁ ଏହିଭଳି ଅବସ୍ଥା ଭୋଗୁଛନ୍ତି ଚାଷୀ। ଜିଲ୍ଲାର ପ୍ରାୟ ୨୧ ହଜାର ୪୮୬ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। କିଛି ଚାଷୀଙ୍କୁ ଟୋକନ ମଧ୍ୟ ମିଳିଛି । ଆଉ ସିଂହଭାଗ ଚାଷୀ ଟୋକନ୍ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏତଦବ୍ୟତୀତ ଏଯାବତ୍ ମିଲର ଓ ଯୋଗାଣ ବିଭାଗ ମଧ୍ୟରେ ସମ୍ପୂର୍ଣ୍ଣ ଆଲୋଚନା ହୋଇନଥିବା କାରଣରୁ ଗତ ୪୦ ଦିନରେ ସଠିକ୍ ଧାନ ବିକ୍ରି ହୋଇନାହିଁ। ମଣ୍ଡି ନାମକୁ ମାତ୍ର ପାଲଟିଛି। ଖୋଦ୍ ସମବାୟ ବିଭାଗ କୌଣସି ମଣ୍ଡିରେ ଧାନ ନକିଣିବା ପାଇଁ ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ମାନଙ୍କୁ ପରୋକ୍ଷ ନିର୍ଦ୍ଦେଶ ଦେଇଛି। ଫଳରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଖୋଲାଯାଇଥିବା ୪୩ ମଣ୍ଡିରେ ବସି ରହିଛନ୍ତି ଲ୍ୟାମ୍ପ କର୍ମଚାରୀ। ଏହି ନିର୍ଦ୍ଦେଶ ସମ୍ପୂର୍ଣ୍ଣ ଭାବରେ ବେଆଇନ। ଏହି କାରଣରୁ ଧାନ ସଂଗ୍ରହ ପ୍ରଭାବିତ ହେବା ଆଶଙ୍କା ଘନୀଭୂତ ହୋଇଛି। ବର୍ତ୍ତମାନ ସୁଦ୍ଧା ମାତ୍ର ୭ ଲକ୍ଷ ୭୫ ହଜାର ୮୮.୫୫ କ୍ୱିଣ୍ଟାଲ ଧାନ ୧୪ ହଜାର ୮୪୧ ଜଣ ଚାଷୀଙ୍କ ଠାରୁ କିଣାଯାଇଛି। ବଳକା ୭ ହଜାର ଚାଷୀ ଟୋକନ୍ ପାଇନଥିବା ଜଣାପଡ଼ିଛି। ୧୪ ହଜାର ମଧ୍ୟରେ ପ୍ରାୟ ୧୦ ହଜାର ଚାଷୀ ନିଜର ସମ୍ପୂର୍ଣ୍ଣ ଟୋକନ ପାଇନଥିବା ଜଣାପଡ଼ିଛି। ଏହାକୁ ନେଇ ଚାଷୀ ଚିନ୍ତାରେ ରହିଛନ୍ତି। ଟୋକନ ମିଳିବ ନା ନାହିଁ ତାହାର ସଠିକ୍ ସୂଚନା ସମବାୟ ଓ ଯୋଗାଣ ବିଭାଗ ନିକଟରେ ନାହିଁ। ଏଣେ ଯେଉଁ ଚାଷୀ ଧାନ ବିକ୍ରି କରିଛନ୍ତି ସେମାନେ ଟଙ୍କା ପାଇନଥିବା ଜଣାପଡ଼ିଛି। ଟଙ୍କା ପାଇଁ ବାରମ୍ବାର ଲ୍ୟାମ୍ପକୁ ଦୌଡୁଛନ୍ତି। ଗତବର୍ଷ ୧୧୧ ଜଣ ମିଲର ଧାନ କିଣା ପ୍ରକ୍ରିୟାରେ ସାମିଲ



ହୋଇଥିଲେ। ମିଲରଙ୍କ ସହିତ ଯୋଗାଣ ଓ ସମବାୟ ବିଭାଗର ମଧୁଚନ୍ଦ୍ରିକା ଯୋଗୁଁ ଚାଷୀ ହନ୍ତସନ୍ତ ହେଉଥିବା କୃଷକମାନେ ଅଭିଯୋଗ କରିଛନ୍ତି। ଆଉ ଏହି କାରଣରୁ

**ମଣ୍ଡିରେ ପଡ଼ିଛି ହଜାର ହଜାର କ୍ୱିଣ୍ଟାଲ ଧାନ**

ମଣ୍ଡିରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏଭଳିକି ଯେଉଁ ମିଲରଙ୍କ ସହ ଚୁକ୍ତି ହୋଇଛି ସେମାନେ ଧାନ କିଣିବାକୁ ମଣ୍ଡିକୁ ଆସୁନଥିବା ମଧ୍ୟ ସୂଚନା ମିଳିଛି। ଏଥିପାଇଁ ସରକାର ଟୋକନ ପ୍ରଦାନ କରୁନାହାନ୍ତି। ମିଲର ପୁରା ଧାନ ନେଉନଥିବା କାରଣରୁ ସମବାୟ ଓ ଯୋଗାଣ ବିଭାଗ ହାତ ବାନ୍ଧି ବସିଛି। କାରଣ ଲ୍ୟାମ୍ପସ ଜରିଆରେ ଚାଷୀ ଧାନ ବିକ୍ରି କରିବେ। ଆରଏମସି ମଣ୍ଡି ପରିଚାଳନା କରିବ। ତେବେ ମିଲର ନଥିବା କାରଣରୁ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ହେବାପରେ ତାହା କେଉଁଠି ରଖିବେ ସେହି ଚିନ୍ତାରେ ରହିଛି ବିଭାଗ । ସଂଗୃହିତ ଧାନ ଟାର୍ଗେଟ ପାଇଥିବା ମିଲର ଧାନ କିଣି ନିଜ ଗୋଦାମକୁ ନେଉଥିଲେ। ତାହା ସେମାନଙ୍କ ଜିମାରେ ରହୁଥିଲା। ପରବର୍ତି ପର୍ଯ୍ୟାୟରେ ମିଲର ଧାନ ବାବଦର ଚାଉଳ ସରକାରଙ୍କୁ ଫେରାଉଥିଲେ। କିନ୍ତୁ ମିଲର ଠିକ୍ ଭାବରେ ଆସୁନଥିବା କାରଣରୁ ଏହିଭଳି ଘଟିଛି। ଏହି କାରଣରୁ ଧାନ ସଂଗ୍ରହ ଜଟିଳତା ଆଡକୁ ଗତି କରୁଛି। ଯଦି ସରକାର ସମାଧାନ ନକରନ୍ତି ତେବେ ଧାନ ସଂଗ୍ରହ ପ୍ରଭାବିତ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ବିଭିନ୍ନ ମଣ୍ଡିରେ ଜଣେ ମଧ୍ୟ ଚାଷୀଙ୍କୁ ଦେଖିବାକୁ ମିଳୁନାହିଁ। ସୂଚନା ଯୋଗ୍ୟ ଯେ, ୨୦୨୧-୨୨ ରେ ୧୩୩ ମିଲର, ୨୦୨୨-୨୩ ରେ ୧୨୧ ମିଲର, ୨୦୨୩-୨୪ ରେ ୧୨୨ ମିଲର ଓ ୨୦୨୪-୨୫ ରେ ୧୧୧ ଜଣ ମିଲର ଧାନ ନେବା ପାଇଁ ଯୋଗାଣ ବିଭାଗ ସହିତ ଚୁକ୍ତି କରିଥିଲେ। ଚଳିତବର୍ଷ ୯ ଲକ୍ଷ ୩୨ ହଜାର କ୍ୱିଂଟାଲ ଧାନ ସଂଗ୍ରହ ପାଇଁ ଟାର୍ଗେଟ ରହିଛି। ନିଜର ବିଭିନ୍ନ ସମସ୍ୟା ସମ୍ପର୍କରେ ମିଲର ଗତବର୍ଷ ଠାରୁ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଇଛନ୍ତି। କିନ୍ତୁ ସରକାରଙ୍କ ଟାଳଟୁଳ ନୀତି ପାଇଁ ସେହି ଦାବିର ଏ ପର୍ଯ୍ୟନ୍ତ ବିଚାର ହୋଇନାହିଁ। ଏହି କାରଣରୁ ମିଲର ଢିଲା ମାରୁଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଦାଶରଥୀ ସୋରେନ କହିଛନ୍ତି ଯେ, ଯେଉଁ ଚାଷୀଙ୍କୁ ଯେଉଁ ଟୋକନ ମିଳିଛି ସେମାନଙ୍କ ଧାନ କ୍ରୟ କରାଯାଉଛି। ସମୟ ରହିଥିବା କାରଣରୁ ବିଳମ୍ବ ହେଲେ ମଧ୍ୟ ଧାନ ଗ୍ରହଣ ହେବ। ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଧାନ କିଣା ସମୟ ରହିଛି ବୋଲି ସୂଚନା ଦେଇଛନ୍ତି।

# ଦଶରଥପୁର ବ୍ଲକ୍‌ରେ ଫେଲ୍ ମାରିଛି ମେଗା ପ୍ରକଳ୍ପ

## ପାଣି ବୁନ୍ଦେ ପାଇଁ ୫୦ ହଜାର ପରିବାର ଡହଳବିକଳ



ଯାଜପୁର/ଦଶରଥପୁର: ଯାଜପୁରଜିଲ୍ଲା ଦଶରଥପୁର ବ୍ଲକ୍‌ରେ ଫେଲ୍ ମାରିଛି ମେଗା ପାନୀୟ ଜଳ ପ୍ରକଳ୍ପ। ବୈଷୟିକ ଟିମ୍‌ର ଭୁଲ ପରାମର୍ଶ ଯୋଗୁଁ ୧୮୨ କୋଟି ଟଙ୍କାର ଏକ ବୃହତ୍ ମେଗା ପାନୀୟଜଳ ପ୍ରକଳ୍ପ ଲୋକଙ୍କ ସେବାରେ ଆସି ପାରୁନଥିବାରୁ ଅସନ୍ତୋଷ ଦେଖାଦେଇଛି। ବୈତରଣୀ ନଦୀର ସିଦ୍ଧେଶ୍ୱରଠାରେ ନିର୍ମାଣ ହୋଇଥିବା ଜଳ ବିଶୋଧନାଗାର ପ୍ରକଳ୍ପ ଅଚଳ ହୋଇପଡ଼ିଛି। ସେ ସ୍ଥାନରେ ପାଣି ନାହିଁ। ଆବଶ୍ୟକ ପାଣି ମହଜୁଦ ରହୁନଥିବା ଓ ୪ ଫୁଟ ତଳେ ଜଳସ୍ତର ରହୁଥିବାରୁ ବାଲିରୁ ମୋଟର ଲଗାଇ ପାଣି ଉଠାଇବା ଅସମ୍ଭବ। ପାଣି ମହଜୁଦ ରହୁନଥିବା ସ୍ଥାନରେ ବୈଷୟିକ ଟିମ୍ କିଭଳି ଏଭଳି ଏକ ବୃହତ୍ ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଅନୁମତି ଦେଲେ ତାକୁ ନେଇ ସନ୍ଦେହ ଉପୁଜିଛି।

୨୦୧୯ରେ ୧୮୨ କୋଟି ଟଙ୍କା ବ୍ୟୟରେ ଦଶରଥପୁର ବ୍ଲକ୍‌ରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏଥିପାଇଁ ବ୍ଲକ୍‌ର ୩୫ଟି ପଞ୍ଚାୟତରେ ୨ଲକ୍ଷ ଲିଟର କ୍ଷମତାବିଶିଷ୍ଟ ୩୫ଟି ଓଭରହେଡ୍ ଟାଙ୍କି ନିର୍ମାଣ ହେବାର ଥିଲା। ଉକ୍ତ ଓଭରହେଡ୍ ଟାଙ୍କିଗୁଡ଼ିକୁ ନିୟନ୍ତ୍ରଣ କରିବା ଲାଗି ତଳିହା ପଞ୍ଚାୟତ ଗାରେଡ଼େଶ୍ୱରଠାରେ ଏକ ବୃହତ୍ ପ୍ରକଳ୍ପ ନିର୍ମାଣ କରାଯାଇଛି। ହେଲେ ବୈତରଣୀ ନଦୀର ସିଦ୍ଧେଶ୍ୱରଠାରେ ବିଶୋଧନାଗାର ନିକଟରେ ଆବଶ୍ୟକ ମୁତାବକ ପାଣି ମହଜୁଦ ରହୁନାହିଁ। ନଦୀ ଶୁଖିଲା ପଡ଼ିଥିବାରୁ ଏଠାରୁ ମୋଟର ଲଗାଇ ପାଣି ଉଠାଯାଇପାରୁନାହିଁ। ଆବଶ୍ୟକ ପାଣି ରଖିବାକୁ କୌଣସି ବ୍ୟବସ୍ଥା କରାଯାଇନାହିଁ।

ଏପଟେ ପ୍ରକଳ୍ପର ୫୦ ଭାଗ କାର୍ଯ୍ୟ ବାକି ରହିଥିବା ବେଳେ ଠିକାସଂସ୍ଥାକୁ ୧୭୮ କୋଟି ଟଙ୍କା ଦିଆସରିଛି। ବୃହତ୍ ପାନୀୟ ଜଳ ପ୍ରକଳ୍ପ ଥାଇ ଦଶରଥପୁର ବ୍ଲକ୍‌ର ଜନସାଧାରଣ ନଳକୂଅଗୁଡ଼ିକରୁ ବାହାରୁଥିବା ରାସାୟନିକ ଦ୍ରବ୍ୟଯୁକ୍ତ ପାଣି ପିଇ ବର୍ଷବର୍ଷ ଧରି ଜୀବନମରଣ ସହ ସଂଗ୍ରାମ କରୁଛନ୍ତି। ଶତାଧିକ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ୨୦ରୁ ଅଧିକ ଲୋକ କିଡ୍‌ନି ଓ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ଏ ସମ୍ପର୍କରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ପଚାରିବାରୁ ପ୍ରକଳ୍ପ ବାବଦରେ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଧସୁଛି ଭୂତଳ କୋଇଲା ଖଣି

## ବାଲି ଭର୍ତ୍ତି କରୁନି ଖଣି କର୍ତ୍ତୃପକ୍ଷ

ତାଳଚେର: ଭୂତଳ କୋଇଲା ଖଣିରେ ବାଲି ଭର୍ତ୍ତି ନେଇ ଖଣି କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରୁନଥିବାରୁ ତାଳଚେରରେ ବାରମ୍ବାର ମାଟି ଧସୁଛି। ୧୯୨୧ ମସିହାରେ ଆରମ୍ଭ ହୋଇଥିବା ସର୍ବପୁରାତନ ଭୂଗର୍ଭ କୋଇଲା ଖଣି ହାଣ୍ଡିଧୁଆରୁ ୧୯୯୧ ମସିହାରେ କୋଇଲା ଖନନ ପ୍ରକ୍ରିୟା ଶେଷ ହୋଇଥିଲା। ଏହାମଧ୍ୟରେ ୧୦୫ ବର୍ଷ ବିତିଗଲାଣି, ଅଥଚ ଆଜି ପର୍ଯ୍ୟନ୍ତ ଖୋଳା ହୋଇଥିବା ଖାଲି ସ୍ଥାନରେ ଠିକ୍ ଭାବରେ ବାଲି ଭର୍ତ୍ତି କରାଯାଇ ପାରିନାହିଁ। କୋଇଲା ଖନନ ଶେଷ ହେବାର ବର୍ଷେ ପରେ ବାଲି ଭର୍ତ୍ତି କାମ ଆରମ୍ଭ ହୋଇଥିଲା। ଭୂଗର୍ଭରୁ ମୋଟ୍ ୫ ଲକ୍ଷ ୮୫ ହଜାର କ୍ୟୁବିକ୍ ସେଣ୍ଟିମିଟର କୋଇଲା ଉତ୍ତୋଳନ କରାଯାଇଥିବା ବେଳେ ବିଗତ ୩୪ ବର୍ଷ ମଧ୍ୟରେ ମାତ୍ର ୪ ଲକ୍ଷ ୪୫ ହଜାର ୩ ଶହ ୧୯



କ୍ୟୁବିକ୍ ସେଣ୍ଟିମିଟର ବାଲି ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ବଳକା ରହିଥିବା ୧ ଲକ୍ଷ ୩୯ ହଜାର ୬୮୦ କ୍ୟୁବିକ୍ ସେଣ୍ଟିମିଟର ବାଲି ଭର୍ତ୍ତି ହେବାକୁ ଆହୁରି କେତେ ବର୍ଷ ଲାଗିବ ସେ ସଂପର୍କରେ ଖୋଦ୍ ଖଣି ସୁରକ୍ଷା ଅଧିକାରୀ ମଧ୍ୟ ଜାଣିନାହାନ୍ତି। ଭୂତଳ ଖଣିକୁ ବାଲି ଦ୍ୱାରା ସମ୍ପୂର୍ଣ୍ଣ ଭରଣା କରିବା ଲାଗି ଅଗ୍ରାଧିକାର ଦିଆଯାଉଥିବା ଖଣି କର୍ତ୍ତୃପକ୍ଷ କହୁଛନ୍ତି। ହେଲେ କତିପୟ ଶ୍ରମିକଙ୍କୁ ନେଇ ବେଲ୍‌ଚା ମାଧ୍ୟମରେ ଖାଲିଥିବା ସ୍ଥାନକୁ ଯେଉଁଭଳି ବାଲିରେ ଭରଣା କରାଯାଉଛି ତାକୁ ଦେଖିଲେ ଆସନ୍ତା ପ୍ରାୟ ୫୦ ବର୍ଷ ପରେ ମଧ୍ୟ ଭୂଗର୍ଭ ଫମ୍ପା ସ୍ଥାନରେ ବାଲି ଭର୍ତ୍ତି ହୋଇପାରିବ ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି। ପ୍ରକାଶଥାଉକି, ବାଲି ଭର୍ତ୍ତି ପାଇଁ ଖଣି କର୍ତ୍ତୃପକ୍ଷ ୧୯୯୨ ମସିହାରୁ ୨୦୪୨ ମସିହା ପର୍ଯ୍ୟନ୍ତ ୫୦ ବର୍ଷ ପାଇଁ ମଣ୍ଡାପାଳ ବାଲିଘାଟକୁ ଲିଜ୍ ନେଇଛନ୍ତି। ତେବେ ବାଲିଘାଟରୁ ପ୍ରତିମାସରେ ଶହଶହ ଟ୍ରିପ୍ ବାଲି ଉଠା ହେଉଥିବା ବେଳେ କିଭଳି ଭାବରେ ବାଲି ଭରଣା ହୋଇ ପାରୁନାହିଁ ତାହା ଏବେ ସବୁଠୁ ବଡ଼ ପ୍ରଶ୍ନ। ଏ ସଂପର୍କରେ ତାଳଚେର କ୍ଷେତ୍ରର ଖଣି ସୁରକ୍ଷା ଅଧିକାରୀ ଦେବେଶ ପଣ୍ଡା କହିଛନ୍ତି, ଭୂଗର୍ଭ କୋଇଲା ଖଣି ଖନନ ବେଳେ ଅନ୍ୟ ଏକ ସଂସ୍ଥା କାମ କରୁଥିଲା। ପରେ ଏମ୍‌ସିଏଲ୍ ଏହାର ଦାୟିତ୍ୱ ନେଇଛି। କିଭଳି ଭାବେ ଏବଂ କେତେ ପରିମାଣରେ ବାଲି ଭର୍ତ୍ତି ହେଉଛି ତାହାର ହିସାବ ଆମ ପାଖରେ ହିସାବ ନାହିଁ।

# ପ୍ରଦୂଷଣ ବଢ଼ାଉଛି ଇଟାଭାଟି

ଭୁବନେଶ୍ୱର: ଭୁବନେଶ୍ୱରରେ ବାୟୁମଣ୍ଡଳ ପ୍ରଦୂଷଣ ମାତ୍ରା ରାଜଧାନୀବାସୀଙ୍କ ଚିନ୍ତା ବଢ଼ାଇଛି। ଏକ୍ୟୁଆଇ(ଏୟାର କ୍ୱାଲିଟି ଇଣ୍ଡେକ୍ସ) ଅଧିକାଂଶ ସମୟ ୩ଶହରୁ ଖସୁନି। ସଂଧ୍ୟାରେ ସ୍ଥିତି ଅସମ୍ଭାଳ ହୋଇପଡୁଛି। ପ୍ରଦୂଷଣମାତ୍ରା ଏତେ ବଢ଼ିଯାଇଛି ଯେ ରାତିରେ ଘନ କୁହୁଡ଼ିରେ ଯିବା କଷ୍ଟକର ହୋଇପଡୁଛି। ଏକ୍ୟୁଆଇ ଏତେ ଅଧିକ ରହିବା ସ୍ୱାସ୍ଥ୍ୟପକ୍ଷେ ହାନିକାରକ। ଦିଲ୍ଲୀ ଭଳି ସ୍ଥିତି ଉପୁଜିବା ଆଗରୁ ପ୍ରଦୂଷଣର ଏହି ଭୟାବହତାକୁ ରୋକିବାକୁ ଭୁବନେଶ୍ୱର ମହାନଗର ନିଗମ ଅଣ୍ଟା ଭିଡ଼ିଛି ସତ, କିନ୍ତୁ ସେତେଟା ସଫଳ ହୋଇପାରିନି।

କାରଣ ସହରକୁ ଜଗିଥିବା ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷ ଉପକଣ୍ଠ ଅଞ୍ଚଳକୁ ସଂପୂର୍ଣ୍ଣ ଅଣଦେଖା କରିଦେଇଛି। ଫଳସ୍ୱରୂପ ଉପକଣ୍ଠ ଅଞ୍ଚଳରେ ମାଳମାଳ ବେଆଇନ୍? ଇଟାଭାଟି ଖୋଲିଛି ଓ ନିତି ଏଠାରେ ଇଟା ପୋଡ଼ାଯାଉଛି। ବାୟୁମଣ୍ଡଳର ଉଷ୍ମତା ଓ ପ୍ରଦୂଷଣ ବଢୁଥିବାରୁ ମାଟିଇଟା ତିଆରି ଓ ପୋଡ଼ିବାରେ ସରକାର କଟକଣା ଲଗାଇଛନ୍ତି। ବିଭିନ୍ନ ଶିଳ୍ପସଂସ୍ଥାରୁ ବାହାରୁଥିବା ପାଉଁଶରୁ ପ୍ରସ୍ତୁତ ଇଟା ନିର୍ମାଣ କାର୍ଯ୍ୟରେ ବ୍ୟବହାରକୁ ଗୁରୁତ୍ୱ ଦେଇଛନ୍ତି। କିନ୍ତୁ ଏହି ନିୟମକୁ କେହି ମାନିବାକୁ ନାରାଜ। ଭୁବନେଶ୍ୱର ଉପକଣ୍ଠ କୁଆଖାଇ ନଦୀକୂଳିଆ ଅଞ୍ଚଳରେ ବେଧଡ଼କ ଇଟାଭାଟି ପୋଡ଼ାଯାଉଛି। ବରିମୁଣ୍ଡ-ଗନ୍ଦରପୁର ରାସ୍ତା, କଲ୍ୟାଣପୁର ଆଦି ଅଞ୍ଚଳରେ ଏକାଧିକ ଇଟାଭାଟି ଚାଲିଛି। ଯେଉଁଥିରୁ କଳାଧୂଆଁ ବାୟୁମଣ୍ଡଳକୁ ଛଡ଼ାଯାଉଛି। ଏହା ଉଭୟ ଦୈତ୍ୟନଗରୀ ଭୁବନେଶ୍ୱର ଓ କଟକକୁ ଗୁରୁତର ପ୍ରଭାବିତ କରୁଛି।





କୁଆଖାଇ ନଦୀକୂଳିଆ ଅଞ୍ଚଳରେ ଭୁବନେଶ୍ୱର ମହାନଗର ନିଗମ ୪ ନମ୍ବର ୱାର୍ଡକୁ ଲାଗି ଏକାଧିକ ସ୍ଥାନରେ ଚିମିନି ଇଟାଭାଟି ଖୋଲିଛି। ଏମାନେ ଇଟା ତିଆରି ପାଇଁ ନଦୀକୂଳକୁ ଖୋଳି ପ୍ରକୃତିକୁ ତ ଖ୍ୟନ୍‌ଭିନ୍ କରୁଛନ୍ତି, ଏଥିସହ ମାଟି ଇଟାପୋଡ଼ି ଏହାର ଧୂଆଁକୁ ବାୟୁମଣ୍ଡଳକୁ ସିଧାସଳଖ ଛାଡୁଛନ୍ତି। ସମାନ ସ୍ଥିତି ନଖରା ଓ ଆଖପାଖ ଅଞ୍ଚଳରେ। ଯେହେତୁ ଏହା ଭୁବନେଶ୍ୱର ଓ କଟକ ମହାନଗର ନିଗମର ମଧ୍ୟବର୍ତ୍ତୀ ଅଞ୍ଚଳରେ ରହୁଛି, ଏହି ଦୁଇ ମହାନଗର ନିଗମ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଯାହାର ପୂର୍ଣ୍ଣ ଫାଇଦା ନେଉଛନ୍ତି, ଏଭଳି ଇଟାପୋଡ଼ି କରୁଥିବା ବ୍ୟକ୍ତିମାନେ। ଏଣୁ ଏହାର ଧୂଆଁ ଉଭୟ କଟକ ଓ ଭୁବନେଶ୍ୱରର ବାୟୁମଣ୍ଡଳକୁ ପ୍ରଦୂଷଣ କରୁଛି। ଯେହେତୁ ଏହି ଅଞ୍ଚଳ ଭୁବନେଶ୍ୱର ନିକଟବର୍ତ୍ତୀ, ଭୁବନେଶ୍ୱର ବାୟୁମଣ୍ଡଳକୁ ଅଧିକ ପ୍ରଦୂଷିତ କରୁଛି।

ରାଜଧାନୀ ଉପକଣ୍ଠରେ ଓ ଅଧିକାରୀଙ୍କ ନାକ ତଳେ ଏଭଳି ବେଆଇନ୍ କାର୍ଯ୍ୟ ଚାଲିଥିଲେ ବି ରାଜସ୍ୱ ବିଭାଗର ଅଧିକାରୀମାନେ ନିରବଦ୍ରଷ୍ଟା ସାଜିବା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ଭୁବନେଶ୍ୱର ମହାନଗର ନିଗମ ନିଜ ଅଞ୍ଚଳରେ ହୋଟେଲ୍‌ରେ କାଠ ଓ ଅଙ୍ଗାରରେ ରୋଷେଇବାସ, ଅଳିଆ, କାଠ ଆଦିରେ ନିଆଁ ଲଗାଇବା ସହ ନିର୍ମାଣ ସଂସ୍ଥା ଉପରେ କଟକଣା ଲଗାଇଛି। ସହରରେ ଧୂଳି ନ ଉଡ଼ିବା ପାଇଁ ପାଣି ସିଞ୍ଚନ କରୁଛି। ପୁରୁଣା ଭୁବନେଶ୍ୱରରେ ବାୟୁମଣ୍ଡଳ ପ୍ରଦୂଷଣ ଅଧିକ ଥିବାରୁ ଏହି ଅଞ୍ଚଳ ଉପରେ ଅଧିକ ନଜର ଦେଉଛି। କିନ୍ତୁ ସହର ଉପକଣ୍ଠ ଅଞ୍ଚଳର ଏଭଳି ପ୍ରଦୂଷଣ ପ୍ରତି କାହାରି ନଜର ନାହିଁ। ରାଜ୍ୟ ସରକାର ଏ ଦିଗରେ ଗୁରୁତର ସହ ଚିନ୍ତାର କରିବାର ଆବଶ୍ୟକତା ରହିଛି ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

# ଶୁଣିଲାନି ପ୍ରଶାସନ ରାସ୍ତା ନିର୍ମାଣ କଲେ ଗ୍ରାମବାସୀ

ଜୟପୁର,(ହି.ସ.) - କୋରାପୁଟ ଜିଲ୍ଲର ବିଭିନ୍ନ ବ୍ଲକରେ ଆଜି ପର୍ଯ୍ୟନ୍ତ ଉପାନ୍ତ ଅଂଚଳବାସୀ ଅନେକ ସମସ୍ୟା ଦେଇ ଜୀବନ ଅତିବାହିତ କରୁଛନ୍ତି। କେଉଁଠି ରାସ୍ତା ଘାଟ ନାହିଁ ତ କେଉଁଠି ପାନୀୟ ଜଳ, ଆଉ କେଉଁଠି ଶିକ୍ଷା ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ସରକାରଙ୍କ ସୁବିଧା ଯେମିତି ଲୋକଙ୍କ ପାଖରେ ଅପହଂଚ। ଏଥିମଧ୍ୟରେ କୋରାପୁଟ ଜିଲ୍ଲାର ଗାନ୍ଧୀ ଭାବେ ପରିଚିତ ବୈପାରୀଗୁଡା ବ୍ଲକର ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମ ମାଟି ତେନ୍ତୁଳିଗୁମ୍ମା ପଂଚାୟତ ର ମଧୁପୁର ଗାଁ ରେ ଆଜି ପର୍ଯ୍ୟନ୍ତ ରାସ୍ତା ଖଣ୍ଡିଏ ନାହିଁ, ଯାହାଦ୍ୱାରା ଗ୍ରାମବାସୀ ଯାତାୟତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁରେ ରାସ୍ତା ନଥିବାରୁ ଯାତାୟତ ସମସ୍ୟାକୁ ନେଇ ପଂଚାୟତ କାର୍ଯ୍ୟାଳୟ ଠାରୁ ଏମିତିକି ବିଭାଗୀୟ ଅଧିକାରୀ ଓ ରାଜନେତାଙ୍କ ଲିଖିତ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ଫଳ ମିଳିଲା ନାହିଁ। ଗୋଟାଏ ପଟେ ସମସ୍ତେ କେବଳ ପ୍ରତିଶ୍ରୁତି ଦେଇଛନ୍ତି, କିନ୍ତୁ ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇ ପାରିନାହିଁ। ଯାହାକୁ ନେଇ ଗାଁର ୧୨ ଘରରୁ ଊର୍ଦ୍ଧ୍ୱ ପରିବାରର ସମସ୍ତେ ଗ୍ରାମର ମହିଳା, ପୁରୁଷ ମିଶି କୋଡ଼ି କୋଦାଳ ଧରି ନିଜ ଖର୍ଚ୍ଚରେ ୨ କିଲୋମିଟର ରାସ୍ତା ନିର୍ମାଣ କରିଛନ୍ତି। ଅପରପକ୍ଷେ ବାରମ୍ବାର ଲିଖିତ ଅଭିଯୋଗ ପରେ ମଧ ବର୍ଷ ବର୍ଷ ଧରି କାର୍ଯ୍ୟ ହେଉ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ଘଟଣାକୁ ନେଇ ବୈପାରୀଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ର ସାହୁଙ୍କୁ ପଚାରିବାରୁ ଅବଗତ ନଥିବା ଏବଂ ସମସ୍ୟାର ଅନୁଧାନ କରି ତୁରନ୍ତ ତାର ସମାଧାନ କରାଯିବ ବୋଲି କହିଛନ୍ତି। ରାସ୍ତା ନିର୍ମାରେ ଗାଁ ର ଗୁପ୍ତ ଦଳପତି,କମୁଲୁ ଭୂମିଆ, ସନୁ ଦଳପତି, ମାଧବ ଭୁମିଆ, ବିମ ସାଗରିଆ, ସନଧର ଭିମିଆ,ରାମ ଦଳପତି,ଗୁରୁ ଦଳପତି, ରବି ଦଳପତି ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେପିର ବନ୍ଧୁମିଳନ

କେନ୍ଦୁଝର: ଭାରତୀୟ ଜନତା ପାର୍ଟି ନରଣପୁର ମଣ୍ଡଳ ତରଫରୁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ନରଣପୁର ମଣ୍ଡଳ ସଭାପତି ରତିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ୩୦୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା କର୍ମୀ ଯୋଗଦାନ କରିଥିଲେ । କେନ୍ଦୁଝର ଜିଲ୍ଲାର ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ନଗର ପ୍ରଭାରୀ ଦିଲ୍ଲିପ କୁମାର ପଣ୍ଡା, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଭାଗିରଥି ସିଂ, ପୂର୍ବତନ ମଣ୍ଡଳ ସଭାପତି ବେଣୁଧର ମହାନ୍ତ, ଚନ୍ଦ୍ରଶେଖର ମହାନ୍ତ, ଚିନ୍ତାମଣି ମହାନ୍ତ, ରୂପେଶ ମହାନ୍ତଙ୍କ ଉପସ୍ଥିତିରେ ବନ୍ଧୁତା ବାର୍ତା ଓ ଆଗାମୀ ପଂଚାୟତ ନିର୍ବାଚନରେ ଦଳ କେମିତି ମଜବୁତ୍ ହେବ ଅଭିଭାଷଣ ରଖିଥିଲେ । ଜିଲ୍ଲାର ନୂତନ କାର୍ଯ୍ୟକାରି ସଦସ୍ୟ ଭାବରେ ମନୋନିତ ହେଇଥିବା ଦିଲ୍ଲିପ କୁମାର ପଣ୍ଡା, ବେଣୁଧର ମହାନ୍ତ, ଚିନ୍ତାମଣି ମହାନ୍ତଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ପିତାମାତା ଓ ବରିଷ୍ଠ ନାଗରିକଙ୍କ ରକ୍ଷଣାବେକ୍ଷଣ ଓ କଲ୍ୟାଣ ଆଇନ -୨୦୦୭ ସଚେତନତା ଶିବିର



ରାୟଗଡ଼,(ପିପିଏସ୍) : ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ରାୟଗଡ଼ ତରଫରୁ ଆୟୋଜିତ କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ରାୟଗଡ଼ (ସାଧାରଣ) ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପିତାମାତା ଏବଂ ବରିଷ୍ଠ ନାଗରିକଙ୍କ ରକ୍ଷଣାବେକ୍ଷଣ ଓ କଲ୍ୟାଣ ଆଇନ -୨୦୦୭ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏହି ସଚେତନତା ଶିବିରରେ ଜିଲ୍ଲା ପରିଷଦ ଅଧକ୍ଷା ରାୟଗଡ ସରସ୍ୱତୀ ମାଝି, ପଞ୍ଚାୟତ ସମୀତି ଅଧକ୍ଷା ରାୟଗଡ ଟୁନି ହୁଇକା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବସନ୍ତ କୁମାର ପ୍ରଧାନ, ବରିଷ୍ଠ ନାଗରିକ କଲ୍ୟାଣ ସଂଘର ଅଧକ୍ଷ ବିନୋଦ ଚନ୍ଦ୍ର ପଣ୍ଡା, ରାୟଗଡ଼ା ନଗରପାଳିକା ଉପାଧକ୍ଷ ଶୁଭ୍ରା ପଣ୍ଡା ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ରାଷ୍ଟ୍ରୀୟ ସେବା ସଂଘ ଛାତ୍ରଛାତ୍ରୀ, ରାୟଗଡ଼ ମହାବିଦ୍ୟାଳୟ ଏବଂ ମହିଳା ମହାବିଦ୍ୟାଳୟ, ରାୟଗଡ଼ର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏଡିଏମ୍ (ଜେନେରାଲ) ନବୀନ ଚନ୍ଦ୍ର ନାୟକ ବାପା-ମାଆଙ୍କ ମହତ୍ୱ ଏବଂ ପିଲାମାନଙ୍କ ଦାୟିତ୍ୱ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟ ସମ୍ମାନିତ ଅତିଥିମାନେ ମଧ ସମ୍ବୋଧନ କରି କହିଲେ ଯେ ଆମ ପରିଚୟ ଆମ ବାପା ମାଆଙ୍କ ଠାରୁ ଏଣୁ ମାଆବାପାଙ୍କ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେବା କରିବା ଉଚିତ୍। ବରିଷ୍ଠଙ୍କୁ 'ବୁଢ଼ା' ନ କହି 'ବରିଷ୍ଠ ନାଗରିକ' କୁହନ୍ତୁ ବୋଲି ନିର୍ଦ୍ଦେଶ ଦେଇଥିଲେ। ସଚେତନତା। କାର୍ଯ୍ୟକ୍ରମରେ ପରିବାରିକ ବିବାଦ, ଏକାକୀତ୍ୱ ଏବଂ ସ୍ୱାସ୍ଥ୍ୟ ସମସ୍ୟା ଆଦି ବିଷୟରେ ଚର୍ଚ୍ଚା ହୋଇଥିଲା। ଏହା ସହିତ ପିତା-ମାତା ତଥା ବରିଷ୍ଠ ନାଗରିକ ଭରଣପୋଷଣ ଓ କଲ୍ୟାଣ ଆଇନ୍ ୨୦୦୭ ବିଷୟରେ ସମସ୍ତଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକମାନଙ୍କ ସମ୍ମାନ ଓ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ବିଭିନ୍ନ ପରାମର୍ଶ ଦିଆଯାଇ ବରିଷ୍ଠ ନାଗରିକ ମାନଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀକାନ୍ତ କୁମାର ପାଣିଗ୍ରାହୀ ଦ୍ୱାରା ପରିଚାଳିତ ହୋଇଥିଲା। ଏବଂ ହେଲ୍ପ ଏଜ ଇଣ୍ଡିଆ ଏନଜିଓ, ଦେବଶ୍ରୀ ବ୍ରହ୍ମା ଓ ରଞ୍ଜୟ କୁମାର ଦାସ ପିତା-ମାତା ତଥା ବରିଷ୍ଠ ନାଗରିକ ଭରଣପୋଷଣ ଓ କଲ୍ୟାଣ ଆଇନ୍ ୨୦୦୭ ବିଷୟରେ ସଚେତନ କରାଇଥିଲେ।

## ସିଏମ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳି ଚୟନ

କେନ୍ଦୁଝର: ଆସନ୍ତା ୨ ତାରିଖ ଦିନ ୧୦ଟାରେ ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ୧୫ ବର୍ଷରୁ କମ ସିଏମ କପ ଫୁଟବଲ ଟୁର୍ନାମେଂଟ ପାଇଁ ୨୦୧୨ ରୁ ୨୦୧୫ ମଧ୍ୟରେ ଜନ୍ମ ଗ୍ରହଣ କରିଥିବା ସମସ୍ତ ପୁଅ ଓ ଝିଅ ମାନେ ଯେଉଁମାନେ ଅନଲାଇନ ରେଜିଷ୍ଟ୍ରସନ କରିଛନ୍ତି କିମ୍ବା କରିନାହାନ୍ତି ସେମାନେ ଆସି ଟିମ ସିଲେକ୍ସନ ପାଇଁ ଓ ଜର୍ସି ବୁଟ ସାଇଜ ମାପ ଦେବା ପାଇଁ ଉପସ୍ଥିତ ରହିବାକୁ ଜିଲ୍ଲା କ୍ରୀଡା ସଂସ୍ଥା, କେନ୍ଦୁଝର ପକ୍ଷରୁ ଅନୁରୋଧ କରାଯାଇଛି । ସିଏମ କପ ଫୁଟବଲ ଟୁର୍ନାମେଂଟଟି ଫେବୃଆରୀ ମାସ ୧୭ ତାରିଖରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି । ସବିଶେଷ ଜାଣିବା ପାଇଁ ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ଫୋନ ୭୯୭୮୪୪୦୮୩୩, ଜିଲ୍ଲା ଶାରିରିକ ଶିକ୍ଷା ଅଧିକାରୀ ରାମକୃଷ୍ଣ ବେହେରା ଫୋନ ୯୧୧୪୫୬୧୩୫୬ ଓ ବୀରେନ୍ଦ୍ର ମହାନ୍ତ ସିଲେକ୍ଟର ଫୋନ ୭୦୦୮୬୨୮୦୩୨ ଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି ।

## ଶିଶୁକନ୍ୟା ବେକରେ ଛୁରୀ ଲଗାଇ ଲୁଟିଲେ କାଉନ୍‌ସିଲରଙ୍କ ଘରେ ଘଟଣା ନେଇ ଚାଞ୍ଚଲ୍ୟ

ରାୟଗଡ଼ା(ପିପିଏସ୍) : ରାୟଗଡ଼ା ସହର ରାମକୃଷ୍ଣ ନଗର ବାସିନ୍ଦା ତଥା ୪ ନମ୍ବର ୱାର୍ଡ଼ କାଉନସିଲର ସୁକାନ୍ତ ପରିଡ଼ାଙ୍କ ଘରେ ଶନିବାର ସଂଧ୍ୟାରର ବର୍ଷକର ଝିଅ ବେକରେ ଛୁରି ଲଗାଇ ମାଆକୁ କାବୁ କରି ଘରୁ ସୁନା କାନଫୁଲ ଦୁଇ ହଳ, ମଙ୍ଗଳସୂତ୍ର ସମେତ ଦୁଇ ହଳ ରୂପା ପାଉଁଜି ଏବଂ ଛୋଟ ଝିଅର ୪ ଟି ଖଡୁ ଚୋରି କରିନେଇଥିବା ସୁକାନ୍ତ କହିଛନ୍ତି । ସୁକାନ୍ତଙ୍କ ସୂଚନା ଅନୁସାରେ ସନ୍ଧ୍ୟା ପ୍ରାୟ ରୁ ୬ ଟା ବେଳେ ମୁଖା ପିନ୍ଧା ଦୁଇ ଦୁର୍ବୃତ ତାଙ୍କ ଘର ପଛ ପଟୁ ପଶି ବର୍ଷକର ଝିଅ ବେକରେ ଛୁରି ଲଗାଇ ତାଙ୍କ ପତ୍ନୀଙ୍କୁ ଘରେ ଥିବା ସୁନାଗହଣା ଦେବାକୁ କହିଥିଲେ। ଫଳରେ ସୁକାନ୍ତଙ୍କ ପତ୍ନୀ ଝିଅର ପ୍ରାଣ ବଞ୍ଚାଇବା ପାଇଁ ଘରେ ଥିବା ସମସ୍ତ ସୁନାଗହଣା ଦେଇଥିଲେ । ଏହାପରେ ଦୁର୍ବୃତମାନେ ସେଠାରୁ ଚାଲି ଯାଇଥିଲେ । ଦୁର୍ବୃତ ମାନେ ଯିବା ପରେ ସୁକାନ୍ତଙ୍କ ପତ୍ନୀ ସୁକାନ୍ତଙ୍କୁ ଫୋନ୍ କରି ସମସ୍ତ ବିଷୟ ଜଣାଇଥିଲେ । ଖବର ପାଇବା ପରେ ସୁକାନ୍ତ ଘରେ ପହଂଚିବା ସହିତ ପୁଲିସକୁ ସୂଚନା ଦେଇଥିଲେ । ସୂଚନା ପାଇ ପୁଲିସ ସନ୍ଧାନୀ କୁକୁର ସହିତ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାପଡିଛି । ଘଟଣାସ୍ଥଳରେ ରାୟଗଡ଼ା ଥାନା ଆଇଆଇସି ପ୍ରସନ୍ନ କୁମାର ବେହେରା ନିଜେ ଯାଞ୍ଚ କରୁଛନ୍ତି । ଏହି ଘଟଣା ସମଗ୍ର ସହରରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ସୁକାନ୍ତଙ୍କ ଘରେ ତାଙ୍କ ଶୁଭେଚ୍ଛୁ ଓ ସମର୍ଥକ ଘରେ ଭିଡ ଜମାଇଥିବା ପରିଲକ୍ଷିତ ହୋଇଛି ।

## ଶିଆଳି ଖଲିଦନା ନିର୍ମାଣ ୟୁନିଟ୍ ଉଦ୍‌ଘାଟିତ

ନୂଆପଡା: ନୂଆପଡା ସହର ସ୍ଥିତ ସିର୍ତୋଲ, ୱାର୍ଡ ନମ୍ବର ୧୨ ରେ ଆଜି ରାଧାଗୋବିନ୍ଦ ସ୍ୱୟଂ ସହାୟକ ଦଳର ଏକ ଶିଆଳି ପତ୍ର ଖଲି ଦନା ନିର୍ମାଣ ୟୁନିଟ୍ କୁ ଜିଲ୍ଲାପାଳ ମଧୁସୂଦନ ଦାଶ ଉଦ୍ଘାଟନ କରିଛନ୍ତି । ଓରମାସ ଓ ହର୍ଷା ଟ୍ରଷ୍ଟର ମିଳିତ ଉଦ୍ୟମରେ ଏହି ମେସିନକୁ ଉକ୍ତ ଏସଏଚଜିକୁ ଯୋଗାଇ ଦିଆଯାଇ କାର୍ଯ୍ୟକ୍ଷମ କରାଯାଇଛି । ଓରମାସ ଦ୍ୱାରା ଆୟୋଜିତ ଏହି କ୍ଷୁଦ୍ର ଶିଳ୍ପ ଉଦ୍ଘାଟନ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧାରୁଆ ଓ ଡେପୁଟି ସିଇଓ ବିଦେଶ ଘୋଷ ମଧ ଉପସ୍ଥିତ ଥିଲେ କ୍ଷ ଏହି ଅବସରରେ ଜିଲ୍ଲାପାଳ ନୂଆପଡାର ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ମୁକ୍ତ ଅଭିଯାନକୁ କାର୍ଯ୍ୟକାରୀ କରିବା ଏବଂ ଆହୁରି ସୁଦୃଢ଼ କରିବା ପାଇଁ ଜିଲ୍ଲାର ସମସ୍ତ ଗ୍ରାମ ପଞ୍ଚାୟତରେ ସମାନ ପରିବେଶ ଅନୁକୂଳ ଲିଫ୍ ପ୍ଲେଟ୍ ଏବଂ କଟଲେରୀ ଶିଳ୍ପ ପ୍ରତିଷ୍ଠା କରିବାର ଯୋଜନା ଘୋଷଣା କରିଥିଲେ। ଏହି ଅନନ୍ୟ ପଦକ୍ଷେପ ଏକକ-ବ୍ୟବହାର ପ୍ଲାଷ୍ଟିକର ଏକ ସମୁଚିତ ବିକଳ୍ପ ସୃଷ୍ଟି କରିଛି କ୍ଷ ଏସ ୟୁ ପି ମୁକ୍ତ ନୂଆପଡା ଅଭିଯାନର ନିରନ୍ତର ପ୍ରଗତିରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଛି।

## ଚମ୍ପୁଆ ବ୍ଲକ୍‌ରେ ସମ୍ପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମ

ଚମ୍ପୁଆ, : ଚମ୍ପୁଆ ବ୍ଲକରେ ସମ୍ପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କର ନୀତି ଆୟୋଗ ତରଫରୁ ଦେଶର ଅନୁନ୍ନତ ଅଂଚଳର ଦ୍ରୁତ ବିକାଶପାଇଁ ସଂପୂର୍ଣ୍ଣତା ଅଭିଯାନର ଲକ୍ଷ୍ୟ ରହିଛି। ସାମାଜିକ, ଅର୍ଥନୈତିକ ବିକାଶ ସହିତ ବିବିଧ କ୍ଷେତ୍ରରେ ବ୍ୟାପକ ଉନ୍ନତି ପାଇଁ କାର୍ଯ୍ୟ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟଉଦ୍ଦେଶ୍ୟ । ଏହି ପରିପ୍ରେକ୍ଷୀରେ ଆଜି ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସମ୍ବନ୍ଧିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ବ୍ଲକ ସାଂସଦ ପ୍ରତିନିଧି ସିଦ୍ଧାର୍ଥ କୁମାର ସିଂ, ଚମ୍ପୁଆ ବିଧାୟକ ପ୍ରତିନିଧି ସଞ୍ଜୀବ କୁମାର ବେହେରା, ପାଟଣା ବିଧାୟକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ବ୍ଲକ ଅଧକ୍ଷ ସୁରେଶ ଚନ୍ଦ୍ର ନାୟକ ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥିଭାବେ ୧୫ନଂ ଜୋନ ଜିଲ୍ଲା ପରିଷଦ ରମଣି ନାଏକ, ବ୍ଲକ ଉପାଧକ୍ଷା ମଞ୍ଜୁଲତା ମହାକୁଡ, ଚମ୍ପୁଆ ଗୋଷ୍ଠି ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ସାହୁ, ଭଣ୍ଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓମ ପ୍ରକାଶ ବାରିକ ପ୍ରଭୃତି ମଂଚାସିନଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ଚମ୍ପୁଆ ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀ ସାହୁ ସଂପୂର୍ଣ୍ଣତା ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ଓଡିଶାର ୬ ଗୋଟି ଜିଲାରେ ଏବଂ ୫୧୪ ବ୍ଲକରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ଶ୍ରୀ ସାହୁ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମଗୁଡିକ ମଧ୍ୟରେ ଶିଶୁ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପ୍ରାଣୀ ଧନ ତଥା ପାନୀୟ ଜଳ ଓ ପରିମଳର ବିକାଶ କରିବାକୁ ତା ୨୮।୧।୨୦୨୬ ରିଖ ଠାରୁ ତା ୧୪।୪।୨୦୨୬ ରିଖ ଏକ ସମୟ ସୀମା ଧାର୍ଯ୍ୟ କରାଯାଇଛି । ସେହି ସମୟସୀମା ମଧ୍ୟମରେ ଶିଶୁ ବିକାଶ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ଜଳ ପରିମଳ, କୃଷି ତଥା ପ୍ରାଣୀଧନ ସମ୍ପଦର ଦ୍ରୁତ ବିକାଶ ସହ ସାମଗ୍ରୀକ ଉନ୍ନତି ଉପରେ ଗୁରୁତ୍ୱଆରୋପ କରାଯାଇଥିଲା । କେବଳ ବିଭାଗ ନୁହେଁ ସମସ୍ତ ଲାଇନ ବିଭାଗ ଜନ ପ୍ରତିନିଧି, ଜନ ସାଧାରଣ ଆଦି ସମସ୍ତେ ଏକ ହୋଇ କାର୍ଯ୍ୟ କରିବାକୁ ନିଷ୍ପତି ନେବା ସହିତ ଏକ ଶପଥ ପାଠ ମଧ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ପ୍ରଦର୍ଶନ ସ୍ୱରୂପ ୬ ଗୋଟି ମନୋଜ୍ଞ ପ୍ରଦର୍ଶନୀ ଷ୍ଟଲ ମଧ ନିର୍ମାଣ କରାଯାଇଥିଲା । ଏଥି ସହିତ ଯୋଜନାର ରୂପାୟନ ନିମନ୍ତେ ନୀତି ଆୟୋଗକୁ ଏକ ସ୍ୱାକ୍ଷର ଭରା ମତାମତ ମଧ ପ୍ରେରଣ କରାଯାଇଥିଲା । ଉକ୍ତ ସଭାରେ ଚମ୍ପୁଆ ବ୍ଲକର ପ୍ରତି ପଂଚାୟତର ସରପଂଚ, ପଂଚାୟତ ସମିତି ସଭ୍ୟ ସଭ୍ୟା, ପଂଚାୟତ ନିର୍ବାହୀ ଅଧିକାରୀ, ଏଡିଓ, ସ୍ୱୟଂ ସହାୟିକା ଗୋଷ୍ଠି, ଛାତ୍ରଛାତ୍ରୀ ତଥା ମାନ୍ୟଗଣ୍ୟ ବ୍ୟକ୍ତି ଆଦି ଉପସ୍ଥିତ ଥିଲେ ।

## ଠାକୁର କେଶବଚନ୍ଦ୍ରଙ୍କ ଶ୍ରୀ ପାଦୁକା ପୂଜା ଓ ସତ୍‌ସଙ୍ଗ

ସମ୍ବଲପୁର: ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ସଦର ମହକୁମା ସ୍ଥିତ ଦଶଘରିଆ କ୍ଷିତିଜ୍ୟୋତି ଆଶ୍ରମ ପକ୍ଷରୁ ଠାକୁର ଶ୍ରୀଶ୍ରୀଶ୍ରୀ କେଶବ ଚନ୍ଦ୍ରଙ୍କ ଶ୍ରୀପାଦୁକା ପୂଜା ଓ ସତସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱ ଭାତୃତ୍ୱ ଦିବ୍ୟମ୍ବା ପରିଷଦ, ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ, କ୍ଷିତି ଜ୍ୟୋତି ଆଶ୍ରମ, ମାହାଙ୍ଗା କଟକ ଠାକୁର ଶ୍ରୀ ଶ୍ରୀ ଶ୍ରୀ କେଶବ ଚନ୍ଦ୍ର ଙ୍କ ଶ୍ରୀ ପାଦୁକା ପୂଜା ଓ ସତସଙ୍ଗ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ପ୍ରବଚକ ତଥା କଥା ବାଚକ ଭାବରେ ସତ୍ୟ ସନାତନୀ ସାରଥୀ ମାନସ ପୁତ୍ର ସୁନୀଲ ବାବା (ପୁରୀ) ଦିବ୍ୟ ବାଣୀ ପ୍ରଦାନ କରିଥିଲେ । ସମ୍ବଲପୁର ଜିଲ୍ଲା ଉପ-ପରିଚାଳକ ଦୀନେଶ କୁମାର ଲୁହା ସତସଙ୍ଗ ପରିଚାଳନା କରିଥିଲେ। ପୂଜକ ଭାବରେ ଗଣେଶ ଭାଇ ରେଙ୍ଗଲୋଇ ଓ ତାଙ୍କ ଟିମ ସହଯୋଗ କରିଥିଲେ। ଠାକୁରଙ୍କ ସ୍ୱହସ୍ତ ଲିଖିତ ଚରମ ଶାସ୍ତ୍ର, ଜମନକିରା ଶାଖାର ନୂତନ ପରିଚାଳକ ଛତୁ କଲେତ ପଠନ କରିଥିଲେ। କୁନା ଜୟ ପୁରିଆ, ଥବିର ଜୟପୁରିଆ, ପୁଷ୍ପା ଜୟପୁରିଆ, ଲକ୍ଷ୍ମୀ ଜୟପୁରିଆ, ସୁରେନ୍ଦ୍ର ବୁଢ଼ା, ଅଶୋକ ଜକ୍ଷମଡାଳିଆ, କିଶୋର ବାଘ, ରବି ଭଞ୍ଜ, ଦୁତିଆ ଲୁହା, ଲକ୍ଷ୍ମଣ ନାୟକ, ରାଜେଶ ଜୟ ପୁରିଆ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଂଚଳର ସମସ୍ତ ଗୁରୁ ଭାଇ ଭଉଣୀ ଏବଂ ଭଗବାନ ପିପାସୁ, ଶ୍ରଦ୍ଧାଳୁ ଅନ୍ୟାନ୍ୟ ଭାଇ ଭଉଣୀ ମାନେ ଯୋଗ ଦାନ କରିଥିଲେ। ଏହି ଅବସରରେ ନଗେନ୍ଦ୍ର ଭାଇଙ୍କ ଝିଅଙ୍କ ଅନପ୍ରାସନ କାର୍ଯ୍ୟକ୍ରମ ଆଧ୍ୟାତ୍ମିକ ରୀତି ନୀତିରେ ଅନୁଷ୍ଠିତ ହୋଇଥିଲା।

## ସୁନାବେଡ଼ା ଅଭୟାରଣ୍ୟରେ ଦେଶୀ ବାସନା ଧାନ ସଂରକ୍ଷଣ ପାଇଁ ଅଭିନବ ପ୍ରୟାସ

ନୂଆପଡ଼ା: ନୂଆପଡା ଜିଲ୍ଲା ସୁନାବେଡା ଅଭୟାରଣ୍ୟ ପ୍ରକୃତିର ଭୂସ୍ୱର୍ଗ କହିଲେ ଅତ୍ୟୁକ୍ତି ହେବନାହିଁ। ଆଦିମ ଜନଜାତି ଚକୋଟିଆ ଭୁଞ୍ଜିଆ ବସବାସ କରନ୍ତି। ସନବାହାଲି ଗ୍ରାମର ବିଜୟ କୁମାର ଝାଙ୍କର ଜଣେ ଦେଶୀ ଧାନ ବଂଚାଇ ରଖିବାର ସଚୋଟ ବିନ୍ଧାଣି ଅଟନ୍ତି। ଅଭୟାରଣ୍ୟରେ ୨୫/୩୦ ପ୍ରକାର ଦେଶୀ ଧାନ ସଂଗ୍ରହ କରି ଅମଳ କରିଥିବା ବେଳେ ନିଜେ ୫ ପ୍ରକାର ଦେଶୀ ବାସନା ଧାନ ଚାଷ କରିଥିବା ସେ ପ୍ରକାଶ କରିଛନ୍ତି। ଅଭୟାରଣ୍ୟ ମଧ୍ୟରେ ତୁଳସିବାସ, ଚନ୍ଦନ ବାସ, କଲକତି, ମେନଡାବେର, କାଡି କୁହୁଙ୍ଗି, ଫାଳେର, ଠାକୁର ଭୋଗ ଆଦି ବାସନା ଧାନ ଚାଷ କରିଥିବା ବେଳେ ଦେଶୀ ମାଧମ ଧାନ ଭାବରେ ଲାଲ ବାଙ୍କି, କଲି ଖୁଜି, ଖଡ଼ କୋଳି, ବାସ କାଠିଆ, ଡୁମେର ଗୋରୀ, ବାହାଲ ଗୋରୀ,ଗଡ଼ରା କାଠି, ରାକିବେଙ୍ଗ ସୁୟେନ ଆଦି ଧାନ ଚାଷ ହେଉଥିବା ସେ ପ୍ରକାଶ କରିଛନ୍ତି। ଦିନକୁ ଦିନ ଦେଶୀ ଧାନ ଲୋପ ପାଇବାକୁ ବସୁଥିବା ବେଳେ ଚାଷୀମାନେ ହାଇବ୍ରିଡ଼ ଧାନ ଚାଷ କରି ଅଧିକ ଅମଳକ୍ଷମ ପାଇଁ ଆଗେଇ ଛନ୍ତି। କିନ୍ତୁ, ଧାନର ସୃଷ୍ଟି ଠାରୁ ବର୍ତମାନ ପର୍ଯ୍ୟନ୍ତ ଅନେକ ପ୍ରକାର ଦେଶୀ ଧାନ ଲୋପ ପାଇଅଛି। ବିଜୟ ଝାଙ୍କରଙ୍କ ଏହି ଅଜବ ନିଶା ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି।

## ସତୀଗୁଡା ଜଳଭଣ୍ଡାରରେ ନୌକାଚାଳନା ପ୍ରତିଯୋଗିତା

ମାଲକାନଗିରି : ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ ସତୀଗୁଡା ଜଳଭଣ୍ଡାରରେ ୧୨ଟି ନୌକା ଚାଳକ ଦଳକୁ ନେଇ ନୌକା ଚାଳନା ପ୍ରତି ଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ଚଳିତ ବର୍ଷ ୫ଟି ନୂତନ ଦଳ ଯୋଗ ଦେଇଥିବା ବେଳେ ଏହି ୫ ଦଳ ମଧ୍ୟରୁ ଚିତ୍ରକୋଣ୍ଡା ବନାଂଚଳ ରୁ ତିନୋଟି ଦଳ କାଲିମେଳା ବନାଂଚଳ ରୁ ୨ଟି ଦଳ ଯୋଗ ଦେଇଥିଲେ । ଏହି ପ୍ରତି ଯୋଗିତାରେ ସତୀଗୁଡା ମତ୍ସ୍ୟଜୀବି ସମବାୟ ସଂଗଠନ ର ସୋରିଷମାଳ ଗ୍ରାମ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦ୍ୱିତୀୟ ସ୍ଥାନରେ ସିନ୍ଧ୍ରିମାଳ ଓ ତୃତୀୟ ସ୍ଥାନରେ ଚମ୍ପାଖାରୀ ବିଜୟ ଲାଭ କରିଥିଲେ । ଅପରାହ୍ନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସ୍.ପି. ବିନୋଦ ପାଟିଲ ହେଚ୍. ଖଣ୍ଡୀୟ ବନାଧିକାରୀ ସାଇ କିରଣ, ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ବି.ଏସ୍.ଏଫ୍ କମାଣ୍ଡେଂଟ ସୁଶିଲ କୁମାର ହେଚ୍, ସାଂସଦ ପ୍ରତିନିଧି ସଂଜୟ ସରକାର, ବିଧାୟକ ପ୍ରତିନିଧି ମାଣିକଲାଲ ଚକ୍ରବର୍ତୀ, ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ସବୁଜ ପତାକା ଦେଖାଇ ପ୍ରତି ଯୋଗିତାକୁ ଉଦଘାଟନ କରିଥିଲେ। ୧୨ ଜଣ କ୍ରୀଡା ଶିକ୍ଷକ ଚୟନକର୍ତା ଭାବେ ନିଜର କର୍ତବ୍ୟ ତୁଲାଇଥିଲେ । ମତ୍ସ୍ୟ ବିଭାଗ, ବନ ବିଭାଗର ପଦାଧିକାରୀ ଓ କର୍ମଚାରୀ ମାନେ ଏହି କାର୍ଯ୍ୟକ୍ରମ କିପରି ସୁଚାରୁ ରୁପେ ସମ୍ପନ୍ନ ହେବ ସେଥିପାଇଁ ନିଜ ନିଜର ଦାୟିତ୍ୱ ତୁଲାଇଥିଲେ। ଗଭୀର ଜଳ ମଧ୍ୟରେ ଏହି ପ୍ରତି ଯୋଗିତା ଅନୁଷ୍ଠିତ ହୋଇଥିବାରୁ ପ୍ରତି ଯୋଗୀମାନଙ୍କ ସୁରକ୍ଷା ପାଇଁ ଅଗ୍ନିଶମ ବିଭାଗ ଜଳମଧ୍ୟରେ ରହି ପ୍ରତି ଯୋଗୀମାନଙ୍କ ସୁରକ୍ଷା ଦାୟିତ୍ୱ ତୁଲାଇଥିଲେ। ସେହିପରି ସ୍ୱାସ୍ଥ୍ୟ ବିଭାଗ ତରଫରୁ କୌଣସି ଅଘଟଣ ପାଇଁ ଡାକ୍ତର ଓ କର୍ମଚାରୀଙ୍କ ସହ ଆମ୍ବୁଲାନ୍ସ ନିୟୋଜିତ ଥିଲା । ଏହି କାର୍ଯ୍ୟକ୍ରମ ସହକାରୀ ବନ ସଂରକ୍ଷକ ମନସୁନ୍ ଖେମୁଣ୍ଡୁ ଗତ ଦୁଇଦିନ ଧରି ସତୀଗୁଡା ଇକୋ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀରେ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ଆଜି ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ମାଲକାନଗିରି ସହକାରୀ ବନ ସଂରକ୍ଷକ ପ୍ରିୟଙ୍କା ମହୁକା ବନାଂଚଳ ଅଧିକାରୀ ରମେଶ ଚନ୍ଦ୍ର ରାଉତ, ଅବସରପ୍ରାପ୍ତ ବନପାଳ ଦୁର୍ଯ୍ୟୋଧନ ପାତ୍ର, କାଲିମେଳା ବନପାଳ ମୃତ୍ୟୁଂଜୟ ସେଠୀ, ସହ ଯୋଗ କରିଥିଲେ। ଏହି ପ୍ରତି ଯୋଗିତାରେ ବିଜୟଲାଭ କରିଥିବା ତିନୋଟି ଦଳଙ୍କୁ ମାଲ୍ୟବନ୍ତ ମହୋତ୍ସବରେ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯିବ । ଶେଷରେ ସହକାରୀ ବନ ସଂରକ୍ଷକ ଶ୍ରୀମତୀ ଖେମୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ।

## 'ମା ପାଇଁ ଗଛଟିଏ' ସମ୍ପର୍କିତ କାର୍ଯ୍ୟକ୍ରମ

କେନ୍ଦୁଝର: କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବନାଯୋଡି ସ୍ଥିତ ଆନନ୍ଦାଶ୍ରମର ସମସ୍ତ ଅନ୍ତେବାସୀ ଆଇଡିଆଲ୍ ଡେଭଲେପମେଂଟ ଏଜେନ୍ସିର ସମସ୍ତ କର୍ମକର୍ତା, ସାଇ ଆନନ୍ଦ ବିଦ୍ୟାଳୟ ସମୂହର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ନେଇ 'ମା ପାଇଁ ଗଛଟିଏ ' ର ଏକ ସଭା ଆୟୋଜନ କରାଯାଇଥିଲା । ଆଇଡିଆଲ୍ ଡେଭଲେପମେଂଟ ଏଜେନ୍ସିର ପ୍ରତିଷ୍ଠାତ୍ରୀ ସେବତୀ ସିଂ ସଭାରେ ବୃକ୍ଷ ଓ ପରିବେଶର ଉପାଦେୟତା ବିଷୟରେ ବୁଝାଇଥିଲେ । ସମ୍ପାଦକ ଚନ୍ଦ୍ରକାନ୍ତ ବରାଳ ମାନବ ସମାଜ ପ୍ରତି ମାତୃତୁଲ୍ୟ ଅବଦାନ ଅତି ସୁନ୍ଦର ଭାବରେ ବୁଝାଇଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱନାଥ ଦ୍ୱିବେଦୀ ବୃକ୍ଷର ମାନବ ସମାଜ ପ୍ରତି ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ । ସାଇ ଆନନ୍ଦ ବିଦ୍ୟାଳୟ ସମୂହର ଛାତ୍ରଛାତ୍ରୀ ବୃକ୍ଷ ଓ ସମାଜ ଉପରେ ଏକଚିତାକର୍ଷକ ନାଟକ ପରିବେଷଣ କରିଥିଲେ । ଆନନ୍ଦାଶ୍ରମର ଅନ୍ତେବାସି, କର୍ମକର୍ତା, ସାଇ ଆନନ୍ଦ ବିଦ୍ୟାଳୟ ସମୂହର ଛାତ୍ରଛାତ୍ରୀ ଓ ଶିକ୍ଷକଶକିକ୍ଷୟତ୍ରୀ ମିଳିତ ହୋଇ ଆନନ୍ଦାଶ୍ରମରେ ବିଭିନ୍ନ ଫଳ ଜାତୀୟ ବୃକ୍ଷ ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ର ଅଧିକାରୀଣୀ ଭୁବନେଶ୍ୱରୀ ମହାନ୍ତ ସହଯୋଗର ହାତ ବଢାଇଥିଲେ ।

## ନୂଆପଡ଼ା ଜିଲ୍ଲା ଗ୍ରାମାଞ୍ଚଳରେ ଡିଡିଟି ସିଞ୍ଚନ ଦାବି

ନୂଆପଡ଼ା: ବର୍ଷା ଋତୁରେ ମଶା ବଂଶ ବୃଦ୍ଧି ପାଇବା ସହିତ ମ୍ୟାଲିରିଆ ଜ୍ୱରରେ ବହୁତ ଲୋକ ଆକ୍ରାନ୍ତ ହେଉଥିବା ଦେଖାଯାଉଛି । ବିଶେଷ କରି ଗ୍ରାମାଂଚଳର ବିଭିନ୍ନ ଯାଗାରେ ପାଣି ଜମା ରହିବା ମଶାବଂଶ ବୃଦ୍ଧିର ମୁଖ୍ୟ କାରଣ ହେଉଛି । ପୁଣି ପ୍ରତି ଘରକୁ ପାନୀୟ ଜଳ ଯୋଗାଣ ଲକ୍ଷ୍ୟରେ ପାଇପ ପୋତା କାମ ଚାଲିଛି । ଫଳରେ ରାସ୍ତା ସବୁ ଖାଲ ଖମା ହୋଇପଡିଛି । ଏହି ସବୁ ଖାଲରେ ମଇଳା ଜମିବା ସହ ପାଣି ଜମି ରହୁଛି ଓ ମଶାମାନେ ବଂଶ ବୃଦ୍ଧି କରୁଛନ୍ତି । ସ୍ୱାସ୍ଥ୍ୟ ବିଭାଗ ତରଫରୁ ଲୋକଙ୍କୁ ମାଗଣାରେ ମଶାରୀ ବଂଟନ ସହ ବ୍ୟବହାର କରିବା ପାଇଁ ଉତ୍ସାହିତ କରାଯାଉଛି । ମଶାରୀ ବ୍ୟବହାର ଦ୍ୱାରା ରାତିରେ ଲୋକେ ମଶା କାମୁଡାରୁ ଘର ଭିତରେ ରକ୍ଷା ପାଉଛନ୍ତି ହେଲେ ଅନ୍ୟ ସମୟରେ ଓ ବାହାରେ ପ୍ରବଳ ମଶା ଦେଖା ଯାଉଛନ୍ତି । ମଶା ବଂଶ ରୋକିବାକୁ ଡିଡିଟି ସିଂଚନ ଏକମାତ୍ର ମାଧ୍ୟମ । ଏହାଦ୍ୱାରା ମଶାମାନେ ମରି ଯାଇଥାନ୍ତି । ସରକାର ପ୍ରତିବର୍ଷ ଡିଡିଟି ସିଂଚନ କରୁଥିବା ବେଳେ ଚଳିତ ବର୍ଷ ଆରମ୍ଭ କରିନାହାନ୍ତି । ଅତିଶିଘ୍ର ଡିଡିଟି ସିଂଚନ କରାଯାଉ ବୋଲି ଲୋକେ ଦାବୀ କରିଛନ୍ତି । ଅନ୍ୟପକ୍ଷରେ ଜିଲ୍ଲାର ଦୁର୍ଗମ ଅଂଚଳରେ ଦମନ ଅଭିଯାନ ସହ ଲୋକଙ୍କୁ ମ୍ୟାଲେରିଆରୁ ରକ୍ଷା ପାଇବା ପାଇଁ ସଚେତନ କରାଯାଉଛି ବୋଲି ନୂଆପଡ଼ା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ।

## ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବିରୋଧୀ 'ବର୍ତନ ବ୍ୟାଙ୍କ' ଉଦ୍‌ଘାଟିତ

ନୂଆପଡା: ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶ ଜିଲ୍ଲା ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ଫ୍ରି ଟିମ୍ ସହିତ ସିନାପାଲି ବ୍ଲକ୍‌ର ତିମନପୁର ଅଂଚଳ ପରିଦର୍ଶନ କରିଥିଲେ। ଏହି ଦଳରେ ଜିଲ୍ଲା ମଙ୍ଗଳ ଅଧିକାରୀ ଦିପ୍ତିମନ୍ତ ଭୋଇ, ଜଳ ଓ ପରିମଳ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ପ୍ରହଲ୍ଲାଦ ସାହୁ, ଏନ୍ଏଚ୍ଏମ୍ ଡିପିଏମ୍ ସତ୍ୟନାରାୟଣ ତ୍ରିପାଠୀ, ଉପ ନିର୍ଦ୍ଦେଶକ (ପ୍ଲାନିଂ) ଦିଲେଶ୍ୱର ଧରୁଆ ଏବଂ ସିନାପାଲି ବିଡିଓ କାର୍ମୀ ଓରାମଙ୍କ ନେତୃତ୍ୱରେ ବ୍ଲକ୍ ସ୍ତରୀୟ ଟିମ୍ ସାମିଲ୍ ଥିଲେ। ପରିଦର୍ଶନ ସମୟରେ ତିମନପୁର ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ 'ବର୍ତନ ବ୍ୟାଙ୍କ' ଉଦ୍‌ଘାଟନ କରାଯାଇଥିଲା। ଏହା ମାଧ୍ୟମରେ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍‌ର ବ୍ୟବହାର କମାଇ ପରିବେଶ ସୁରକ୍ଷା ଦିଗରେ ଜନସାଧାରଣଙ୍କୁ ଉତ୍ସାହିତ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ। ଜିଲ୍ଲାପାଳ ଓ ଟିମ୍ ତିମନପୁର ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରି ଆବାସିକ ଛାତ୍ରଛାତ୍ରୀଙ୍କ ସହିତ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର କମାଇବା, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସମ୍ପର୍କରେ ଆଲୋଚନା କରିଥିଲେ। ଏହାସହ ଆଶ୍ରମ ଛାତ୍ରଛାତ୍ରୀଙ୍କ ସହିତ ମଧ୍ୟାହ୍ନ ଭୋଜନଗ୍ରହଣ କରି ସରକାରୀ ନିୟମାବଳୀ ଅନୁଯାୟୀ ଭୋଜନ ଖର୍ଚ୍ଚ ପାଇଁ ୫୦୦ ଟଙ୍କା ଜମା ଦେଇଥିଲେ। ଏହି ଅବସରରେ "ଆସ ପିଲାଙ୍କ ଯତ୍ନ ନେବା" ପରି ଉଦ୍ୟମଗୁଡ଼ିକ ଉପରେ ମଧ ଆଲୋଚନା ହୋଇଥିଲା ଏବଂ ଶିଶୁମାନଙ୍କ ସାମଗ୍ରିକ ବିକାଶ, ସ୍ୱାସ୍ଥ୍ୟ ଓ ସୁରକ୍ଷା ପାଇଁ ସମୁଦାୟର ସକ୍ରିୟ ସହଭାଗିତା ଆବଶ୍ୟକ ବୋଲି ଜିଲ୍ଲାପାଳ ମତ ପ୍ରକାଶ କରିଥିଲେ। ତିମନପୁର ହାଇସ୍କୁଲ୍ ପରିଦର୍ଶନ ସମୟରେ ମଧ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବିରୋଧୀ ସଚେତନତା ଓ ପରିବେଶ ସୁରକ୍ଷା ସନ୍ଦେଶ ଦିଆଯାଇଥିଲା।

## ସମ୍ବଲପୁର ଜିଲ୍ଲାରେ ବୁଲିବ ସଚେତନତା ରଥ

ସମ୍ବଲପୁର : ସମ୍ବଲପୁର ଜିଲ୍ଲାକୁ ସମ୍ପୂର୍ଣ୍ଣ ବାଲ୍ୟବିବାହ ମୁକ୍ତ ଜିଲ୍ଲା ଭାବେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ୍ ବୋନ୍ଦର ଆଜି ଗୁରୁତ୍ୱାରୋପ କରିଛନ୍ତି। ବାଲ୍ୟ ବିବାହ ଏକ ସାମାଜିକ ଅପରାଧ ଓ ଏସମ୍ପର୍କରେ ସମ୍ବଲପୁର ବାସୀଙ୍କୁ ସଚେତନ କରାଇବା ଲକ୍ଷ୍ୟରେ ସଚେତନତା ରଥ ପ୍ରତ୍ୟେକ ଗାଁ ରୁ ଗାଁ, ପଂଚାୟତରୁ ପଂଚାୟତ, ବ୍ଲକରୁ ବ୍ଲକ୍ ସହର ସମେତ ସମଗ୍ର ଜିଲ୍ଲା ପରିକ୍ରମା କରି ଲୋକଙ୍କୁ ସଚେତନ କରାଇବ ବୋଲି କହିଛନ୍ତି । ଏନେଇ ଆଜି ବାଲ୍ୟ ବିବାହ ନିରୋଧ ସଚେତନତା ରଥକୁ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଜିଲ୍ଲା ପରିକ୍ରମା ପାଇଁ ଶୁଭାରମ୍ଭ କରାଯାଇଛି।

## ହାତୀ ମୃତ୍ୟୁ ଘଟଣାରେ ଜେସିବି ଡ୍ରାଇଭର ସହ ଯୁବକ ଗିରଫ



**ଗୋଟିଏ ଦେଶୀବନ୍ଧୁକ ଓ ବିଦ୍ୟୁତ ତାର ଜବତ**

କନ୍ଧମାଳ : ବାଲିଗୁଡା ବନଖଣ୍ଡ ର ବେଲଘର ରେଞ୍ଜ ଅନ୍ତର୍ଗତ ମୁଣ୍ଡୁଟି ଜଙ୍ଗଲରେ ମୃତ ହାତୀର ଶରୀର ଖଣ୍ଡ ବିଖଣ୍ଡିତ ଅବସ୍ଥାରେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ତହଂସୀର କେନାଲ ନିକଟ ରୁ ଉଦ୍ଧାର ଘଟଣାରେ ପୁଣି ୨ ଜଣ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି ବନ ବିଭାଗ । ହାତୀ ମୃତଦେହକୁ ୩୨ ଖଣ୍ଡ କରି ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ମାଟି ତଳେ ପୋତାଯିବା ଘଟଣାରେ ଜେସିବି ଡ୍ରାଇଭର ପ୍ରଶାନ୍ତ ସାହୁକୁ ଗିରଫ କରାଯାଇଛି । ସେହିପରି ଝିରିପାଣି ସେକ୍ସନର ମୁଣ୍ଡୁଟି ଜଙ୍ଗଲରେ ବିଦ୍ୟୁତ ତାର ସଂଯୋଗ କରିଥିବା କର୍ଜଣ୍ଡି ଗାଁର ଯୁବକ ଜୟମଙ୍ଗଳ ପାତ୍ରକୁ ଗିରଫ କରାଯାଇଛି । କର୍ଜଣ୍ଡି ଗାଁରୁ ନିଜ ଘରୁ ତାଙ୍କୁ ବନ ବିଭାଗ ଗିରଫ କରିଥିବାବେଳେ ଜୟମଙ୍ଗଳଠାରୁ ଗୋଟିଏ ବନ୍ଧୁକ ଓ ବିଦ୍ୟୁତ ତାର ମଧ ବନ ବିଭାଗ ଜବତ କରିଥିବା ସୂଚନା ମିଳିଛି । ହାତୀ ମୃତ୍ୟୁ ଘଟଣାରେ ତଦନ୍ତ ରିପୋର୍ଟକୁ ଚପେଇବା ନେଇ ଏସିଏଫ ସୂର୍ଯ୍ୟକାନ୍ତ ବେହେରାଙ୍କୁ ନିଲମ୍ବିତ କରାଯାଇଛି । ପୂର୍ବରୁ ୧୯ ଜାନୁଆରୀରେ ବେଲଘର ରେଞ୍ଜ ର ଡେପୁଟି ରେଞ୍ଜର ବିନୟ କୁମାର ବିଶିଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ସେ ଏବେ ବି ଫେରାର ରହିଛନ୍ତି । ଏଥିସହ ଫେରାର ଡେପୁଟି ରେଞ୍ଜରଙ୍କ ଡ୍ରାଇଭର ହୃଷିକେଶ ପଣ୍ଡାକୁ ମଧ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏବେ ବି ଅଧିକ ତଦନ୍ତ ଚାଲିଥିବା ବେଳେ ମୁଣ୍ଡୁଟି ଜଙ୍ଗଲ ରେ ବିଦ୍ୟୁତ ତାର ସଂଯୋଗ ଘଟଣା ରେ ଅଧିକ ଖୋଡ଼ତାଡ଼ କରୁଛି ବନ ବିଭାଗ କ୍ଷ ବନ୍ଧୁକ ଓ ବିଦ୍ୟୁତ ତାର ଜବତ ହୋଇଥିବା ଜୟ ମଙ୍ଗଳ ଙ୍କ ସହ ଆଉ କିଏ କିଏ ସଂଶ୍ଲିଷ୍ଟ ରହିଛନ୍ତି ସେ ନେଇ ଛାନଭିନ୍ କରୁଛି ବନ ବିଭାଗ କ୍ଷ କାହିଁକି ମୁଣ୍ଡୁଟି ଜଙ୍ଗଲ ରେ ବିଦ୍ୟୁତ ତାର ସଂଯୋଗ କରାଯାଇଥିଲା। ଏହି ଘଟଣା ଶୀକାର ଉଦ୍ଦେଶ୍ୟରେ ନାଁ ଅନ୍ୟ କିଛି କାରଣ ରହିଛି। ତେବେ କେଉଁ ପରିସ୍ଥିତି ରେ ହାତୀ ର ବିଦ୍ୟୁତ ଆଘାତ ରେ ମୃତ୍ୟୁ ହେଲା ଓ କାହିଁକି ହାତୀ ମୃତ୍ୟୁ ପରେ ମୃତଦେହ ଅନଧିକୃତ ସ୍ଥାନାନ୍ତର କରାଯିବା ସହ ପ୍ରମାଣ ନଷ୍ଟ କରିବା ପାଇଁ ମୃତଦେହକୁ ୩୨ ଖଣ୍ଡ କରି କଳାହାଣ୍ଡିରେ କିପରି ପୋତାଗଲା ସେ ସବୁର ତଦନ୍ତ ଚଳାଇଛି ବନ ବିଭାଗ।

# ୨ ଚୋରକୁ ବନ୍ଧିଲା ପୁଲିସ

**ଭୁବନେଶ୍ୱର (ପିପିଏସ୍):** ଚୋରି ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ଶୁକ୍ରବାର ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଦୁଇ ଜଣ ହେଉଛନ୍ତି ସହିଦନଗର ଥାନା ଅନ୍ତର୍ଗତ ପଥରବନ୍ଧ ବସ୍ତିର ପ୍ରକାଶ ବିଷୋଇ ଓରଫ ପକା (୩୪) ଓ ବିଶ୍ୱମ୍ବର ନାଏକ (୨୪)। ଗିରଫ ଦୁଇ ଯୁବକଙ୍କ ଠାରୁ ପୁଲିସ ୯ଟି ଷ୍ଟିଲ ପାଇପ, ୧୮ଟି ଆଲୁମିନିୟମ ପାଇପ ଓ ଗୋଟାଏ ଛୁରୀକୁ ଜବତ କରିଛି । କ୍ୟାପିଟାଲ ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ଥାନାର ଏକ ପାଟ୍ରୋଲିଂ ଟିମ୍ ସ୍ଥାନୀୟ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ୟୁନିଟ୍୨ ହନୁମାନ ମନ୍ଦିର ନିକଟସ୍ଥ କ୍ୱାଟର୍ସ ଅଞ୍ଚଳରେ ଦୁଇ ଜଣ ଯୁବକ କିଛି ଲୁହା ସାମଗ୍ରୀ ସାଙ୍ଗରେ ଧରି ବୁଲୁଥିଲେ । ପୁଲିସକୁ ଦେଖି ସେମାନେ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବା ସମୟରେ ତାଙ୍କୁ ଥାନାକୁ ଅଣାଯାଇଥିଲା । ପରେ ସେମାନେ ସ୍ଥାନୀୟ ଅଞ୍ଚଳରୁ ଏହି ସମସ୍ତ ଲୁହା ସାମଗ୍ରୀ ଚୋରି କରୁଥିବା ନେଇ ସ୍ୱୀକାର କରିଥିଲେ । ପରେ ପୁଲିସ ଉଭୟଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି ।

# ହଷ୍ଟେଲ ଖାଦ୍ୟରେ ପୋକ ସାଲୁବାଲୁ



**ଭୁବନେଶ୍ୱର (ପିପିଏସ୍):** ବିଜେବି ଯୁକ୍ତ ଦୁଇ କଲେଜ ଛାତ୍ରୀ ହଷ୍ଟେଲ ଖାଦ୍ୟରୁ ପୋକ ବାହାରୁଛି । ବାରମ୍ବାର ଏପରି ହେଉଥିଲେ ମଧ୍ୟ ସ୍ଥାୟୀ ସମାଧାନ ପାଇଁ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନାହାନ୍ତି । ହଷ୍ଟେଲ ଅଧୀକ୍ଷକଙ୍କୁ ଏକାଧିକ ଥର ଅଭିଯୋଗ କଲେ ମଧ୍ୟ କର୍ଣ୍ଣପାତ କରୁ ନାହାନ୍ତି । ଫଳରେ ହଷ୍ଟେଲ୍ ଅନ୍ତେବାସୀମାନେ କଲେଜ ଅଧ୍ୟକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଅନ୍ତେବାସୀଙ୍କ ଅଭିଯୋଗ ଅନୁଯାୟୀ ହଷ୍ଟେଲ ଭୋଜନରୁ ବାରମ୍ବାର ପୋକ ବାହାରୁଛି । ଡାଲି ଓ ତରକାରୀରୁ ପୋକ ବାହାରିବା ଛାତ୍ରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୂର୍ବରୁ ଏହି ସମସ୍ୟା ନେଇ ହଷ୍ଟେଲ ଅଧୀକ୍ଷକଙ୍କୁ ଏକାଧିକ ଥର ଛାତ୍ରୀମାନେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ନ ଯିବାରୁ ଅନ୍ତେବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି । ଖାଦ୍ୟ ପ୍ରସ୍ତୁତିରେ ପରିଷ୍କାର-ପରିଚ୍ଛନ୍ନ ନ ରହିବା, ନିମ୍ନମାନର ଖାଦ୍ୟ ପଦାର୍ଥ ବ୍ୟବହାର, ଅସ୍ୱାସ୍ଥ୍ୟକର ପରିବେଶରେ ରୋଷେଇ, ପରି ହଷ୍ଟେଲ୍ ପରିମଳ ବ୍ୟବସ୍ଥା ସମ୍ପର୍କରେ ଅଧ୍ୟକ୍ଷଙ୍କୁ ଅଭିଯୋଗ କରିଛନ୍ତି । ତୁରନ୍ତ ଖାଦ୍ୟର ଗୁଣବତ୍ତାରେ ସୁଧାର ଆଣିବା ସହ ହଷ୍ଟେଲ ପରିଚାଳନା ବ୍ୟବସ୍ଥାରେ ସଂସ୍କାର ଦାବି କରିଛନ୍ତି । ସମସ୍ୟାର ତ୍ୱରିତ ସ୍ଥାୟୀ ସମାଧାନ କରା ନ ଗଲେ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ବାରମ୍ବାର ଖାଦ୍ୟରୁ ପୋକ ବାହାରିବା ବିଜେବି ହଷ୍ଟେଲ୍‌ର ଖାଦ୍ୟ ଗୁଣାବତ୍ତାକୁ ପ୍ରଶ୍ନଘେରରେ ଠିଆ କରିଛି ।

# 'ମିଡନାଇଟ୍' ମ୍ୟୁଜିକ୍ ଓ ଟ୍ରେଲର ରିଲିଜ୍

**ଭୁବନେଶ୍ୱର (ପିପିଏସ୍):** ଓଡ଼ିଆ ହରର୍ ଫିଲ୍ମ 'ମିଡ୍ ନାଇଟ୍'ର ମ୍ୟୁଜିକ୍ ଏବଂ ଟ୍ରେଲର୍ ରିଲିଜ ହୋଇଯାଇଛି । ମନୁ ଦ୍ୱିବେଦୀ ଫିଲ୍ମସ୍ ନିବେଦିତ ଏହି ଚଳଚ୍ଚିତ୍ରରେ ମନୁ ନିର୍ଦ୍ଦେଶନା ଦେଇଥିବାବେଳେ ନାୟକ ଭୂମିକାରେ ମଧ୍ୟ ଅଭିନୟ କରୁଛନ୍ତି । ବାପା ଏବଂ ପୁଅ ଉଭୟ ଚରିତ୍ରରେ ତାଙ୍କର ଦମଦାର ଅଭିନୟ ଦର୍ଶକଙ୍କୁ ବେଶ୍ ଥ୍ରୀଲର୍ ଅନୁଭୂତି ପ୍ରଦାନ କରିବ । ତେବେ ଫିଲ୍ମରେ ୨ଟି ଗୀତ ରହିଥିବା ବେଳେ 'ମାୟାବିନୀ ଏ ଅନ୍ଧାର ରାତି' ଶୀର୍ଷକ ଗୀତ ଦର୍ଶକଙ୍କଦ୍ୱାରା ବେଶ୍ ଆଦୃତ ହୋଇଛି । ଏହି ଗୀତଟିକୁ ଡ. ନିର୍ମଳ ନାୟକ ରଚନା କରିଥିବାବେଳେ କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା । ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀଙ୍କ ସଂଯୋଜନାରେ ପ୍ରସ୍ତୁତ ଗୀତ ଏକ ଆତ୍ମାର କାହାଣୀକୁ ଖୁବ୍ ଦର୍ଶାଇଛି । ଅନୁପ ଦ୍ୱିବେଦୀଙ୍କ ରଚିତ ଏହି କାହାଣୀରେ ସଂଳାପ ଲେଖିଛନ୍ତି ଡ. ରଜନୀ ରଞ୍ଜନ । ଏଥିରେ ବିଭିନ୍ନ ଭୂମିକାରେ ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ଅକ୍ଷୟ ବସ୍ତିଆ, ବିରେନ ମିଶ୍ର, ଡାଏନା, ଆଲିଆ, ପ୍ରିୟା, ସସ୍ମିତା ଓ ସୁଧାଂଶୁବାଳା ପ୍ରମୁଖ ଅଭିନୟ କରିଛନ୍ତି । ତେବେ ସିନେମାଟି ଫେବୃଆରୀ ୬ରେ ରିଲିଜ୍ ହେବାକୁ ଥିବା ବେଳେ ଦର୍ଶକଙ୍କ ଆଦୃତ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି ।

# ଉତ୍ତର ପୁରୁଷ ନାଟକ ପରିକ୍ରମାରେ 'ରାଜଜେମା'



**ଭୁବନେଶ୍ୱର (ପିପିଏସ୍):** ପୁରାଣରୁ ଇତିହାସ ପର୍ଯ୍ୟନ୍ତ ରାଜଜେମାମାନଙ୍କ ଜଟିଳ ଓ କରୁଣ କାହାଣୀ ରହିଛି । ଯାହା ଆଜି ବି ମନରେ ଶିହରଣ ଖେଳାଇଦିଏ । ସେମିତି ଏକ କାହାଣୀକୁ ନେଇ ଗୁରୁବାର ରବୀନ୍ଦ୍ର ମଣ୍ଡପରେ ଉତ୍ତର ପୁରୁଷ ନାଟକ ପରିକ୍ରମାର ଶେଷ ଦିନରେ ମଞ୍ଚସ୍ଥ ହୋଇଥିବା ନାଟକ 'ରାଜଜେମା' ଦର୍ଶକମାନଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା । ମହାଭାରତ ଯୁଗର ରାଜଜେମା ମାଧବୀ, ୧୮୦୦ ଶତାବ୍ଦୀର ମେବାର ଉଦୟପୁର ରାଜକୁମାରୀ କୃଷ୍ଣାକୁମାରୀ ଓ ଷୋଡଶ ଶତାବ୍ଦୀରେ ଖୋର୍ଦ୍ଧା ଗଜପତି ପୁରୁଷୋତ୍ତମ ଦେବଙ୍କ ରାଜଜେମା ମୁକ୍ତାଦେଇଙ୍କ ବଳିଦାନର କାହାଣୀ ବଖାଣିଥିଲା ଏହି ନାଟକ । ବିଶିଷ୍ଟ କଥାକାର ଗୌରହରି ଦାସଙ୍କ ରଚିତ ଏହି ନାଟକକୁ ଦେବଦତ୍ତ ପତିଙ୍କ ନିର୍ଦ୍ଦେଶନା ଓ ଗୌରବ ପାଣିଗ୍ରାହୀଙ୍କ ସଙ୍ଗୀତ ନିର୍ଦ୍ଦେଶନା ଜୀବନ୍ତ କରିଥିଲା । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନାଟ୍ୟକାରଙ୍କ ସମେତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଦେବପ୍ରସାଦ ଦାଶ ଓ ରାଜ୍ୟ ସୂଚନା କମିସନର୍ ମନୋଜ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ ।

# ସ୍ୱଚ୍ଛତା ପଖୱାଡ଼ା ଉଦ୍‌ଯାପିତ

**ଭୁବନେଶ୍ୱର (ପିପିଏସ୍):** ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି) ଏବଂ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱର ପକ୍ଷରୁ ସ୍ୱଚ୍ଛତା ପଖୱାଡ଼ା ୨୦୨୬ର ଉଦଯାପନୀ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ପିଆଇବି ଏବଂ ସିବିସି (ଓଡ଼ିଶା ଏବଂ ଝାଡ଼ଖଣ୍ଡ କ୍ଷେତ୍ର)ର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ତନୟା ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଏବଂ ବିର୍ଲା ଗ୍ଲୋବାଲ୍ ୟୁନିଭରସିଟିର ଏନଏସଏସ ସେଲ ଆବାହକ ପ୍ରଫେସର ଯୋଗେନ୍ଦ୍ର ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ସ୍ୱଚ୍ଛ ଭାରତ ମିଶନର ମୂଳ ଲକ୍ଷ୍ୟ ଉପରେ ଆଲୋକପାତ କରାଯିବା ସହିତ ଜନଭାଗିଦାରୀ ଏବଂ ଦୀର୍ଘସ୍ଥାୟୀ ଅଭ୍ୟାସଗତ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦିଆଯାଇଥିଲା । କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶ୍ରୀ ମିଶ୍ର କହିଥିଲେ ଯେ, ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ସ୍ୱଚ୍ଛ ଭାରତ ମିଶନ' କେବଳ ବାହ୍ୟ ସ୍ୱଚ୍ଛତା ମଧ୍ୟରେ ସୀମିତ ନୁହେଁ, ବରଂ ଏହା ମାନସିକ ସ୍ୱଚ୍ଛତାର ଏକ ବ୍ୟାପକ ଆନ୍ଦୋଳନ । ସ୍ୱଚ୍ଛତାକୁ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଗ୍ରହଣ କରିବା ଆବଶ୍ୟକ । ସ୍ୱଚ୍ଛତା ଯେତେବେଳେ ଜୀବନଶୈଳୀରେ ପ୍ରତିଫଳିତ ହେବ ଏବଂ ନାଗରିକଙ୍କ ମୂଲ୍ୟବୋଧ ଭାବେ ଗ୍ରହଣୀୟ ହେବ, ସେତେବେଳେ ହିଁ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନ ସମ୍ଭବ ବୋଲି ସେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ସିବିସି, ଭୁବନେଶ୍ୱରର ବରିଷ୍ଠ କଳାକାରମାନଙ୍କ ଦ୍ୱାରା 'ବିକଶିତ ଭାରତ ୨୦୪୭' ବାର୍ତ୍ତା ଉପରେ ଏକ ନାଟକ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମର ସମାପନ ଅବସରରେ ଛାତ୍ରଛାତ୍ରୀମାନଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ସିବିସିର ସହାୟକ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିବା ବେଳେ କ୍ଷେତ୍ର ପ୍ରଚାର ଅଧିକାରୀ ସସ୍ମିତା ପାଇକରାୟ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଘରୋଇଶୈଳୀ ରନ୍ଧାଖାଦ୍ୟ ଯୋଗାଇବ କଳିଙ୍ଗସ୍ କିଚେନ

**ଭୁବନେଶ୍ୱର (ପିପିଏସ୍):** କଳିଙ୍ଗ ଗ୍ରୁପ୍ ତରଫରୁ 'କଳିଙ୍ଗସ୍ କିଚେନ' ଖାଦ୍ୟ ଯୋଗାଣ ସେବା ଆରମ୍ଭ କରିବା ନେଇ ଘୋଷଣା କରାଯାଇଛି । ଯାହାକି ଏକ ମାସିକିଆ ଖାଦ୍ୟ ବରାଦ ସେବା ପ୍ରକ୍ରିୟାରେ ଭୁବନେଶ୍ୱର ଅଞ୍ଚଳର ବିଭିନ୍ନ ବର୍ଗର ଲୋକମାନଙ୍କୁ ଖାଦ୍ୟ ଯୋଗାଇ ଦିଆଯିବ ବୋଲି ସଂସ୍ଥାର ନିର୍ଦ୍ଦେଶିକା ସିକତା ଦାସ ଓ ପରିଚାଳନା ନିର୍ଦ୍ଦେଶକ ଟୁଟୁଲ କିଶୋର ଦାସ ପ୍ରକାଶ କରିଛନ୍ତି । ଏହାଦ୍ୱାରା ବିଭିନ୍ନ ବର୍ଗର ଲୋକେ ଉପକୃତ ହୋଇପାରିବେ ବୋଲି କୁହାଯାଇଛି ।

# ଦୁଲୁକୁଛି ଖଣ୍ଡଗିରି ଯାତ୍ରା ମଞ୍ଚ, ଆଜିଠୁ ଖେଳିବ ରାଣୀପଣ୍ଡାଙ୍କ 'ନାଟ୍ୟ ମଣ୍ଡପ'



**ଭୁବନେଶ୍ୱର (ପିପିଏସ୍):** ଲଗାତାର ୫ ଦିନ ହେବ ଦୁଲୁକୁଛି ଖଣ୍ଡଗିରି ଯାତ୍ରା ପଡ଼ିଆ । ଦ୍ୱିତୀୟ ପର୍ଯ୍ୟାୟ ଲଢେଇ ଚାଲିଥିବା ବେଳେ ଏକକାଳୀନ ୭ଟି ପେଣ୍ଡାଲରେ ନାଟକ ଅନୁଷ୍ଠିତ ହେଉଛି । ଯାତ୍ରା ମହାକୁମ୍ଭର ପଞ୍ଚମ ରାତିରେ ସିଂହବାହିନୀ, କୋଣାର୍କ, ଅଶୋକ ସମ୍ରାଟ, ଶ୍ରୀମନ୍ଦିର ଓ ସ୍ୱର୍ଣ୍ଣମହଲ ନାଟକ ରିପିଟ୍ କରିଥିବା ବେଳେ ଅପେରା ରାଜଦରବାର ଓ ଇନ୍ଦ୍ରଭୁବନ ଖଣ୍ଡଗିରି ମଇଦାନରେ ପାଦ ଥାପିଛନ୍ତି । ସେହିପରି ଆଜିଠାରୁ ରାଣୀ ପଣ୍ଡାଙ୍କ ଯାତ୍ରା ପାର୍ଟି ନାଟ୍ୟ ମଣ୍ଡପ ନିଜର ନାଟକ ପରିବେଷଣ କରିବ । ସେହିପରି ଅନନ୍ତ କେଶରୀ ଦେବ ସାଂସ୍କୃତିକ ପରିଷଦ ମଞ୍ଚରେ ଅପେରା ରାଜ ଦରବାର ଯାତ୍ରା ଲଢେଇରେ ନିଜକୁ ସାମିଲ୍ କରିଛି । ପ୍ରଥମ ରଜନୀରେ 'ଆଖି ପଲକରେ ଖୋଜୁଛି ତତେ' ନାଟକ ଦର୍ଶକଙ୍କୁ ଭେଟି ଦେଇଛି । ଭାଇଭଉଣୀ ଚରିତ୍ରରେ ବାପି ପଣ୍ଡା-ମାମା-ମନୀଷାଙ୍କ ଅଭିନୟ ଏବଂ ନୀର ସାଇଁ ଓ ମ୍ୟାଜିକ୍ ଭିଲିଆନ୍ କୁନାଙ୍କ ଅଭିନୟ ଦର୍ଶକଙ୍କୁ ନାଟକ ଦେଖିବାକୁ ବାଧ୍ୟ କରିଥିଲା । ଯାତ୍ରା ଇନ୍ଦ୍ରଭୁବନ କଳିଙ୍ଗ ପେଣ୍ଡାଲ ମାଧ୍ୟମରେ ଅଘୋଷିତ ଯାତ୍ରା ପ୍ରତିଯୋଗିତାରେ ଭାଗ ନେଇଛି । ପ୍ରଥମ ରାତିରେ ଦୀପକ ଜେନାଙ୍କ ରଚିତ ଓ ଦିନେଶ ଦାସଙ୍କ ନିର୍ଦ୍ଦେଶିତ 'ନ ଅଙ୍କ ଦୁର୍ଭିକ୍ଷ'ରେ ବିନୋଦ-ବେବିନାଙ୍କ ଯୋଡ଼ି ସାଙ୍ଗକୁ ଖଳନାୟକ ପ୍ରକାଶ ଓ ବିମଳଙ୍କ ଡାଇଲଗ ଦର୍ଶକଙ୍କୁ ଆକର୍ଷିତ କରିଥିବା ପ୍ରକାଶ-କଣ୍ଡେଇଙ୍କ କମେଡି ହାସ୍ୟରୋଳ ସୃଷ୍ଟି କରିଥିଲା । ସନାତନ ସେବା ସମିତି (ଖଣ୍ଡଗିରି-ଘାଟିକିଆ) ପେଣ୍ଡାଲରେ କୋଣାର୍କ ଗଣନାଟ୍ୟ ଲଗାତାର ଚତୁର୍ଥ ରାତିରେ ସେଇ ନାଟକ ପରିବେଷଣ କରିଛି । 'ତୁ ବୋଧେ ମୋ ଭାଗ୍ୟରେ ନାହୁଁ' ନାଟକରେ ଜିତୁ-ପୂଜାଙ୍କ କେମେଷ୍ଟ୍ରିକୁ ଦର୍ଶକ ପସନ୍ଦ କରିଥିବା ବେଳେ ଭେଟେରାନ ଦୈତାରିଙ୍କ ଡାଇଲଗ୍ ଶେଷ ପର୍ଯ୍ୟନ୍ତ ମଞ୍ଚ ନିକଟରେ ବାନ୍ଧି ରଖିଥିଲା । ମା' ମଙ୍ଗଳା ପେଣ୍ଡାଲରେ ସ୍ୱର୍ଣ୍ଣ ମହଲ ଦ୍ୱିତୀୟ ରଜନୀରେ ମଧ୍ୟ 'ଗୁହାରି ଶୁଣ ଦୀନବନ୍ଧୁ' ନାଟକ ଦର୍ଶକଙ୍କୁ ଭେଟି ଦେଇଛି । ସୁବାସ-ପିଙ୍କି, ଭାବନା, ଲୁଲୁ, ନୟନ-ମାନସୀଙ୍କ ଅଭିନୟ ସାଙ୍ଗକୁ ଖଳନାୟକ ନବ ଘୋଷଙ୍କ ଅଭିନୟ ଦେଖିବାକୁ ରାତି ଅନିଦ୍ରା ହୋଇଛନ୍ତି ଦର୍ଶକ । ଜୟଦୁର୍ଗା ମଞ୍ଚରେ ନାଚୁଥିବା ଅପେରା ଶ୍ରୀମନ୍ଦିର ପ୍ରଥମ ରାତିର ସଫଳତା ପରେ ଦ୍ୱିତୀୟ ରାତିରେ ମଧ୍ୟ 'ଜାନୁଆର୍' ବହି ରିପିଟ୍ କରିଛି । ଜିନୁ-ଟିକି, ଅଜୁ-ଆପୁ ଓ ଖଳନାୟକ କାହ୍ନାଙ୍କ ନିଖୁଣ ଅଭିନୟ ଦର୍ଶକଙ୍କ ମନକୁ ଛୁଇଁଥିଲା । ଇନ୍ଦିରା ସାଂସ୍କୃତିକ ପରିଷଦ (ଖଣ୍ଡଗିରି-ଜାଗମରା) ପେଣ୍ଡାଲରେ ଖେଳୁଥିବା ଯାତ୍ରା ରାଣୀ ସିଂହବାହିନୀ ଲଗାତାର ଚତୁର୍ଥ ରାତିରେ 'ତୁ ମୋ ବଜରଙ୍ଗୀ' ନାଟକ ମଞ୍ଚସ୍ଥ କରିଛି । ଭାଇଭଉଣୀ ଯୋଡ଼ି ପିୟୁଷ ଓ ମିନୁଙ୍କ ନିଚ୍ଛକ ଅଭିନୟ ସାଙ୍ଗକୁ ଖଳନାୟକ କୁନା ଓ କ୍ଷୀତିଶଙ୍କ ଅଭିନୟ ଦର୍ଶକୀୟ ଆଦୃତି ଲାଭ କରିଛି । ସେପଟେ ହରେକୃଷ୍ଣ ମହତାବ ପେଣ୍ଡାଲରେ ଖେଳୁଥିବା ଅପେରା ଅଶୋକ ସମ୍ରାଟ ୪ ରାତି ନାଟକ ପରିବେଷଣ କରି ବିଦାୟ ନେଇଛି । ଅନ୍ତିମ ରାତିରେ 'ସବୁ ପାପର ପ୍ରାୟଶ୍ଚିତ ନାହିଁ' ନାଟକ ଭେଟି ଦେଇଛି । 'ସମ୍ରାଟ' ରାଜଧାନୀ ଛାଡ଼ିବା ପରେ ଶନିବାର ରାତିରୁ ତୁଳସୀ ଗଣନାଟ୍ୟ ସେହି ମଞ୍ଚରେ ଖଣ୍ଡଗିରି ଯାତ୍ରା ମହାକୁମ୍ଭରେ ଭାଗ ନେବ । ପ୍ରଥମ ରଜନୀରେ 'ଏଇ ବୋଧେ ଶେଷ ଦେଖା' ନାଟକ ପରିବେଷଣ କରିବ ।

# ୯୪ ଲକ୍ଷ ଠକେଇ; ୩ ସାଇବର୍ ଠକ ଗିରଫ

**ଭୁବନେଶ୍ୱର (ପିପିଏସ୍):** ନକଲି ବାଣିଜ୍ୟ ଆବେଦନ ମାଧ୍ୟମରେ ହୋଇଥିବା ଏକ ଠକେଇ ମାମଲାର ତଦନ୍ତ କରି ସାଇବର ଥାନା ପୁଲିସ ଗୁରୁବାର ୩ ଜଣ ସାଇବାର ଠକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଦେବଗଡ଼ ଜିଲ୍ଲା ରିଆମାଳର ଲାଲା ବସନ୍ତରା (୨୧), ମାନସ କୁମାର ସାହୁ (୩୦) ଓ ଚିନ୍ମୟ ସାହୁ (୧୯) । ଅଭିଯୁକ୍ତମାନେ ଷ୍ଟକ୍ ଟ୍ରେଡିଂ ପ୍ଲାଟଫର୍ମ ମାଧ୍ୟମରେ ଅଭିଯୋଗକାରୀଙ୍କୁ ୯୪ ଲକ୍ଷ ୬୨ ହଜାର ୪୬୧ ଟଙ୍କା ଠକେଇ କରିଥିଲେ । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀଙ୍କୁ ଅଭିଯୁକ୍ତମାନେ ସେବି ପଞ୍ଜିକୃତ ଆର୍ଥିକ ପ୍ରତିଷ୍ଠାନର ପ୍ରତିନିଧି ବୋଲି ନିଜକୁ ପରିଚୟ ଦେଇ ଏକାଧିକ ହ୍ୱାଟସ୍ ଅପ୍ ଗୋଷ୍ଠୀରେ ଯୋଡ଼ିଥିଲେ । ଏହି ଗୋଷ୍ଠୀଗୁଡ଼ିକ ଷ୍ଟକ୍, ସେୟାର ଓ ଆଇପିଓ ବାଣିଜ୍ୟରେ ଉଚିତ ରିଟର୍ଣ୍ଣ ଦେବାର ପ୍ରଲୋଭନ ଦେଉଥିଲେ ଏବଂ ସେବି (ଏସିଇବିଆଇ) ମାନଦଣ୍ଡ ଅନୁସରଣ ହେଉଥିବା ବୋଲି ମିଥ୍ୟା ନିଶ୍ଚିତତା ପ୍ରଦାନ କରୁଥିଲେ । ଅଭିଯୋଗକାରୀଙ୍କୁ ବିଓବି କ୍ୟାପ୍ସ ଓ ଟୋଳା ପ୍ରୋ ନାମରେ ଥିବା ଦୁଇଟି ମୋବାଇଲ୍ ବାଣିଜ୍ୟ ଆବେଦନ ମାଧ୍ୟମରେ ନିବେଶ କରିବାକୁ ପ୍ରବର୍ତ୍ତିତ କରାଯାଇଥିଲ । ଏହି ଆବେଦନ ଗୁଡ଼ିକରେ ମିଥ୍ୟା ଭାବରେ ବାଣିଜ୍ୟ ଲାଭ ଦର୍ଶାଯାଇ, ପ୍ରକୃତ ବଜାର କାର୍ଯ୍ୟକଳାପ ଘଟୁଥିବାର ଭାବନା ସୃଷ୍ଟି କରାଯାଇଥିଲା । ଏହି ସମସ୍ତ ଦାବିକୁ ସତ୍ୟ ବୋଲି ବିଶ୍ୱାସ କରି, ଅଭିଯୋଗକାରୀ ଅଭିଯୁକ୍ତମାନଙ୍କ ନିର୍ଦ୍ଦେଶ ଅନୁଯାୟୀ ୟୁପିଆଇ, ଏନଇଏଫଟି ଓ ଆରଟିଜିଏସ ମାଧ୍ୟମରେ ବିଭିନ୍ନ ଥାର୍ଡ ପାର୍ଟି ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ହସ୍ତାନ୍ତର କରିଥିଲେ । ପରବର୍ତ୍ତୀ ସମୟରେ ଟଙ୍କା ଉଠାଇବାକୁ ଚେଷ୍ଟା କରିବା ବେଳେ, ଅଭିଯୋଗକାରୀଙ୍କୁ କର ଓ ପ୍ରକ୍ରିୟାକରଣ ଶୁଳ୍କ ନାମରେ ୩୦ ପ୍ରତିଶତ ସେବା ଶୁଳ୍କ ସହ ଅନ୍ୟାନ୍ୟ ଅତିରିକ୍ତ ଦେୟ ଦେବାକୁ ବାଧ୍ୟ କରାଯାଇଥିଲା । ଏହା ସତ୍ତ୍ୱେ ମଧ୍ୟ ଟଙ୍କା ଉଠାଇବାକୁ ଅନୁମତି ଦିଆଯାଇନଥିଲା । ଆବେଦନ ଗୁଡ଼ିକରେ ଆକାଉଣ୍ଟ ସ୍ଥିତି 'ଅସାଧାରଣ' ଦର୍ଶାଯାଇଥିଲା ଏବଂ ସମସ୍ତ ହ୍ୱାଟସ୍ ଅପ୍ ଗୋଷ୍ଠୀ ହଠାତ୍ ନିଷ୍କ୍ରିୟ ହୋଇଯାଇଥିଲା । ଠକେଇ ହୋଇଥିବାର ସନ୍ଦେହ ହେବା ପରେ ଅଭିଯୋଗକାରୀ ସାଇବର୍ ହେଲ୍ପଲାଇନ୍ ନମ୍ବରରେ ଅଭିଯୋଗ କରିଥିଲେ । ପରେ ସାଇବର ଥାନା ପୁଲିସ ୩ ଜଣ ସାଇବର ଠକଙ୍କୁ ଗିରଫ କରିଛି ।

# ୨୦ ପ୍ରେକ୍ଷାଳୟରେ ମୁକ୍ତିଲାଭ କଲା 'ପରୀ'

**ଭୁବନେଶ୍ୱର (ପିପିଏସ୍):** ଓଡିଆ ଚଳଚ୍ଚିତ୍ର 'ପରୀ' ସାରା ଓଡ଼ିଶାରେ ୨୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି । ତେବେ ଭୁବନେଶ୍ୱରସ୍ଥିତ ସ୍ତୁତି ସିନେପ୍ଲେକ୍ସରେ ଏହାର ପ୍ରିମିୟର ଶୋ'ରେ ସିନେମାର ପୁରା ଟିମ୍ ଦର୍ଶକଙ୍କ ସହ ଏକାଠି ବସି ସିନେମା ଦେଖିଥିଲେ । ସିନେମାର ପ୍ରଯୋଜନା ସଞ୍ଜୟ ମହାନ୍ତି କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ତ୍ରିପତି ସାହୁ ଏବଂ ସଂଳାପ ଲେଖିଛନ୍ତି ଡ. ରଜନୀ ରଞ୍ଜନ । ପ୍ରମୋଦ ପରିଡାଙ୍କ ରଚିତ ଗୀତ ଗୁଡିକୁ ଜାପାନୀ ଭାଇ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଅନ୍ତରା ଚକ୍ରବର୍ତ୍ତୀ, ରୁକୁ ସୁନା, ଡାକ୍ତର ରୋହନ ବିଶ୍ୱାଳ କଣ୍ଠଦାନ କରିଛନ୍ତି । ସମାଜରେ କ୍ରମାଗତ ଭାବରେ କୋମଳମତି ଶିଶୁମାନଙ୍କ ଉପରେ ଯୌନ ନିର୍ଯ୍ୟାତନା ବଢୁଥିବା ବେଳେ ଏକ ନିରୀହ, କୋମଳ ଫୁଲ କଢି 'ପରୀ' ମଧ୍ୟ ଏଡିରୁ ବାଦ୍ ପଡ଼ିନି । ଗୋଟେପେଟ ତାକୁ ନେଇ ବାପା ମା'ଙ୍କର ଅନେକ ସ୍ୱପ୍ନ ରହିଥିବା ବେଳେ ଯୌନ ରାକ୍ଷସଙ୍କ ଅତ୍ୟାଚାରରେ ଅକାଳରେ ଝଡ଼ି ପଡ଼ିଛି 'ପରୀ' । ଅର୍ଥ, ପ୍ରତିଷ୍ଠା, ରାଜନୀତି ଆଗରେ କ୍ଷୀଣ ପଡିଯାଇଛନ୍ତି ପରୀର ବାପା ମା' । ଶେଷରେ କ'ଣ ପରୀକୁ ନ୍ୟାୟ ମିଳିଛି ? ଏଭଳି ଏକ ସ୍ପର୍ଶକତାର କାହାଣୀ ଉପରେ ଗତିଶୀଳ ସିନେମାରେ ମୁଖ୍ୟ ଚରିତ୍ରରେ ଜ୍ୟୋତି ରଞ୍ଜନ ନାୟକ ଏବଂ ଅନୁରାଧା ପାଣିଗ୍ରାହୀ ରହିଥିବା ବେଳେ ବିଭିନ୍ନ ଭୂମିକାରେ ଶ୍ରୀତମ ଦାସ, ନୀଳମଣି ସାହୁ, ପ୍ରଦ୍ୟୁମ୍ନ ଲେଙ୍କା, ସୌମ୍ୟ ଅଧିକାରୀ, ଗୁଡ୍ଡୁ, ଜଗନ୍ନାଥ ସାହୁ, ନରେଶ ରାଉତରାୟ ପ୍ରମୁଖ ଅଭିନୟ କରିଛନ୍ତି । ତେବେ ସିନେମାଟି ମୁକ୍ତିଲାଭ କରିବାର ପ୍ରଥମ ଦିନରେ ସମସ୍ତ ହଲ୍ ହାଉସଫୁଲ ହୋଇଥିବା ବେଳେ ଆଗକୁ ଏହା ନିଶ୍ଚିତ ଦର୍ଶକାଦୃତ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି ।

# ଆଖୁ ସଂକ୍ରାନ୍ତ ପଞ୍ଚବାର୍ଷିକ ସମୀକ୍ଷା ବୈଠକ

**ଭୁବନେଶ୍ୱର (ପିପିଏସ୍):** ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ଆଖୁ ଉପରେ ୩ ଦିନିଆ ପଞ୍ଚବାର୍ଷିକ ସମୀକ୍ଷା ଦଳ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୨୦୨୧ ମସିହାରୁ ୨୦୨୫ ମସିହା ପର୍ଯ୍ୟନ୍ତ ବିଶ୍ୱ ବିଦ୍ୟାଳୟ ଅଧୀନରେ ଆଖୁ ଚାଷ ଉପରେ ରାଜ୍ୟରେ ହୋଇଥିବା ବିଭିନ୍ନ ଗବେଷଣା, ଫଳାଫଳ ଓ ସମସ୍ୟା ବାବଦରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ବୈଠକକୁ ସମ୍ବୋଧିତ କରି ଆଖୁ ଚାଷର ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ । ସେହିଭଳି ପୂର୍ବରୁ ଲୋକଲୋଚନକୁ ଆସିପାରୁ ନ ଥିବା ଏହି ଆଖୁ ବର୍ତ୍ତମାନ ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ହିତକାରୀ ହେଉଥିବାରୁ ଏହା ଆଗାମୀ ଦିନରେ ଚାଷୀଙ୍କୁ ଅନେକ ଲାଭ ପ୍ରଦାନ କରିବ ବୋଲି ପ୍ରଫେସର ରାଉଳ ମତ ଦେଇଛନ୍ତି । ସେହିପରି କ୍ୟୁଆରଟି ଅଧ୍ୟକ୍ଷ ତଥା ସିଏସ୍‌ୟୁଏଟି, କାନପୁରର ପୂର୍ବତନ କୁଳପତି ଡ. ଏସ୍. ସୋଲୋମନ ଯୋଗ ଦେଇ ଆଖୁ ଚାଷର ସକାରାକ ଦିଗ ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଗବେଷଣା ଅଧ୍ୟକ୍ଷ ପ୍ରଫେସର ନିରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ । ଡ଼. ସୁଜାତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଆଇସିଏଆର, ଆଇଏସ୍‌ଆରଆର ଲକ୍ଷ୍ନୌ ପ୍ରୋଜେକ୍ଟ କୋଓର୍ଡିନେଟର ଓ ନିର୍ଦ୍ଦେଶକ (କାର୍ଯ୍ୟବାହକ) ଡଡି ସିଂହ ବୈଠକ ବାବଦରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ୩ ଦିନ ଧରି ଚାଲୁଥିବା ଏହି କାର୍ଯ୍ୟକ୍ରମ ନୟାଗଡ ଜିଲ୍ଲା ଏଆଇସିଆରପି ଆଖୁ ଗବେଷଣା କେନ୍ଦ୍ର ପକ୍ଷରୁ ଆୟୋଜନ କରାଯାଇଛି ।

# ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ଆଲୋଚନାଚକ୍ର



**ଭୁବନେଶ୍ୱର (ପିପିଏସ୍):** ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟା ଭବନର ମିଳିତ ଆନୁକୂଲ୍ୟରେ 'ଭାବର ଠାକୁର ଶ୍ରୀଜଗନ୍ନାଥ' ଶୀର୍ଷକ ୨୧୨ତମ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ମନୋଜ କୁମାର ମହାପାତ୍ର ଯୋଗଦେଇଥିବା ବେଳେ ଏଥିରେ ସଭାପତି ଡ. ଅଶୋକ କୁମାର ମହାପାତ୍ର ପୌରୋହିତ୍ୟ କରିଥିଲେ । ଏହି ସଭାରେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ବନଜ ଦେବୀଙ୍କ ଭାବପୂର୍ଣ୍ଣ ଗଦ୍ୟ ପୁସ୍ତକ 'ମଣିମା ଶୁଣିମା ହେଉ' ଓ ଚିତ୍ରଶିଳ୍ପୀ ବଳଦେବ ମହାରଥାଙ୍କ ଚିତ୍ର ଓ ଗଦ୍ୟର ପୁସ୍ତକ 'ମଧୁରମ୍ ମଧୁରାଧିପତି' ପୁସ୍ତକ ସଭାରେ ଲୋକାର୍ପିତ ହୋଇଥିଲା । ଏହି ଅବସରରେ ମୁଖ୍ୟବକ୍ତା ଅସିତ ମହାନ୍ତି ଦୁଇଟି ପୁସ୍ତକର ସମୀକ୍ଷା କରିଥିଲେ । ସମ୍ପାଦକ ପୀତବାସ ରାଉତରାୟ ସ୍ୱାଗତ ଭାଷଣ ସହ ସଭା ପରିଚାଳନା କରିଥିଲା ବେଳେ ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରମିକ ଶ୍ରେଣୀକୁ ବଦନାମ କରିବାରୁ ନିବୃତ୍ତ ହେବାକୁ ଏଆଇସିସିଟିୟୁର ଦାବି

**ଭୁବନେଶ୍ୱର (ପିପିଏସ୍):** ଭାରତର ମୁଖ୍ୟ ବିଚାରପତି ଶ୍ରମିକ ସଂଗଠନଗୁଡ଼ିକ ସମ୍ପର୍କରେ ଦେଇଥିବା ନିକଟତମ ମନ୍ତବ୍ୟକୁ ନେଇ ଏଆଇସିସିଟିୟୁ ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡ଼ା ଏବଂ ରାଜ୍ୟ ସଭାପତି ରାଧାକାନ୍ତ ସେଠୀ ଶୁକ୍ରବାର ରାଜଧାନୀରୁ ଏକ ମିଳିତ ବିବୃତ୍ତି ଜାରି କରି କ୍ଷୋଭ ଓ ଅସନ୍ତୋଷ ପ୍ରକାଶ କରିଛନ୍ତି । ଶ୍ରମିକ ସଂଗଠନ ଯୋଗୁଁ ଦେଶର ଶିଳ୍ପ ଅଭିବୃଦ୍ଧି ବାଧାପ୍ରାପ୍ତ ହେଉଛି ବୋଲି ଅଦାଲତ ଯେଉଁ ମନ୍ତବ୍ୟ ଦେଇଛନ୍ତି, ତାହାକୁ 'ଇତିହାସର ଏକ ଦୁର୍ଭାଗ୍ୟଜନକ ବିକୃତି' ଏବଂ 'ଭାରତୀୟ ଶ୍ରମିକ ଶ୍ରେଣୀର ସାମ୍ବିଧାନିକ ଅଧିକାର ଉପରେ ଆକ୍ରମଣ' ବୋଲି ନେତୃଦ୍ୱୟ ଅଭିହିତ କରିଛନ୍ତି । କର୍ପୋରେଟ୍ କୁପରିଚାଳନା ଏବଂ ଋଣ ଖିଲାପକାରୀଙ୍କୁ ଘଣ୍ଟ ଘୋଡ଼ାଇ ଶ୍ରମିକମାନଙ୍କୁ ଦାୟୀ କରିବା ଅନ୍ୟାୟ ଅଟେ ବୋଲି ଶ୍ରୀଯୁକ୍ତ ପରିଡ଼ା କହିଛନ୍ତି । ଏହିପରି ଅସଂଗଠିତ ଶ୍ରମିକଙ୍କ ସୁରକ୍ଷା: ଘରୋଇ ସହାୟକ/ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରୀ ପ୍ରସଙ୍ଗରେ ସଭାପତି ରାଧାକାନ୍ତ ସେଠୀ କହିଛନ୍ତି ଯେ ମାମଲା ବଢ଼ିଯିବାର ଦ୍ୱାହି ଦେଇ କୋଟି କୋଟି ଗରିବ ଶ୍ରମିକଙ୍କୁ ସର୍ବନିମ୍ନ ମଜୁରୀରୁ ବଞ୍ଚିତ କରିବା ଗ୍ରହଣୀୟ ନୁହେଁ । ନ୍ୟାୟ କେବଳ ମାଲିକଙ୍କ ପାଇଁ ନୁହେଁ, ଶ୍ରମିକଙ୍କ ପାଇଁ ମଧ୍ୟ ସମାନ ହେବା ଉଚିତ୍ । ସମ୍ବିଧାନର ଧାରା ୧୯(୧)(ଗ) ଅନୁଯାୟୀ ସଂଗଠିତ ହେବା ଏକ ମୌଳିକ ଅଧିକାର । 'ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ୍' ନାମରେ ଶ୍ରମିକଙ୍କୁ ଶୋଷଣ କରିବା ପାଇଁ କାହାକୁ ଅନୁମତି ଦିଆଯିବା ଉଚିତ୍ ନୁହେଁ ବୋଲି ସେ କହିଛନ୍ତି । ଏଆଇସିସିଟିୟଶ ଓଡ଼ିଶା ଶ୍ରମିକ ଶ୍ରେଣୀ ଏବଂ ଗଣତାନ୍ତ୍ରିକ ସଂଗଠନଗୁଡ଼ିକୁ ଏହି ଶ୍ରମିକ ବିରୋଧୀ ମାନସିକତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଆହ୍ୱାନ ଦେଇଛି ।

# ରକ୍ଷଣାବେକ୍ଷଣ ଅଭାବରୁ ଉଜୁଡ଼ିଯାଉଛି ସୌନ୍ଦର୍ଯ୍ୟକରଣ



**ଭୁବନେଶ୍ୱର (ପିପିଏସ୍):** ରକ୍ଷଣାବେକ୍ଷଣା ଅଭାବରୁ ଉଜୁଡ଼ିଗଲାଣି ସହରର ସୌନ୍ଦର୍ଯ୍ୟକରଣ । ଯାହାଦ୍ୱାରା ସହରରେ ପ୍ରମୁଖ ଛକମାନଙ୍କରେ ସୌନ୍ଦର୍ଯ୍ୟ ବୃଦ୍ଧି କରୁଥିବା ସୁନ୍ଦର ସୁନ୍ଦର ଗଛ ମରିପଡ଼ିଲାଣି । ଯାହାଦ୍ୱାରା ଏହି ଗଛ ସବୁ ମରିଯାଉଥିବାରୁ ଏହାକୁ ନେଇ ପ୍ରକୃତିପ୍ରେମୀମାନେ ଚିନ୍ତା ପ୍ରକଟ କରିବା ସବ କ୍ଷୋଭ ପ୍ରକାଶ କରିଛନ୍ତି ।

ରାଜଧାନୀର ରସୁଲଗଡ଼, ବାଣୀବିହାର, ଆଚାର୍ଯ୍ୟ ବିହାର, ଜୟଦେବ ବିହାର, ସିଆରପି ଏହିପରି ସହରର ପ୍ରମୁଖ ଛକଗୁଡ଼ିକରେ ସୌନ୍ଦର୍ଯ୍ୟକରଣ ପାଇଁ ଆକର୍ଷଣୀୟ ଗଛ ସବୁ ଲଗାଯାଇଥିଲା । ହେଲେ ଏହି ଗଛ ଏବେ ମରିଯାଇ ଗଛ ଥୁଣ୍ଟା ଠିଆ ହୋଇଛି । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ବାଣୀବିହାର ଛକ । ଏହି ବାଣୀବିହାର ଟ୍ରାଫିକ୍‌ରୁ ଆଚାର୍ଯ୍ୟ ବିହାର ଆଡ଼କୁ ଆସିବା ଏବଂ ରମାଦେବୀ ଆଡ଼କୁ ଗଲା ବେଳକୁ ରାସ୍ତା ମଝିରେ ରହିଛି ଏହି ଗଛ । ଏଥିସହିତ ବାଣୀବିହାର ବ୍ରିଜ୍ ତଳେ ରହିଥିବା ଅନ୍ୟ ଗଛଗୁଡ଼ିକର ମଧ୍ୟ ସମାନ ଅବସ୍ଥା । ନା ଏହି ଗଛମାନଙ୍କରେ ପାଣି ଦିଆ ଯାଉ ନ ଥିବାରୁ ଏହା ମଧ୍ୟରୁ ଗଛର ପତ୍ର ପାଚିବା ସହ ପତ୍ର ସବୁ ମରି ମରି ଆସିଲାଣି । ଏଥିସହିତ ଆଚାର୍ଯ୍ୟ ବିହାର ବ୍ରିଜ୍ ତଳେ ରହିଥିବା ଗଛମାନଙ୍କର ମଧ ସମାନ ଅବସ୍ଥା । ବର୍ତ୍ତମାନ ଖଣ୍ଡଗିରି ମେଳା ଚାଲିଥିବାରୁ ରାଜଧାନୀକୁ ଦେଶ ବିଦେଶରୁ ସାଧୁ ସନ୍ଥଙ୍କ ସମେତ ବିଦେଶୀ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି । ହେଲେ ସହରର ମୁଖ୍ୟ କୁହାଯାଉଥିବା ଏହି ବାଣୀବିହାର ଛକର ଏପରି ଦୃଶ୍ୟ ଦେଖି ବିଦେଶୀ ପର୍ଯ୍ୟଟକମାନେ ଏକ ନକରାତ୍ମକ ଭାବନା ନେଇ ଫେରୁଛନ୍ତି । ଯାହା ଫଳରେ ଏହି ରାସ୍ତା ଦେଇ ଅନେକ ନେତା, ମନ୍ତ୍ରୀ, ବଡ଼ ବଡ଼ ଅଧିକାରୀମାନେ ଯିବା ଆସିବା କରୁଛନ୍ତି । ହେଲେ ଏହି ଦୃଶ୍ୟ କାହାରି ଆଖିକୁ ଦେଖାଯାଉନାହିଁ ବୋଲି ସାଧାରଣରେ ଏହାକୁ ନେଇ ଅନେକ ପ୍ରଶ୍ନ ଉଠିଛି । ଏନେଇ ବାଣୀବିହାର ଛାତ୍ରୀ ସ୍ୱାଗତିକା ମହାପାତ୍ର କୁହନ୍ତି ଏବେ ସବୁଆଡ଼େ ଛୋଟ ହେଉ ଅବା ବଡ଼ ଗଛକୁ ସୁରକ୍ଷା ଦେବା ବେଳକୁ ଏଠାରେ ଗଛଗୁଡ଼ିକୁ ମାରି ଦିଆଯାଉଛି । ଫଳରେ ଏକ ପ୍ରକୃତି ପ୍ରେମୀ ହୋଇ ବହୁତ ଦୁଃଖ ଲାଗୁଛି ବୋଲି ସେ କହିଛନ୍ତି । ଏହି ବିଷୟବସ୍ତୁ ଉପରେ ଅନେକ ଥର ବିଏମ୍‌ସିକୁ ଲେଖି ଦିଆଗଲାଣି । କେହିବି ଏହାକୁ ଦୃଷ୍ଟି ଦେଉନାହାନ୍ତି ବୋଲି କର୍ପୋରେଟର ଜୀବନ ରାଉତ କହିଛନ୍ତି ।

# ସାଙ୍ଗକୁ ଛୁରି ଭୁସି ହତ୍ୟା ମାମଲା: ଅଭିଯୁକ୍ତ ବାନ୍ଧବୀକୁ ଆଜୀବନ କାରାଦଣ୍ଡାଦେଶ

**ଭୁବନେଶ୍ୱର (ପିପିଏସ୍):** ନିଜ ରୁମ୍‌ମେଟ୍‌କୁ ଛୁରି ଭୁଷି ହତ୍ୟା କରିବା ମାମଲାର ରାୟ ୭ ବର୍ଷ ପରେ ଶୁକ୍ରବାର ପ୍ରକାଶ ପାଇଛି । ଶ୍ରୀଲିଙ୍ଗରାଜ ଥାନା ଅନ୍ତର୍ଗତ ଗୌରୀ ନଗରର ପ୍ଲଟ ନଂ ୩୬୦୪ରେ ଥିବା ଏକ ଘରେ ୨୦୧୯ ମସିହା ଜାନୁଆରୀ ମାସରେ ଜଣେ ଯୁବତୀଙ୍କୁ ତାଙ୍କର ଜଣେ ବାନ୍ଧବୀ ଛୁରୀ ଭୁଷି ହତ୍ୟା କରିଥିଲେ । ଏହି ମାମଲାର ବିଚାରକରି ଶୁକ୍ରବାର ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ହିମାଂଶୁ ଶେଖର ମଲ୍ଲିକ ଅଭିଯୁକ୍ତ ଯୁବତୀ ଅନିଷା ମିତ୍ରଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ ହଜାର ଟଙ୍କା ଜରିମାନା ଅର୍ଥରେ ଦଣ୍ଡିତ କରିଛନ୍ତି । ଜରିମାନା ଅର୍ଥ ଅନାଦେୟ ହେଲେ ଅଭିଯୁକ୍ତ ଅଧିକ ୨ ବର୍ଷ କାରାଦଣ୍ଡ ଭୋଗିବେ ବୋଲି ବିଚାରପତି ତାଙ୍କ ରାୟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି । ଏହି ମାମଲାକୁ ସରକାରଙ୍କ ତରଫରୁ ଅତିରିକ୍ତ ପିପି ଶୁଭଶ୍ରୀ ଜେନା ପରିଚାଳନା କରୁଥିବା ବେଳେ ଉପନିର୍ଦ୍ଦେଶକ ହେମନ୍ତ କୁମାର ସ୍ୱାଇଁ ତଦାରଖ କରୁଥିଲେ । ମାମଲାର ତଦନ୍ତ ତତ୍କାଳୀନ ଶ୍ରୀ ଲିଙ୍ଗରାଜ ଥାନାଧିକାରୀ ତଥା ବର୍ତ୍ତମାନର ନିମାପଡ଼ା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ କରିବା ସହ ଧାର୍ଯ୍ୟ ସମୟରେ ଚାର୍ଜସିଟ୍ ଦାଖଲ କରିଥିଲେ । ମୃତ ଅଳକାନନ୍ଦା ଦାସ ହେଉଛନ୍ତି ଅଭିଯୋଗକାରିଣୀ ମଧୁଛନ୍ଦା ଦାସଙ୍କ ସାନ ଭଉଣୀ । ମୃତ ଅଳକାନନ୍ଦା ଏବଂ ଅଭିଯୁକ୍ତ ଅନିଷା ମିତ୍ର ଉଭୟ ରୁମମେଟ ଏବଂ ଦୁହେଁ ଏକତ୍ର ମିଶି ଲିଙ୍ଗରାଜ ଥାନା ଅନ୍ତର୍ଗତ ଗୌରୀନଗରର ପ୍ଲଟ ନମ୍ବର-୩୬୦୪ରେ ଘରଭଡା ନେଇ ରହୁଥିଲେ । ନିଜର ବିବାହ ନିର୍ବନ୍ଧ ସ୍ଥିର ହୋଇଥିବା ହେତୁ ୨୦୧୯ ମସିହା ଜାନୁଆରୀ ୧୯ ତାରିଖରେ ଅଳକାନନ୍ଦା ଗାଁକୁ ଯିବା ଲାଗି ବାହାରିଥିଲେ । ଏହା ଜାଣିବା ପରେ ଅନିଷା ତାଙ୍କୁ ଘରକୁ ଯିବା ଲାଗି ବାରଣ କରିଥିଲେ ଏବଂ ଯଦି ସେ ତାଙ୍କ କଥା ନମାନି ଘରକୁ ଯାଆନ୍ତି । ତେବେ ସେ ତାଙ୍କ ବିରୋଧରେ କଠୋର ପଦକ୍ଷେପ ନେବେ ବୋଲି ଶୁଣାଇ ଦେଇଥିଲେ । ଏହା ବ୍ୟତୀତ ସେ ତାଙ୍କୁ ଭୟଙ୍କର ପରିଣାମ ଭୋଗିବାର ଧମକ ମଧ୍ୟ ଦେଇଥିଲେ । ଅଳକାନନ୍ଦା ଭଉଣୀ ମଧୁଛନ୍ଦାଙ୍କୁ ଏନେଇ ଜଣାଇବାରୁ, ସେହିଦିନ ଗାଁ କୁ ନବାହାରି ତାପରଦିନ ପ୍ରାତଃ ସମୟରେ ବାହାରିଯିବା ପାଇଁ ମଧୁଛନ୍ଦା ତାଙ୍କୁ ଉପାୟ ବତାଇଥିଲେ । କିନ୍ତୁ ତା ପରଦିନ ଅର୍ଥାତ ୨୦ ତାରିଖ ସକାଳ ସମୟରେ ଅଭିଯୋଗକାରିଣୀ ମଧୁଛନ୍ଦା ଭଉଣୀ ଅଳକାନନ୍ଦାଙ୍କ ମୃତ୍ୟୁ ଖବର ହଠାତ ପୋଲିସ ନିକଟରୁ ଜାଣିବାକୁ ପାଇଥିଲେ । ସୂଚନା ପାଇବା କ୍ଷଣି ମଧୁଛନ୍ଦା ଭୁବନେଶ୍ୱରସ୍ଥିତ ଗୌରୀନଗରରେ ଥିବା ଭଡାଘରେ ଯାଇ ପହଞ୍ଚି, ଅଳକାନନ୍ଦାଙ୍କୁ ରକ୍ତ-ଜୁଡୁବୁଡୁ ଅବସ୍ଥାରେ ଘର ଭିତରେ ପଡ଼ିଥିବାର ଦେଖିବାକୁ ପାଇଥିଲେ । ପରେ ସେ ଏନେଇ ଅଭିଯୁକ୍ତ ଅନିଷାଙ୍କ ବିରୋଧରେ ଲିଙ୍ଗରାଜ ଥାନାରେ ହତ୍ୟା ଅଭିଯୋଗ ଅଭିଯୋଗ କରିଥିଲେ । ଉପରୋକ୍ତ ମାମଲାର ବିଚାର କାଳରେ, ଘଟଣା ସହିତ ସଂପୃକ୍ତ ୧୦ ଜଣ ସାକ୍ଷୀଙ୍କ ଜବାନବନ୍ଦି ଓ ୩୦ ଗୋଟି ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ମାନ୍ୟବର ଅଦାଲତ ଆସାମୀ ଅନିଷା ମିତ୍ରଙ୍କୁ ଆଇପିସିର ଧରା-୩୦୨ ଅନୁଯାୟୀ ଆଜୀବନ ସଶ୍ରମ କାରାଦଣ୍ଡ ସହିତ ୨୦ହଜା ଜରିମାନା ଆଦେଶ ଦେଇଛନ୍ତି ଏବଂ ଜରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୨ବର୍ଷର ସଶ୍ରମ କାରାଦଣ୍ଡର ଆଦେଶ ମଧ୍ୟ ଶୁଣାଇଛନ୍ତି । ଗତବର୍ଷ ୧୦୦ଟି ରୁ ଅଧିକ ମାମଲାରେ ଦୋଷୀମାନଙ୍କୁ ସଜା ଦିଆଯାଇ ପାରିଥିବା ବେଳେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ତରଫରୁ ଦୋଷୀଙ୍କୁ ସଜା ହୋଇଥିବା ଚଳିତ ବର୍ଷର ଏହା ହେଉଛି ୧୧ତମ ମାମଲା ।





# ବଜେଟ୍ ପ୍ରତିକ୍ରିୟା

## ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବ: ଶାହ



ନୂଆଦିଲ୍ଲୀ : କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ରବିବାର ଲଗାତର ନବମ ଥର ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ (୨୦୨୬-୨୭) ଉପସ୍ଥାପନ କରିଛନ୍ତି। ବଜେଟ୍ ସମୟରେ ଅନେକ ବଡ଼ ଘୋଷଣା କରାଯାଇଛି। ବଜେଟ୍ ଘୋଷଣା ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପ୍ରତିକ୍ରିୟା ଦେଇଥିଲେ। ସେ ଟ୍ୱିଟରରେ ପୋଷ୍ଟ କରିଛନ୍ତି, ଏହି ବଜେଟ୍ ଉତ୍ପାଦନଠାରୁ ଭିତ୍ତିଭୂମି, ସ୍ୱାସ୍ଥ୍ୟଠାରୁ ପର୍ଯ୍ୟଟନ ଏବଂ ଗ୍ରାମଠାରୁ ସହର ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ସେ କହିଛନ୍ତି, ଏହି ବଜେଟ୍ ଯୁବପିଢ଼ି, ମହିଳା ଏବଂ କୃଷକମାନଙ୍କୁ କେନ୍ଦ୍ରରେ ରଖିଛି, ଯାହା ସେମାନଙ୍କୁ ପ୍ରଗତି ଏବଂ ଦେଶର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ସକ୍ଷମ କରିଥାଏ। ଶାହା ଏହା ମଧ୍ୟ କହିଛନ୍ତି ଯେ, ଡେଭଲପ ଇଣ୍ଡିଆ ବଜେଟ୍ ପ୍ରତ୍ୟେକ ଗ୍ରାମ, ସହର ଏବଂ ସହରରେ ବିକାଶର ଆଲୋକ ଆଣିବ। ଗ୍ରାମାଞ୍ଚଳ ହେଉ କିମ୍ବା କୃତ୍ରିମ ବୁଦ୍ଧିମତ୍ତା ଭଳି ଆଧୁନିକ ପ୍ରଯୁକ୍ତିବିଦ୍ୟା, ଏହି ବଜେଟ୍ ପ୍ରତ୍ୟେକ କ୍ଷେତ୍ରକୁ ଆଗକୁ ନେବାର ଦୃଷ୍ଟିକୋଣକୁ ପ୍ରତିଫଳିତ କରେ। କ୍ରୀଡ଼ାଠାରୁ ଧାର୍ମିକ ସ୍ଥଳ ଏବଂ ତୀର୍ଥସ୍ଥଳ ପର୍ଯ୍ୟନ୍ତ, ଏହା ପ୍ରତ୍ୟେକ କ୍ଷେତ୍ର ପାଇଁ ନୂତନ ସମ୍ଭାବନା ରଖିଛି। ସେ କହିଛନ୍ତି, ଏହି ବଜେଟ୍ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବା ଲକ୍ଷ୍ୟକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି। ଶାହା ଆହୁରି ମଧ୍ୟ କହିଛନ୍ତି, ଏହି ବଜେଟ୍ ଆଗାମୀ ୨୫ ବର୍ଷ ପାଇଁ ଏକ ସ୍ପଷ୍ଟ ରୋଡ୍ମ୍ୟାପ ପ୍ରତିଫଳିତ କରେ, ଯାହା ଦେଶକୁ ଆଗକୁ ବଢ଼ିବା ପାଇଁ ସଠିକ ଦିଗ ପ୍ରଦାନ କରିବ। ଉତ୍ପାଦନଠାରୁ ଭିତ୍ତିଭୂମି, ସ୍ୱାସ୍ଥ୍ୟଠାରୁ ପର୍ଯ୍ୟଟନ, ଗ୍ରାମାଞ୍ଚଳରୁ କୃତ୍ରିମ ଶକ୍ତି, କ୍ରୀଡ଼ା ଠାରୁ ତୀର୍ଥସ୍ଥଳ ପର୍ଯ୍ୟନ୍ତ, ବିକଶିତ ଭାରତ ବଜେଟ୍ ହେଉଛି ଏକ ବଜେଟ୍ ଯାହା ପ୍ରତ୍ୟେକ ଗ୍ରାମ, ସହର ଏବଂ ସହରର ଯୁବପିଢ଼ି, ମହିଳା ଏବଂ କୃଷକଙ୍କ ସ୍ୱପ୍ନକୁ ସଶକ୍ତ ଏବଂ ପୂରଣ କରେ।

## ଏହା ଏକ ଯୁବ-ଚାଳିତ ବଜେଟ୍ : ନୀତିନ ନବୀନ

ନୂଆଦିଲ୍ଲୀ: ୨୦୨୬ କେନ୍ଦ୍ରୀୟ ବଜେଟ୍‌କୁ ନେଇ ପ୍ରତିକ୍ରିୟା ରଖିଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ। ସେ କହିଛନ୍ତି "ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣକୁ ପ୍ରତିଫଳିତ କରି କର୍ତ୍ତବ୍ୟ ଏବଂ ଦାୟିତ୍ୱର ଭାବନାରେ ପ୍ରସ୍ତୁତ ଏହି ବଜେଟକୁ ମୁଁ ହୃଦୟର ସହିତ ସ୍ୱାଗତ କରୁଛି। ନିର୍ମଳା ସୀତାରମଣ ତାଙ୍କର ଲଗାତାର ନବମ ବଜେଟ୍ ଉପସ୍ଥାପନ କରିବା ଭାରତ ସରକାରଙ୍କ ନୀତିଗତ ସ୍ଥିରତା ଏବଂ ସୁଶାସନର ପ୍ରତୀକ । ପ୍ରଧାନମନ୍ତ୍ରୀଙ୍କ 'ସବକା ସାଥ, ସବକା ବିକାଶ'ର ମାର୍ଗଦର୍ଶକ ନୀତି ଏହି ବଜେଟ୍ ରେ ସ୍ପଷ୍ଟ ହୋଇଛି। ଏହା ବ୍ୟତୀତ ଏହି ବଜେଟ୍ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ସ୍ୱପ୍ନ ହାସଲ କରିବା ପ୍ରତିବଦ୍ଧତାର ପ୍ରମାଣ। ବଜେଟ୍ ଆମର ଆଭିମୁଖ୍ୟର ଗଭୀରତା ଏବଂ ବ୍ୟାପକତାକୁ ପ୍ରଦର୍ଶନ କରେ। ମୁଁ ବିଶ୍ୱାସ କରେ ଯେ ଏହା ଏକ ଯୁବ-ଚାଳିତ ବଜେଟ୍। ଏହା ଭିତ୍ତିଭୂମି ଅଭିବୃଦ୍ଧି ଏବଂ ଉତ୍ପାଦନ ୟୁନିଟ୍ ଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରୟାସ ଉପରେ ଧ୍ୟାନ ଦିଏ ଏବଂ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରେ। ଏହି ବଜେଟ୍ ମହାତ୍ମା ଗାନ୍ଧୀଙ୍କ ଗ୍ରାମ୍ୟ ସ୍ୱରାଜ ଦୃଷ୍ଟିକୋଣକୁ ମଧ୍ୟ ପ୍ରତିଫଳିତ କରେ। ଏହି ପଦକ୍ଷେପ ଆମର ବୁଣାକାର ଏବଂ କ୍ଷୁଦ୍ର-କୁଟୀର ଶିଳ୍ପକୁ ଲାଭ ପହଞ୍ଚାଇବ। ଏବଂ ଏହା ଗ୍ରାମାଞ୍ଚଳରେ ନିଯୁକ୍ତିକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ।

## ଦିଗହୀନ ବଜେଟ୍ : ମମତା

ନୂଆଦିଲ୍ଲୀ : ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବଜେଟ୍ ଖୋଲାଖୋଲି ବିରୋଧ କରିଛନ୍ତି। ସେ କହିଛନ୍ତି, ଚଳିତ ବଜେଟକୁ ଦିଗହୀନ । ବଜେଟରେ ପଶ୍ଚିମବଙ୍ଗକୁ କିଛି ମିଳିନି। ସେ ଅର୍ଥନୈତିକ କରିଡର ଘୋଷଣାକୁ 'ଆବର୍ଜନା' ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବଜେଟ୍ ଉପରେ ପ୍ରତିକ୍ରିୟା ଦେଇ ବିଜେପି ଉପରେ ଆକ୍ରମଣ କରିଛନ୍ତି। ସେ କହିଛନ୍ତି ଯେ କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ରେ ବଙ୍ଗଳା ପାଇଁ କିଛି ନାହିଁ। ରବିବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଭାଷଣ ପରେ ଦିଲ୍ଲୀ ଯିବା ପୂର୍ବରୁ ସେ କୋଲକାତା ବିମାନବନ୍ଦରରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ମମତା କହିଥିଲେ ଚଳିତ ବଜେଟ୍ 'ମହିଳା ବିରୋଧୀ, ଚାଷୀ ବିରୋଧୀ, ଶିକ୍ଷା ବିରୋଧୀ। ଏହାକୁ 'ଦିଗହୀନ' ଏବଂ 'ଦୃଷ୍ଟିହୀନ' ବୋଲି ମଧ୍ୟ କହିଥିଲେ। ସେ କହିଥିଲେ ଏଥିରେ 'ସାଧାରଣ ଲୋକଙ୍କ ପାଇଁ କିଛି ନାହିଁ। ଆଗାମୀ ବିଧାନସଭା ନିର୍ବାଚନରେ ପଶ୍ଚିମବଙ୍ଗରେ ବିଜେପି ହାରିବାକୁ ଯାଉଛି। ନିଜର ପରାଜୟ ପାଇଁ ପଶ୍ଚିମବଙ୍ଗକୁ ବଜେଟ୍ରେ ଟଙ୍କାଟିଏ ବି ମିଳିନି। ମମତା କହିଛନ୍ତି, ଏହି ବଜେଟ୍ ମହିଳା ବିରୋଧୀ ଏବଂ ଅନୁସୂଚିତ ଜାତି ବିରୋଧୀ। ଶିକ୍ଷା କିମ୍ବା ସାର ସବସିଡି ଉପରେ କିଛି ନାହିଁ। ଅର୍ଥନୀତି ପଥଭ୍ରଷ୍ଟ ହୋଇଛି। ସେନସେକ୍ସ ଖସିଯାଇଛି। ତିନୋଟି କରିଡର ବିଷୟରେ ଯାହା କୁହାଯାଇଛି ତାହା ମିଛ। 'ବଙ୍ଗଳା ଏବେ ଏକ ଷ୍କିଲ ହବ୍, ଆଇଟି ହବ୍। କେବଳ ଏକ ଜିଏସ୍ଟି ଟ୍ୟାକ୍ସ ଅଛି ଯାହା ନାମରେ ସେମାନେ ଆମର ଟଙ୍କା ଛଡ଼ାଇ ନେଉଛନ୍ତି। ଆମକୁ ଯାହା ମିଳିବା ଉଚିତ ଥିଲା ତାହା ଆମେ ପାଇଲୁ ନାହିଁ। ସେମାନେ ଦେଶର ଆର୍ଥିକ ସ୍ଥିତିକୁ ଏବଂ ସଂଘୀୟ ଢାଞ୍ଚାକୁ ନଷ୍ଟ କରିବାକୁ ଚାହୁଁଛନ୍ତି। ବଜେଟରେ ଆଦିବାସୀଙ୍କ ପାଇଁ କିଛି ଦିଆଯାଇ ନାହିଁ। ସାମାଜିକ ସୁରକ୍ଷା ବିଷୟରେ କିଛି କୁହାଯାଇ ନାହିଁ। ସେମାନେ ଜାଣନ୍ତି ଯେ ସେମାନେ ବଙ୍ଗଳାରେ ହାରୁଛନ୍ତି, ତେଣୁ ସେମାନେ ଏସ୍ଆଇଆର କରୁଛନ୍ତି। ରାଜନୈତିକ ଭାବରେ ଆମ ସହିତ ଲଢ଼ନ୍ତୁ, ଯଦି ଆପଣଙ୍କ ସାହସ ଅଛି ତେବେ ଆମ ସହିତ ଲଢ଼ନ୍ତୁ। ଆସନ୍ତାକାଲି ମୁଁ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାରଙ୍କୁ ଭେଟିବି। ଏହାସହ ମୁଁ ଦିଲ୍ଲୀରେ ମୋର ସାଂସଦମାନଙ୍କୁ ମଧ୍ୟ ଭେଟିବି।'

## ଏହି ବଜେଟ୍‌ଠାରୁ କୌଣସି ଅଧିକ ଆଶା ନାହିଁ : ପ୍ରିୟଙ୍କା

ନୂଆଦିଲ୍ଲୀ : କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏକ ଆଶ୍ଚର୍ଯ୍ୟକର ବୟାନ ଦେଇଛନ୍ତି। ପ୍ରିୟଙ୍କା କହିଛନ୍ତି, ତାଙ୍କର ଏହି ବଜେଟ୍‌ଠାରୁ କୌଣସି ଅଧିକ ଆଶା ନାହିଁ। ସେହିପରି କଂଗ୍ରେସ ସାଂସଦ ଶଶି ଥରୁର କହିଛନ୍ତି, ଅର୍ଥନୈତିକ ସର୍ଭେ ଭଲ ଆର୍ଥିକ ଅଭିବୃଦ୍ଧି ପ୍ରୋଜେକ୍ଟ କରେ, କିନ୍ତୁ ପ୍ରକୃତ ପ୍ରଶ୍ନ ହେଉଛି ଏହି ଅଭିବୃଦ୍ଧି ନିଯୁକ୍ତି ସୃଷ୍ଟି ସହିତ ହେବ କି ନାହିଁ। ସେ କହିଛନ୍ତି, ନିଯୁକ୍ତି ବିନା ଅଭିବୃଦ୍ଧି କାହାକୁ ଲାଭ ଦିଏ ନାହିଁ। ସେ ଜୋର ଦେଇ କହିଛନ୍ତି, ଦେଶର ଯୁବପିଢ଼ିଙ୍କ ପାଇଁ ଅଧିକ ନିଯୁକ୍ତି ସୃଷ୍ଟି କରିବା ପାଇଁ ସରକାରଙ୍କ ଯୋଜନା ଗୁରୁତ୍ୱପୂର୍ଣ୍ଣ ହେବ। ସେ ଏହା ମଧ୍ୟ କହିଛନ୍ତି, କେରଳରେ ନିର୍ବାଚନ ଆସୁଛି, ସମସ୍ତେ ଦେଖୁଛନ୍ତି କେନ୍ଦ୍ର ସରକାର ସେଠାରେ କ'ଣ ଲାଭ ଦେଉଛନ୍ତି।

ସେହିପରି ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଏହି ସମୟରେ ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି, ଯେଉଁ ସରକାରଙ୍କଠାରୁ କୌଣସି ଆଶା ନାହିଁ, ସେହି ସରକାରଙ୍କ ବଜେଟ୍ରୁ କ'ଣ ଆଶା କରାଯାଇପାରିବ ? ସେ କହିଛନ୍ତି, ଏହି ବଜେଟ୍ କେବଳ ୫ ପ୍ରତିଶତ ଜନସଂଖ୍ୟା ପାଇଁ ତିଆରି କରାଯାଇଛି। ସରକାର ଏହାର ଘୋଷଣାପତ୍ରରେ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରିଛନ୍ତି କି ନାହିଁ। ଏମ୍ପି ମନୀଷ ତିୱାରୀ କହିଛନ୍ତି, ଭାରତୀୟ ଅର୍ଥନୀତି ବହୁତ ଗମ୍ଭୀର ଏବଂ ସମ୍ବେଦନଶୀଳ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। ଗତ ଦଶନ୍ଧି ଧରି ନାମମାତ୍ର ଏଉଚ ହ୍ରାସ ପାଉଛି। ଘରୋଇ ନିବେଶ ହ୍ରାସ ପାଉଛି। ଏଉଇ ଆସୁନାହିଁ। ଆମେ ଆଶା କରୁଛୁ, ଅର୍ଥମନ୍ତ୍ରୀ ଏହାକୁ ସ୍ୱୀକାର କରିବେ ଏବଂ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିବେ।

# କାଞ୍ଜିବରମ ଶାଢ଼ୀ ପିନ୍ଧି ବଜେଟ୍ ଉପସ୍ଥାପନ



ନୂଆଦିଲ୍ଲୀ: ସଂସଦରେ ଉପସ୍ଥାପନ ହୋଇଛି ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରେକର୍ଡ ୯ମଥର ପାଇଁ ଏହି ବଜେଟକୁ ଉପସ୍ଥାପନ କରିଛନ୍ତି। ସେ ୨୦୧୯ରୁ କ୍ରମାଗତ ଭାବେ ଦେଶର ଆର୍ଥିକ ହିସାବ ନିକାଶ ଉପସ୍ଥାପନ କରି ଆସୁଛନ୍ତି। ସେ ଦେଶର ପ୍ରଥମ ମହିଳା ଅର୍ଥମନ୍ତ୍ରୀ ଯିଏ ୯ମଥର ପାଇଁ ବଜେଟ ଉପସ୍ଥାପନ କରିଛନ୍ତି। ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପିନ୍ଧିଥିବା କାଞ୍ଜିବରମ ଶାଢ଼ୀକୁ ନେଇ ବେଶ ଚର୍ଚ୍ଚା ଦେଖିବାକୁ ମିଳିଛି। ମାରୁନ ରଙ୍ଗର କାଞ୍ଜିବରମ ଶାଢ଼ୀ ପିନ୍ଧି ତାମିଲନାଡୁର ପୁରାତନ ସଂସ୍କୃତିର ଝଲକ ସେ ସମସ୍ତଙ୍କୁ ଦେଖାଇଛନ୍ତି। ଏହି ଶାଢ଼ି ତାମିଲନାଡୁର ପ୍ରସିଦ୍ଧ ହସ୍ତତନ୍ତ ଐତିହ୍ୟର ଏକ ଅଂଶ ଏବଂ ଏହାକୁ ଭାରତର ସବୁଠାରୁ ରାଜକୀୟ ଏବଂ ସ୍ଥାୟୀ ଶାଢ଼ି ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। କାଞ୍ଜୀଭରମ୍ ଶାଢ଼ିଗୁଡ଼ିକ ସେମାନଙ୍କର ଶକ୍ତି, ଭାରୀ ଗଠନ ଏବଂ ଶୁଦ୍ଧ ରେଶମ ପାଇଁ ଜଣାଶୁଣା। ଏଗୁଡ଼ିକ ତାମିଲନାଡୁର କାଞ୍ଚିପୁରମ୍ ଅଞ୍ଚଳରେ ହାତରେ ବୁଣାଯାଇଥାଏ। ଏହି ଶାଢ଼ିଗୁଡ଼ିକର ଅନନ୍ୟ ବୈଶିଷ୍ଟ୍ୟ ହେଉଛି ଶୁଦ୍ଧ ତୁତିଆ ରେଶମ ଏବଂ ସୁନା ଏବଂ ରୂପା ଜରି ବ୍ୟବହାର। ଏଥର ସେ ସୁନ୍ଦର ଗୋଲ୍ଡ ଜରି କାମ ସହିତ ଏକ ମାଜେଣ୍ଟା ଏବଂ ବାଇଗଣୀ ହାତବୁଣା କାଞ୍ଜିଭରମ୍ ସିଲ୍କ ଶାଢ଼ି ପିନ୍ଧିଥିଲେ। ଶାଢ଼ିର କାନି ଏବଂ ଧଡ଼ି ଆକର୍ଷଣୀୟ ଥିଲା, ଏହାକୁ ଏକ ଗମ୍ଭୀର ଏବଂ ମର୍ଯ୍ୟାଦାପୂର୍ଣ୍ଣ ଲୁକ୍ ଦେଇଥିଲା। ଏହି ଶାଢ଼ି ବଜେଟ୍ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଗୁରୁତ୍ୱପୂର୍ଣ୍ଣ ଅବସର ପାଇଁ ସମ୍ପୂର୍ଣ୍ଣ ଉପଯୁକ୍ତ ମନେ ହେଉଥିଲା। ଚଳିତ ବର୍ଷ ତାମିଲନାଡୁରେ ବିଧାନସଭା ନିର୍ବାଚନ ହେବ। ବିଜେପି ସେଠାରେ ପ୍ରଥମଥର ସରକାର ଗଠନ କରିବାକୁ ଉଦ୍ୟମ କରୁଥିବା ବେଳେ ବଜେଟ ବେଳେ ତାମିଲନାଡୁବାସୀଙ୍କୁ ଖୁସି କରିବାକୁ ସୀତାରମଣ କାଞ୍ଜିବରମ ଶାଢ଼ୀରେ ନିଜର ଆସିଥିବା କୁହାଯାଉଛି।

## ଉପକୃତ ହେବେ ଗ୍ରାମୀଣ ଯୁବକ

ନୂଆଦିଲ୍ଲୀ : ଆଜିର ଏହି ବଜେଟ୍‌ରେ ମହାତ୍ମା ଗାନ୍ଧୀ ଗ୍ରାମ ସ୍ୱରାଜ ପଦକ୍ଷେପର ପ୍ରସ୍ତାବ ଦେଉଛନ୍ତି। ଏହା ବୁଣାକାର ଏବଂ କୁଟୀର ଶିଳ୍ପକୁ ଲାଭ ଦେବ। ଗରିବ ଗ୍ରାମୀଣ ଯୁବକମାନେ ଉପକୃତ ହେବେ। ଭାରତରେ କ୍ରୀଡ଼ା ସମ୍ବନ୍ଧୀୟ ଉତ୍ପାଦ ବିକଶିତ କରିବାର ସମ୍ଭାବନା ରହିଛି। ଦକ୍ଷତା ଏବଂ ଉତ୍ପାଦନ ଗୁଣବତ୍ତା ଉନ୍ନତ କରିବା ସହିତ ବିଶ୍ୱ ବଜାର ପ୍ରବେଶ ଏବଂ ବ୍ରାଣ୍ଡିଂକୁ ବୃଦ୍ଧି କରି ଖଦି, ହସ୍ତତନ୍ତ ଏବଂ ହସ୍ତଶିଳ୍ପ କ୍ଷେତ୍ରକୁ ସମର୍ଥନ କରିବା ପାଇଁ ମହାତ୍ମା ଗାନ୍ଧୀ ଗ୍ରାମ ସ୍ୱରାଜ ପଦକ୍ଷେପ ପାଇଁ ଅଥମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ। ଏହି ପଦକ୍ଷେପ ବୁଣାକାର, ଗ୍ରାମ ଶିଳ୍ପ, ଏକ ଜିଲା ଏକ ଉତ୍ପାଦ (ODOP) ଯୋଜନା ଏବଂ ଗ୍ରାମୀଣ ଯୁବପିଢ଼ିଙ୍କୁ ଲାଭ ପହଞ୍ଚାଇବାର ଆଶା କରାଯାଉଛି । ଅର୍ଥମନ୍ତ୍ରୀ କହିଛନ୍ତି, କର୍ତ୍ତବ୍ୟ ଭବନରେ ଏହା ଆମର ପ୍ରଥମ ବଜେଟ୍। ଆମର ପ୍ରଥମ କର୍ତ୍ତବ୍ୟ ହେଉଛି ସବ୍‌କା ସାଥ୍ ସବ୍‌କା ବିକାଶ। ଆମ ସରକାର ନିଯୁକ୍ତି ଓ ଉତ୍ପାଦନ ବୃଦ୍ଧିକୁ ଗୁରୁତ୍ୱ ଦେଉଛି।

## ବିଦେଶରେ ପଢୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ବଡ଼ ଉପହାର

ନୂଆଦିଲ୍ଲୀ : ବଜେଟ୍ ଉପସ୍ଥାପନ କରିବା ସମୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏକ ବଡ଼ ଘୋଷଣା କରିଛନ୍ତି । ସେ ବିଦେଶୀ ଶିକ୍ଷା ଉପରେ ଟିକସରେ ଗୁରୁତ୍ୱପୂର୍ଣ୍ଣ ରିହାତି ପ୍ରଦାନ କରିଛନ୍ତି । ଅର୍ଥମନ୍ତ୍ରୀ କହିଛନ୍ତି ଯେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଉପରେ ଟିସିଏସ୍ ୫% ରୁ ୨% କୁ ହ୍ରାସ କରାଯାଇଛି, ଯାହା ଦ୍ୱାରା ଅଭିଭାବକମାନଙ୍କର ହଜାର ହଜାର ଟଙ୍କା ସଞ୍ଚୟ ହୋଇପାରିବ । ଏହି ଟିକସ ୧୦ ଲକ୍ଷ ଟଙ୍କାରୁ ଅଧିକ ଟଙ୍କା ପଠାଇବା ଉପରେ ଲାଗୁ ହୁଏ । ଏହା ବ୍ୟତୀତ, ଚିକିତ୍ସା ଖର୍ଚ୍ଚ ଉପରେ ଟିସିଏସ୍ ୫% ରୁ ୨% କୁ ହ୍ରାସ କରାଯାଇଛି, ଅର୍ଥାତ୍ ବିଦେଶରେ ଚିକିତ୍ସା କିଛିଟା ଶସ୍ତା ହେବ । ୧୦ ଲକ୍ଷ ଟଙ୍କାରୁ ଅଧିକ ଫି ଉପରେ ଟ୍ୟାକ୍ସ କଲେକ୍ଟଡ୍ ଆଟ୍ ସୋର୍ସ (TCS) ଲାଗୁ ହୁଏ । ପୂର୍ବରୁ ୧୦ ଲକ୍ଷ ଟଙ୍କାରୁ ଅଧିକ ଫି ଉପରେ ୫% TCS ଲାଗୁ ହେଉଥିଲା, କିନ୍ତୁ ଏବେ ଏହାକୁ ହ୍ରାସ କରାଯାଇଛି। ପୂର୍ବରୁ ୨୦ ଲକ୍ଷ ଟଙ୍କା ପାଇଁ ୧ ଲକ୍ଷ ଟଙ୍କା ଟିକସ ଆବଶ୍ୟକ ଥିଲା, କିନ୍ତୁ ଏବେ ଏହାକୁ ମାତ୍ର ୪୦ ହଜାର ଟଙ୍କାକୁ ହ୍ରାସ କରାଯିବ। ଏହା ସିଧାସଳଖ ୬୦ ହଜାର ଟଙ୍କାର ସଞ୍ଚୟକୁ ବୁଝାଏ। ଏଥିପାଇଁ ଏକ PAN ଆବଶ୍ୟକ; PAN ବିନା, ଟିକସ ପରିମାଣ ଦ୍ୱିଗୁଣିତ ହୋଇପାରିବ। ସାମଗ୍ରିକ ଭାବରେ, ଚିକିତ୍ସା କିମ୍ବା ଶିକ୍ଷା ପାଇଁ ବିଦେଶକୁ ଟଙ୍କା ପଠାଇବା ଏବେ ସହଜ ହେବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି, "ମୁଁ ଉଦାରୀକରଣ ରେମିଟାନ୍ସ ଯୋଜନା ଅଧୀନରେ ଶିକ୍ଷା ଏବଂ ଚିକିତ୍ସା ଉଦ୍ଦେଶ୍ୟରେ TCS ହାରକୁ ୫% ରୁ ୨% କୁ ହ୍ରାସ କରିବାକୁ ପ୍ରସ୍ତାବ ଦେଉଛି।" ବିଦେଶ ଯାତ୍ରା ସମୟରେ ହେଉଥିବା ଖର୍ଚ୍ଚ ଉପରେ ଟିସିଏସ୍ ମଧ୍ୟ ହ୍ରାସ କରାଯାଇଛି, ଯାହା ଯାତ୍ରା ଉତ୍ସାହୀମାନଙ୍କୁ କିଛି ଆଶ୍ୱସ୍ତି ପ୍ରଦାନ କରିଛି। ଏହା ସେମାନଙ୍କୁ ଅଧିକ ସୁଲଭ ମୂଲ୍ୟରେ ଯାତ୍ରା କରିବାକୁ ଅନୁମତି ଦେବ। ପୂର୍ବରୁ ଛୁଟିଦିନ ଏବଂ ଯାତ୍ରା ପ୍ୟାକେଜ୍ ବୁକ୍ କରୁଥିବା ଲୋକଙ୍କୁ ଏହି ଟିକସ ଦେବାକୁ ପଡୁଥିଲା। ଅର୍ଥମନ୍ତ୍ରୀ ଏହା ମଧ୍ୟ ଘୋଷଣା କରିଛନ୍ତି ଯେ ଛୋଟ ବ୍ୟବସାୟ, ଆଉଟସୋର୍ସିଂ ଏଜେନ୍ସି ଏବଂ ଫ୍ରିଲାନ୍ସରମାନଙ୍କ ପାଇଁ ଟିକସ ନିୟମକୁ ସରଳ କରାଯିବ।

## ପ୍ରତି ଜିଲ୍ଲାରେ ଖୋଲିବ ଛାତ୍ରୀନିବାସ

ନୂଆଦିଲ୍ଲୀ : ଉଚ୍ଚଶିକ୍ଷା କ୍ଷେତ୍ରରେ ଛାତ୍ରୀମାନଙ୍କ ଅଂଶଗ୍ରହଣ ବୃଦ୍ଧି କରିବା ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏକ ବଡ଼ ଘୋଷଣା କରିଛନ୍ତି। ବିଶେଷ କରି STEM (ବିଜ୍ଞାନ, ବୈଷୟିକ ଜ୍ଞାନକୌଶଳ, ଇଞ୍ଜିନିୟରିଂ ଏବଂ ଗଣିତ) ବିଭାଗରେ ଅଧ୍ୟୟନ କରୁଥିବା ଛାତ୍ରୀମାନଙ୍କ ରହଣି ସମସ୍ୟା ଦୂର କରିବା ପାଇଁ ଦେଶର ପ୍ରତ୍ୟେକ ଜିଲାରେ ଗୋଟିଏ ଲେଖାଏଁ କନ୍ୟା ଛାତ୍ରୀନିବାସ ପ୍ରତିଷ୍ଠା କରାଯିବ। STEM ଶିକ୍ଷା ପାଇଁ ଦୀର୍ଘ ସମୟର ପାଠପଢ଼ା ଏବଂ ଲାବୋରେଟୋରୀ କାମର ଆବଶ୍ୟକତା ଥାଏ, ଯାହା ଛାତ୍ରୀମାନଙ୍କ ପାଇଁ ଏକ ବଡ଼ ଆହ୍ୱାନ। ଏହି ଛାତ୍ରୀନିବାସଗୁଡ଼ିକ ସେମାନଙ୍କୁ ସୁରକ୍ଷିତ ଏବଂ ସୁବିଧାଜନକ ରହଣି ପ୍ରଦାନ କରିବ। ଏହି ଯୋଜନା ମାଧ୍ୟମରେ ଆଷ୍ଟ୍ରୋଫିଜିକ୍ସ ଏବଂ ଆଷ୍ଟ୍ରୋନୋମି କ୍ଷେତ୍ରରେ ଛାତ୍ରୀମାନଙ୍କୁ ବାସ୍ତବ ଅନୁଭୂତି ପ୍ରଦାନ କରାଯିବ, ଯାହା ସେମାନଙ୍କୁ ବିଜ୍ଞାନ କ୍ଷେତ୍ରରେ ଆଗକୁ ବଢ଼ିବାକୁ ପ୍ରେରଣା ଦେବ। ଦୂରଦୂରାନ୍ତରୁ ଆସୁଥିବା ମେଧାବୀ ଛାତ୍ରୀମାନେ ରହିବା ସୁବିଧା ଅଭାବରୁ ଯେପରି ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି, ତାହା ଏହି ପଦକ୍ଷେପ ନିଶ୍ଚିତ କରିବ। ଅର୍ଥମନ୍ତ୍ରୀଙ୍କ ଏହି ଘୋଷଣା ଦେଶର ନାରୀଶକ୍ତିକୁ ବୈଷୟିକ କ୍ଷେତ୍ରରେ ଆତ୍ମନିର୍ଭର କରିବା ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।



## ସେୟାର ମାର୍କେଟ ଧରାଶାୟୀ



ନୂଆଦିଲ୍ଲୀ : ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଆର୍ଥିକ ବର୍ଷ ୨୦୨୬-୨୭ ବଜେଟ୍ ଆଗତ କରିଛନ୍ତି। କିନ୍ତୁ ତାଙ୍କର ଏହି ବଜେଟ୍ ବଜାରକୁ ପସନ୍ଦ ଆସିନଥିଲା। ବଜେଟ୍ ପରେ ସେୟାର ବଜାରରେ ହ୍ରାସ ଘଟିଛି। ବିଏସ୍ଇ ସେନସେକ୍ସ ୨,୩୦୦ ପଏଣ୍ଟରୁ ଅଧିକ ଖସିଥିଲା। ସେଭଳି ନିଫ୍ଟି ୭୦୦ ପଏଣ୍ଟ ହ୍ରାସ ପାଇଛି। ଏହା ସହ ଗୋଟିଏ ଝଟକାରେ ନିବେଶକ ହରାଇଛନ୍ତି ୮ ଲକ୍ଷ କୋଟି। କ୍ୟାପିଟାଲ୍ ସେକ୍ଟରରେ ପ୍ରବଳ କ୍ଷତି ଦେଖିବାକୁ ମିଳିଛି। ସୀତାରମଣ ଯେତେବେଳେ ସକାଳ ୧୧ଟା ବେଳେ ଭାଷଣ ପଢିବା ଆରମ୍ଭ କରିଥିଲେ ସେନସେକ୍ସ ୪୦୦ ପଏଣ୍ଟ ହ୍ରାସ ପାଇଥିଲା। କିନ୍ତୁ ବଜେଟ୍ ଭାଷଣ ଶେଷ ହେବା ମାତ୍ରେ ୨,୩୦୦ ପଏଣ୍ଟକୁ ଖସି ଯାଇଥିଲା। ମଧ୍ୟାହ୍ନ ୧୨ଟା ୪୦ ସୁଦ୍ଧା ଏହା ୧,୦୩୫.୩୪ ପଏଣ୍ଟ ଅର୍ଥାତ ୧.୨୬% ସହ ୮୧,୨୩୪.୪୪ ପଏଣ୍ଟରେ ଥିଲା। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୫୦ ଇଣ୍ଡେକ୍ସ ୩୩୨.୪୦ ପଏଣ୍ଟ ଅର୍ଥାତ ୧.୩୧% ହ୍ରାସ ସହିତ ୨୪,୯୮୮.୨୫ ପଏଣ୍ଟରେ ଥିଲା। ବିଏସ୍ଇ ଏବଂ ଗ୍ରୋ ଭଳି ଷ୍ଟକ ଗୁଡ଼ିକରେ ମାନ୍ଦାବସ୍ଥା ଦେଖାଯାଉଛି। ବେଦାନ୍ତ, ହିନ୍ଦୁସ୍ତାନ ଜିଙ୍କ୍, ଏବଂ ହିନ୍ଦୁସ୍ତାନ କପର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହ୍ରାସ ପାଇଛି। ନିଫ୍ଟି ୨୪,୮୦୦ ତଳେ କାରବାର କରୁଛି, ଯେତେବେଳେ ସେନସେକ୍ସ ୮୦,୫୦୦ ତଳେ କାରବାର କରୁଛି। ବଜେଟ୍ ଭାଷଣରେ,ସୀତାରମଣ ଘୋଷଣା କରିଥିଲେ ଯେ ଫ୍ୟୁଚର୍ସ ଟ୍ରେଡ ଉପରେ ସ୍ୱତନ୍ତ୍ର ଟିକସ ୦.୦୨% ରୁ ୦.୦୫% କୁ ବୃଦ୍ଧି କରାଯିବ । ଏହା ବ୍ୟତୀତ ବିକଳ୍ପ ପ୍ରିମିୟମ ଉପରେ ସ୍ୱତନ୍ତ୍ର ଟିକସ ୦.୧% ରୁ ୦.୧୫% କୁ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଥିଲେ । ଏହା ଷ୍ଟକ୍ ବଜାର ଉପରେ ନକାରାତ୍ମକ ପ୍ରଭାବ ପକାଇଥିଲା ସେନସେକ୍ସର ସବୁ ୩୦ଟି ସେୟାର ହ୍ରାସ ଘଟିଥିଲା। ବିଇଏଲର ସେୟାରରେ ୧୦ ପ୍ରତିଶତ ହ୍ରାସ ଘଟିଛି। ସେଭଳି ଏସ୍ୱିଆଇର ସେୟାର ୮% ହ୍ରାସ ଘଟିଛି। ରେଲୱେ,ଇନଫ୍ରା ଓ ସେମିକଣ୍ଡକ୍ଟର ସହ ଗଡିତ ସେୟାରରେ ବୃଦ୍ଧି ଘଟିଛି। ରବିବାର ହେବା ପରେ ବଜେଟ୍ କାରଣରୁ ଆଜି ସେୟାର ବଜାରରେ ଟ୍ରେଡିଂ ହେଉଛି। ପ୍ରାରମ୍ଭିକ ଉପର-ତଳ ପରେ ସେୟାର ମାର୍କେଟରେ ପ୍ରାୟ ୧୧ଟା ବେଳେ ବୃଦ୍ଧି ଦେଖିବାକୁ ମିଳିଥିଲା। କିନ୍ତୁ ବଜେଟ୍ ଭାଷଣ ଶେଷ ହେବାମାତ୍ରେ ଧରାଶାୟର ହୋଇଥିଲା ସେୟାର ବଜାର।

## ଧାର୍ମିକ ପର୍ଯ୍ୟଟନସ୍ଥଳୀକୁ ପ୍ରୋତ୍ସାହିତ କରିବାକୁ ପଦକ୍ଷେପ

ନୂଆଦିଲ୍ଲୀ : ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରବିବାର, ଫେବୃଆରୀ ୧ ତାରିଖରେ ସଂସଦରେ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ କରିଛନ୍ତି । ଏହି ବର୍ଷ ବଜେଟ୍ ପର୍ଯ୍ୟଟନ ଉପରେ ଗୁରୁତ୍ୱପୂର୍ଣ୍ଣ ଧ୍ୟାନ ଦିଆଯାଇଛି ଏବଂ ମୋଦି ସରକାର ଧାର୍ମିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ନିର୍ମଳା ସୀତାରମଣ ତାଙ୍କ ବଜେଟ ଭାଷଣରେ ୬ଟି ଉତ୍ତର-ପୂର୍ବ ରାଜ୍ୟରେ ଧାର୍ମିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ଏକ କରିଡର ଘୋଷଣା କରିଥିଲେ । ବୌଦ୍ଧ ସର୍କିଟ କରିଡର ନାମରେ ନାମିତ ଏହି କରିଡରଟି ଅରୁଣାଚଳ ପ୍ରଦେଶ, ସିକିମ, ଆସାମ, ମଣିପୁର, ମିଜୋରାମ ଏବଂ ତ୍ରିପୁରାରେ ନିର୍ମାଣ କରାଯିବ । କରିଡର ଯୋଜନାରେ ମନ୍ଦିର ଏବଂ ମଠଗୁଡ଼ିକର ସଂରକ୍ଷଣ ପାଇଁ ପଦକ୍ଷେପ ମଧ୍ୟ ଅନ୍ତର୍ଭୁକ୍ତ ହେବ । ଧାର୍ମିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ ଏହି ଯୋଜନା ଅଧୀନରେ, ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ନିକଟରେ ବ୍ୟାଖ୍ୟା କେନ୍ଦ୍ର ପ୍ରତିଷ୍ଠା କରାଯିବ ଯାହା ଦ୍ୱାରା ସେହି ସ୍ଥାନଗୁଡ଼ିକର ଇତିହାସ ଏବଂ ଗୁରୁତ୍ୱ ବିଷୟରେ ସୂଚନା ପ୍ରଦାନ କରାଯାଇପାରିବ । ସଂଯୋଗୀକରଣ ବିକଶିତ କରାଯିବ ଏବଂ ତୀର୍ଥଯାତ୍ରୀଙ୍କ ପାଇଁ ଭିତ୍ତିଭୂମିକୁ ସୁଦୃଢ଼ କରାଯିବ । ପୂର୍ବ ଶିଳ୍ପ କରିଡରର ବିକାଶ ଘୋଷଣା କରି ସେ ପର୍ଯ୍ୟଟନସ୍ଥଳୀ ପାଇଁ ୪ ହଜାର ଇ-ବସ୍ ଯୋଗାଇବା ନେଇ ଘୋଷଣା କରିଥିଲେ । କେନ୍ଦ୍ର ବଜେଟ୍ ୨୦୨୬ ଉପସ୍ଥାପନ କରି ନିର୍ମଳା ସୀତାରମଣ କହିଛନ୍ତି, 'ସରକାର ମନ୍ଦିର ଏବଂ ମଠଗୁଡ଼ିକର ସଂରକ୍ଷଣ ପାଇଁ ଉତ୍ତର-ପୂର୍ବ ଅଞ୍ଚଳରେ ଏକ ବୌଦ୍ଧ ସର୍କିଟ୍ ବିକାଶ ପାଇଁ ଏକ ଯୋଜନା ଆରମ୍ଭ କରିବେ । ସରକାର ପାଞ୍ଚଟି ଉତ୍ତର-ପୂର୍ବ ରାଜ୍ୟରେ ପାଞ୍ଚଟି ପର୍ଯ୍ୟଟନ ସ୍ଥଳ ବିକଶିତ କରିବେ ଏବଂ ଏଥିପାଇଁ ୪ ହଜାର ଇ-ବସ୍ ଯୋଗାଇବେ ।

## ଅରେଞ୍ଜ୍ ଇକୋନମିକୁ ପ୍ରାଧାନ୍ୟ

ନୂଆଦିଲ୍ଲୀ : ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ବଜେଟ୍ ରେ ଅରେଞ୍ଜ୍ ଇକୋନମିକୁ ପ୍ରାଧାନ୍ୟ ଦିଆଯାଇଛି। ଆନିମେସନ୍, ଭିଜୁଆଲ୍ ଇଫେକ୍ଟ୍ସ, ଗେମିଙ୍ଗ୍ ଏବଂ କମିକ୍-ଏଭିଜିସିକୁ ଗୁରୁତ୍ୱ ଦିଆଯାଉଛି। ଏ ନେଇ ସରକାର ଆଇଆଇସିଟି ମୁମ୍ବାଇକୁ ପ୍ରୋତ୍ସାହନ ଦେବେ। ସ୍କୁଲ୍/କଲେଜରେ କଣ୍ଟେଣ୍ଟ କ୍ରିଏଟର୍ ଲ୍ୟାବ୍ସ ରହିବ। ୧୫ ଶହ ସେକେଣ୍ଡାରୀ ସ୍କୁଲ୍, ୫ ଶହ କଲେଜ୍‌ରେ ଏଭିଜିସି ସ୍ଥାପନ ହେବ। ୨୦୩୦ ମସିହା ସୁଦ୍ଧା ଏଭିଜିସି କ୍ଷେତ୍ରରେ ୨୦ ଲକ୍ଷ ଦକ୍ଷ ପେଶାଦାରୀ ପୂରଣ ଲକ୍ଷ୍ୟ ହେବ। ସ୍ଥାନୀୟ ପ୍ରତିଭାଙ୍କୁ ପୋଷଣ ସହ ଦେଶୀୟ ବୌଦ୍ଧିକ ସମ୍ପଦ ସୃଷ୍ଟି ହେବ।

## ପ୍ରତିରକ୍ଷା କ୍ଷେତ୍ରକୁ ୭.୮୫ ଲକ୍ଷ କୋଟି ଟଙ୍କା ଆବଣ୍ଟନ

ନୂଆଦିଲ୍ଲୀ ; ମୋଦି ସରକାରଙ୍କ ତୃତୀୟ ପାଳିର ପୂର୍ଣ୍ଣାଙ୍ଗ ବଜେଟ୍ ସଂସଦରେ ଉପସ୍ଥାପନ ହୋଇଛି । ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ସଂସଦରେ ବଜେଟ୍ ଉପସ୍ଥାପନ କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ଲଗାତାର ନବମ ଥର ପାଇଁ ବଜେଟ୍ ଉପସ୍ଥାପନ କରିଛନ୍ତି ନିର୍ମଳା ସୀତାରମଣ । ବଜେଟରେ ପ୍ରତିରକ୍ଷା କ୍ଷେତ୍ରକୁ ୭୭.୮୫ ଲକ୍ଷ କୋଟି ଟଙ୍କା ଆବଣ୍ଟନ ହୋଇଛି । ଗତଥର ଅପେକ୍ଷା ଏଥର ୧ କୋଟି ଅଧିକ ଆବଣ୍ଟନ ମିଳିଛି ।ସାମରିକ ପ୍ରସ୍ତୁତି, ଆଧୁନିକୀକରଣ ଉପରେ ଗୁରୁତ୍ୱ । ପ୍ରତିରକ୍ଷା ଆଧୁନିକୀକରଣ ପାଇଁ ୨.୧୯ ଲକ୍ଷ କୋଟି ଦିଆଯାଇଛି । ରାଫେଲ୍ ଫାଇଟର୍ ଜେଟ୍, ସବ୍ମେରାଇନ, ୟୁଏଭି ପାଇଁ ବ୍ୟୟ ଅଟକଳ ହୋଇଛି । ବଜେଟରେ ଡିଫେନ୍ସକୁ ଏହି ବଳ ଶତ୍ରୁ ଦେଶ ପାଇଁ ଟେନସନ ବଢ଼ାଇ ଦେଇଛି ।

## କେବଳ କମ୍ପାନୀ ନୁହେଁ, ସମସ୍ତଙ୍କ ପାଇଁ AI

ନୂଆଦିଲ୍ଲୀ: ଅର୍ଥମନ୍ତ୍ରୀ ସ୍ପଷ୍ଟ ଭାବରେ କହିଛନ୍ତି ଯେ ସରକାରଙ୍କ ଲକ୍ଷ୍ୟ କେବଳ ବଡ଼ ଟେକ୍ନୋଲୋଜି କମ୍ପାନୀଗୁଡ଼ିକ ମଧ୍ୟରେ AIକୁ ସୀମିତ କରିବା ନୁହେଁ, ବରଂ ଚାଷୀ, ମହିଳା ଏବଂ ଯୁବକମାନଙ୍କ ପାଇଁ ଏହାର ଲାଭ ପହଞ୍ଚାଇବା ପାଇଁ ଏକ ଠୋସ୍ ରଣନୀତି ବିକଶିତ କରାଯାଇଛି। ବଜେଟ୍ ଭାଷଣ ସମୟରେ, ଅର୍ଥମନ୍ତ୍ରୀ କହିଥିଲେ ଯେ ସରକାର ଚାହାଁନ୍ତି ଯେ AIର ଲାଭ ସମାଜର ପ୍ରତ୍ୟେକ ବର୍ଗରେ ପହଞ୍ଚିବା ଉଚିତ। ସେ କହିଥିଲେ ଯେ AI ଚାଷୀ, ମହିଳା ଏବଂ ଯୁବକମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିପାରିବ। ସରକାରଙ୍କ ଧ୍ୟାନ AI ମାଧ୍ୟମରେ ଲୋକଙ୍କ ଦକ୍ଷତା ବୃଦ୍ଧି କରିବା ଉପରେ, ଯାହା ଦ୍ୱାରା ସେମାନେ ପରିବର୍ତ୍ତିତ ସମୟ ସହିତ ଖାପ ଖୁଆଇପାରିବେ ଏବଂ ଭଲ ନିଯୁକ୍ତି ପାଇପାରିବେ। ଅର୍ଥମନ୍ତ୍ରୀ କହିଛନ୍ତି ଯେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା, ବିଶେଷକରି AI, ଭବିଷ୍ୟତରେ ଅର୍ଥନୈତିକ ଅଭିବୃଦ୍ଧିକୁ ଦ୍ରୁତ ଗତିରେ ତ୍ୱରାନ୍ୱିତ କରିବାର ସମ୍ଭାବନା ରଖିଛି। ସରକାର AI-ଆଧାରିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଏବଂ ତାଲିମ ମଡେଲ ଗୁଡ଼ିକୁ ପ୍ରୋତ୍ସାହିତ କରୁଛନ୍ତି ଯାହା ଦ୍ୱାରା ଲୋକମାନେ ନୂତନ ପ୍ରଯୁକ୍ତିବିଦ୍ୟା ସହିତ କାମ କରିପାରିବେ। ଏହାର ଲକ୍ଷ୍ୟ ଉତ୍ପାଦକତା ବୃଦ୍ଧି କରିବା ଏବଂ ସେମାନଙ୍କ ଆୟ ପାଇଁ ନୂତନ ରାସ୍ତା ଖୋଲିବା।

## ବିରୋଧୀଙ୍କ ଉପରେ ଜିନପିଙ୍ଗ୍‌ଙ୍କ କଡ଼ା କାର୍ଯ୍ୟାନୁଷ୍ଠାନ



ବେଜିଂ: ଚୀନ୍‌ରେ ରାଷ୍ଟ୍ରପତି ସି ଜିନପିଙ୍ଗ୍‌ଙ୍କ ଦୁର୍ନୀତି ବିରୋଧୀ ଅଭିଯାନ ପୁଣି ଥରେ ଜୋରଦାର୍ ହୋଇଛି। କିଛି ଦିନ ପୂର୍ବେ, ଜଣେ ବରିଷ୍ଠ ସାମରିକ ଅଧିକାରୀତାଙ୍କ ବିରୋଧରେ ଦୁର୍ନୀତି ତଦନ୍ତ ଆରମ୍ଭ ହୋଇଥିଲା। ଏବେ, ଦେଶର ଜରୁରୀକାଳୀନ ପରିଚାଳନା ମନ୍ତ୍ରୀ ୱାଙ୍ଗ ସିଆଙ୍ଗସିଙ୍କ ବିରୋଧରେ ଗୁରୁତର ଅନୁଶାସନହୀନତା ଓ ଆଇନ ଉଲ୍ଲଂଘନ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ ହୋଇଛି। ଚୀନ୍‌ର ସର୍ବୋଚ୍ଚ ଦୁର୍ନୀତି ନିବାରଣ ସଂସ୍ଥା, କେନ୍ଦ୍ରୀୟ ଶୃଙ୍ଖଳା ନିରୀକ୍ଷଣ କମିସନ(ସିସିଡିଆଇ) ଦ୍ୱାରା ଏହି ସୂଚନା ଦିଆଯାଇଛି। ୬୩ ବର୍ଷୀୟ ୱାଙ୍ଗ ସିଆଙ୍ଗସି ବର୍ତ୍ତମାନର କ୍ୟାବିନେଟ ମନ୍ତ୍ରୀ ଓ କମ୍ୟୁନିଷ୍ଟ ପାର୍ଟିର ଜଣେ ବରିଷ୍ଠ ନେତା। ଚୀନ୍‌ରେ, ଜଣେ କାର୍ଯ୍ୟରତ ମନ୍ତ୍ରୀଙ୍କ ବିରୋଧରେ ତଦନ୍ତ ଆରମ୍ଭ କରିବା ସାଧାରଣ ନୁହେଁ, ତେଣୁ ଏହି କାର୍ଯ୍ୟାନୁଷ୍ଠାନକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ସିସିଡିଆଇ ଦ୍ୱାରା ଜାରି କରାଯାଇଥିବା ସଂକ୍ଷିପ୍ତ ବିବୃତିରେ ଅଭିଯୋଗ ବିଷୟରେ ବିସ୍ତୃତ ଭାବରେ କୁହାଯାଇ ନାହିଁ। କିନ୍ତୁ ୱାଙ୍ଗଙ୍କ ଉପରେ ଅନୁଶାସନ ଓ ଆଇନର ଗମ୍ଭୀର ଉଲ୍ଲଂଘନ ଅଭିଯୋଗ ଥିଲା ବୋଲି କୁହାଯାଇଛି। ଚୀନ୍‌ରେ ଏପରି ଶବ୍ଦ ସାଧାରଣତଃ ଦୁର୍ନୀତି, କ୍ଷମତାର ଅପବ୍ୟବହାର କିମ୍ବା ଆର୍ଥିକ ଅନିୟମିତତାର ତଦନ୍ତକୁ ବୁଝାଇଥାଏ। ୱାଙ୍ଗ ସିଆଙ୍ଗସି ଜୁଲାଇ ୨୦୨୨ରେ ମନ୍ତ୍ରୀ ହୋଇଥିଲେ। ସେ ପୂର୍ବରୁ ଦେଶର ସର୍ବବୃହତ ରାଷ୍ଟ୍ରାୟତ୍ତ ଶକ୍ତି କମ୍ପାନି ନ୍ୟାସନାଲ ଏନର୍ଜି ଇନଭେଷ୍ଟମେଣ୍ଟ କର୍ପୋରେସନର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରୁଥିଲେ। ତାଙ୍କୁ ଶେଷ ଥର ପାଇଁ ଚଳିତ ସପ୍ତାହରେ ଏକ ସରକାରୀ ବୈଠକରେ ଦେଖାଯାଇଥିଲା ଯେଉଁଠାରେ ଦଳୀୟ କର୍ମୀଙ୍କ ଦ୍ୱାରା ଆତ୍ମ-ଚିନ୍ତନର ଏକ ଅଧିବେଶନ ଚାଲିଥିଲା। ଏହି ତଦନ୍ତ ଏପରି ସମୟରେ ହୋଇଛି ଯେତେବେଳେ ରାଷ୍ଟ୍ରପତି ସି ଜିନପିଙ୍ଗ ବାରମ୍ବାର କହୁଛନ୍ତି ଯେ, ଦୁର୍ନୀତି ବିରୋଧରେ ଲଢ଼େଇ ଏକ ଯୁଦ୍ଧ, ଏଥିରେ ଚୀନ୍ ହାରିପାରିବ ନାହିଁ। ସେ କହିଥିଲେ ଯେ, ଦଳ ଓ ସରକାରଙ୍କୁ ଭିତରରୁ ସଫା କରିବା ତାଙ୍କର ସର୍ବୋଚ୍ଚ ପ୍ରାଥମିକତା। ସରକାରୀ ସଂଖ୍ୟା ଅନୁଯାୟୀ, ଗତ ବର୍ଷ ରେକର୍ଡ ୬୫ ଜଣ ବରିଷ୍ଠ ଅଧିକାରୀଙ୍କୁ ତଦନ୍ତ ପରିସରକୁ ଅଣାଯାଇଥିଲା। ଏହି ଅଭିଯାନର ନଜର ସାମରିକ ବାହିନୀ, ବିଶ୍ୱବିଦ୍ୟାଳୟ ଓ ରାଷ୍ଟ୍ରାୟତ୍ତ କମ୍ପାନିଗୁଡ଼ିକର ଉଚ୍ଚ ପଦାଧିକାରୀଙ୍କ ଉପରେ ରହିଛି।

# ଜିଲ୍ଲାସ୍ତରୀୟ ପିଏମ୍ଶ୍ରୀ ଉତ୍ସବ ୨୦୨୫-୨୬ ଉଦ୍‌ଯାପିତ



ଭଦ୍ରକ, (ପିପିଏସ୍): ଜିଲ୍ଲାସ୍ତରୀୟ ପିଏମ୍ଶ୍ରୀ ଉତ୍ସବ ୨୦୨୫-୨୬ ବିନ୍ଦୁମାଧବ ବାଗୁରାଇ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା ଏହି ଉତ୍ସବ ମାନ୍ୟଗଣ୍ୟ ଅତିଥିମାନଙ୍କ ଉପସ୍ଥିତିରେ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲା ଶିକ୍ଷାଧିକାରୀ ଡ଼. ଜଗବନ୍ଧୁ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଡ଼ି.ଆଇ.ଇ.ଟି ଆଗରପଡ଼ାର ଅଧକ୍ଷ କାର୍ତ୍ତିକେଶ୍ୱର ରାଉଳ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଓ ଡ଼. ପ୍ରଫୁଲ୍ଲ କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କର ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି ପାଇଁ ମାନ୍ୟବର ଭାରତ ସରକାରଙ୍କର ଏଭଳି ଅଭିନବ ପ୍ରୟାସକୁ ସାଧୁବାଦ ଜଣାଇଥିଲେ । ପ୍ରାରମ୍ଭରେ ମଂଚାସୀନ ଅତିଥିମାନଙ୍କ ଦ୍ୱାରା ଜଗତରନାଥ ଜଗନ୍ନାଥ ନିଟକରେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଧାମରାଇ ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ କୁମାରୀ ପୂଜାରାଣି ବେହେରା ଅତିଥିମାନଙ୍କ ସହିତ ମଂଚାସୀନ ହୋଇ ଦୁଇ ଦିନ ବ୍ୟାପୀ ଉତ୍ସବର ନିଜର ଅଭିଜ୍ଞାତ ଉପସ୍ଥାପନ କରିଥିଲେ । ବି.ଏମ୍.ବାଗୁରାଇ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କ ପ୍ରାରମ୍ଭିକ ଅଭିଭାଷଣ ପରେ ସଭାକାର୍ଯ୍ୟ ଆଗେଇ ନେବା ପାଇଁ ଶିକ୍ଷକ ରବିନାରାୟଣ ମହାନ୍ତି ମଂଚ ପରିଚାଳନା କରିଥିଲେ । ଶେଷରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଧାମନଗର ହାଇସ୍କୁଲର ପ୍ରଧାନ ଶିକ୍ଷକ ସମୀର ଗୋସ୍ୱାମୀ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲାର ଏଗାରଗୋଟି ପିଏମ୍ ଶ୍ରୀ ହାଇସ୍କୁଲର ପ୍ରଧାନଶିକ୍ଷକ ଓ ବି.ଏମ୍.ବାଗୁରାଇ ହାଇସ୍କୁଲର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ ଓ କର୍ମଚାରୀ ପରିଚାଳନା କରିଥିଲେ । କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ଭୀମଚରଣ ପରିଡ଼ା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ସୁପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଉକ୍ତ ସଭାରେ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ଓ ସମଗ୍ର ଶିକ୍ଷା ଭଦ୍ରକ କାର୍ଯ୍ୟଳୟର କର୍ମଚାରୀମାନେ ସଂପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିଲେ । ଭଦ୍ରକ ଜିଲ୍ଲାସ୍ତରୀୟ ପିଏମ୍ ଶ୍ରୀ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ ଉତିର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ 1 ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ଯୋଗ୍ୟବିବେଚିତ ହୋଇଛନ୍ତି ।

# ଜରା ନିବାସ ପରିଦର୍ଶନ କଲେ ସାଂସଦ



ଚୌଦ୍ୱାର,(ପିପିଏସ୍): କଟକର ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ଆଗ୍ରାହାଟ ପଞ୍ଚାୟତର ମଙ୍ଗଳପୁରସ୍ଥିତ ଜରାଯନ୍ ନିବାସ ପରିଦର୍ଶନ କରିଥିଲେ । ସାଂସଦ ଶ୍ରୀ ମହତାବ ନିବାସର ବରିଷ୍ଠ ଅନ୍ତେବାସୀ ମାନଙ୍କ ସହିତ ଭାବର ଆଦାନ ପ୍ରଦାନ କରିବା ସହିତ ସୋମାନଙ୍କୁ ନୂତନ ବସ୍ତ୍ର ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ଏଥି ସହିତ ନିବାସ ଭିତରେ ନୂତନ ଭାବେ ନିର୍ମିତ ବାସଗୃହ ଗୁଡ଼ିକୁ ବୁଲି ଦେଖିବା ପରେ ସେ ସନ୍ତୋଷ ବ୍ୟକ୍ତ କରିଥିଲେ । ନିବାସରେ ରହୁଥିବା ଅନ୍ତେବାସୀ ମାନଙ୍କ ଚିକିତ୍ସା ପାଇଁ ଏକ ଡାକ୍ତରଖାନା ନିର୍ମାଣର ପ୍ରୟାସ କରାଯାଉଥିବା ଅନୁଷ୍ଠାନର ମୁଖ୍ୟ ଶିବ ନାରାୟଣ ପଣ୍ଡା ସାଂସଦଙ୍କୁ ସୂଚନା ପ୍ରଦାନ କରି ଏଥିପାଇଁ ସାଂସଦଙ୍କ ସହଯୋଗ କାମନା କରିଥିଲେ । ଏହି ଦିବସଟି ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ପ୍ରକାଶ କରି ଅନୁଷ୍ଠାନକୁ ସବୁ ପ୍ରକାର ସହଯୋଗ କରାଯିବ ବୋଲି ସାଂସଦ ପ୍ରତିଶ୍ରୁତି ଦେଇଥିଲେ । ପୂର୍ବତନ ବିଧାୟକ ତଥା ଅନୁଷ୍ଠାନର ଉପଦେଷ୍ଟା ଧର୍ମାନନ୍ଦ ବେହେରା ଓ ଲୋକ ପ୍ରତିନିଧି ଅଭୟ କୁମାର ବାରିକ ପ୍ରମୁଖ ଏହି କାର୍ଯ୍ୟମରେ ଅତିଥି ଭାବେ ଯୋଗ ଦେଇଥିଲେ । ଡ. ଅବନ୍ତିକା କର, ଡ. ସ୍ୱାତି ପଟ୍ଟନାୟକ, ମୋନାଲିସା ପାଢ଼ୀ ଏବଂ ସ୍ୱୟଂ ନାରାୟଣ ପଣ୍ଡା ପ୍ରମୁଖ ସାଂସଦଙ୍କୁ ସ୍ୱାଗତ କରିବା ସହିତ ଜରା ନିବାସ ବୁଲାଇ ଦେଖାଇଥିଲେ ।

# ଫେବୃଆରୀ ୧୨ ଭାରତ ବନ୍ଦକୁ ସଫଳ କରିବା ପାଇଁ ଭଦ୍ରକରେ ମିଳିତ ଟ୍ରେଡ୍ ୟୁନିୟନର ଜିଲ୍ଲା ସମ୍ମିଳନୀ

ଭଦ୍ରକ, (ପିପିଏସ୍): ଆସନ୍ତା ଫେବୃଆରୀ ୧୨ ତାରିଖ ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସ୍ୱାଧୀନ ଫେଡେରେସନ ପକ୍ଷରୁ ଆହୂତ 'ସର୍ବଭାରତୀୟ ଧର୍ମଘଟ' ଓ 'ଭାରତ ବନ୍ଦ'କୁ ସଫଳ କରିବା ପାଇଁ ଭଦ୍ରକ ଜିଲ୍ଲା ମିଳିତ ଟ୍ରେଡ୍ ୟୁନିୟନ ପକ୍ଷରୁ ଏକ ବିଶାଳ ପ୍ରସ୍ତୁତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ କାଳନ୍ଦୀ ପାତ୍ର (ସିଟୁ), ରମେଶ ଜେନା (ଏଆଇଟିୟୁସି), ସମର ବଳ (ଏଆଇସିସିଟିୟୁ) ଏବଂ ରାମଚନ୍ଦ୍ର ଶଙ୍ଖୁଆ (ଏଆଇୟୁଟିୟୁସି)ଙ୍କୁ ନେଇ ଏକ ଅଧକ୍ଷ ମଣ୍ଡଳୀ ଗଠନ କରାଯାଇଥିଲା । କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପ୍ଲାଟଫର୍ମର ସମନ୍ୱୟକ ତଥା ଏଆଇସିସିଟିୟୁର ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଦା ଏହି ସମ୍ମିଳନୀରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ନୀତି ଉପରେ ଶାଣିତ ଆକ୍ରମଣ କରିଥିଲେ ।ମୋଦି ସରକାର ୨୦୧୪ ମସିହା ଠାରୁ ଶ୍ରମିକ ଓ କୃଷକ ମାନଙ୍କ ଉପରେ କିଭଳି ଆକ୍ରମଣ କରୁଛି ତାର ଉଦାହରଣ ଦେଇ ବିହନ ବିଲ୍ ୨୫, ଶ୍ରମ କୋଡ଼ କିପରି ଶ୍ରମିକ ମାନଙ୍କୁ ମାଲିକ ଙ୍କ ପାଖରେ ଗୋଲାମୀ କରାଇବା ଲାଗି ମସୁଧା ଚଳାଇଛନ୍ତି ବୋଲି କହିଥିଲେ । ମହେନ୍ଦ୍ର ପରିଡ଼ା ନିଜ ବକ୍ତବ୍ୟରେ ନୂତନ ଶ୍ରମ କୋଡ଼ର ଭୟଙ୍କର ଦିଗଗୁଡ଼ିକୁ ଉପସ୍ଥାପନ କରିଥିଲେ । ନିଯୁକ୍ତି ସୁରକ୍ଷାର ଅଭାବ: ୩୦୦ ରୁ କମ୍ ଶ୍ରମିକ ଥିବା କମ୍ପାନୀଗୁଡ଼ିକ ବିନା ସରକାରୀ ଅନୁମତିରେ ଶ୍ରମିକଙ୍କୁ ଛଟେଇ କରିପାରିବେ, ଯାହା ଶ୍ରମିକଙ୍କ ଭବିଷ୍ୟତକୁ ଅସୁରକ୍ଷିତ କରିଦେବ ।ଧର୍ମ ଘଟ ଓ ସଂଘ ଗଠନ କରିବାରେ ଶ୍ରମିକ ମାନେ ଅସୁବିଧାର ସମ୍ମୁଖୀନ ହେବେ । କର୍ମଘଂଟା ବୃଦ୍ଧି: ୮ ଘଂଟା ପରିବର୍ତ୍ତେ କର୍ମଘଂଟାକୁ ୧୨ ଘଂଟା ପର୍ଯ୍ୟନ୍ତ ବୃଦ୍ଧି କରି ଶ୍ରମିକଙ୍କୁ ଶୋଷଣ କରିବାକୁ ସୁଯୋଗ ଦିଆଯାଇଛି । ଆନ୍ଦୋଳନ କରିବାର ଅଧିକାର କ୍ଷୁଣ୍ଣ: ଧର୍ମଘଟ ପାଇଁ କଡ଼ା ନିୟମ ପ୍ରଣୟନ କରି ଶ୍ରମିକଙ୍କ ସାମ୍ବିଧାନିକ ପ୍ରତିବାଦ କରିବାର ଅଧିକାରକୁ ଛଡ଼ାଇ ନିଆଯାଇଛି । ଅସ୍ଥାୟୀ ନିଯୁକ୍ତିକୁ ପ୍ରୋତ୍ସାହନ: 'ଫିକ୍ସଡ୍ ଟର୍ମ ଏମ୍ପ୍ଲୟମେଂଟ' ଜରିଆରେ ସ୍ଥାୟୀ ନିଯୁକ୍ତିକୁ ସମ୍ପୂର୍ଣ୍ଣ ବନ୍ଦ କରିବାର ଷଡ଼ଯନ୍ତ୍ର କରାଯାଇଛି । ଦାବିଗୁଡ଼ିକ ମଧ୍ୟରେ ମାରଣାନ୍ତକ ୪ଟି ଶ୍ରମ କୋଡ କିପରି ଶ୍ରମିକ ମାନଙ୍କର ସ୍ଥାଇ ନିଯୁକ୍ତି ଛଡାଇ ନେବ, ସାମାଜିକ ସୁରକ୍ଷା ମଧ ଏକ ସ୍ୱପ୍ନ ପାଲଟିବ, ବିବାଦୀୟ 'ବି.ଭି. ଜି. ରାମା ଜି' କାର୍ଯ୍ୟକ୍ରମ ଏବଂ ଘରୋଇକରଣ ନୀତିକୁ ପ୍ରତ୍ୟାହାର କରିବା, ଜନବିରୋଧୀ ବିଦ୍ୟୁତ୍ ବିଲ୍-୨୦୨୫, ବିହନ ବିଲ୍-୨୦୨୫ ଏବଂ ଶାନ୍ତି ବିଲ୍-୨୦୨୫ କୁ ରଦ୍ଦ କରିବା । ଏହି ଅବସରରେ ବସନ୍ତ ନାୟକ, ନବ ବେହେରା, ଭୀମସେନ ଶଙ୍ଖୁଆ, ଶାନ୍ତିଲତା ରାଉତ, ସୀତା ଦାସ, ସୁରଜିତ ନାୟକ, ରଂଜିତା ପଣ୍ଡା, ଗାୟତ୍ରୀ ବେହେରା,ଦିବ୍ୟସିଂହ ନାୟକ, ସମର ବଳ, ପ୍ରଭାସ ମହାପାତ୍ର, ଶୁଭେନ୍ଦୁ ପ୍ରତାପ ମହାନ୍ତି, ପର୍ଶୁରାମ ଲେଙ୍କା, ନିରଞ୍ଜନ ପାଣି, ଚନ୍ଦ୍ର ଶେଖର ନାୟକ, ଗୌରାଙ୍ଗ ଜେନା, ପ୍ରତାପ ସେଠି,ଜୟନ୍ତୀ ବିଶ୍ୱାଳ, କଳ୍ପନା ରାଉତ, ରେଙ୍ଗ ହଳଦା ଓ ରବିନ ବାରିକ ପ୍ରମୁଖ ଉଦ୍‌?ବୋଧନ ଦେଇ ୧୨ ଫେବୃଆରୀର 'ଭାରତ ବନ୍ଦ'କୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ । ଶେଷରେ ବିଷ୍ଣୁ ଦାସ ସମସ୍ତ ଅଂଶଗ୍ରହଣକାରୀ ଓ ଶ୍ରମିକ ଭାଇଭଉଣୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜେଲ୍ ଭିତରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ଚୌଦ୍ୱାର,(ପିପିଏସ୍): ଚୌଦ୍ୱାର ସର୍କଲ ଜେଲରେ ଜଣେ ବିଚାରାଧୀନ କଏଦୀଙ୍କର ମୃତ୍ୟୁ ଘଟିଥିବା ଜଣା ପଡ଼ିଛି । ମୃତକ ଜଣକ ହେଲେ କଟକ ହାତୀ ପୋଖରୀ ଅଞ୍ଚଳର ମହମ୍ମଦ କଲିମ୍ (୩୨) ।ବିଶେଷ ସୂତ୍ରରୁ ପ୍ରକାଶଯେ ରବିବାର ସଂଧାରେ ଜେଲ କର୍ମଚାରୀ ମାନେ ୱାର୍ଡ଼ ଯାଞ୍ଚ କରୁଥିବାବେଳେ କଲିମ୍ ଜେଲଭିତରେ ୬ନମ୍ବର ସେଲରେ ରହୁଥିବା ନିଜ କୋଠରୀରେ ବେକରେ ଗାମୁଛା ବାନ୍ଧି ଝୁଲୁଥିବା ଦେଖିବାକୁ ପାଇଥିଲେ । କର୍ମଚାରୀ ମାନେ ତୁରନ୍ତ ତାଙ୍କୁ ତଳକୁ ଆଣି ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଜଣା ପଡ଼ିଛି । କଲିମ୍ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି । ତେବେ ଏବାବଦରେ ଚୌଦ୍ୱାର ଥାନାରେ କୌଣସି ମାମଲା ରୁଜୁ ହୋଇ ନଥିବା ଆଇଆଇସି ରଜନୀକାନ୍ତ ଦାସ ସୂଚନା ଦେଇଛନ୍ତି । ଜେଲ ଅଧିକ୍ଷକଙ୍କୁ ଏବାବଦରେ ଯୋଗାଯୋଗ କରାଯାଇଥିଲେହେଁ ସେ ଫୋନ୍ ଉଠାଇ ନଥିଲେ । ସୂଚନାଯୋଗ୍ୟଯେ ଗତ ୩ମାସ ତଳେଖୋର୍ଦ୍ଧା ବୋଲଗଡ଼ ଅଞ୍ଚଳର ପବିତ୍ର ସାହୁ ନାମକ ଜଣେ କଏଦୀ ଏହି ଜେଲ ଭିତରେ ଆତ୍ମହତ୍ୟା କରିଥିଲେ ।

## ଜଙ୍ଗଲରୁ ମିଳିଲା ନରକଙ୍କାଳ, ଲୋକେ ଦେଖି ଛାନିଆ

# ଶରୀରରୁ ମୁଣ୍ଡ ଅଲଗା, ଆତ୍ମହତ୍ୟା ନା ହତ୍ୟା !

ନୟାଗଡ଼, (ପିପିଏସ୍): ନୟାଗଡ଼ ଜିଲ୍ଲା ରଣପୁର ଥାନା ତାଳକଣି-କୋଟପୋଖରୀ ଘାଟି ଜଙ୍ଗଲରୁ ମିଳିଲା ନର କଙ୍କାଳ । ମୁଣ୍ଡ ଗଣ୍ଡି ଅଲଗା ହୋଇ ପଡ଼ିଥିବା ବେଳେ ଦୁର୍ଗନ୍ଧରେ ଫାଟିପଡୁଛି ପରିବେଶ । ସ୍ଥାନୀୟ ଲୋକେ ଜଙ୍ଗଲକୁ ଯାଇଥିବା ବେଳେ ଏହି ନର କଙ୍କାଳ ଦେଖି ଛାନିଆ ହୋଇଥିଲେ । ପରେ ଏହି ଘଟଣା ବ୍ୟାପିବା ପରେ ଏହାକୁ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା । ନର କଙ୍କାଳକୁ ଦେଖିଲେ ହତ୍ୟା କରି ଫୋପାଡ଼ିଦେଇଥିବା ପରି ଅନୁମାନ କରାଯାଉଛି । ତେବେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଦୀର୍ଘ ସମୟ ଧରି ଚର୍ଚ୍ଚା ପରେ ପୋଲିସ ପହଞ୍ଚିଥିଲା । ସ୍ଥାନୀୟ ତାଳକଣୀ ଗ୍ରାମର ଜଣେ ବୟସ୍କ ବ୍ୟକ୍ତି ତ୍ରିଲୋଚନ ମୁଦୁଲି ଗତ କିଛି ମାସ ହେବ ନିଖୋଜ ଥିଲେ । ତେବେ ତାଙ୍କର ମୃତ ଦେହ ହୋଇଥିବା ନେଇ ଲୋକେ ଆଶଙ୍କା କରୁଛନ୍ତି । ତାଙ୍କ ପରିବାର ଲୋକେ ପର୍ଦ୍ଧି ରହିଥିବା ଜୋତା ଏବଂ ଗାମୁଛାରୁ ଚିହ୍ନଟ କରିଥିବା ସୂଚନା ମିଳିଛି । ତାଙ୍କୁ ହତ୍ୟା କରି କେହି ଫୋପାଡ଼ିଛି ନାଁ ସେ ଆତ୍ମହତ୍ୟା କରିଛନ୍ତି ତାକୁ ନେଇ ରଣପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆରମ୍ଭ କରିଛି ତଦନ୍ତ । ଶରୀରରୁ ମୁଣ୍ଡ ଅଲଗା ହୋଇଥିବାରୁ ହତ୍ୟା ସନ୍ଦେହ ଉପୁଜୁଛି । ପୋଲିସ ତଦନ୍ତ ଜାରୀ ରଖିଛି ।

# ସବିତା ତ୍ରିପାଠୀଙ୍କ ଅବସର




କଟକ : ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଅଧୀନସ୍ଥ ସ୍ୱରାଜ ଆଶ୍ରମ କଟକ ପରିସରରେ ଥିବା ପାଠାଗାର ରେ ଦୀର୍ଘ ୩୫ ବର୍ଷରୁ ଉର୍ଦ୍ଧ୍ୱ ସହକାରୀ ଗ୍ରନ୍ଥଗାରିକ ଭାବେ ଦକ୍ଷତାର ସହ କାର୍ଯ୍ୟ କରିଥିବା ଶ୍ରୀମତୀ ସବିତା ତ୍ରିପାଠୀ ଆଜି ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ଆୟୋଜିତ ଏକ ସଭାରେ ତାଙ୍କୁ ଆନୁଷ୍ଠାନିକ ଭାବେ ସଂସ୍କୃତି ବିଭାଗ ପାଠାଗାର ପରିସରରେ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ଓ ଉକ୍ତ ବୈଠକରେ କଟକ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପୌରାହିତ୍ୟ କରିଥିଲେ । ଅନ୍ୟତମ ଅତିଥି ଭାବେ ସୂଚନା ଲୋକ ସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ସ୍ମିତା କର, କଟକ ଉପନିର୍ଦ୍ଦେଶକ କାର୍ଯ୍ୟାଳୟର ଶୁଭ୍ରାଂଶୁ ମିଶ୍ର, ପ୍ରମୁଖ ଯୋଗ ଦେଇ ସବିତା ତ୍ରିପାଠୀଙ୍କ ଆଗାମୀ ଜୀବନ ସୁଖମୟ ହେବା କାମନା କରିବା ସହିତ ଜିଲ୍ଲା ପ୍ରଶାସନ ଏବଂ କଟସ୍କ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଦୀର୍ଘ ବର୍ଷରୁ ଆୟୋଜିତ ବାଲିଯାତ୍ରା ମହୋତ୍ସବ, ଜିଲ୍ଲାରେ ଆୟୋଜିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଯଥା ତେଲେଙ୍ଗାପେଣ୍ଠ ଠାରେ ଆୟୋଜିତ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ଏବଂ ସହିଦ ଦିବସ ଉପଲକ୍ଷେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିରେ ତାଙ୍କର ନିଷ୍ଠାପର ଉଦ୍ୟମ ଓ ମୂଲ୍ୟବାନ ଅବଦାନ ସମ୍ପର୍କରେ ସମସ୍ତ ଉପସ୍ଥିତ ବକ୍ତା ପ୍ରମୁଖ ଅବତାରଣା କରିଥିଲେ । ଶ୍ରୀମତୀ ତ୍ରିପାଠୀ ଗ୍ରନ୍ଥଗାରିକା ଭାବେ ଖୁବ୍ ଦକ୍ଷତାର ସହିତ ନିଜ ଦାୟିତ୍ୱ ସମ୍ପାଦନ କରିଥିବାରୁ ପାଠାଗାରରରେ ନିୟମିତ ଅଧ୍ୟୟନରତ ପାଠକ ପାଠିକା ପ୍ରମୁଖ ସନ୍ତୋଷ ବ୍ୟକ୍ତ କରିଥିଲେ ।

# ସତ୍ୟନାରାୟଣ ଓ ପଶୁପତି ନାଥ ମନ୍ଦିରର ବାର୍ଷିକୋତ୍ସବ

ନୟାଗଡ, (ପିପିଏସ୍): ଇଟାମାଟି ସ୍ଥିତ ସତ୍ୟନାରାୟଣ ପ୍ରଭୁ ଓ ପସୁପତି ନାଥଙ୍କ ନୂତନ ମନ୍ଦିର ପ୍ରତିଷ୍ଠାର ତୃତୀୟ ବାର୍ଷିକ ଉତ୍ସବ ଆଜି ମହା ସମାରୋହରେ ପାଳନ ହେଇଛି ।ମନ୍ଦୀର ର ମୁଖ୍ୟ କର୍ତ୍ତା ଭାବରେ ପୂର୍ଣ୍ଣ ଅଗ୍ରୱାଲ ସପତ୍ନିକ ହୋମ କାର୍ଯ କରିଥିଲେ ।ସତ୍ୟନାରାୟଣ ସେବା ସମିତି ର ଅଧକ୍ଷ ଶ୍ରୀ ନନ୍ଦ କିଶୋର ଅଗ୍ରୱାଲ, ସେକ୍ରେଟାରୀ ସୁବାସ ଅଗ୍ରୱାଲ, କୋଷାଧକ୍ଷ ରମେଶ କୁମାର ଅଗ୍ରୱାଲ, ନରେଶ ଅଗ୍ରୱାଲ, ସୁନିଲ ଅଗ୍ରୱାଲ, ଲଳିତ ଅଗ୍ରୱାଲ, ଆକାଶ ଅଗ୍ରୱାଲ, ସଞ୍ଜୟ ଅଗ୍ରୱାଲ, ମହେଶ ଅଗ୍ରୱାଲ, ରମେଶ କୁମାର ଅଗ୍ରୱାଲ, ରବି ଅଗ୍ରୱାଲ,ଦେପକ୍ ସୁର୍ଦ୍ଦକା, କ୍ରିଷ୍ଣା କୁମାର ଅଗ୍ରୱାଲ,ସୁଶିଲ ଅଗ୍ରୱାଲ ଓ ଇଟାମାଟି ମାରୱାଡ଼ି ସମାଜର ସମସ୍ତ ସଭ୍ୟ ଏଥିରେ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା ପରିଷଦ ସଭ୍ୟ ଆଶିଷ ଅଗ୍ରୱାଲ ଏଥିରେ ଭାଗ ନେଇ ଥିଲେ ।

# ୯ମ ବାର୍ଷିକ ମା ମଙ୍ଗଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବାଙ୍କୀ, (ପିପିଏସ୍) : ବାଙ୍କୀ ପଥୁରୀପଡା ଠାରେ ମା ମଙ୍ଗଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ ୯ମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଖ ପାଖର ୧୦ଟି କ୍ରିକେଟ ଟିମ ଅଂଶଗ୍ରହଣ କରିଥିଲେ । ମା ମଙ୍ଗଳା କ୍ରିକେଟ ଟିମ ଓ ବ୍ରହ୍ମପୁରା କ୍ରିକେଟ ଟିମ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା । ଏଥିରେ ବ୍ରହ୍ମପୁରା କ୍ରିକେଟ ଟିମ ଚମ୍ପିୟାନ ହୋଇଥିଲେ । ବ୍ରହ୍ମପୁରା କ୍ରିକେଟ ଟିମ ପ୍ରଥମେ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୫୭ ରନ କରିଥିଲେ । ଜବାବରେ ମା ମଙ୍ଗଳା କ୍ରିକେଟ ଟିମ ୧୩ ଓଭରରେ ସମସ୍ତ ଉଇକେଟ ହରାଇ ୬୩ ରନ କରିଥିଲେ । ବ୍ରହ୍ମପୁରା କ୍ରିକେଟ ଟିମର ଅଲରାଉଣ୍ଡ ଦୀପକ ପଲେଇ ୪୮ ରନ କରିବା ସହିତ ବିପକ୍ଷ ଟିମର ୪ଉଇକେଟ ନେଇ ନିଜ ଟିମର ବିଜୟର କର୍ଣ୍ଣଧାର ସାଜିଥିଲେ । ଅଲରାଉଣ୍ଡ ଦୀପକ ପଲେଇଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଓ ବିଶ୍ୱରଂଜନ ମହାନ୍ତିଙ୍କୁ ମ୍ୟାନ ଅଫ ଦ ସିରିଜ ପୁରସ୍କାର ପ୍ରଦାନ କରାଯାଇଛି । ଏହି ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚାର ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ଯୋଗଦେଇ ଉଭୟ ଟିମକୁ ପୁରସ୍କାର ପ୍ରଦାନ କରିଥିଲେ । ସଂମ୍ମାନୀତ ଅତିଥି ଭାବେ ବରପୁଟ ପଞ୍ଚାୟତର ସରପଞ୍ଚ ଅଶୋକ କୁମାର ମିଶ୍ର , ସମାଜସେବୀ ତଥା ଆଇନଜୀବୀ ଜୟ ପ୍ରକାଶ ମିଶ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ଅଶୋକ କୁମାର ପଟ୍ଟନାୟକ, ଶିକ୍ଷାବିତ ମଧୁସୂଦନ ମହାପାତ୍ର, ଶିକ୍ଷାବିତ ଗଣେଶ୍ୱର ପରିଡା , ପ୍ରଭାତ କୁମାର ପଣ୍ଡା , ବିଶିଷ୍ଟ କବୟତ୍ରୀ ତଥା ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷୟତ୍ରୀ ରତ୍ନପ୍ରଭା ସାହୁ, ଶିକ୍ଷା ବିକାଶ ସମିତିର ପ୍ରବାସୀ କାର୍ଯ୍ୟକର୍ତ୍ତା ଶଙ୍ଖୁଳ ପ୍ରମୁଖ ଧରଣୀଧର ସାହୁ , ସିନେମା ଓ ଯାତ୍ରା ଜଗତର ଖଳନାୟକ କାଳି ଚରଣ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ । ରିଂଙ୍କୁ ଜେନା ଓ ଲିଟୁ ମିଶ୍ର ମ୍ୟାଚ ପରିଚାଳନା କରିଥିଲେ ।

## ନନ୍ଦିଘୋର ଚାମ୍ପିଅନ ଟ୍ରଫି

# ପ୍ରଥମ କ୍ୱାର୍ଟର ଫାଇନାଲରେ ପ୍ରବେଶ କଲେ ପଞ୍ଚିରିଡା ମାନପୁର ଓ ଶାଳଝରିଆ



ଓଡ଼ଗାଁ, (ପିପିଏସ): ଓଡ଼ଗାଁ ବ୍ଲକ ଅନ୍ତର୍ଗତ ନନ୍ଦିଘୋର ଜବାହରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ନନ୍ଦିଘୋର ଚମ୍ପିୟାନ ଟ୍ରଫି -୨୦୨୬ ଫେବୃଆରୀ ମାସ ୧ ତାରିଖ ଦିନ ଉଦଘାଟିତ ହୋଇଯାଇଛି ଏହା ୮ ତାରିଖ ପର୍ଯ୍ୟନ୍ତ ଚାଲିବ ।ଉଦଘାଟନୀ ଉତ୍ସବରେ ଆରଡା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ଶ୍ରୀଯୁକ୍ତ ସୁରେନ୍ଦ୍ର କୁମାର ଦୋରା ପିଚ୍ ରେ ନଡିଆ ବାଡ଼େଇ ଆନୁଷ୍ଠାନିକ ଉଦଘାଟନ କରିଥିଲେ । ରବିବାର ଦିନ ଅନୁଷ୍ଠିତ ପ୍ରଥମ ଲିଗ୍ ମ୍ୟାଚ ପଞ୍ଚିରିଡା ମାନପୁର ଓ ମାଛିପଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପଞ୍ଚିରିଡା ମାନପୁର ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ବିନିମୟରେ ୧୨୨ ରନ୍ ସଂଗ୍ରହ କରିଥିଲା ବେଳେ ମାଛିପଡା ଦଳ ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ମାତ୍ର ୬୮ ରନ୍ ସଂଗ୍ରହ କରି ପରାଜୟ ବରଣ କରିଥିଲେ । ପଞ୍ଚିରିଡା ମାନପୁର ଦଳର ଆଲୋକ ବ୍ୟକ୍ତିଗତ ଭାବେ ସର୍ବାଧିକ ୫୩ ରନ୍ ସଂଗ୍ରହ କରି ମ୍ୟାନ ଅଫ୍ ଦି ମ୍ୟାଚ ହେବା ସହିତ ଅତିଥି ଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲେ ।

ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ ମା'ନାରାୟଣୀ ସ୍ପୋର୍ଟସ କ୍ଲବ୍,ଖୁଣ୍ଟୁବନ୍ଧ ସହିତ ଜୟ ଜଗନ୍ନାଥ କ୍ରିକେଟ୍ କ୍ଲବ୍,ଶାଳଝରିଆ ସହିତ ଅନୁଷ୍ଠିତ ହୋଇଥିଲା ।ଶାଳଝରିଆ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୦୩ ରନ୍ ସଂଗ୍ରହ କରିଥିଲେ ପରବର୍ତ୍ତୀ ସମୟରେ ମା'ନାରାୟଣୀ ସ୍ପୋର୍ଟସ କ୍ଲବ୍, ଖୁଣ୍ଟୁବନ୍ଧ ନିର୍ଦ୍ଧାରିତ ୧୦ ଓଭର ଖେଳି ୬ ଉଇକେଟ ବିନିମୟରେ ମାତ୍ର ୯୩ ରନ୍ ସଂଗ୍ରହ କରି ପରାଜୟ ବରଣ କରିଥିଲେ । ହେଲେ ଉନ୍ନତ ଧରଣର ବ୍ୟାଟିଂ କରି ଶାଳଝରିଆ ଦଳର ଟିନା ମ୍ୟାନ ଅଫ ଦି ମ୍ୟାଚ ହେବା ସହିତ ଅତିଥିଙ୍କ କରକମଳରୁ ଟ୍ରଫି ଗ୍ରହଣ କରିଥିଲେ । ଆସନ୍ତା ୫ ତାରିଖ ଦିନ ହେବାକୁ ଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ପଞ୍ଚିରିଡା ମାନପୁର କୁ ଶାଳଝରିଆ ଭେଟିବ । ଆଜି ସ୍କୋର ବୋର୍ଡରେ ଥିଲେ ଜିତେନ୍ଦ୍ର କୁମାର ନାୟକ, ଉଦଘୋଷକ ଭାବରେ ଶିଶିର ନାୟକ ଓ ଗିରିଜା ଶଙ୍କର ପଡିଆରି କାର୍ଯ୍ୟ କରୁଥିବା ବେଳେ ଖେଳ ପରିଚାଳନାରେ ସହଯୋଗ କରିଥିଲେ ସମୀର,ଲୁଲୁ ଶଙ୍କର । ଆସନ୍ତା କାଲି ପ୍ରଥମ ଲିଗ୍ ମ୍ୟାଚରେ ମଦନଗାଡିଆ ସହିତ ଶରଣକୁଳ ଓ ଦ୍ୱିତୀୟ ଲିଗ୍ ମ୍ୟାଚରେ ରଙ୍ଗଣିପାଟଣା ସହିତ ଝାଡସାହି ଖେଳିବେ ବୋଲି ନନ୍ଦିଘୋର କ୍ରିକେଟ କ୍ଲବ୍ ପକ୍ଷରୁ ସୂଚନା ପ୍ରଦାନ କରିଛନ୍ତି ।

# ଯୁବସମାଜସେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦ୍ରାପଡ଼ା, (ପିପିଏସ୍): ଲକ୍ଷ୍ମୀନାରାୟଣ ଯୁବକ ସଙ୍ଘ ଆନୁକୂଲ୍ୟରେ ଯୁବସମାଜସେବୀ ଅନିଲ କୁମାର ଧଳ(ଧନି)ଙ୍କ ଏକାଦଶାହ ଅବସରରେ ତାଙ୍କ ତରଡିପାଳସ୍ଥିତ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରାଧ୍ୟାପକ ନିର୍ମଳ ଚନ୍ଦ୍ର ବିଶ୍ୱାଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ପ୍ରଥମେ ସ୍ୱର୍ଗତ ଧଳଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଜ୍ଞାପନ କରାଯାଇଥିଲା । ସଭାରେ ଉପସ୍ଥିତ ବୁଦ୍ଧିଜିବୀମାନେ ଦିବଙ୍ଗତ ଧଳଙ୍କ ଅକାଳ ବିୟୋଗ ସମଗ୍ର ଧୋୟା ଅଞ୍ଚଳର ଅପୁରଣୀୟ କ୍ଷତି ବୋଲି ଅବିହିତ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ଧଳଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ବିଶିଷ୍ଟ ଶିକ୍ଷାବିତ ରାଜକୁମାର ବିଶ୍ୱାଳଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ତରଡିପାଳ ପଞ୍ଚାୟତର ସରପଞ୍ଚ ଦେବବ୍ରତ ନାୟକ, ସମିତିସଭ୍ୟ ନିରଞ୍ଜନ ବାରିକ, ଜିଲ୍ଲା ପରିଷଦ ସଭ୍ୟା ପ୍ରିୟଦର୍ଶିନୀ ତରାଇ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ପ୍ରାକ୍ତନ ସମିତିସଭ୍ୟ ଅଶୋକ କୁମାର ନାଥଶର୍ମା, ନାରାୟଣ ଚନ୍ଦ୍ର ବିଶ୍ୱାଳ, କାର୍ତ୍ତିକ ଚନ୍ଦ୍ର ରାଉତ, ପ୍ରେମାନନ୍ଦ ସୂତାର, ବୈକୁଣ୍ଠନାଥ ବିଶ୍ୱାଳ, ଦିଲ୍ଲିପ ବିଶ୍ୱାଳ ପ୍ରମୁଖ ଦିବଙ୍ଗତ ଆତ୍ମାର ସ୍ମୃତିଚାରଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପରିଶେଷରେ ସମାଜସେବୀ ଗୋବର୍ଦ୍ଧନ ଧଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ମର୍ମନ୍ତୁଦ ଦୁର୍ଘଟଣାରେ ୫ ମୃତ ଘଟଣା, ଡ୍ରାଇଭର ଗିରଫ

ବ୍ରହ୍ମପୁର, (ପିପିଏସ୍): ସ୍ଥାନୀୟ ହଳଦିଆପଦର ଓଭରବ୍ରିଜରେ ଦୁର୍ଘଟଣାରେ ୫ ମୃତ ଘଟଣାରେ ଗୋଷାଣୀନୂଆ ଗାଁ ଥାନା ପୁଲିସ ଟ୍ରକ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଟ୍ରକ ଡ୍ରାଇଭର ଜଣକ ହେଲେ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଗୁଡିଆପଲ୍ଲୀ ଗାଁର ପ୍ରଦୀପ ଜାନୀ(୩୮) । ପ୍ରଦୀପଙ୍କ ଜାମିନ ନାମଞ୍ଜୁର ହେବା ପରେ ବ୍ରହ୍ମପୁର ଜେଲକୁ ପ୍ରଦୀପଙ୍କୁ ପଠାଇ ଦିଆଯାଇଛି । ଗତକାଲି ପ୍ରଦୀପ ଟ୍ରକ ଚଳାଉଥିବା ବେଳେ ହଳଦିଆପଦର ଓଭରବ୍ରିଜରେ ୫ ଜଣଙ୍କୁ ଚାପି ଦେଇଥିଲେ । ଯାହାଫଳରେ ୫ ଜଣଙ୍କ ମୃତ୍ୟୁ ହୋଇଥିଲା । ସୂଚନାଯୋଗ୍ୟ ଯେ,ଏହି ଦୁର୍ଘଟଣାରେ କିଏ ନିଜର ସିନ୍ଦୁରକୁ ହରାଇଛି ତ ଆଉ କିଏ ଘରର ଏକମାତ୍ର ରୋଜଗାରିଆ ପୁଅକୁ ହରାଇଛି । ଲୋ?ହ ଦାନବ ରୂପୀ ଟ୍ରକ ଏକାସାଙ୍ଗରେ ୫ଜଣଙ୍କୁ ଜୀବନ ନେଇଯାଇଛି । ବ୍ରହ୍ମପୁରରୁ ଜାତୀୟ ରାଜପଥ ଦେଇ ଯାଉଥିବା ଟ୍ରକଟି ଅଟୋକୁ ଓଭରଟେକ୍ ? କରିବାକୁ ଯାଇ ତିନୋଟି ବାଇକକୁ ଚାପି ଦେଇ ଚାଲି ଯାଇଥିଲେ । ଯେଉଁଥିରେ କୁକୁଡ଼ାଖଣ୍ଡି ବ୍ଲକ୍ ଗୁଣ୍ଠବନ୍ଦ ଗ୍ରାମର ଶିବରାମ ଜେନା, ଫୁଲଟାର ଜଗନ୍ ନାହାକ ଓ ରାକେଶ ନାହାକ, ଅଯୋଧ୍ୟା ନଗର ସୂର୍ଯ୍ୟ ନାରାୟଣ ପଣ୍ଡା, ଜରଡ଼ା ଥାନା ଅନ୍ତର୍ଗତ ଭ୍ରମରପୁର ଗ୍ରାମର ସତ୍ୟନାଥ ବେଜଙ୍କ ମୃତ୍ୟୁ ହୋଇଥିଲା ।

# ପୁସ୍ତକ ମେଳାରେ ପୁସ୍ତକ ବିକ୍ରେତା ନିରାଶ: ଷ୍ଟେସନାରୀ ଅଧିକ ବିକ୍ରି



ତାଳଚେର, (ପିପିଏସ୍): ଦେଉଳବେଢା ଦୁର୍ଗା ମଣ୍ଡପ ସମ୍ମୁଖରେ ଗତ ଜାନୁଆରୀ ୨୩ ତାରିଖରୁ ଆରମ୍ଭ ହୋଇ ଏକ ସପ୍ତାହ ଧରି ଚାଲିଥିବା ପୁସ୍ତକ ମେଳାର ଉଦଯାପିତ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଯୋଗ ଦେଇ ପୁସ୍ତକ ପଠନ ଉପଦେୟତା ଓ ମୋବାଇଲ ବ୍ୟବହାର ଅପକାରିତା ଉପରେ ଏକ ତୁଳନାତ୍ମକ ବ୍ୟାଖ୍ୟା କରିଥିଲେ ଯାହା ଉପସ୍ଥିତ ଦର୍ଶକ ମଧ୍ୟରେ ଆଦୃତ ହୋଇଥିଲା । ଏହି ପୁସ୍ତକ ମେଳାର ସ୍ଥାୟୀ ସଭାପତି ଭାବେ ତାଳଚେର ଉପଜିଲ୍ଲାପାଳ ସମୀର କୁମାର୍ ଜେନା ସଭାପତିତ୍ୱ କରିଥିଲେ , କାର୍ଯ୍ୟକାରୀ ସଭାପତି ଭାବେ ଏସ ଡି ପି ଓ ଭାରତ ସହୁ ଓ ପୂର୍ବତନ ତାଳଚେର ବିଧାୟକ ମହେଶ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ତେଣ୍ଟ ଖର୍ଚ୍ଚ (ଏନ୍ ଟି ପି ସି) ନିଜ (ସି ଏସ ଆର) ପାଣ୍ଠିରୁ ୫ ଲକ୍ଷ ଟଙ୍କା ଅନୁଦାନ ଦେବା ସହିତ( ଏମ୍ ସି ଏଲ )ବା କୋଇଲା ଖଣି ବିଭାଗ ଦୁଇ ଲକ୍ଷ ଟଙ୍କା ପ୍ରଦାନ କରି ଆସୁଛନ୍ତି ଏହା ପରେ ମଧ ପୁସ୍ତକ ମେଳାର ଜୈନିକ ବଡ ମିଶ୍ର ଭାଇନାଙ୍କ ଲଡୁ ଗୁମସ୍ତା ପ୍ରତି ଷ୍ଟଲ୍ ଓ ଚାଟ ଦୋକାନୀଙ୍କ ଠାରୁ ଅର୍ଥ ଆଦାୟ କରି ଚର୍ଚ୍ଚାରେ ଥିବା ଘଟଣା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି, ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ମଞ୍ଚ ଉପରେ ୨୨ ହଜାର ଟଙ୍କା ଦେଇଥିଲେ ତାକୁ କୁଆଡେ ସେହି ରାତିରେ ଭାଗ ବଣ୍ଟା ହୋଇଥିବା ସାନ ମିଶ୍ର ବାବୁ ଓ ସଭାପତି ଅଂଶୀଦାର ନଥିବା ବ୍ୟତିକ୍ରମ ଘଟିଛି ,ପୁସ୍ତକ ମେଳାର ସମସ୍ତ ଆର୍ଥିକ ଦିଗ ମାମୁଁ ଭଣଜା ତଦାରଖ କରୁଥିବା ସାଧାରଣରେ ଆଲୋଚନା ହେଉଛି । କିଏ କେତେ ଦେଲେ ତା ହିସାବ ମିଳେନି , କୋଲ ୱାଶରି ପ୍ରତିବର୍ଷ ୫୦ ହଜାର ଟଙ୍କା ସାହାଯ୍ୟ କରିଥାଏ , ଧରିତ୍ରୀ ଯୋଲିରୀ ସହିତ ପେଟ୍ରୋଲ ପମ୍ପ,ବଡ ବଡ ଗ୍ରିଷରି ଦୋକାନୀଙ୍କ ଲୁଗା ଦୋକାନୀ , ମେଡିସିନ ଷ୍ଟୋର ଦ୍ୱାରା ପ୍ରତିଦିନ ସମ୍ପାଦିତ ହେଉଥିବା କୁଇଜ୍ , ନାଚ , ଗୀତ ,ସଙ୍ଗୀତ , ଓଡଶି , ସାଂସ୍କୃତିକ ଅନୁଷ୍ଠାନ ଗୁଡ଼ିକୁ ପୁରସ୍କାର ବଣ୍ଟନ ହୁଏ ତାପରେ ମଧ କାହିଁକି ପୁସ୍ତକ ବିକ୍ରେତାଙ୍କ ଠାରୁ ଅର୍ଥ ଆଦାୟ ହୁଏ ଏକ ପ୍ରଶ୍ନବାଚି ସାଧାରଣରେ ଉଙ୍କି ମାରିଛି । କିଛି ତେଲିଆ ଓ ବିଭେଦ ସୃଷ୍ଟିକାରୀ ଗୋଷ୍ଠି ପ୍ରତିଦିନ ଭୋଜି ଭାତ କରି ଅଏସ କରୁଥିବା ଦେଖିବାକୁ ମିଳିଥିଲା । ଚଳିତ ଥର ଜଣେ ମାଇକ ପ୍ରିୟ ବିଜେପି ନେତାଙ୍କୁ ସାମିଲ କରା ଯାଇଥିଲା ସେ ମାଇକ ଧରି ଖୁବ୍ ଭଲ ଉପସ୍ଥାପନା କରିଥିଲେ , ଲସି ଦୋକାନୀ ଓ ବିଜେପି ନେତାଙ୍କ ମଧ୍ୟରେ ମାଇକ ଭିଡା ଭିଡି ଦର୍ଶକଙ୍କ ମଧ୍ୟରେ ହର୍ଷ ଉଲ୍ଲାସ ଦେଖାଯାଇଥିଲା ।

ଉଦ୍‌ଯାପନୀ ଦିବସରେ ବହୁ ସଂଖ୍ୟାରେ ଦର୍ଶକ ଭିଡ ଜମାଇ ଥିଲେ କିନ୍ତୁ ବହି କିଣିବା ଛାଡି ଟେସନାରି ଓ ଖଟା ଦୋକାନ ପାଖରେ ଅଧିକ ଭିଡ ହୋଇଥିଲା , ଲକ୍ଷାଧିକ ଟଙ୍କାର ଖଟା ବେବସାୟ ହୋଇଥିଲା ତା ତୁଳନାରେ ପୁସ୍ତକ ବିକ୍ରି ଖୁବ୍ ହ୍ରାସ ପାଇଥିଲା , ପୁସ୍ତକ ବିକ୍ରେତାଙ୍କ ଗାଡ଼ି ଭଡ଼ା ଖର୍ଚ୍ଚ ମଧ ଉଠି ନଥିବା କିଛି ବିକ୍ରେତା ଦୁଃଖର ସହ ପ୍ରକାଶ କରିଥିଲେ । ଆଜିକୁ ୨୩ ବର୍ଷ ଧରି ତାଳଚେର ପୁସ୍ତକ ମେଳା ଅନୁଷ୍ଠିତ ହୋଇ ଆସିଛି କିନ୍ତୁ କେବଳ ଚାରିଜଣ ବ୍ୟକ୍ତି ତଥା କଥିତ ବଡ ମିଶ୍ର ଓ ସାନ ମିଶ୍ରଙ୍କ ଏକ ଚାଟିଆ ଦବଦବା ହୁକୁମତ ସ୍ଥାନୀୟ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କୁ ହାତ ବାରିସ କରି ଶକ୍ତିଶାଳୀ ହୋଇ ଆସୁଛନ୍ତି ,ସତେକି ତାଳଚେର ମଧ୍ୟରେ ତାଙ୍କ ଛଡ଼ା ଅନ୍ୟ କୌଣସି ସାହିତ୍ୟକ , ଗାଳ୍ପିକ , ଉପନ୍ୟାସିକ, ଲେଖକ ,କବି , ବୁଦ୍ଧିଜୀବୀ ନାହାଁନ୍ତି ?

ଚଳିତ ପୁସ୍ତକ ମେଳାରେ ମୁଖ୍ୟ କୌଣସି ଖବର କାଗଜରେ ନଥାଇ ମଧ ସ ପୂର୍ଣ୍ଣ ସାମ୍ବାଦିକ ବାଡେ ମିଛରେ ଅତିଥିଙ୍କ ଦ୍ୱାରା ପ୍ରଶଂସିତ ହେଉଥିଲେ ଯାହା ସାଧାରଣରେ ଖୁବ୍ ଆଲୋଚନା ହେଉଛି । ପୁସ୍ତକ ମେଳା ଅପେକ୍ଷା ଏହା ଅଧିକ ବାଣିଜ୍ୟ ମେଳା ଭାବେ ପରିଚିତ ହେଉଥିଲା । କଂଗ୍ରେସ ନେତା କେଶବ ଭୁରିଆ ଅତିଥି ପରିଚୟ ଓ ସାଧାରଣ ସମ୍ପାଦକ ଦେବୀ ମିଶ୍ର ବିବରଣୀ ପାଠ କରିଥିବା ବେଳେ ଉପ ସଭାପତି ରଶ୍ମି ରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ଓ ମଞ୍ଚ ପରିଚାଳନା କରିଥିଲେ । ଚଳିତ ଥର ପୁସ୍ତକ ମେଳାରେ ପୁସ୍ତକ କିଣା ବାଧା ପ୍ରାପ୍ତି ହେବାର ମୁଖ କାରଣ ଦିନକୁ ଦିନ ପୁସ୍ତକ ରେଟ ବୃଦ୍ଧି ସହିତ ମୋବାଇଲ ଦେଖିବା ନିଶା ଲୋକଙ୍କ ମଧ୍ୟରେ ପୁସ୍ତକ ପଠନ ହ୍ରାସ ପାଉଥିବା ସାଧାରଣରେ ଆଲୋଚନା ହେଉଛି ।

**OFFICE OF THE SUPERINTENDING ENGINEER**
**RWS&S DIVISION, JAGATSINGHPUR**
**Tel. No. 06724-223485, mail-rwasisgor@gmail.com**
**e-Procurement Notice**
**Bid identification No. 49 of 2025-26**

The Executive Engineer, RWS&S Division, Jagatsinghpur on behalf of Governor of Odisha invites P1 composite bids in Single Cover system in online mode for Execution of RPWS scheme works on Percentage rate basis from eligible Class of contractors.

1. Name of work : PWS works.
2. No. of work : 03 Nos
3. Estimated Cost : Rs. 6,83,587/- to Rs. 15,03,736/-
4. Cost of Tender paper : Rs. 4000/- to Rs. 6000/- Each
5 Class of contractor : "D" & "C"
6. Availability of Tender in website : 11.02.2026 to 18.02.2026
7. Submission of Bid in online: 11.02 2026 to 18.02.2026
8. Date of seeking clarification : 11.02.2026 to 16.02.2026
9. Date of opening of bids : 19.02.2026 (11.00 ?.?)
10. Name and address of O.I.T. : Superintending Engineer, RWS&S Division, Jagatsinghpur
11. All other details can be seen from the web site : www.tendersorissa.gov.in
12 Bid cost and Bid security should be submitted in online mode..
13 website Subsequent corrigendum/addendum if required shall only be appeared in above

Sd:/-Executive Engineer
RWS&S Divn, Jagatsinghpur

OIPR- **2501/13/2526**

# ନ୍ୟୁଜିଲାଣ୍ଡକୁ ୪୬ ରନ୍‌ରେ ହରାଇ ସିରିଜକୁ ୪-୧ରେ ଜିତିଲା ଭାରତ



ଥିରୁଅନନ୍ତପୁରମ: କେରଳର ତିରୁଅନନ୍ତପୁରମର ଗ୍ରୀନଫିଲ୍ଡ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଖେଳାଯାଇଥିବା ପଞ୍ଚମ ମ୍ୟାଚରେ ଭାରତ ନ୍ୟୁଜିଲ୍ୟାଣ୍ଡକୁ ୪୬ ରନରେ ପରାସ୍ତ କରିଛି । ଏହି ବିଜୟ ସହିତ ଭାରତ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜକୁ ୪-୧ରେ ଜିତିଛି । ଆଜିର ମ୍ୟାଚରେ, ଇଶାନ କିଶାନଙ୍କ ଶତକୀୟ ଇନିଂସ ବଳରେ ଭାରତ ୨୦ ଓଭରରେ ୬ ୱିକେଟ ହରାଇ ୨୭୧ ରନ କରିଥିଲା । ଜବାବରେ, ଫିନ୍ ଆଲେନଙ୍କ ଲଢୁଆ ଇନିଂସ ସତ୍ତ୍ୱେ ନ୍ୟୁଜିଲ୍ୟାଣ୍ଡ ୧୯.୪ ଓଭରରେ ସମସ୍ତ ୱିକେଟ ହରାଇ କେବଳ ୨୨୫ ରନ କରିପାରିଥିଲା ।

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଟି୨୦ ଶୃଙ୍ଖଳାର ପଞ୍ଚମ ତଥା ଶେଷ ମୁକାବିଲା ଆଜି ଖେଳାଯାଉଛି । ଏହି ମୁକାବିଲା ତିରୁଅନନ୍ତପୁରମସ୍ଥିତ ଗ୍ରିନଫିଲ୍ଡ ଅନ୍ତର୍ଜାତୀୟ ଷ୍ଟାଡିୟମରେ ହୋଇଛି । ଭାରତ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଈଶାନ କିଶନଙ୍କ ଶତକ ଏବଂ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ଅର୍ଦ୍ଧଶତକ ବଳରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୨୭୧ ରନ୍‌ସଂଗ୍ରହ କରିଛି । ଫଳରେ ନ୍ୟୁଜିଲାଣ୍ଡକୁ ଏହି ମ୍ୟାଚ୍ ଜିତିବା ପାଇଁ ୨୭୨ ରନ୍‌ର ଲକ୍ଷ୍ୟ ମିଳିଛି । ୨୭୨ ରନର ଟାର୍ଗେଟ ପିଛା କରି ନ୍ୟୁଜିଲାଣ୍ଡ ଟିମ୍ ଭଲ ଆରମ୍ଭ କରିଥିଲା । ପ୍ରଥମ ଓଭରରେ ଅର୍ଶଦୀପ ସିଂହ ଟିମ୍ ସିଫର୍ଟଙ୍କୁ ପାଭିଲିୟନ ପଠାଇଥିଲେ । ଫିନ୍ ଆଲେନ୍ ୩୮ ବଲରେ ୮୦ ରନ କରିବା ପରେ ଆଉଟ ହୋଇଥିଲେ । ଆଲେନ୍ ଏବଂ ରବିନ୍ଦ୍ର ଦ୍ୱିତୀୟ ୱିକେଟ ପାଇଁ ୪୮ ବଲରେ ୧୦୦ ରନର ପାର୍ଟନରଶିପ୍ କରିଥିଲେ । ଗ୍ଲେନ୍ ଫିଲିପ୍ସ ୬ ବଲରେ ୭ ରନ କରିଥିଲେ । ରଚିନ୍ ରବିନ୍ଦ୍ର ୧୭ ବଲରେ ୩୦ ରନ କରିବା ପରେ ଆଉଟ ହୋଇଥିଲେ । ମିଚେଲ୍ ସାଣ୍ଟନର ଖାତା ଖୋଲିପାରି ନଥିଲେ । ବେଭାନ୍ ଜାକବ୍ସ ୭ ରନ କରିଥିଲେ । କାଇଲ୍ ଜାମିସନ୍ ୯ ରନ ଏବଂ ଡାରିଲ୍ ମିଚେଲ୍ ୨୬ ରନ କରି ଆଉଟ ହୋଇଥିଲେ ।

# ଟ୍ୱେଣ୍ଟି-୨୦ ବିଶ୍ୱକପ୍ ପୂର୍ବରୁ ଅଭ୍ୟାସ ମ୍ୟାଚ୍ ଖେଳିବେ ତିଳକ



ଥିରୁଅନନ୍ତପୁରମ୍: ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ସପ୍ତାହେ ମଧ୍ୟ ନାହିଁ । ଏହା ପୂର୍ବରୁ ଭାରତୀୟ ଦଳ ପାଇଁ ଖୁସି ଖବର ଆସିଛି । ଆହତ ଜନିତ ସମସ୍ୟାରେ ଥିବା ଅଲରାଉଣ୍ଡର ୱାସିଂଟନ୍ ସୁନ୍ଦର ଓ ବ୍ୟାଟର ତିଳକ ବର୍ମା ଦ୍ରୁତଗତିରେ ସୁସ୍ଥ ହେଉଛନ୍ତି । ନ୍ୟୁଜିଲାଣ୍ଡ ବିପକ୍ଷ ଶୃଙ୍ଖଳାରେ ଆହତ ହୋଇଥିବା ୨୬ ବର୍ଷୀୟ ସୁନ୍ଦର ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଇ)ରେ ପୁନର୍ବାସରେ ଅଛନ୍ତି । ସେଠାରେ ସେ ଉଭୟ ବୋଲିଂ ବ୍ୟାଟିଂ କରୁଛନ୍ତି ବୋଲି ପଞ୍ଚମ ଟ୍ୱେଣ୍ଟି-୨୦ ମ୍ୟାଚ୍ ପର ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ସୂଚନା ଦେଇଛନ୍ତି ।

ସେ କହିଛନ୍ତି, 'ୱାଶିଂଟନ୍ ଓ ତିଳକ ସୁସ୍ଥ ହେଉଛନ୍ତି । ମୁଁ ଗତକାଲି ଉଭୟଙ୍କ ସହ କଥା ହୋଇଥିଲି । ୱାସିଂଟନ ବୋଲିଂ ଓ ବ୍ୟାଟିଂ ଆରମ୍ଭ କରିସାରିଛନ୍ତି । ତିଳକ ମଧ୍ୟ ନିଜକୁ ଭଲ ଭାବରେ ପ୍ରସ୍ତୁତ କରୁଛନ୍ତି । ସେ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ପୂର୍ବରୁ ମୁମ୍ବାଇରେ ମ୍ୟାଚ୍ ଖେଳିବେ । ତିଳକ ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂ ଆରମ୍ଭ କରିଛନ୍ତି । ଆଶା କରୁଛି ଉଭୟଙ୍କୁ ଶୀଘ୍ର ପାଇବି' । ୨୩ ବର୍ଷୀୟ ବାମହାତୀ ବ୍ୟାଟର ତିଳକ ରଣଜୀ ଟ୍ରଫି ବେଳେ ଆହତ ହୋଇଥିଲେ । ଏହାପରେ ତାଙ୍କର ଅଣ୍ଡକୋଷ ଅସ୍ତ୍ରୋପଚାର ହୋଇଥିଲା । ଏଥିଲାଗି ସେ ପ୍ରାୟ ମାସେ ହେବ କ୍ରିକେଟ୍‌ଠୁ ଦୂରେଇ ରହିଛନ୍ତି । ଚଳିତ ମାସ ୭ ତାରିଖରୁ ଆରମ୍ଭ ହେଉଥିବା ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ଉଦ୍‌ଘାଟନୀ ଦିବସରେ ମୁମ୍ବାଇରେ ଆମେରିକା ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ ଭାରତ । ଏହାପୂର୍ବରୁ ମୁମ୍ବାଇରେ ଭାରତୀୟ ଦଳର ସମସ୍ତ ଖେଳାଳି ଏକାଠି ହେବେ ଏବଂ ୪ ତାରିଖରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୱାର୍ମଅପ୍ ମ୍ୟାଚ୍ ଖେଳିବେ ।

# ଦୁବାଇରେ ଆୟୋଜିତ ହେଲା ଓଡ଼ିଶା କପ୍ ୨୦୨୫ର ଗ୍ରାଣ୍ଡ ଫାଇନାଲ




ଭୁବନେଶ୍ୱର/ଦୁବାଇ: ଓଡ଼ିଶା କପ୍ ସ୍ପୋର୍ଟସ୍ ଆସୋସିଏସନ୍ ଅଫ୍ ୟୁଏଇ ପକ୍ଷରୁ ଆଜମାନ୍‌ରେ ଓଡ଼ିଶା କପ୍ ୨୦୨୫ର ୧୨ତମ ସଂସ୍କରଣର ଗ୍ରାଣ୍ଡ ଫାଇନାଲେ ସଫଳତାର ସହିତ ଆୟୋଜିତ ହୋଇଯାଇଛି । ଯେଉଁଠାରେ ପ୍ରବାସୀ ଓଡ଼ିଆ ସମୁଦାୟ କ୍ରିକେଟ୍, ସଂସ୍କୃତି ଓ ଏକତାର ଅଦ୍ଭୁତ ଉତ୍ସବକୁ ପାଳନ କରିଥିଲେ । ଫାଇନାଲ ମ୍ୟାଚ୍ କଳିଙ୍ଗ ୱାରିଅର୍ସ ଓ ଉତ୍କଳ ରାଇଜିଙ୍ଗ ଷ୍ଟାର୍ସ ମଧ୍ୟରେ ୟୁଏଇର ବିଭିନ୍ନ ଅଞ୍ଚଳରୁ ଆସିଥିବା ପରିବାର ଓ ସମର୍ଥକମାନଙ୍କର ଉତ୍ସାହଭରା ଉପସ୍ଥିତିରେ ଖେଳାଯାଇଥିଲା । ଉତ୍କଳ ରାଇଜିଙ୍ଗ ଷ୍ଟାର୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ ଓ କଳିଙ୍ଗ ୱାରିଅର୍ସଙ୍କ ଶୃଙ୍ଖଳିତ ବୋଲିଂ ପ୍ରଦର୍ଶନରେ ସେମାନେ ୨୦ ଓଭରରେ ୧୨୭ ରନ୍‌ରେ ୧୦ ୱିକେଟ୍ ହାରିଥିଲେ ।

ପ୍ରତିଉତ୍ତରରେ କଳିଙ୍ଗ ୱାରିଅର୍ସ ଦୃଢ଼ ପ୍ରୟାସ କରିଥିଲେ, କିନ୍ତୁ ଲକ୍ଷ୍ୟ ପ୍ରାପ୍ତ କରିବାରେ ବିଫଳ ହୋଇ ୯ ୱିକେଟ୍ ହରାଇ ୧୦୨ ରନ୍ ସଂଗ୍ରହ କରିଥିଲେ । ରାଜେନ୍ଦ୍ର ପଲ୍ଲାଇ ୪ ଓଭରରେ କେବଳ ୧୬ ରନ୍ ଦେଇ ୪ଟି ମୂଲ୍ୟବାନ ଉଇକେଟ୍ ନେଇଥିବାରୁ 'ପ୍ଲେୟର୍ ଅଫ୍ ଦି ମ୍ୟାଚ୍' ଘୋଷଣା କରାଯାଇଥିଲା । ଏହି ଗ୍ରାଣ୍ଡ ଫାଇନାଲରେ ଓଲିଉଡ୍ ଅଭିନେତ୍ରୀ ଶିବାନୀ ସଙ୍ଗୀତା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ ଓ ଦୁଇଟି ଦଳକୁ ଉତ୍ସାହିତ କରିଥିଲେ । ସେ ଆୟୋଜକମାନଙ୍କୁ ଭାରତର ବାହାରେ ବିଶ୍ୱର ସବୁଠାରୁ ବଡ଼ ପ୍ରବାସୀ ଓଡ଼ିଆ କ୍ରିକେଟ୍ ପ୍ରତିଯୋଗିତା ଆୟୋଜନ କରିଥିବା ପାଇଁ ଅଭିନନ୍ଦନ ଜଣାଇଥିଲେ ଓ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଆୟୋଜନର ଅଂଶ ହୋଇଥିବାରେ ତାଙ୍କ ଖୁସି ବ୍ୟକ୍ତ କରିଥିଲେ ।

ଓଡ଼ିଶା କପ୍ ଉପଦେଷ୍ଟା ଓ ବରିଷ୍ଠ ବ୍ୟବସାୟ ପରିଚାଳକ ପ୍ରିୟଦର୍ଶୀ ପାଣିଗ୍ରାହୀ ଏହି ଆୟୋଜନକୁ ମଧ୍ୟପୂର୍ବ ଓ ଉତ୍ତର ଆଫ୍ରିକାରେ ପ୍ରବାସୀ ଓଡ଼ିଆମାନଙ୍କର ସବୁଠାରୁ ବଡ଼ ସାକ୍ଷାତ୍ ସମାଗମ ବୋଲି ବର୍ଣ୍ଣନା କରିଥିଲେ ଓ ଏହା କିପରି କ୍ରୀଡାମନୋଭାବ, ସାଂସ୍କୃତିକ ଉତ୍ସବ ଓ ସମୁଦାୟୀକ ଏକତାର ମଞ୍ଚ ହୋଇଉଠିଛି ବୋଲି ଉଲ୍ଲେଖ କରିଥିଲେ । ଏହି ବର୍ଷ ଓଡ଼ିଶା କପ୍‌ରେ ୟୁଏଇର ସମସ୍ତ ଏମିରେଟ୍‌ରୁ ୧୮ଟି ଦଳର ଅଭୂତପୂର୍ବ ଅଂଶ ଗ୍ରହଣ ହୋଇଥିଲା, ଯାହା ୨୦୧୪ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାର ସବୁଠାରୁ ବଡ଼ ସଂସ୍କରଣ ହେବାକୁ ସୂଚିତ କରେ ।

ଫାଇନାଲ ମ୍ୟାଚ୍ ଏକ ପର୍ବ ପରି ପରିଣତ ହୋଇଥିଲା, ଯେଉଁଠାରେ ବହୁ ସଂଖ୍ୟକ ଓଡ଼ିଆ ପରିବାର ଉପସ୍ଥିତ ଥିଲେ ଓ ଏହି ବିଶାଳ ଆୟୋଜନର ସଫଳତା ପାଇଁ ଓଡ଼ିଶା କପ୍ ସ୍ପୋର୍ଟସ୍ ଆସୋସିଏସନ୍ ?ର ବରିଷ୍ଠ ସଦସ୍ୟମାନେ ଓ କୋର୍ ଟିମ୍‌ର ଅଦମ୍ୟ ପ୍ରୟାସ କରିଥିଲେ । ଏହି କ୍ରିକେଟ ପ୍ରତିଯୋଗିତାରେ ରଜତ ରଥ, ସମ୍ଭ୍ରମ ପଟ୍ଟନାୟକ, ନିର୍ଲିପ୍ତ ମହାନ୍ତି ଓ କୋର୍ ସଦସ୍ୟ ଅବନୀକାନ୍ତ ପାତ୍ର, ଚିନ୍ମୟ କୁମାର ଜେନା, ଇମଦାଦ ମହମ୍ମଦ, ଦେବ ମିଶ୍ର, ଅମୃତେନ୍ ଚାଟର୍ଜୀ, ଜ୍ୟୋତି ରଞ୍ଜନ ପଣ୍ଡା, ସୁଜିତ ଖଟୁଆ, ଆଶିଷ ନାୟକ, ଅଜିତ ପାତ୍ର, ଦୁର୍ଯ୍ୟୋଧନ ପ୍ରଧାନ ଓ ସୌମ୍ୟ ରଞ୍ଜନ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

## ୧୯ବର୍ଷରୁ କମ୍ ସାଫ୍ ମହିଳା ଫୁଟ୍‌ବଲ: ବିଜୟ ସହ ଭାରତର ଅଭିଯାନ ଆରମ୍ଭ

ପୋଖରା : ସ୍ଥାନୀୟ ପୋଖରା ରଙ୍ଗଶାଳା ଷ୍ଟାଡିୟମରେ ଆୟୋଜକ ନେପାଳ ବିପକ୍ଷରେ ୧-୦ ଗୋଲ୍‌ରେ ବିଜୟ ହାସଲ କରି ଭାରତ ୧୯ ବର୍ଷରୁ କମ୍ ସାଫ୍ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ଏହାର ଅଭିଯାନ ଆରମ୍ଭ କରିଛି । ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ରହିବା ପରେ ଖେଳର ୪୯ତମ ମିନିଟ୍‌ରେ ପର୍ଲ ଫର୍ନାଣ୍ଡିଜ ଏକମାତ୍ର ଗୋଲ୍‌ଟିକୁ ସ୍କୋର କରିଥିଲେ । ଏହା ଯଦିଓ ଏକ ୧୯ ବର୍ଷରୁ କମ୍ ଟୁର୍ଣ୍ଣାମେଣ୍ଟ ଚଳିତବର୍ଷ ପରବର୍ତ୍ତୀ ଭାଗରେ ହେବାକୁଥିବା ୧୭ବର୍ଷରୁ କମ୍ ଏଏଫ୍‌ସି ଏସିଆନ କପ୍ ଲାଗି ପ୍ରସ୍ତୁତିର ଏକ ଅଂଶ ବିଶେଷ ସ୍ୱରୂପ ଭାରତର ୧୭ ବର୍ଷରୁ କମ୍ ଦଳ ଏଥିରେ ଅଂଶଗ୍ରହଣ କରିଛି ।

ପାମେଲା କୋଣ୍ଟି ଚଳିତ ମାସ ପ୍ରାରମ୍ଭରେ ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି । ତାଙ୍କ ଅଧୀନରେ ଭାରତର ୧୭ ବର୍ଷରୁ କମ୍ ଦଳର ଏହା ହେଉଛି ପ୍ରଥମ ମ୍ୟାଚ । ତାଙ୍କ ନିର୍ଦ୍ଦେଶକ୍ରମେ ରେଡିମା ଦେବୀ ଚିଙ୍ଗ୍‌ଖାମାୟୁମ୍ ଓ ଆଲ୍ ?ଭା ଦେବୀ ସେନ୍‌ଜାମ ଜୁନିୟର ଭାରତୀୟ ଦଳରେ ସେମାନଙ୍କ ପଦାର୍ପଣ ମ୍ୟାଚ ଖେଳିଛନ୍ତି ।

# ଅଷ୍ଟ୍ରେଲିଆନ୍ ଓପନ୍: ମର୍ଟେନ୍ସ-ସୁଇ ମହିଳା ଯୁଗଳ ବିଜେତା



ମେଲବର୍ଣ୍ଣ: ବେଲଜିୟମର ଏଲିସ୍ ମର୍ଟେନ୍ସ ଓ ଚୀନର ଝାଙ୍ଗ୍ ସୁଇ ଯୁଗଳ ବର୍ଗରେ ଅଷ୍ଟ୍ରେଲିଆନ୍ ଓପନ୍ ବିଜୟୀ ହୋଇଛନ୍ତି । ଶନିବାର ସେମାନେ କାଜାଖସ୍ତାନର ଆନ୍ନା ଡାନିଲିନା ଓ ସର୍ବିୟାର ଆଲେକସାଣ୍ଡ୍ରା କ୍ରୁନିକଙ୍କୁ ୭-୬, ୬-୪ରେ ପରାସ୍ତ କରିଛନ୍ତି । ମର୍ଟେନ୍ସ ବିଶ୍ୱର ଏବେ ବିଶ୍ୱର ନଂ୬ ମାନ୍ୟତାପ୍ରାପ୍ତ ମହିଳା ଯୁଗଳ ଖେଳାଳି ହୋଇଥିବାବେଳେ ଏହି ବିଜୟ ପରେ ସେ ନଂ୧ ସ୍ଥାନକୁ ଉନ୍ନୀତ ହେବାର ସମ୍ଭାବନା ରହିଛି । ସେ ଗତ ବର୍ଷ ଭେରୋନିକା କୁଦରମେଟୋଭାଙ୍କ ସହ ଯୋଡ଼ି ହୋଇ ୱିମ୍ବିଲଡନ୍ ମହିଳା ଯୁଗଳ ଜିତିଥିଲେ ।

ମର୍ଟେନ୍ସ-ସୁଇ ଯୋଡ଼ି ଗତ ୨୦୨୨ର ୱିମ୍ବିଲଡନ୍ ଫାଇନାଲ୍ ଖେଳିଥିବାବେଳେ ଡାନିଲିନା-କ୍ରୁନିକ୍ ଯୋଡ଼ିଗତ ବର୍ଷ ଫ୍ରେଞ୍ଚ ଓପନ ଫାଇନାଲ୍ ଖେଳି ଉପବିଜେତା ହୋଇଥିଲେ । ଆଜିର ବିଜୟ ହେଉଛି ମାର୍ଟେନ୍ସଙ୍କ ୬ଷ୍ଠ ଯୁଗଳ ଗ୍ରାଣ୍ଡସ୍ଲାମ୍ ଟାଇଟେଲ୍ । ଏହା ମଧ୍ୟରୁ ସେ ୨୦୨୧ ଓ ୨୦୨୪ରେ ଅଷ୍ଟ୍ରେଲିଅନ୍ ଓପନ ମହିଳା ଯୁଗଳ ଜିତିଥିଲେ । ସେହିପରି ସୁଇଙ୍କର ଏହା ଦ୍ୱିତୀୟ ଅଷ୍ଟ୍ରେଲିଆନ୍ ଓପନ୍ । ପୂର୍ବରୁ ୨୦୧୯ରେ ସେ ସାମାନ୍ଥା ଷ୍ଟୋସୁରଙ୍କ ସହ ମିଶି ମହିଳା ଯୁଗଳରେ ଅଷ୍ଟ୍ରେଲିଆନ୍ ଓପନ୍ ଜିତିଥିଲେ । ପୁରୁଷ ଯୁଗଳ ଜିତିଲେ ହାରିସନ୍ ଓ ସ୍କୁପସ୍କି : କ୍ରିଷ୍ଟିଆନ୍ ହାରିସନ ଓ ନିଲ୍ ସ୍କୁପସ୍କି ଅଷ୍ଟ୍ରେଲିଆନ୍ ଓପନ୍ ପୁରୁଷ ଯୁଗଳ ବର୍ଗରେ ଅଷ୍ଟ୍ରେଲିଆନ୍ ଓପନ ଜିତିଛନ୍ତି । ସେମାନେ ଅଷ୍ଟ୍ରେଲିଆର ଜାସନ କୁବଲର୍ ଓ ମାର୍କ ପଲ୍‌ମ୍ୟାନଙ୍କୁ ୭-୬ ଓ ୬-୪ରେ ପରାସ୍ତ କରିଥିଲେ ।


ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୧-୭ ଫେବୃଆରୀ- ୨୦୨୬

ରହସ୍ୟରେ ନିଲମ୍ବନ !




**ଜାତୀୟ:** ବୁଲା କୁକୁରଙ୍କ ପାଇଁ ମୃତ୍ୟୁର ଫାସ ପାଲଟିଛ

**ଅନ୍ତର୍ଜାତୀୟ:** ମଧ୍ୟପ୍ରାଚ୍ୟରେ ଘନେଇଲା ଯୁଦ୍ଧ ଆଶଙ୍କା

**ବିଶେଷ ପ୍ରସଙ୍ଗ:** ଆଞ୍ଚଳିକ ଦଳ ପାଇଁ ନିଶା କାହିଁକି ?

**ନାରୀ:** : ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କେତେ ବୟସ ଗ୍ୟାପ୍ ରହିବା ଉଚିତ

**କ୍ଷୁଦ୍ରଗଳ୍ପ:** ଭାଗ୍ୟ ପରାଗ

**ଚଳଚ୍ଚିତ୍ର:** ୪୮ବର୍ଷ ବୟସରେ ବି ଏକା ଏକା ଜୀବନ କାଟୁଛନ୍ତି ଦିବ୍ୟା ଦତ୍ତାଆଉଟ୍ ବଲିଉଡ ଉପରେ ରାଗିଛନ୍ତି କି ପ୍ରକାଶ ରାଜ ?

**ଖେଳ:** ବାଂଲାଦେଶ ଆଉଟ୍ ସ୍କଟଲାଣ୍ଡ ଇନ୍‌କମ,

**ମୀନାବଜାର:** ଅପରଙ୍କୁ ନ ହଟାଇ ଆଗକୁ ବଢ଼ିଚାଲ, ଚର୍ଚ୍ଚାରେ: ଇତିହାସ ରଚିଲା 'ଭେରୋନିକା', ବିଜ୍ଞାନ: ଅନ୍ତରିକ୍ଷରେ ବିସ୍ଫୋରଣ କାହିଁକି ଭିନ୍ନ, ପର୍ଯ୍ୟଟନ: ଛତିଶଗଡ଼ର ଧମତରୀ ସହର ବିଲେଇମାତା ମନ୍ଦିର, ବାସ୍ତୁ: କୁଣ୍ଡଳୀରେ ଚାକିରି ଯୋଗ କେମିତି ଲାଗେ ଭଳି ଏଥିରେ ରହିଛି ଆହୁରି ଅନେକ ଉପାଦେୟ ପ୍ରସଙ୍ଗ ।

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


### ଅଷ୍ଟ୍ରେଲିଆକୁ ଶକ୍ତ ଧକ୍କା: ପ୍ୟାଟ୍ କ୍ୟୁମିନ୍‌ସ ଆଉଟ

# ଆସିଲା ଟି-୨୦ ବିଶ୍ୱକପ୍ ପାଇଁ ୧୫ ଜଣିଆ ଚୂଡ଼ାନ୍ତ ତାଲିକା



ନୂଆଦିଲ୍ଲୀ : କ୍ରିକେଟ ଅଷ୍ଟ୍ରେଲିଆ ୨୦୨୬ ଟି୨୦ ବିଶ୍ୱକପ ପାଇଁ ଏହାର ମୁଖ୍ୟ ଦଳ ଘୋଷଣା କରିଛି । ବୋର୍ଡ ପୂର୍ବରୁ ଏକ ପ୍ରାରମ୍ଭିକ ଦଳ ଚୟନ କରିଥିଲା, ଯେଉଁଥିରେ ପ୍ୟାଟ୍ କ୍ୟୁମିନ୍‌ସ ସାମିଲ ଥିଲେ, କିନ୍ତୁ ତାଙ୍କୁ ମୁଖ୍ୟ ଦଳରେ ସାମିଲ କରାଯାଇ ନାହିଁ । ତାଙ୍କୁ ଟୁର୍ଣ୍ଣାମେଣ୍ଟରୁ ବାଦ ଦିଆଯାଇଛି । ଅଷ୍ଟ୍ରେଲିଆ କେବଳ କମିନ୍ସ ନୁହେଁ, ବରଂ ଏହାର ପ୍ରାରମ୍ଭିକ ଦଳରେ ଦୁଇଟି ପରିବର୍ତ୍ତନ କରିଛି । ଆଜି (ଜାନୁଆରୀ ୩୧) ଦଳ ପରିବର୍ତ୍ତନ ପାଇଁ ଶେଷ ତାରିଖ ।

ଭାରତ ଏବଂ ଶ୍ରୀଲଙ୍କାରେ ଅନୁଷ୍ଠିତ ହେବାକୁ ଥିବା ଟି-୨୦ ୱାର୍ଲ୍ଡ କପ୍- ୨୦୨୬ ପାଇଁ ଏବେ ଗୋଟିଏ ସପ୍ତାହ ବାକି ଅଛି । ୭ ତାରିଖରୁ ଆରମ୍ଭ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୨୦ଟି ଦଳ ଖେଳିବେ, ପ୍ରତ୍ୟେକ ପାଞ୍ଚଟି ଲେଖାଏଁ ଗ୍ରୁପରେ ବିଭକ୍ତ । ଅଷ୍ଟ୍ରେଲିଆ ଗ୍ରୁପ ବିରେ ଅଛି ଏବଂ ଏହି ଗ୍ରୁପର ସମସ୍ତ ମ୍ୟାଚ ଶ୍ରୀଲଙ୍କାରେ ଖେଳାଯିବ । ଅଷ୍ଟ୍ରେଲିଆ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ପ୍ୟାଟ କମିନ୍ସ, ଯିଏ ପିଠିର ତଳ ଭାଗରେ ଆଘାତରୁ ସୁସ୍ଥ ହୋଇ ଟି୨୦ ବିଶ୍ୱକପ ଖେଳିବେ ବୋଲି ଆଶା କରାଯାଉଥିଲା, ତାଙ୍କୁ ପ୍ରାଥମିକ ଦଳରେ ସାମିଲ କରାଯାଇଥିଲା କିନ୍ତୁ ତାଙ୍କୁ ମୁଖ୍ୟ ଦଳରୁ ବାଦ ଦିଆଯାଇଛି ।

# ଈଶାନଙ୍କ ଶତକ; ସାମ୍‌ସନ୍‌ଙ୍କ ପାଇଁ ଆଣିଲା ବିଶ୍ୱକପ୍ ଚିନ୍ତା



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ୍ ଧୈର୍ଯ୍ୟ ନୁହେଁ, ପ୍ରଦର୍ଶନକୁ ଗୁରୁତ୍ୱ ଦିଏ । ଗୋଟିଏ ଶୃଙ୍ଖଳା ଓ ଗୋଟିଏ ପାଳି ଜଣଙ୍କ କ୍ୟାରିୟରର ମୋଡ଼ ବଦଳାଇ ଦିଏ । ସଦ୍ୟ ସମାପ୍ତ ନ୍ୟୁଜିଲାଣ୍ଡ ବିପକ୍ଷ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଦେଖାଇଦେଲା ଯେ ଭାଗ୍ୟ କିପରି ଶୀଘ୍ର ଓଲଟିପାରେ । ସଂଜୁ ସାମ୍‌ସନ୍‌ଙ୍କ ବଦଳରେ ଶୁବମନ୍ ଗିଲ୍ ଦଳକୁ ଆସିଥିଲେ । ସାମ୍‌ସନ୍‌ଙ୍କ ବ୍ୟାଟିଂ କ୍ରମ ବଦଳିଲା । ଗିଲ୍ ପାଇଥିବା ସୁଯୋଗକୁ ସଦ୍‌ବ୍ୟବହାର କରି ନପାରି ନିଜ ସ୍ଥାନ ହରାଇଲେ । କିନ୍ତୁ ସାମ୍‌ସନ୍‌ଙ୍କ ବ୍ୟାଟିଂ କ୍ରମ ଅଦଳବଦଳ ଯୋଗୁଁ ଚାପରେ ରହିବା ସହ ବିଫଳ ବି ହେଲେ । ଉଭୟଙ୍କ ବିଫଳତାରୁ ଈଶାନ କିଶନ ପ୍ରବେଶ କଲେ । ଅପ୍ରତ୍ୟାଶିତ ଭାବେ ଆସିଥିବା ଈଶାନ ହିଁ ଏଥିରୁ ସବୁଠୁ ବେଶୀ ଲାଭବାନ ହେଲେ । କିଛି ମାସ ତଳେ ଈଶାନ ଭାରତୀୟ ଚୟନକର୍ତ୍ତାଙ୍କ ଆଲୋଚନାରେ ନଥିଲେ । ସେ ଦଳ ବାହାରେ ଏବଂ ବିବାଦ ମଧ୍ୟରେ ଥିଲେ । ଭାରତୀୟ କ୍ରିକେଟ୍‌ର ଅଦଳବଦଳ ଭିତରେ ଈଶାନଙ୍କୁ ସୁଯୋଗ ମିଳିଲା ଏବଂ ସେ ଏହାର ସୁଯୋଗକୁ ଦୁଇ ହାତରେ ନେଲେ । ଖାଲି ଦଳରେ ନିଜ ସ୍ଥାନ ନୁହେଁ ଆଗାମୀ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଓପନିଂ କରିବାର ଦ୍ୱାରରେ ପହଞ୍ଚି ଯାଇଛନ୍ତି ଏହି ୨୭ ବର୍ଷୀୟ ୱିକେଟ କିପର ବ୍ୟାଟର । ଏହା ହେଉଛି ଭାରତୀୟ କ୍ରିକେଟ୍‌ର ତୁରନ୍ତ ମୋଡ଼ ନେଉଥିବା ଜୁଆର ।

ତିରୁଅନନ୍ତପୁରମ୍‌ରେ ଶନିବାର ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପଞ୍ଚମ ଟ୍ୱେଣ୍ଟି-୨୦ରେ ସେ ଏମିତି ପାଳି ଖେଳିଲେ ଯାହା ତାଙ୍କ ଜୀବନର ଗତି ବଦଳାଇ ଦେଇଛି । ଚୟନ ପଛରେ ଗୋଡ଼ାଉଥିବା ଏହି ବ୍ୟାଟର ପ୍ରତିଦ୍ୱନ୍ଦ୍ୱିତା ଭିତରେ ବଲ୍‌କୁ ସଠିକ୍ ଚୟନ କରି ଏଥିରୁ ମୁକୁଳିବାର ବାଟ କାଢ଼ିଛନ୍ତି । ଆରମ୍ଭରୁ କୌଣସି ବିଚଳିତ ନ ହୋଇ, ସେ ପେସ୍, ସ୍ପିନ୍‌କୁ ଆକ୍ରମଣ କରିଥିଲେ । ତାଙ୍କ ଅର୍ଦ୍ଧଶତକ ମାତ୍ର ୨୮ ବଲ୍‌ରୁ ଆସିଥିଲା । ଏହାପରେ ବି ସେ ଶାନ୍ତ ହୋଇ ଧିମା ପଡ଼ିଯାଇ ନଥିଲେ । ସେ ଆହୁରି ଚମତ୍କାର ଖେଳିଥିଲେ । ତାଙ୍କ ପଦ ଚାଳନା ସହ ବ୍ୟାଟ୍‌ର ସ୍ୱିଙ୍ଗ୍ ଓ ଟାଇମ୍ ସବୁ ଠିକ୍ ରହିଥିଲା ।

ସେ ଇଶ୍ ସୋଢ଼ୀଙ୍କ ଗୋଟିଏ ଓଭରରୁ ୨୯ ଆଦାୟ କରିବା ସହ ୪୩ ବଲ୍‌ରୁ ୧୦୩ ରନ୍ କରି ନେଇଥିଲେ । ଏଥିରେ ୧୦ ଛକା ୬ ଚୌକା ସାମିଲ ଥିଲା । ବ୍ୟାଟିଂର ଚମତ୍କାରିତା ପରେ ଦଳ ତାଙ୍କୁ ଆଉ ଏକ ଦାୟିତ୍ୱ ଦେଇଥିଲା । କାଗଜ କଲମରେ ୱିକେଟ୍‌କିପିଂ ଦାୟିତ୍ୱ ସଂଜୁ ସାମ୍‌ସନ୍‌ଙ୍କ ହାତରେ ଥିଲା । ହେଲେ ନ୍ୟୁଜିଲାଣ୍ଡ ବ୍ୟାଟିଂକୁ ଆସିଲା ବେଳେ ଏଥିରେ ହଠାତ୍ ବଦଳିଗଲା । ଈଶାନଙ୍କୁ ଷ୍ଟମ୍ପ ପଛରେ ରହିବାକୁ କୁହାଗଲା । ଏହି ଛୋଟିଆ ଅଦଳବଦଳ କିନ୍ତୁ ବଡ଼ ବାର୍ତ୍ତା ଦେଇଥିଲା । ଏହା ରଣନୀତିରେ ଥିଲା ନା ଈଶାନ ଦାୟିତ୍ୱ ଦେବା ଲାଗି ଦଳୀୟ ଅଧିକାରୀ ଏପରି କଲେ ।

ଚାପରେ ସାମ୍‌ସନ୍: ନିଜ ରାଜ୍ୟର ଦର୍ଶକ ସମ୍ମୁଖରେ ଭଲ କରିବାର ଆଶା ରଖିଥିବା ସାମ୍‌ସନ୍ ବିଫଳତାର ସାମ୍ନା କରିଥିଲେ । ୬ ବଲ୍‌ରୁ ୬ ରନ୍ କରିବା ପରେ ଆଉଟ୍ ହୋଇ ଏକ ସୁଯୋଗ ହାତଛଡ଼ା କରିଥିଲେ । ୫ ମ୍ୟାଚ୍‌ବିଶିଷ୍ଟ ଶୃଙ୍ଖଳାରେ ସେ ଯଥାକ୍ରମେ ୧୦, ୬, ୦, ୨୪ ଓ ୬ ରନ୍ କରିବାକୁ ସକ୍ଷମ ହୋଇଛନ୍ତି । ଅନ୍ୟପକ୍ଷରେ ୨ ବର୍ଷ ପରେ ଟ୍ୱେଣ୍ଟି-୨୦ ଏକାଦଶକୁ ଫେରିଥିବା ଈଶାନ ୮, ୭୬, ୨୮ ଓ ୧୦୩ ରନ୍ କରିଥିଲେ । ଚତୁର୍ଥ ମ୍ୟାଚ୍‌ରେ ସେ ଚୂଡ଼ାନ୍ତ ଏକାଦଶରେ ସାମିଲ ନଥିଲେ । ବ୍ୟାଟିଂ ଅନୁକୂଳ ପିଚ୍‌ଆଗକୁ ବଢ଼ିବାକୁ ସଂଘର୍ଷ କରୁଥିବା ସାମ୍‌ସନ୍‌ଙ୍କ ତାଙ୍କ ଆତ୍ମବିଶ୍ୱାସ ଦୁର୍ବଳ ଥିଲା ଭଳି ଲାଗୁଥିଲା । ଯାହ ପାଇଁ ସେ ରନ୍ କରି ପାରି ନଥିଲେ । ଭାରତୀୟ କ୍ରିକେଟ୍ ପାଇଁ ପୂର୍ବ ପ୍ରଦର୍ଶନ କିମ୍ବା ପ୍ରତିଷ୍ଠା ନୁହେଁ କେବଳ ସଂଖ୍ୟା ହିଁ ଗୁରୁତ୍ୱପୂର୍ଣ୍ଣ ।


ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583